ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 29/2023 Page 16 ₹ 7.00

୪୯ଶ ଭାଗ ୧୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 154 ମୂଲ୍ୟ₹୭/-


# ସୁରକ୍ଷାବଳୟ ସଙ୍କଟମୁହାଁ

ଏକଦା ହାତୀଙ୍କ ସୁରକ୍ଷାବଳୟ ଥିଲା କୁଲଡ଼ିହା। ସଂରକ୍ଷିତ ଅଭୟାରଣ୍ୟ ହୋଇଥିବାରୁ ଭଲ ବଢୁଥିଲା ଏହି ଐତିହ୍ୟ ପ୍ରାଣୀଙ୍କ ସଂଖ୍ୟା। ୨୦୧୭ ଗଣନାରୁ ଏଠାରେ ୯୭ଟି ହାତୀ ଥିବା ଜଣାପଡ଼ିବା ପରେ ବେଶ୍ ବାହାବା ନେଇଥିଲା ବନ ବିଭାଗ। କିନ୍ତୁ ୬ ବର୍ଷ ହେଲା ଆଉ ଗଣନା ହୋଇନି। ହାତୀଙ୍କ ସଂଖ୍ୟା ବଢ଼ିଛି କି ଛିଡ଼ିଛି ତାହା ମଧ୍ୟ ଜାଣିନି ବନ ବିଭାଗ। ହେଲେ କିଛିବର୍ଷ ହେଲା ବାଲେଶ୍ୱର ଜିଲାର ଏହି ଅନ୍ୟତମ ଜୈବମଣ୍ଡଳରେ ହାତୀଙ୍କ ମୃତ୍ୟୁ ସଂଖ୍ୟା ଯେପରି ବଢ଼ିଚାଲିଛି ତାହାକୁ ନେଇ ସାଧାରଣରେ ଗଭୀର ଚିନ୍ତାବ୍ୟକ୍ତ କରାଯାଇଛି। ବିଶେଷକରି ବର୍ଷକ ମଧ୍ୟରେ ୮ଟି ହାତୀଙ୍କ ଜୀବନ ଯିବା ଉଦ୍‌ବେଗର ବିଷୟ ହୋଇଛି। କେଉଁଥିପାଇଁ ହାତୀଙ୍କ ଏହି ସୁରକ୍ଷିତ ଆବାସସ୍ଥଳୀ ଏବେ ସଙ୍କଟମୁହାଁ ସେ ନେଇ ବିଧିବଦ୍ଧ ଅନୁଧ୍ୟାନର ଆବଶ୍ୟକତା ରହିଛି।

## କୁଲଡ଼ିହା: ବର୍ଷକରେ ମଲେଣି ୮ ହାତୀ



କୁଲଡ଼ିହାରେ ଥିବା ହାତୀ।


ମାନସ ବିଶ୍ୱାଳ


ବାଲେଶ୍ୱର ଅଫିସ,୨୮।୪

ବାଲେଶ୍ୱର ଜିଲାର ନୀଳଗିରି ଓ ଔପଦା ବ୍ଲକର ପ୍ରାୟ ୨୭୨.୭୫ ବର୍ଗ କି.ମି. ଅଞ୍ଚଳରେ ରହିଛି କୁଲଡିହା ଅଭୟାରଣ୍ୟ। ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁରେ ପରିପୂର୍ଣ୍ଣ ଉତ୍ତରଓଡ଼ିଶାର ଏହି ଜୈବମଣ୍ଡଳକୁ ହାତୀମାନଙ୍କ ପାଇଁ ଅମରାବତୀ କୁହାଯାଉଥିଲା। କିନ୍ତୁ ଗତ ୫ ବର୍ଷ ହେଲା ଏହି ଅଭୟାରଣ୍ୟ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହେଉଛି। କେତେବେଳେ ଜଙ୍ଗଲରେ ଖାଦ୍ୟାଭାବ ତ ଆଉ କେତେବେଳେ ଜଙ୍ଗଲ ନିଆଁ ଦାଉ ସାଜୁଛି। ଫଳରେ ପ୍ରତିକୂଳ ପ୍ରଭାବ ହେତୁ ଜଙ୍ଗଲୀ ଜନ୍ତୁଙ୍କ ପାଇଁ ସଂକଟ ସୃଷ୍ଟି ହେଉଛି। ଯାହାର ପରିଣାମ ସ୍ୱରୂପ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ଏପରି କି ୨୦୧୭ ପରଠାରୁ ଅଭୟାରଣ୍ୟରେ କେତେ ହାତୀ ଅଛନ୍ତି, ତାହା ବନ ବିଭାଗକୁ ଜଣା ନ ଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିଚାଲିବା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରୁଛି।


☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ପଦବୀ ପାଇଁ ଦୌଡ଼

## ବିଶ୍ୱର ସବୁଠୁ ପୁରୁଣା ଖବରକାଗଜ ବନ୍ଦ ହେବ




ଭିଏନା,୨୮।୪

ବିଶ୍ୱର ସବୁଠୁ ପୁରୁଣା ଖବରକାଗଜ ଭାବେ ଜଣାଶୁଣା ଅଷ୍ଟ୍ରିଆର 'ୱିନେର ଜେଇଟୁଙ୍ଗ୍' ଏହାର ଛାପା ସଂସ୍କରଣ ବନ୍ଦ କରିବାକୁ ଯାଉଛି। ୧୭୦୩ରୁ ପ୍ରକାଶ ପାଇ ଆସୁଥିବା ଏହି ଖବରକାଗଜକୁ ବନ୍ଦ କରିବା ପାଇଁ ଅଷ୍ଟ୍ରିଆ ପାର୍ଲାମେଣ୍ଟ ଗୁରୁବାର ନିଷ୍ପତ୍ତି ନେଇଛି। ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠ ଭୋଟରେ ଉକ୍ତ ଆଇନ ଗୃହୀତ ହୋଇଛି।


☞ପୃଷ୍ଠା-୪















ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଏପ୍ରିଲ, ୨୦୨୩

**ଋଷି ସୁନକଙ୍କୁ ମୋ ଝିଅ ପ୍ରଧାନମନ୍ତ୍ରୀ କରାଇଛି: ସୁଧା ମୂର୍ତ୍ତି**

ଝିଅ ଅକ୍ଷତା ମୂର୍ତ୍ତି ତାଙ୍କ ସ୍ୱାମୀ ଋଷି ସୁନକଙ୍କୁ ବ୍ରିଟେନ ପ୍ରଧାନମନ୍ତ୍ରୀ କରାଇଥିବା ଇନ୍‌ଫୋସିସ୍ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷା ସୁଧା ମୂର୍ତ୍ତି କହିଛନ୍ତି। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୁନକଙ୍କ ପୂର୍ବପୁରୁଷ ୧୫୦ ବର୍ଷ ହେଲା ଇଂଲଣ୍ଡରେ ରହିଛନ୍ତି। ସେ ଜଣେ ପଞ୍ଜାବୀ ଓ ଧାର୍ମିକ ବ୍ୟକ୍ତି। ସ୍ତ୍ରୀ ଦ୍ୱାରା ପ୍ରଭାବିତ ହୋଇ ସୁନକ ଗୁରୁବାର ଉପବାସ କରିଥାନ୍ତି।



## ସଂକ୍ଷେପରେ

### ମଣିପୁର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ମଞ୍ଚରେ ନିଆଁ ଲଗାଇବା ଘଟଣା

## ୧୪୪ ଧାରା ଲାଗୁ, ଇଣ୍ଟରନେଟ୍ ବନ୍ଦ

**ଇମ୍ଫାଲ,୨୮।୪:** ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ତାଙ୍କ ସଭାମଞ୍ଚରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେବା ଘଟଣାରେ ଉତ୍ତେଜନା ଲାଗି ରହିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବା ସହ ଇଣ୍ଟରନେଟ୍ ସେବାକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ମଣିପୁରର ଚୁରାଚାନ୍ଦପୁର ଜିଲାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏକ ଜିମ୍ ତଥା କ୍ରୀଡ଼ା କେନ୍ଦ୍ରର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ସଂରକ୍ଷିତ ଓ ସୁରକ୍ଷିତ ଜଙ୍ଗଲ ଏବଂ ଆର୍ଦ୍ରଭୂମି ଉପରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ସର୍ଭେକୁ ବିରୋଧ କରିଆସୁଥିବା ଇଣ୍ଡିଜେନିଅସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍‌ର ବିକ୍ଷୋଭକାରୀମାନେ ଗୁରୁବାର ରାତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଚେୟାର ଓ କ୍ରୀଡ଼ା ଉପକରଣ ଭଙ୍ଗାରୁଜା କରିବା ସହ ସଭାମଞ୍ଚରେ ନିଆଁ ଲଗାଇ ଦେଇଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଇଟାରେ ଛେଚି ହତ୍ୟା

**ନୂଆଦିଲ୍ଲୀ,୨୮।୪:** ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ପରିଚାଳିତ ଏକ ସ୍କୁଲ୍‌ର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଦୁଇ ଅଭିଯୁକ୍ତ ଇଟାରେ ଛେଚି ହତ୍ୟା କରିବା ପରେ ମୃତଦେହକୁ ବାଦରପୁର ଅଞ୍ଚଳର ଏକ ଡ୍ରେନ୍‌ରେ ଫିଙ୍ଗିଦେଇଛନ୍ତି। ମୃତ ଛାତ୍ର ସୌରଭ(୧୨) ଦିଲ୍ଲୀ ମୋରାଲବନ୍ଦ ଗ୍ରାମର ବିଳାସପୁର କ୍ୟାମ୍ପରେ ରହୁଥିଲେ ଓ ତାଜପୁର ପହରିଠାରେ ଥିବା ସ୍କୁଲରେ ପଢୁଥିଲେ। ଗୁରୁବାର ରାତିରେ ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଙ୍କ ମୃତଦେହ ଏବଂ ସ୍କୁଲ ବ୍ୟାଗ୍ ପାଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍ସ ପଠାଇବା ସହ ହତ୍ୟା ମାମଲା ରୁଜୁ କରିଛି।

## ସତ୍ୟପାଳଙ୍କୁ ସିବିଆଇ ଜେରା



ସତ୍ୟପାଳ ମଲିକ

**ନୂଆଦିଲ୍ଲୀ,୨୮।୪:** ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯିବା ଅଭିଯୋଗ ଉପରେ ସିବିଆଇ ଅଧିକାରୀମାନେ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କୁ ଶୁକ୍ରବାର ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରିଛନ୍ତି। ସତ୍ୟପାଳ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବା ସମୟରେ ଦୁଇଟି ଫାଇଲ୍‌କୁ ମଞ୍ଜୁରୀ ପ୍ରଦାନ କରିବା ଲାଗି ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ତାଙ୍କୁ ୨୭ କିମ୍ବା ୨୮ ତାରିଖରେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବା ନିମନ୍ତେ ପୂର୍ବରୁ ନୋଟିସ ଜାରି ହୋଇଥିଲା। ସରକାରୀ କର୍ମଚାରୀଙ୍କ ଲାଗି ଗ୍ରୁପ୍ ମେଡିକାଲ ଇନ୍‌ସୁରାନ୍ସ ଯୋଜନାର ଠିକା ଏବଂ କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସତ୍ୟପାଳ ଅଭିଯୋଗ କରିବା ପରେ ଗତବର୍ଷ ଏପ୍ରିଲରେ ସିବିଆଇ ଏତଲା ଦାଏର କରିଥିଲା।

# ଅଭିଯୋଗ ନ ଥିଲେ ବି ମାମଲା ରୁଜୁ କର

## ଘୃଣା ମନ୍ତବ୍ୟକୁ ନେଇ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୪(ପି.ଟି.)



ଘୃଣିତ ବକ୍ତୃତା ଘଟଣାରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ମାମଲା ଦାଏର କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଘୃଣିତ ମନ୍ତବ୍ୟ ଅତ୍ୟନ୍ତ ଗମ୍ଭୀର ଅପରାଧ ଯାହା ଦେଶର ଧର୍ମନିରପେକ୍ଷ ବ୍ୟବସ୍ଥାକୁ ପ୍ରଭାବିତ କରିବାକୁ ସମର୍ଥ ବୋଲି ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ୨୦୨୨ ଅକ୍ଟୋବର ୨୧ରେ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶନାମା ଧର୍ମମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଲାଗୁ ହେବ। ମାମଲା ଦାଏର କରିବାରେ ବିଳମ୍ବକୁ ଅଦାଲତ ଅମମାନନା ଭାବେ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ଅକ୍ଟୋବର ୨୧ ରାୟ ଦେବାବେଳେ ଧର୍ମ ନାମରେ ଆମେ କେଉଁଠି ପହଞ୍ଚିଲୁଣି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହ ଧର୍ମ ବାସ୍ତବରେ ଏବେ ଦୁଃଖଦ ସ୍ତରକୁ ଖସିଯାଇଥିବା କହିଥିଲେ। ଘୃଣା ମନ୍ତବ୍ୟ ଦେଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଚଢ଼ାଉ କରିବାକୁ ଅଦାଲତ ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ଉତ୍ତରାଖଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନରେ ଭାରତକୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ପରିକଳ୍ପନା କରାଯାଇଥିବାବେଳେ ଅଭିଯୋଗକୁ ଅପେକ୍ଷା ନ କରି ତୁରନ୍ତ ଅପରାଧୀମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଉପରୋକ୍ତ ୩ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତିମାନେ ରାଜନୀତି ବିମୁଖ। ସେମାନେ କୌଣସି ଦଳ ପାଇଁ ଚିନ୍ତା ନ କରି ଭାରତର ସମ୍ବିଧାନ ବିଷୟରେ ଚିନ୍ତା କରିଥାନ୍ତି ବୋଲି ଶୁକ୍ରବାର ଖଣ୍ଡପୀଠ କହିଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଏବଂ ଆଇନର ଶାସନ ପ୍ରତିଷ୍ଠାକୁ ସୁନିଶ୍ଚିତ କରିବା ଲାଗି ଦେଶର ଅନ୍ୟ ସ୍ଥାନଗୁଡ଼ିକରେ ଘୃଣା ମନ୍ତବ୍ୟ ବିରୋଧରେ ଅଦାଲତ ପିଟିଶନଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରିଆସୁଥିବା କହିଛନ୍ତି।

ରାଜନୈତିକ ନେତାମାନେ ଅନେକ ସମୟରେ ଘୃଣିତ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସୁଛନ୍ତି। ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏଭଳି ଘୃଣା ମନ୍ତବ୍ୟ ଅନେକ ସମୟରେ ସାମ୍ନାକୁ ଆସୁଛି। ଖବରଦାତା ଶାହିନ ଅବଦୁଲ୍ଲାଙ୍କ ପିଟିଶନ ଆଧାରରେ ସୁପ୍ରିମକୋର୍ଟ ଗତବର୍ଷ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଏଭଳି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟକୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ କରିବା ପାଇଁ ଅବଦୁଲ୍ଲା ପୁର୍ନବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଘୃଣା ମନ୍ତବ୍ୟ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲା ରୁଜୁ କରିବା ପାଇଁ କହିଛନ୍ତି।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମନିଲଣ୍ଡରିଂ ମାମଲା

## ସିସୋଡିଆଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ,୨୮।୪

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଜାମିନ ଦେବାକୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ମନା କରିଦେଇଛନ୍ତି। ତଦନ୍ତ ଏବେ ଏଭଳି ସ୍ତରରେ ରହିଛି ଯେ ଜାମିନ ପ୍ରଦାନ କରାଯାଇପାରିବ ନାହିଁ ବୋଲି ସ୍ୱତନ୍ତ୍ର କୋର୍ଟ ବିଚାରପତି ଏମ୍.କେ. ନାଗପାଲ କହିଛନ୍ତି। ତଦନ୍ତ ଜଟିଳ ସ୍ତରରେ ରହିଥିବାରୁ ସିସୋଡିଆଙ୍କ ଜାମିନ ଆବେଦନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିରୋଧ କରିଥିଲା। ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତିକୁ ଜନସାଧାରଣ ଅନୁମୋଦନ କରିଥିବାର ଜାଲ୍ ଇ-ମେଲ୍ ଆମ୍ ଆଦ୍‌ମୀ ପାର୍ଟି ନେତା ପ୍ରସ୍ତୁତ କରିଥିଲେ ବୋଲି ଇଡି ଅଭିଯୋଗ କରିଥିଲା। ମାର୍ଚ୍ଚ ୩୧ରେ ମଧ୍ୟ ସିସୋଡିଆଙ୍କ ଜାମିନ ଆବେଦନକୁ କୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।



ନୂଆଦିଲ୍ଲୀରେ ଅନୁଷ୍ଠିତ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ(ମଝି)ଙ୍କ ସହ ଚାଇନା ପ୍ରତିପକ୍ଷ ଲି ଶାଙ୍ଗଫୁ(ବାମ), ଏସ୍‌ସିଓ ଆଞ୍ଚଳିକ ଆତଙ୍କବାଦ ନିରୋଧୀ ଢାଞ୍ଚାର ନିର୍ଦ୍ଦେଶକ ମିର୍ଜାଏଭ୍ ରୁସ୍‌ଲାନ ଏର୍କିନୋଭିଚ୍(ବାମରୁ ଦ୍ୱିତୀୟ), ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ତାଜିକିସ୍ତାନ ପ୍ରତିପକ୍ଷ କଲୋନେଲ ଜେନେରାଲ ଶେରାଲି ମିର୍ଜୋ।

## ଆତଙ୍କବାଦର ମୂଳୋତ୍ପାଟନ କରିବାକୁ ହେବ

### ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ

### ସମର୍ଥନକାରୀଙ୍କୁ ଉତ୍ତରଦାୟୀ କରାଯାଉ: ରାଜନାଥ

ନୂଆଦିଲ୍ଲୀ,୨୮।୪(ପି.ଟି.)

ବିଶ୍ୱରୁ ଆତଙ୍କବାଦର ମୂଳୋତ୍ପାଟନ ଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏଥିସହିତ ଆତଙ୍କବାଦକୁ ସମର୍ଥନ ଯୋଗାଉଥିବା ରାଷ୍ଟ୍ରଗୁଡ଼ିକୁ ଉତ୍ତରଦାୟୀ କରାଯାଉ ବୋଲି ସେ ପାକିସ୍ତାନର ନାଁ ନ ନେଇ ଦାବି କରିଥିଲେ। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ରାଷ୍ଟ୍ର କେବଳ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁନାହିଁ, ନିଜ ପାଇଁ ମଧ୍ୟ ବିପଦକୁ ଡାକି ଆଣୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ଶୁକ୍ରବାର ଅନୁଷ୍ଠିତ ଏସ୍‌ସିଓ ବୈଠକରେ ରାଜନାଥ ଅଧ୍ୟକ୍ଷତା କରି କହିଥିଲେ, ଭାରତ ଆଞ୍ଚଳିକ ସହଯୋଗର ଏକ ମଜଭୁତ ଢାଞ୍ଚା ପରିକଳ୍ପନା କରିଛି, ଯେଉଁଥିରେ ସବୁ ସଦସ୍ୟ ରାଷ୍ଟ୍ରଙ୍କ ବୈଧ ସ୍ୱାର୍ଥକୁ ଧ୍ୟାନ ଦେଇ ସେମାନଙ୍କ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତି ପ୍ରତି ପାରସ୍ପରିକ ସମ୍ମାନ ରହିବ। ବୈଠକରେ ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଲି ଶାଙ୍ଗଫୁ ଉପସ୍ଥିତ ଥିଲେ।

### ଜିଆ ଖାନ୍ ଆତ୍ମହତ୍ୟା ମାମଲା

## ସୂରଜ ପାଞ୍ଚୋଲି ଦୋଷମୁକ୍ତ

ମୁମ୍ବାଇ,୨୮।୪



ଜିଆ ଖାନ୍



ସୂରଜ ପାଞ୍ଚୋଲି

ବଲିଉଡ୍ ଅଭିନେତ୍ରୀ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ତଥ୍ୟ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ସିବିଆଇ ଅଦାଲତ ଶୁକ୍ରବାର ଅଭିନେତା ସୂରଜ ପାଞ୍ଚୋଲିଙ୍କୁ ଦୋଷମୁକ୍ତ କରିଛନ୍ତି। ଆତ୍ମହତ୍ୟା ପାଇଁ ଜିଆଙ୍କୁ ବାଧ୍ୟ କରିଥିବା ନେଇ ସୂରଜଙ୍କ ବିରୋଧରେ ମାମଲାର ବିଚାର ଚାଲିଥିଲା। ଜିଆ ୨୦୧୩ ଜୁନ୍ ୩ରେ ମୁମ୍ବାଇର ଜୁହୁ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସୂରଜଙ୍କୁ ଜୁନ୍ ୧୦ରେ ଜୁହୁ ପୋଲିସ ଗିରଫ କରିଥିଲା। ଜେଲରେ ମାସେ ରହିବା ପରେ ଜୁଲାଇ ୩ରେ ବମ୍ବେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଜିଆଙ୍କ ମା' ରାବିଆ ଖାନ୍‌ଙ୍କ ଅଭିଯୋଗକ୍ରମେ ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ଓ ଚାର୍ଜଶିଟ୍ ମିଛ ବୋଲି ସୂରଜ ଅଦାଲତଙ୍କୁ କହିଥିଲେ। ତଥ୍ୟ ପ୍ରମାଣ ଅଭାବରୁ ସୂରଜଙ୍କୁ ଦୋଷମୁକ୍ତ କରାଗଲା ବୋଲି ସ୍ୱତନ୍ତ୍ର ସିବିଆଇ ବିଚାରପତି ଏ.ଏସ୍. ସୟେଦ ରାୟରେ କହିଛନ୍ତି।

## ସମଲିଙ୍ଗୀ ବିବାହର ଆଇନଗତ ସ୍ୱୀକୃତିକୁ ବିରୋଧ

ନୂଆଦିଲ୍ଲୀ,୨୮।୪(ପି.ଟି.)

### ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲେ ୧୨୦ ବିଶିଷ୍ଟ ବ୍ୟକ୍ତି

ସମଲିଙ୍ଗୀ ବିବାହର ବୈଧିକରଣ ଲାଗି ହେଉଥିବା ଉଦ୍ୟମକୁ ବିରୋଧ କରି ୧୨୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ସେମାନଙ୍କ ମଧ୍ୟରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଓ ପୂର୍ବତନ ପ୍ରଶାସନିକ ଅଧିକାରୀମାନେ ଅଛନ୍ତି। ସମଲିଙ୍ଗୀ ବିବାହ ଅବାସ୍ତବ ଓ ଅପ୍ରାକୃତ ହୋଇଥିବାରୁ ଏହାକୁ ଭାରତୀୟ ସମାଜ ଓ ସଂସ୍କୃତି ଗ୍ରହଣ କରିବ ନାହିଁ ବୋଲି ସେମାନେ କହିଛନ୍ତି। ଦେଶର ସାଂସ୍କୃତିକ ପରମ୍ପରା ଓ ଧର୍ମୀୟ ସିଦ୍ଧାନ୍ତ ବିରୋଧରେ କ୍ରମାଗତ ଆକ୍ରମଣ ଚାଲିଥିବାରୁ ଏଥିରେ ସେମାନେ ମର୍ମାହତ ବୋଲି ପତ୍ରରେ ସ୍ୱାକ୍ଷର କରିଥିବା ବ୍ୟକ୍ତିମାନେ କହିଛନ୍ତି। ବିବାହ ଅନୁଷ୍ଠାନର ନ୍ୟାୟିକ ବ୍ୟାଖ୍ୟା କରି କିମ୍ବା ବର୍ତ୍ତମାନର ବୈଧାନିକ ଢାଞ୍ଚାକୁ ରଦ୍ଦ କରି ଅଦାଲତ ଏହାକୁ ନଷ୍ଟ କରିବାରୁ ଦୂରେଇ ରହନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପତ୍ରର ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ସିଏଜି ରାଜବୀ ମହର୍ଷି, ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଏଲ୍.ସି. ଗୋୟଲ, ପୂର୍ବତନ ବହିର୍ବ୍ୟାପାର ସଚିବ ଶଶାଙ୍କ, ପୂର୍ବତନ ର' ମୁଖ୍ୟ ସଞ୍ଜୀବ ତ୍ରିପାଠୀ, ଅବସରପ୍ରାପ୍ତ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରା ଏବଂ ଲୋକପାଲ ସିଂ।

### ବିଷଧର ସର୍ପ ମନ୍ତବ୍ୟ

## ଖାର୍ଗେଙ୍କ ବିରୋଧରେ ଫୌଜଦାରି ମାମଲା ପାଇଁ ଭାଜପାର ଦାବି

ନୂଆଦିଲ୍ଲୀ,୨୮।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଷଧର ସର୍ପ କହିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହ ତାଙ୍କୁ କର୍ନାଟକ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ଲାଗି ଭାଜପା ନିର୍ବାଚନ କମିଶନଙ୍କୁ ନିବେଦନ କରିଛି। ଖାର୍ଗେଙ୍କ ମନ୍ତବ୍ୟ କଂଗ୍ରେସର ଘୃଣିତ ରାଜନୀତି ବୋଲି ଭାଜପା ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗଣମାଧ୍ୟମକୁ କହିଛନ୍ତି। ଖାର୍ଗେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଭାଜପା ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଆଇପିସିର ଧାରା ୪୯୯, ୫୦୦ ଏବଂ ୫୦୪ରେ ଖାର୍ଗେଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଭାଜପା ଦାବି କରିଛି। କଂଗ୍ରେସ ଅଧ୍ୟକ୍ଷ କର୍ନାଟକର ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଷଧର ସର୍ପ ସହ ତୁଳନା କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ସେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହା କହି ନ ଥିବା ସଫେଇ ଦେଇଥିଲେ।

## ବିବିସି ଅଧ୍ୟକ୍ଷ ରିଚାର୍ଡ ଶାର୍ପଙ୍କ ଇସ୍ତଫା

ଲଣ୍ଡନ,୨୮।୪



ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ପାଇଁ ଋଣ ମାମଲାରେ ସାର୍ବଜନିକ ନିଯୁକ୍ତି ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିବା ପରେ ବିବିସି ଅଧ୍ୟକ୍ଷ ରିଚାର୍ଡ ଶାର୍ପ ଶୁକ୍ରବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୧ରେ ସରକାର ଶାର୍ପଙ୍କୁ କିପରି ବିବିସି ମୁଖ୍ୟ ଭାବେ ଚୟନ କଲେ ଏହାର ତଦନ୍ତ ଜାରି ରହିଛି। ବ୍ୟକ୍ତିଗତ ସ୍ୱାର୍ଥରେ ନିଷ୍ପତ୍ତି ପ୍ରଭାବିତ ହୋଇଥିବା ସମ୍ପର୍କିତ ତଥ୍ୟକୁ ଲୁଚାଇ ସେ ସରକାରଙ୍କ ନିଯୁକ୍ତି ନିୟମ ଉଲ୍ଲଂଘନ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୧ରେ ବିବିସି ଅଧ୍ୟକ୍ଷ ହେବା ପୂର୍ବରୁ ଶାର୍ପ ଜେପି ମୋର୍ଗାନରେ ୮ ବର୍ଷ ଏବଂ ଗୋଲ୍ଡମ୍ୟାନ୍ ସାଚସ୍‌ରେ ୨୩ ବର୍ଷ କାମ କରିଥିଲେ। ବୋରିସ ଜନ୍‌ସନ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କୁ ୮ ଲକ୍ଷ ପାଉଣ୍ଡ ଋଣ ମଞ୍ଜୁର କରିବାରେ ଶାର୍ପ ସହାୟତା କରି ସମାଲୋଚିତ ହୋଇଥିଲେ। ବିବିସିରେ ନିଯୁକ୍ତି ପ୍ରକ୍ରିୟା ବେଳେ ସେ ଏହାକୁ ଲୁଚାଇଥିଲେ।

## ସୁରକ୍ଷା ବାବଦ ୮ ଲକ୍ଷ ଦେବାକୁ ନଭଲଖାଙ୍କୁ ନିର୍ଦ୍ଦେଶ



ଗୌତମ ନଭଲଖା

**ନୂଆଦିଲ୍ଲୀ,୨୮।୪:** ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଗୃହବନ୍ଦୀ ଥିବା ସାମାଜିକ କର୍ମୀ ଗୌତମ ନଭଲଖାଙ୍କୁ ପୋଲିସ ସୁରକ୍ଷା ବାବଦ ୮ ଲକ୍ଷ ଟଙ୍କା ଜମା କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ନଭେମ୍ବର ୧୦ରେ ନଭଲଖାଙ୍କୁ ଗୃହବନ୍ଦୀ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବା ସହ ପୋଲିସ ସୁରକ୍ଷା ଖର୍ଚ୍ଚ ବାବଦକୁ ୨.୪ ଲକ୍ଷ ଟଙ୍କା ଭରିବାକୁ କହିଥିଲେ। ସୁରକ୍ଷା ବାବଦରେ ମୋଟ ୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ବିଲ୍ ଉପସ୍ଥାପନ କରିବା ପରେ ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ବେଳେ କୁସ୍ତିଯୋଦ୍ଧା ଭିନେଶ ଫୋଗତ, ସଙ୍ଗୀତା ଫୋଗତ ଏବଂ ସାକ୍ଷୀ ମଲିକ ଶୁକ୍ରବାର ବ୍ୟାୟାମ କରୁଛନ୍ତି।

## ବ୍ରିଜ୍ ଭୂଷଣଙ୍କ ବିରୋଧରେ ୨ ଏତଲା

ନୂଆଦିଲ୍ଲୀ,୨୮।୪ (ପି.ଟି.)

ଭାରତର କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍ ଭୂଷଣ ଶରନ ସିଂଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଶୁକ୍ରବାର ଦୁଇଟି ଏତଲା ଦାଏର କରିଛି। ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ପୋକ୍ସୋ ଆଇନରେ ପ୍ରଥମ ଏତଲା ଦାଏର ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏତଲା ଦାଏର ହୋଇଛି। ଏହା ସେମାନଙ୍କର ବିଜୟ ଦିଗରେ ପ୍ରଥମ ପଦକ୍ଷେପ ବୋଲି ଧାରଣାରେ ବସିଥିବା କୁସ୍ତିଯୋଦ୍ଧାମାନେ କହିଛନ୍ତି। ଭାଜପା ଏମ୍‌ପି ବ୍ରିଜ୍ ଭୂଷଣଙ୍କୁ ସମସ୍ତ ପଦବୀରୁ ବହିଷ୍କାର ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି।

ବ୍ରିଜ୍ ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ଅଭିଯୋଗ ଆଣି ନୂଆଦିଲ୍ଲୀର



ବ୍ରିଜ୍ ଭୂଷଣ ଶରନ ସିଂ

ଯନ୍ତରମନ୍ତରରେ ୬ ଦିନ ହେଲା ଧାରଣାରେ ବସିଥିବାବେଳେ ଏତଲା ଦାଏର ହେବ ବୋଲି ଶୁକ୍ରବାର ଦିଲ୍ଲୀ ପୋଲିସ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠକୁ ଜଣାଇଥିଲେ। ବ୍ରିଜ୍ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୁସ୍ତିଯୋଦ୍ଧାମାନେ ଗତ ରବିବାରଠାରୁ ଆନ୍ଦୋଳନ ଚଳାଇଛନ୍ତି।

୨୦୧୨ରୁ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ଥିବା ୬୬ ବର୍ଷୀୟ ବ୍ରିଜ୍ ଭୂଷଣଙ୍କ ନାଁରେ ୪୦ ମାମଲା ରହିଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଛନ୍ତି। କୁସ୍ତିଯୋଦ୍ଧାମାନଙ୍କ ତରଫରୁ ସିବଲ ସତ୍ୟପାଠ ଦାଖଲ କରି ଯୌନ ନିର୍ଯାତନାର ଶିକାର ହୋଇଥିବା ନାବାଳିକାଙ୍କ ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଥିଲେ। ତାଙ୍କ ସମେତ ୭ ଅଭିଯୋଗକାରିଣୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବାକୁ ସିବଲ ଦାବି କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ବାହାରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି। ରାଜନୀତି ନିର୍ବିଶେଷରେ ଦୋଷୀଙ୍କୁ କାଠଗଡ଼ାକୁ ଆଣିବାକୁ ହେବ ଏବଂ ସତ୍ୟର ନିଶ୍ଚିତ ଜୟ ହେବ ବୋଲି ମମତା ଟୁଇଟ୍ କରିଛନ୍ତି। କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜୟୀ ନୀରଜ ଚୋପ୍ରା, ବକ୍ସର ନିଖତ ଜରିନ୍, ଟେନିସ ତାରକା ସାନିଆ ମିର୍ଜା, ହକି ଖେଳାଳୀ ରାନି ରାମପାଲ୍, ପୂର୍ବତନ କ୍ରିକେଟର କପିଲ ଦେବ, ବୀରେନ୍ଦ୍ର ସେହ୍ୱାଗ, ହରଭଜନ ସିଂ ପ୍ରମୁଖ ବାହାରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଏପ୍ରିଲ, ୨୦୨୩

## ମେ'ରେ ପ୍ରବଳ ଗରମ ହେବ

### ୧୫ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୪(ବ୍ୟୁରୋ): ମେ'ରେ ପ୍ରବଳ ଗରମ ହେବା ସମ୍ଭାବନା ରହିଛି। ଏ ନେଇ ଆଇଏମ୍‌ଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ଏହି ମାସରେ ବି କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ବିଶେଷକରି ଉପକୂଳ ଓଡ଼ିଶାରେ ହିଟ୍‌ୱେଭ ଆସିପାରେ। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ବି ହିଟ୍‌ୱେଭ ହେବାର ସମ୍ଭାବନା ରହିଛି। ମେ' ୧୨ରୁ ୧୮ ତାରିଖ ମଧ୍ୟରେ ହିଟ୍‌ୱେଭ ଆସିପାରେ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଯୋଗୁ କିଛିଦିନ ହେବ ତାତିରେ ବିରାମ ଲାଗିଛି। ମେ'୫ ତାରିଖ ଯାଏ ରାଜ୍ୟରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।






# ଓଡ଼ିଶା ବିଜୁ ପକ୍କାଘରେ ଆନ୍ଧ୍ରର ଷ୍ଟିକର

- ଲଗାଯାଇଥିବା ଷ୍ଟିକରରେ ରହିଛି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଫଟୋ
- ସୀମାନ୍ତ ଗ୍ରାମରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଶିବିର

ପଟ୍ଟାଙ୍ଗି, ୨୮।୪(ଡି.ଏନ୍.ଏ.)


ଆନ୍ଧ୍ର ସାଲୁର ବ୍ଲକ କର୍ମଚାରୀମାନେ ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗାଁରେ ଷ୍ଟିକର ବାଣ୍ଟୁଛନ୍ତି।

ଓଡ଼ିଶାରେ ଆନ୍ଧ୍ରର ଅନୁପ୍ରବେଶ ଜାରି ରହିଛି। ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଲୋକଙ୍କୁ ଆନ୍ଧ୍ର ପ୍ରଭାବିତ କରିବାରେ ଲାଗିଛି। କିଛି ଦିନ ତଳେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର କିଛିଗ୍ରାମରେ ଆନ୍ଧ୍ରର ଅଧିକାରୀମାନେ ଆଧାର କାର୍ଡ କ୍ୟାମ୍ପ କରି ଲୋକଙ୍କ ବାୟୋମେଟ୍ରିକ ତଥ୍ୟ ସଂଗ୍ରହ କରିଥିବାବେଳେ ଏବେ ଉକ୍ତ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ବିଜୁ ପକ୍କାଘର ଗୁଡ଼ିକରେ ଆନ୍ଧ୍ର ସରକାର ନିଜ ଷ୍ଟିକର ଲଗାଇଛନ୍ତି। ଉକ୍ତ ଷ୍ଟିକରରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗମୋହନ ରେଡ୍ଡୀଙ୍କ ଫଟୋ ଲାଗିଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଯୋଜନା ମାଧ୍ୟମରେ ୨୦୧୯-୨୦ ଏବଂ ୨୦୨୨-୨୩ ଦୁଇ ଆର୍ଥିକ ବର୍ଷରେ ୬୭୭ଟି ଘର କୋଟିଆ ପଞ୍ଚାୟତର ୨୧ଟି ବିବାଦୀୟ ଗ୍ରାମକୁ ଦିଆଯାଇଛି। ସୋମବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା ଉକ୍ତ ପଞ୍ଚାୟତର ସୀମାନ୍ତ ଗ୍ରାମକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଗତ ୧୭ ତାରିଖରୁ ଆନ୍ଧ୍ରର ସାଲୁର ବ୍ଲକର କର୍ମଚାରୀ କୋଟିଆ ପଞ୍ଚାୟତ ତଳ ଗଞ୍ଜେଇପଦର, ଉପର ସେମ୍ଭି, ତଳ ସେମ୍ଭି, ଧୂଳିପଦର ଗ୍ରାମରେ ପହଞ୍ଚି ଓଡ଼ିଶା ସରକାରଙ୍କ ବିଜୁପକ୍କା ଗୃହରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଚିତ୍ର ଥିବା ଷ୍ଟିକର ପ୍ରତି ଘରେ ମାରିବା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଦିନ ଦୁଇରୁ ତିନୋଟି ଗ୍ରାମରେ ପହଞ୍ଚି ସେମାନେ ଉକ୍ତ ଷ୍ଟିକର୍ ଲଗାଉଥିବା ବେଳେ ଏ ଦିଗରେ ବ୍ଲକ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ୧ନଂ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ଆନ୍ଧ୍ର ସରକାର ସୀମାନ୍ତ ଗ୍ରାମରେ ନିଜର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କିପରି ପ୍ରତି ଘରେ ପହଞ୍ଚିପାରିବ ସେନେଇ ଯୋଜନା ପ୍ରସ୍ତୁତ କରି ନିଜ କାର୍ଯ୍ୟ ଜାରି ରଖିଛନ୍ତି।

ସେହିପରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଉପର ଗଞ୍ଜେଇପଦର ଏବଂ ଧୂଳିପଦର ଗ୍ରାମରେ ଆନ୍ଧ୍ର ସ୍ୱାସ୍ଥ୍ୟ ଶିବିର କରିଛି। ଉକ୍ତ ୨ ଗ୍ରାମରେ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ଜିଲା ଅଧୀନରେ ରହିଥିବା ତୋନମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଜୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଏକ ଟିମ୍ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ମାଗଣା ଔଷଧ ଦେଇଛନ୍ତି। ଏପରି କି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ସାରି ଧୂଳିପଦର ଗ୍ରାମ ମଝିରେ ବର୍ଷାପାଣି ଜମିବା ଯୋଗୁ ହେଉଥିବା କାଦୁଅକୁ ନିଜେ ସଫାକରି ଗ୍ରାମକୁ ପରିଷ୍କାର ରଖିବାକୁ ପରାମର୍ଶ ଦେଇଛନ୍ତି।

## ରାଜ୍ୟ ମହିଳା କମିଶନରେ ୬ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୨୮।୪(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ମହିଳା କମିଶନରେ ୬ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ହେଲେ ବିଞ୍ଝାରପୁରର ସ୍ୱର୍ଣ୍ଣଲତା ସାମଲ, ବ୍ରଜରାଜନଗରର ସୁଜାତା ଡିଗଲ, ସୁନ୍ଦରଗଡ଼ ତଳସରାର ବିଜୟା ବରୱା, ଭୁବନେଶ୍ୱର ଝାରପଡ଼ାର ସ୍ୱାଗତିକା ମହାନ୍ତି, ଜଗତ୍‌ସିଂହପୁର ବାଲିକୁଦାର ବବିତା ସ୍ୱାଇଁ ଏବଂ ଅଫିସିଆଲ ସଦସ୍ୟ ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ବିଥିକା ସ୍ୱାଇଁ।

## ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପୁରସ୍କୃତ

### ମିଳିଲା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ-୨୦୨୩

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମକୁ ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ-୨୦୨୩ରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିଗମର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଛନ୍ତି। ପଣ୍ୟାଗାରଗୁଡ଼ିକର ସୁପରିଚାଳନା ପାଇଁ ୱେୟାରହାଉସ୍ ମ୍ୟାନେଜମେଣ୍ଟ ସଲ୍ୟୁଶନର କାର୍ଯ୍ୟକାରିତା ନିମନ୍ତେ ନିଗମକୁ ପୂର୍ବରୁ ସ୍କଚ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ୪୪ଟି ପଣ୍ୟାଗାର ୱେୟାରହାଉସିଂ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଟୋରୀ ଅଥରିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। ଏଥିଯୋଗୁ କୃଷକ ଓ ଜମାକାରୀମାନେ ଗୋଦାମରେ ଗଚ୍ଛିତ ଶସ୍ୟ ପାଇଁ ହସ୍ତାନ୍ତର ଯୋଗ୍ୟ ପଣ୍ୟାଗାର ରସିଦ ମାଧ୍ୟମରେ ବ୍ୟାଙ୍କ ଋଣ ସୁବିଧା ପାଇବେ। ପଣ୍ୟାଗାରଗୁଡ଼ିକର ବ୍ୟବସାୟିକ ପରିଚାଳନାକୁ ମୂଲ୍ୟାୟନ କରାଯାଇ ପାରଦର୍ଶିତା ଲାଭ କରିଥିବା ତତ୍ତ୍ୱାବଧାରକଙ୍କୁ ପୁରସ୍କୃତ କରାଯିବା ପାଇଁ ନିଗମର ପରିଚାଳନା ମଣ୍ଡଳୀ ବୈଠକରେ ଅନୁମୋଦନ କରାଯାଇଛି।

# ଚାଷୀଙ୍କୁ ମିଳିବ ୯୫୦୦ କୋଟିର ଖରିଫ ଋଣ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

### କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନରେ ଅଗ୍ରାଧିକାର ଦିଆଯାଉଛି: ମନ୍ତ୍ରୀ

ସମବାୟ ବିଭାଗ ପକ୍ଷରୁ ୨୦୨୩ ଖରିଫ ଫସଲ ନିମନ୍ତେ ୯୫୦୦ କୋଟି ଟଙ୍କାର ଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମୋଟ ଫସଲ ଋଣର ସିଂହଭାଗ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ବିଭିନ୍ନ ପ୍ରାଥମିକ କୃଷି ଋଣ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଖରିଫ ଚାଷ ନିମନ୍ତେ ଚାଷୀମାନେ ଆବଶ୍ୟକ କରୁଥିବା ଋଣ ଯେପରି ଠିକ୍ ସମୟରେ ପାଇପାରିବେ ସେଥିନିମନ୍ତେ ଆଗୁଆ ପଦକ୍ଷେପ ନେବା ସକାଶେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଫସଲ ଋଣ ପ୍ରଦାନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦେବା ପାଇଁ କୁହାଯାଇଛି। ଭାଗଚାଷୀ, ପ୍ରକୃତ ଚାଷୀମାନଙ୍କୁ ଯୁଗ୍ମଦେୟ ଗୋଷ୍ଠୀ ଗଠନ ମାଧ୍ୟମରେ ଫସଲ ଋଣ ଯୋଗାଇ ଦେବା ପାଇଁ ମନ୍ତ୍ରୀ କହିଛନ୍ତି। ଏଥିସହିତ କୃଷି ଓ ଆନୁଷଙ୍ଗିକ କୃଷିକାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି), ବିଶେଷକରି ମହିଳା ଏସ୍‌ଏଚ୍‌ଜିଗୁଡ଼ିକୁ ପ୍ରାଧାନ୍ୟ ଦେବା ପାଇଁ କୁହାଯାଇଛି। ଡାଲିଜାତୀୟ ଫସଲ, ତୈଳବୀଜ, ଆଳୁ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ ନିମନ୍ତେ ପ୍ରାଥମିକତା ଭିତ୍ତିରେ ଫସଲ ଋଣ ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ୟାନ କୃଷି ଓ ବାଣିଜ୍ୟିକ ଫସଲ ଚାଷ ନିମନ୍ତେ ଫସଲ ଋଣ ଯୋଗାଇ ଦେବାକୁ ପ୍ରାଥମିକତା ପ୍ରଦାନ ସହିତ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି।

ବାଦ୍ ପଡ଼ିଥିବା ଚାଷୀଙ୍କ ମଧ୍ୟରୁ ଅଧିକରୁ ଅଧିକ ଚାଷୀଙ୍କୁ ସମବାୟ ଋଣ ପରିସରଭୁକ୍ତ କରି ସେମାନଙ୍କୁ ନୂତନ କିଷାନ କ୍ରେଡିଟ୍ କାର୍ଡ ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଡିଆର୍‌ସିଏସ୍, ମୁଖ୍ୟ ଜିଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୨ ଖରିଫ ଋତୁରେ ସମବାୟ ସଂସ୍ଥା ଦ୍ୱାରା ୯୦୦୦କୋଟି ଟଙ୍କା ଫସଲ ଋଣ ଲକ୍ଷ୍ୟ ରଖାଯାଇଥିଲା ବେଳେ ରାଜ୍ୟର ୧୮ଲକ୍ଷ ୯୯୯ ଜଣ ଚାଷୀଙ୍କୁ ୮୭୧୦ କୋଟି ୭୮ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିଲା। ସେହିପରି ଗତ ୨୦୨୨-୨୩ ରବି ଋତୁରେ (୨୯ ମାର୍ଚ୍ଚ, ୨୦୨୩ ସୁଦ୍ଧା) ସମବାୟ ସଂସ୍ଥା ପକ୍ଷରୁ ରାଜ୍ୟର ୧୬ଲକ୍ଷ ୨୩ହଜାର ୭୯୦ ଜଣ ଚାଷୀଙ୍କୁ ୭୮୧୨ କୋଟି ୨୨ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ସମବାୟ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ଫସଲ ଋଣ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବ୍ୟାପକ ରିହାତି ଯୋଗାଇ ଦିଆଯାଉଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପରିଶୋଧ କରୁଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ କୌଣସି ସୁଧ ଦେବାକୁ ପଡୁନାହିଁ। ସେହିପରି ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନିମନ୍ତେ ମାତ୍ର ୨ ପ୍ରତିଶତ ସୁଧ ଦେବାକୁ ପଡୁଛି।

ଫସଲ ଋଣ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବ୍ୟାପକ ରିହାତି ପ୍ରଦାନ କରାଯାଇଥିବା ପରିପ୍ରେକ୍ଷୀରେ ହିତାଧିକାରୀଙ୍କ ଆଧାର କାର୍ଡକୁ ସେମାନଙ୍କର କିଷାନ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୋଗ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେପରି ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇପାରିବେ। ଏଥିସହିତ ମଞ୍ଜୁରୀପ୍ରାପ୍ତ ଋଣ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟ କେବଳ ଅନ୍‌ଲାଇନ୍ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୩ ଖରିଫ ଫସଲ ଋଣ ଯୋଗାଣର ସଫଳ ରୂପାୟନ ସହ ତ୍ୱରିତ କାର୍ଯ୍ୟାନ୍ୱୟନ ଦିଗରେ ଜିଲାପାଳମାନେ କୃଷି, ଉଦ୍ୟାନ କୃଷି ଏବଂ ସମ୍ପୃକ୍ତ ବିଭାଗର କ୍ଷେତ୍ର ଅଧିକାରୀଙ୍କ ସହିତ ବୈଠକ କରି ଆଗୁଆ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି, ଯେପରି ରାଜ୍ୟର ଚାଷୀମାନେ ଲାଭାନ୍ୱିତ ହୋଇପାରିବେ ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇବ।

# ଦକ୍ଷତା ବିକାଶ ପ୍ରତିବଦ୍ଧତାକୁ ଦୋହରାଇଲା ଭାରତ

## ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ବୈଠକ ଓ ସେମିନାରରେ ପ୍ରାଥମିକ କ୍ଷେତ୍ର ଯଥା-କ୍ଷମତା ନିର୍ମାଣ ଓ ଭବିଷ୍ୟତର କାର୍ଯ୍ୟ କ୍ଷେତ୍ରରେ ଆଜୀବନ ଅଧ୍ୟୟନକୁ ପ୍ରୋତ୍ସାହନ ଉପରେ ବିଚାରବିମର୍ଶ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଲାଗି ପ୍ରତିବଦ୍ଧତାକୁ ଭାରତ ଦୋହରାଇଲା। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗ ସଚିବ କେ. ସଞ୍ଜୟ ମୂର୍ତ୍ତି, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ସଚିବ ଅତୁଲ ତିୱାରୀଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଜି-୨୦ ସଦସ୍ୟ ରାଷ୍ଟ୍ର ସମେତ ୨୭ଟି ନିମନ୍ତ୍ରିତ ରାଷ୍ଟ୍ର, ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ, ୟୁନିସେଫ, ୟୁନେସ୍କୋ ଏବଂ ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି)ର ୬୦ରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।

ପ୍ରତିନିଧିସ୍ତରୀୟ ବୈଠକ ପୂର୍ବରୁ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଧାତୁ ଓ ଖଣିଜ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି)ରେ 'ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ କ୍ଷମତା ନିର୍ମାଣ, ଆଜୀବନ ଅଧ୍ୟୟନକୁ ପ୍ରୋତ୍ସାହନ' ଶୀର୍ଷକ ସେମିନାର ଆୟୋଜିତ ହୋଇଥିଲା। ଏଥିରେ ୩ଟି ପାନେଲ ଆଲୋଚନା କରାଯାଇଥିଲା। ସେମିନାରରେ ବ୍ରାଜିଲ, ସ୍ପେନ, ୟୁଏଇ, ସିଙ୍ଗାପୁର, ରୁଷ୍, ଦକ୍ଷିଣ ଆଫ୍ରିକା, ମରିସସ୍, ଓଇସିଡି, ୟୁନିସେଫ, ଅଷ୍ଟ୍ରେଲିଆ, ବ୍ରିଟେନ ସମେତ ଅନ୍ୟ ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଂଗଠନର ବିଶେଷଜ୍ଞ ପାନେଲିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ସେମାନେ ନିଜ ନିଜ ଦେଶରେ ଏହି ବିଷୟବସ୍ତୁ ଉପରେ ଆଧାରିତ ଶ୍ରେଷ୍ଠ ପଦ୍ଧତି ଓ ନୀତିଗୁଡ଼ିକ ଉପରେ ମତାମତ ରଖିଥିଲେ। ଧନ୍ଦାମୂଳକ ଶିକ୍ଷା ଓ ତାଲିମ ଉପରେ ନୀତି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିବର୍ତ୍ତିତ ବିଶ୍ୱ ସହିତ ଖାପଖୁଆଇବା ଲାଗି ଦକ୍ଷତା ବିକାଶ, ଉନ୍ନତ ଦକ୍ଷତା ବିକାଶ ଏବଂ ନିରନ୍ତର ଦକ୍ଷତା ବିକାଶ (ସ୍କିଲିଂ, ଅପ୍ ସ୍କିଲିଂ ଓ ରି ସ୍କିଲିଂ) ଉପରେ ଆଲୋକପାତ କରିଥିଲେ। ଭବିଷ୍ୟତର କାର୍ଯ୍ୟକୁ ନେଇ ନିଜ ଦେଶରେ ଦେଖାଦେଇଥିବା ସମସ୍ୟା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ତୃତୀୟ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ପରିପ୍ରେକ୍ଷୀରେ ଏକ ସପ୍ତାହବ୍ୟାପୀ ମଲ୍ଟିମିଡିଆ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ ଶିଳ୍ପ, ଶିକ୍ଷା ଜଗତ, ସରକାରୀ ସଂସ୍ଥା, ବହୁପକ୍ଷୀୟ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତର କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଅନୁଭୂତି ଜୋନ ସହିତ ବ୍ୟାପକ ଜ୍ଞାନକୌଶଳ ପ୍ରଦର୍ଶିତ ହୋଇଥିଲା। ମେଟା, ହେକ୍ସାଗନ, ଇନ୍‌ଫୋସିସ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ, ୟୁନିସେଫ, ଭାରତୀୟ ଜ୍ଞାନ ବ୍ୟବସ୍ଥା ଡିଭିଜନ, ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର, ଟ୍ରାଇଫେଡ ଏବଂ ଅନେକ ସଂସ୍ଥା ଯୋଗଦେଇଥିଲେ। ୨୩ରୁ ୨୫ ଏବଂ ୨୭ ଓ ୨୮ ତାରିଖରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ, ଶିକ୍ଷାବିତ ଓ ଗବେଷକଙ୍କ ପାଇଁ ପ୍ରଦର୍ଶନୀ ଖୋଲାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ନିଆଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିନିଧିମାନଙ୍କୁ ଓଡ଼ିଶା ଗସ୍ତ କରିବାର ଏକ ସ୍ମରଣୀୟ ପ୍ରତୀକ ରୂପେ ପଟ୍ଟଚିତ୍ର ଉପହାର ଦିଆଯାଇଥିଲା।



ଦକ୍ଷତା ବିକାଶ ଓ ଉଦ୍ୟମିତା ସଚିବ ଅତୁଲ ତିୱାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।



**ଆଜିର ମନ୍ତବ୍ୟ**

ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ୍, ବ୍ୟକ୍ତିଗତ ଆକ୍ଷେପ କି ସମାଲୋଚନାକୁ ନେଇ ନୁହେଁ। ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିଷଧର ସର୍ପ ମନ୍ତବ୍ୟ ପାଇଁ ଲୋକେ କଂଗ୍ରେସକୁ ଠିକଣା ଜବାବ ଦେବେ।

–ଅନୁରାଗ ଠାକୁର, କେନ୍ଦ୍ରମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକରଣା ବୁଦ୍ଧି ଯାହାକୁ ଦିଶେ**
**ଗୁହ ଲୁଣ୍ଡା ଆଣି ଚାଳରେ ଖୋସେ।**

ଘରକରଣା ବୁଦ୍ଧିରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ଜଣକ ସବୁକଥାରେ ନିଘା ରଖିଥାଏ। ଏପରିକି ନିହାତି ସାମାନ୍ୟ ବା ଅଦରକାରୀ ମନେ ହେଉଥିବା ଜିନିଷକୁ ବି ବାହାରୁ ସାଉଁଟି ଆଣି ସଞ୍ଚୟ କରି ରଖେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଘରେ ନାହିଁ ମାଣେ ଧାନ**
**ନାଲି ଗାମୁଛାକୁ ଫାଳେ ପାନ**
**ଘରେ ନ ଜଳେ ଚୁଲି**
**ପଛ ଆଡେ ପାଟଫୁଲି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟି ହୋଇ ଅନ୍ୟ ଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ନବୀନ ନିବାସରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ୯୧ ଏଫ୍ଏମ୍ ରେଡିଓ ଟ୍ରାନ୍ସମିଟର ଉଦ୍‌ଘାଟିତ

- **ସରକାର ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି: ମୋଦି**
- **ଓଡ଼ିଶାରେ ୭ ସ୍ଥାନରେ ଲୋକାର୍ପିତ**

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୧୮ଟି ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳରେ ୯୧ଟି ଏଫ୍ଏମ୍ ରେଡିଓ ଟ୍ରାନ୍ସମିଟରର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସୀମାନ୍ତ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିରେ ଏଫଏମ୍ ରେଡିଓ ସଂଯୋଗ ବଢ଼ାଇବାରେ ଏହା ସହାୟକ ହେବ। ୮୪ ଜିଲାରେ ସ୍ଥାପନ ହୋଇଥିବା ନୂଆ ଟ୍ରାନ୍ସମିଟର ରେଡିଓ ପ୍ରସାରଣକୁ ଅଧିକ ୩୫,୦୦୦ ବର୍ଗକିଲୋମିଟର ବଢ଼ାଇବ ଏବଂ ଅତିରିକ୍ତ ୨ କୋଟି ଲୋକ ଉପକୃତ ହେବେ। ଏହା ରେଡିଓ ଶିଳ୍ପରେ କ୍ରାନ୍ତି ଆଣିବ। ତାଙ୍କ ସରକାର ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ ଲାଗି ନିରନ୍ତର କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆସନ୍ତା ରବିବାର ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ୧୦୦ତମ ଅଧ୍ୟାୟ ପ୍ରସାରଣ ପୂର୍ବରୁ ୯୧ ଏଫ୍ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟନ କରାଯାଇଛି। ଏହା ଲୋକଙ୍କ ପାଖରେ କୃଷି କାର୍ଯ୍ୟ ପାଇଁ ପାଣିପାଗ ଅନୁମାନ, ନୂଆ ବଜାର ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସମ୍ପର୍କ ଆଦି ଅନେକ ସୂଚନା ଠିକ୍ ସମୟରେ ପହଞ୍ଚାଇପାରିବ ବୋଲି ମୋଦି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକଙ୍କ ସମେତ ପ୍ରସାର ଭାରତୀର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କ୍ରମରେ ଓଡ଼ିଶାର ୭ଟି ସ୍ଥାନ ଯଥା କେନ୍ଦ୍ରାପଡ଼ା ଜିଲାର ଗୋପ, ନବରଙ୍ଗପୁର, ଗଜପତିର ମୋହନା, ବରଗଡ଼, କନ୍ଧମାଳର ଫୁଲବାଣୀ, କୋରାପୁଟ ଏବଂ ମାଲକାନଗିରି ଠାରେ ଏହି ଏଫ୍ଏମ୍ ଟ୍ରାନ୍ସମିଟର ଲୋକାର୍ପିତ ହୋଇଛି। ଓଡ଼ିଶାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭର୍ଚୁଆଲରେ ଯୋଗଦେଇଥିଲେ।



ନରେନ୍ଦ୍ର ମୋଦି

# ୩ ରୁଟ୍‌ରେ ଚଲାଯାଉ ବନ୍ଦେ ଭାରତ ଟ୍ରେନ୍

## ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ପରିବହନ ମନ୍ତ୍ରୀ

- **ପୁରୀ-ହାଓଡା, ପୁରୀ-ରାଉରକେଲା, ଭୁବନେଶ୍ୱର-ହାଇଦ୍ରାବାଦ ମଧ୍ୟରେ ଚଳାଚଳ ପାଇଁ ଦାବି**
- **ହାୱଡା ଓ ପୁରୀ ମଧ୍ୟରେ ହେଲା ଟ୍ରାଏଲ୍ ରନ**

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଓଡ଼ିଶାରୁ ୩ଟି ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ କିଛି ବର୍ଷ ଧରି ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଆଗୁଆ ରହିଛି। ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ମଧ୍ୟ ଓଡ଼ିଶାର ଯୋଗଦାନ ଉଲ୍ଲେଖନୀୟ ରହିଛି। ଏହି ପରିପ୍ରେକ୍ଷୀରେ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ବ୍ୟାପକ ଉନ୍ନତୀକରଣର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶବ୍ୟାପୀ ତ୍ୱରିତ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଆରମ୍ଭ କରାଯାଇଛି। ରାଜ୍ୟବାସୀଙ୍କ ଦାବି ତଥା ବାଣିଜ୍ୟିକ ପ୍ରତିଷ୍ଠାନ, ପର୍ଯ୍ୟଟକ ଏବଂ ଓଡ଼ିଶାବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁରୀ–ହାଓଡ଼ା, ପୁରୀ–ସମ୍ବଲପୁର–ରାଉରକେଲା ଏବଂ ଭୁବନେଶ୍ୱର–ହାଇଦ୍ରାବାଦ ମଧ୍ୟରେ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ରାଜ୍ୟ ପରିବହନ ମନ୍ତ୍ରୀ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ପଶ୍ଚିମବଙ୍ଗ ଯାତ୍ରୀମାନଙ୍କର ସୁବିଧା ହେବା ସହିତ ପଶ୍ଚିମ ଓଡ଼ିଶାବାସୀଙ୍କର ରାଜଧାନୀ ଭୁବନେଶ୍ୱର ସହିତ ଯୋଗାଯୋଗ ପାଇଁ ସମୟ ବଞ୍ଚିବ। ସେହିପରି ହାଇଦ୍ରାବାଦରେ ରହୁଥିବା ବହୁସଂଖ୍ୟକ ଓଡ଼ିଶାବାସୀ ଉପକୃତ ହେବେ ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ହାଓଡାଠାରୁ ପୁରୀକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରଥମ ଟ୍ରାଏଲ୍ ରନ୍ କରାଯାଇଥିଲା। ଏହା ହାଓଡା ଷ୍ଟେଶନ୍‌ରୁ ଶୁକ୍ରବାର ସକାଳ ୬ଟା୧୦ ମିନିଟରେ ବାହାରିବା ପରେ ବାଟରେ ୬ଟି ଷ୍ଟେଶନରେ ଦୁଇମିନିଟ୍ ଲେଖାଏ ରହି ଶେଷରେ ମଧ୍ୟାହ୍ନ ୧୨ଟା ୩୫ରେ ପୁରୀ ପହଞ୍ଚିଥିଲା। ପରେ ଅପରାହ୍ନ ୧ଟା ୫୦ରେ ପୁରୀରୁ ଏହି ଏକ୍ସପ୍ରେସ୍ ହାଓଡା ଅଭିମୁଖେ ପୁଣି ବାହାରିଥିଲା।



ପୁରୀ ରେଳଷ୍ଟେଶନରେ ଶୁକ୍ରବାର ବନ୍ଦେ ଭାରତ ଏକ୍ସପ୍ରେସ ପହଞ୍ଚିବା ପରେ ଯାତ୍ରୀମାନେ ସେଲ୍‌ଫି ନେଉଛନ୍ତି।

# ଶ୍ରୀମନ୍ଦିର ସଂସ୍କାର ମାମଲା: ୧ରେ ଶୁଣାଣି

ନୂଆଦିଲ୍ଲୀ,୨୮।୪

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧ତାରିଖରେ ହେବ। ଆବେଦନକାରିଣୀ ମୃଣାଳିନୀ ପାଢ଼ୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବିଚାରପତି ଏମ୍.ଆର୍.ଶାହ ଏବଂ ଜଷ୍ଟିସ ସି.ଟି. ରବିକୁମାରଙ୍କ ଖଣ୍ଡପୀଠରେ ହେବ। ପୂର୍ବରୁ ଏହି ମାମଲରେ ଉଭୟ ରାଜ୍ୟ ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସେମାନଙ୍କ ସତ୍ୟପାଠ ଦାଖଲ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ୩୩ପୃଷ୍ଠା ସମ୍ବଳିତ ସତ୍ୟପାଠ ଦାଖଲ କରିଛି। ସତ୍ୟପାଠରେ ଜଣେ ପୂର୍ଣ୍ଣକାଳୀନ ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିଯୁକ୍ତି କରିବାକୁ ଉଲ୍ଲେଖ ରହିଛି। ଏଥିସହ ଶ୍ରୀମନ୍ଦିର ଦୈନିକ ରୀତିନୀତି ଏବଂ ପୂଜାପର୍ବାଣି, ଗୁରୁକୁଳ ସେବାଶ୍ରମ ଆରମ୍ଭ ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ଜମି ଓ ସମ୍ପତ୍ତିକୁ ତଦାରଖ କରିବା ପାଇଁ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ସତ୍ୟପାଠରେ କୁହାଯାଇଛି। ଗତ ଶୁଣାଣିରେ ରାଜ୍ୟ ସରକାର ଶ୍ରୀମନ୍ଦିର ପାଇଁ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ପ୍ରସଙ୍ଗରେ ସମୟ ମାଗିଥିଲେ। ଏପରି କି ମୁଖ୍ୟ ପ୍ରଶାସକ ନିଯୁକ୍ତି ସମୟ ସୀମାକୁ ୨୦୨୩ ଡିସେମ୍ବର ପର୍ଯ୍ୟନ୍ତ ଦେବାକୁ ଅନୁରୋଧ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ଉକ୍ତ ପ୍ରାର୍ଥନାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବା ସହ ପୂର୍ଣ୍ଣକାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଯୁକ୍ତି କରାଯାଇ ନ ଥିବାରୁ ଅଦାଲତ ଅବମାନନା ପ୍ରୋସିଡିଂ ଆରମ୍ଭ କରିଥିଲେ। ଏଥିସହିତ ସେବାୟତ ପିଲାମାନଙ୍କ ଶିକ୍ଷା ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ୫କୋଟି ଟଙ୍କାକୁ କିଭଳି ଖର୍ଚ୍ଚ କରାଯାଇଛି ତାହା ଜଣାଇବାକୁ କୋର୍ଟ କହିଥିଲେ।

# ଗାଁ ଦାଣ୍ଡରେ ଚାଲିଗଲା ୩ ଜୀବନ

- **ଗାଡ଼ି ଚଢ଼ାଇ ଦେଲେ କାର୍ ଚାଳକ**
- **ମୃତକଙ୍କ ମଧ୍ୟରେ ୨ ଶିଶୁ, ଜଣେ ମହିଳା**
- **ତାଳଚେର ଗୋବରା ଗ୍ରାମରେ ଉତ୍ତେଜନା**

ଅନୁଗୋଳ ଅଫିସ/ ତାଳଚେର, ୨୮।୪

ଗାଁ ଦାଣ୍ଡରେ ପିଲା ଖେଳୁଥିବା ବେଳେ ଶୁକ୍ରବାର ଅପରାହ୍ନରେ ଘଟିଗଲା ଦୁର୍ଘଟଣା। ଦ୍ରୁତ ଗତିରେ ଯାଉଥିବା ଏକ କାର୍ (ନଂ. ଓଡି୦୨ବିସି–୩୭୬୫) ଭାରସାମ୍ୟ ହରାଇ ୨ ପିଲା ଓ ଜଣେ ମହିଳାଙ୍କ ଉପରେ ଚଢ଼ିଯିବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଳଚେର ବ୍ଲକ ବିକ୍ରମପୁର ଥାନା ଗୋବରା ଗ୍ରାମରେ ଘଟିଥିବା ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି।

ପୋଲିସ କହିଛି, ଗୋବରା ଗାଁର ପ୍ରମିଳା ପ୍ରଧାନ(୫୫) ଦାଣ୍ଡରେ ଠିଆ ହୋଇଥିବା ବେଳେ ସେଠାରେ ରାମଚନ୍ଦ୍ର ପ୍ରଧାନଙ୍କ ଝିଅ ପୁନମ ପ୍ରଧାନ(୭) ଓ ସତ୍ୟନାରାୟଣ ପ୍ରଧାନଙ୍କ ପୁଅ ଗୁଗୁ ପ୍ରଧାନ(୪) ଖେଳୁଥିଲେ। ଏହି ସମୟରେ ଗାଁ ରାସ୍ତା ଦେଇ ଯାଉଥିବା ଏକ କାର୍ ସମ୍ପୃକ୍ତ ୩ ଜଣଙ୍କ ଉପରେ ଚଢ଼ିଯିବା ସହ ଏକ ଇଟାଗଦାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ପ୍ରମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ୨ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଗୋବରା ଗାଁରେ ଉତ୍ତେଜନା ଦେଖାଦେଇଛି। ଗାଡ଼ି ଚାଳକ ନିଶାଶକ୍ତ ଅବସ୍ଥାରେ ଥିବା ଲୋକେ ଅଭିଯୋଗ କରିବା ସହ ତାଙ୍କୁ ଓ ଗାଡ଼ିରେ ଥିବା ଅନ୍ୟମାନଙ୍କୁ ମାଡ଼ ମାରିଥିଲେ। ଖବରପାଇ ବିକ୍ରମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

# ବଜ୍ରପାତରେ ୨ ଚାଷୀଙ୍କ ମୃତ୍ୟୁ

ନିରାକାରପୁର/ପିପିଲି, ୨୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟର ବିଭିନ୍ନ ଜିଲାରେ ଶୁକ୍ରବାର ବର୍ଷା ହେବା ସହ ବଜ୍ରପାତ ହୋଇଛି। ଏହି ବଜ୍ରପାତରେ ଦୁଇ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ହରିପୁରପାଟଣାର ଜଳନ୍ଧର ସାମନ୍ତରାୟ(୭୦) ଓ ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ପୋଡ଼ଙ୍ଗ ଗୁରୁସାହିର ଜାପାନୀ ଗୁରୁ(୪୦)। ସୂଚନା ମୁତାବକ, ହରିପୁରପାଟଣାର ଜଳନ୍ଧର ସକାଳେ ବିଲକୁ ଯାଇଥିବା ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ସେ ସେଠାରେ ଥିବା ଏକ ପୋଖରୀ ବନ୍ଧ ନିକଟକୁ ପଳାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଥିଲା। ପରିବାର ଲୋକ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ରମେଶ ସାମନ୍ତରାୟ ନିରାକାରପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପୋଡଙ୍ଗ ଗୁରୁସାହିର ଜାପାନୀ ସକାଳେ ଗୁହାଳରେ ଗୋରୁଙ୍କୁ ଖାଦ୍ୟ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଆଘାତରେ ସେହିଠାରେ ଜାପାନୀ ଅଚେତ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ସ୍ଥାନୀୟ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଯୁବନେତା ବିଶ୍ୱଜିତ୍ ଦାଶ, ଜୟନ୍ତ ଦାସ ପ୍ରମୁଖ ମୃତ ଜାପାନୀଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

# ନିଖୋଜ ନାଉରିଆଙ୍କ ମୃତଦେହ ମିଳିଲା

**ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ଘଟଣା**

ଆଳି,୨୮।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ରାହ୍ମଣୀ ନଦୀରେ ଗୁରୁବାର ଡଙ୍ଗା ବୁଡି ନାବାଳକ ଦେବେନ୍ଦ୍ର ବେହେରାଙ୍କ ମୃତ୍ୟୁ ହୋଇଥିବା ବେଳେ ନାଉରିଆ ସୁଦର୍ଶନ ସ୍ୱାଇଁ ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ଶୁକ୍ରବାର ମିଳିଛି। ଆଳି ବ୍ଲକ ଏକମାଣିଆ ପଞ୍ଚାୟତକୁ ଯାତାୟାତ ନିମନ୍ତେ ଲୋକମାନେ ଡଙ୍ଗାରେ ଯାତାୟାତ କରନ୍ତି। ଗୁରୁବାର ସକାଳେ ନଦୀରେ ପ୍ରାୟ ୨୦ ଜଣ ଯାତ୍ରୀଙ୍କୁ ନେଇ ଏକମାଣିଆ ଘାଟରୁ କେରଡ଼ାଗଡ଼ ଅଭିମୁଖେ ଡଙ୍ଗା ଯିବାବେଳେ ବୁଡ଼ିଯାଇଥିଲା। ଫଳରେ ଡଙ୍ଗାରେ ଥିବା ଯାତ୍ରୀମାନେ ପହଁରି କୂଳକୁ ଆସିଥିବା ବେଳେ ୩ ଜଣ ପିଲା ବୁଡ଼ି ଯାଉଥିଲେ। ସେମାନଙ୍କୁ ନାଉରିଆ ସୁଦର୍ଶନ ଉଦ୍ଧାର କରିବାକୁ ଯାଇ ୨ ଜଣ ପିଲାଙ୍କୁ ବଞ୍ଚାଇ ଥିଲେ। ମାତ୍ର ଦେବେନ୍ଦ୍ରଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ନିଖୋଜ ହୋଇଯାଇଥିଲେ। ସୁଦର୍ଶନଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସରକାରୀ ସହାୟତା ବିଡିଓ ପ୍ରଦାନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସୁରକ୍ଷାବଳୟ ସଙ୍କଟମୁହାଁ ...

ବନବିଭାଗର ତଥ୍ୟ ଅନୁଯାୟୀ, ୨୦୧୭ରେ ହୋଇଥିବା ଶେଷ ଗଣନା ବେଳେ କୁଲଡିହା ଅଭୟାରଣ୍ୟରେ ୯୭ ହାତୀ ରହିଥିଲେ। ସେଥିରୁ ୧୯ଟି ଦନ୍ତା, ୫୧ ମାଈ ଓ ୨୭ଟି ଛୁଆ ହାତୀ ଥିଲେ। କିନ୍ତୁ ୨୦୧୮ରୁ ୨୦୨୩ ମଧ୍ୟରେ ବାଲେଶ୍ୱର ଡିଭିଜନ୍‌ରେ ବିଭିନ୍ନ କାରଣରୁ ମୋଟ୍ ୨୦ଟି ହାତୀଙ୍କ ମୃତ୍ୟୁ ହୋଇଛି। ୨୦୧୮ରେ ଗୋଟିଏ ହାତୀର ଜୀବନ ଯାଇଥିବା ବେଳେ ୨୦୧୯ରେ ୫ଟି, ୨୦୨୦ରେ ୨, ୨୦୨୧ରେ ୪, ୨୦୨୨ରେ ୬ ଓ ୨୦୨୩ର ୪ ମାସ ମଧ୍ୟରେ ୨ଟି ହାତୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ପରିବେଶବିତ୍ ପ୍ରଶାନ୍ତ କୁମାର ପାଢ଼ୀ କହିଛନ୍ତି, କୁଲଡ଼ିହା ଅଭୟାରଣ୍ୟରେ ଉତ୍କଟ ଜଳାଭାବ ସହ ଖାଦ୍ୟାଭାବ ରହିଛି। ଫଳରେ ଡିହାଇଡ୍ରେସନ ହାତୀ ମୃତ୍ୟୁର କାରଣ ସାଜିଛି। ବନାଗ୍ନି ବୃଦ୍ଧି ସାଙ୍ଗକୁ ପରିବେଶ ଅସନ୍ତୁଳନ ହେତୁ ମଧ୍ୟ ହାତୀମାନଙ୍କ ଜୀବନ ଯାଉଛି। ଶିକାରୀମାନେ ଦାନ୍ତ ଲୁଟିବା ପାଇଁ ଦନ୍ତାହାତୀଙ୍କୁ ମାରିଦେଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଜାଗ ରହିବା ସହ ଉପଯୁକ୍ତ ପରିବେଶ ସୃଷ୍ଟି ଏବଂ ଶିକାରୀଙ୍କୁ ଦମନ କରିବା ନିତାନ୍ତ ଆବଶ୍ୟକ। ବାଲେଶ୍ୱର ଡିଏଫ୍ଓ ଖୁସୱନ୍ତ ସିଂହ କହିଛନ୍ତି, ହାତୀଙ୍କ ମୃତ୍ୟୁ ସ୍ୱାଭାବିକ ଭାବେ ହୋଇଛି। ଅଭୟାରଣ୍ୟରେ ପ୍ରାକୃତିକ ଆବାସ ସୃଷ୍ଟି କରାଯିବା ଦିଗରେ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ନିଆଯାଉଛି। ହାତୀଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ପିଆଇ ମେମ୍ବର ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ବୈଠକ କରାଯାଉଛି। ସଚେତନତା ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଯାଉଛି। ୨୪ଘଣ୍ଟିଆ ସତର୍କତା ଅବଲମ୍ବନ କରାଯାଉଛି। ହାତୀ ମୃତ୍ୟୁର ବିଶେଷ କାରଣ ଅଳ୍ପଦିନ ମଧ୍ୟରେ ଜାଣିବା ସମ୍ଭବ ନୁହେଁ। ତଥାପି ହାତୀଙ୍କ ମଧ୍ୟରେ ହେଉଥିବା ଲଢ଼େଇ, ପରିବର୍ତ୍ତନଶୀଳ ପରିବେଶ ଏବଂ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଏହାର ଏକ କାରଣ ହୋଇପାରେ ବୋଲି ଡିଏଫ୍ଓ ସିଂହ ପ୍ରକାଶ କରିଛନ୍ତି।

### ବିଶ୍ୱର ସବୁଠୁ ପୁରୁଣା ...

ୱିନେର ଜେଇଟୁଙ୍ଗ୍ ଏହାର ୩୨୦ ବର୍ଷର ଇତିହାସରେ ଯୁବ ମୋଜାର୍ଟଙ୍କଠାରୁ ଆରମ୍ଭ କରି ଶେଷ ହାବ୍ସବର୍ଗ ସମ୍ରାଟଙ୍କ ପଦତ୍ୟାଗ ପର୍ଯ୍ୟନ୍ତ ପ୍ରତ୍ୟେକ ଖବର ପ୍ରକାଶ କରିଆସିଥିଲା। ୧୮୫୭ରେ ଅଷ୍ଟ୍ରିଆ ସରକାର ଉକ୍ତ ଖବରକାଗଜର ମାଲିକାନା ହାତକୁ ନେବା ପରେ ଏକ ଖବର ସାଙ୍ଗକୁ ସରକାରୀ ଗେଜେଟ ଭାବେ ଏଥିରେ ନିଯୁକ୍ତି ଓ ଅନ୍ୟାନ୍ୟ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଆସୁଥିଲା। ଉକ୍ତ ବିଜ୍ଞାପନ ହିଁ ଏହାର ମୁଖ୍ୟ ଆୟ ଥିଲା। ଗୁରୁବାର ଅଷ୍ଟ୍ରିଆ ପାର୍ଲାମେଣ୍ଟରେ ଗୃହୀତ ଆଇନ ଅନୁଯାୟୀ ଖବରକାଗଜର ପ୍ରିଣ୍ଟ ଏଡିଶନରେ ବିଜ୍ଞାପନ ବାହାର କରାଯିବ ନାହିଁ। ଦୈନିକ ଖବରକାଗଜ ଚଳାଇବା ଓ ଏହାକୁ ଆର୍ଥିକ ସହାୟତା ଦେବା ସରକାରଙ୍କ କାର୍ଯ୍ୟ ନୁହେଁ ବୋଲି ଅଷ୍ଟ୍ରିଆର କଞ୍ଜରଭେଟିଭ୍ ଚାନ୍‌ସେଲର ସେବାଷ୍ଟିଆନ୍ କୁର୍ଜ ୨୦୨୧ରେ କହିଥିଲେ। ନୂଆ ମିଡିଆ ନିୟମାବଳୀ ୱିନେର ଜେଇଟୁଙ୍ଗ୍‌କୁ ଦୈନିକ ସମ୍ବାଦପତ୍ରରୁ ଏକ 'ପ୍ରଶିକ୍ଷଣ ଓ ଶିକ୍ଷା ମାଧ୍ୟମ'ରେ ପରିଣତ କରିଛି। ଆଇନ ଉପରେ ଭୋଟ ଦିନ ଉକ୍ତ ଖବରକାଗଜରେ 'ଏଣ୍ଡ୍ ବାଏ ଲ' ନାମରେ ଏକ ଲେଖା ପ୍ରକାଶ ପାଇଥିଲା। ନୂଆ ବର୍ଣ୍ଣନା ଏକ ଅସ୍ୱଷ୍ଟ ଜନାଦେଶ, ଯାହା ଏହାର ସାମ୍ବାଦିକତା ପ୍ରସ୍ତୁତ କରିବା ସାମର୍ଥ୍ୟକୁ ନଷ୍ଟ କରିଦେବ ବୋଲି ଏଥିରେ କୁହାଯାଇଛି। ସବୁଠୁ ପୁରଣା ଖବରକାଗଜକୁ ଯୋଜନାବଦ୍ଧ ଭାବେ ବନ୍ଦ କରାଯାଉଥିବାରୁ ଭିଏନାର ଫେଡେରାଲ ଆସେମ୍ବ୍ଲି ବାହାରେ ହଜାର ହଜାର କର୍ମଚାରୀ ଓ ପାଠକ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରକାଗଜର ଅନ୍‌ଲାଇନ ସଂସ୍କରଣ ଏବଂ ମାସିକ ଛାପା ସଂସ୍କରଣ ଜାରି ରହିଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି 'ଡିଜିଟାଲ ବା ପେପର'ଠାରୁ ଅଧିକ କିଛି ବୋଲି ୱିନେର ଜେଇଟୁଙ୍ଗ୍‌ର ଡେପୁଟି ଏଡିଟର–ଇନ୍–ଚିଫ୍ ଥୋମାସ ସିଫେର୍ଟ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣଙ୍କୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସାହାଯ୍ୟ ଓ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପାରିବାରିକ ଅଶାନ୍ତି ଦୂର ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି। ସନ୍ତାନ ହେତୁକ ଅନାଦର ଭାବ ଅନୁଭବ କରି ଦୁଃଖିତ ହେବେ।

**ବୃଷ** – ଅନ୍ୟମନସ୍କ ରହିବା ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପରିବେଶ ସରଗରମ ଥିଲେ ମଧ୍ୟ ଆଜି ଅଫିସ୍‌ରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ବଢ଼ିଆ ଓ ସନ୍ତୋଷଜନକ ଫଳ ପାଇବେ। ପାରିବାରିକ କ୍ଷେତ୍ରରେ ଜଗିରଖି ଚଳନ୍ତୁ, ଅନ୍ୟଥା ସମସ୍ୟା ବଢ଼ି ବଢ଼ି ଯାଇପାରେ।

**ମିଥୁନ** – ଚେଷ୍ଟା କରୁଥିବା କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେବା ଶୁଭଫଳ ଦେବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅଶାନ୍ତିକୁ ଡାକିଆଣିବେ। ଉଚ୍ଚ ପଦାଧିକାରୀଙ୍କ ସମ୍ମୁଖରେ ମନକଥା କହି କାମ ହାସଲରେ ସମର୍ଥ ହେବେ।

**କର୍କଟ** – ଅଧସ୍ତନ କର୍ମଚାରୀଙ୍କ ମନକୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, ସହଯୋଗ ପାଇବା କଷ୍ଟକର ହେବ। ବିଶେଷ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରିନେବା ପାଇଁ ପ୍ରଯତ୍ନ କରିପାରନ୍ତି।

**ସିଂହ** – ସ୍ଥଗିତ କାର୍ଯ୍ୟ ବହୁତ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ସଭାସମିତିରେ ପ୍ରିୟଜନଙ୍କୁ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସୁଧାରିନେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାଇବାରେ ଅସୁବିଧା ହେବନାହିଁ। ନିଜ ପରିସରର ବ୍ୟକ୍ତିଙ୍କ ସଦିଚ୍ଛା କାରଣରୁ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କନ୍ୟା** – ଆଜି ବିଭିନ୍ନ ଦିଗରୁ ସାହାଯ୍ୟ, ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା, ମାଲିମକଦ୍ଦମା, ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାମ ନିର୍ବିଘ୍ନରେ ସମାପନ କରିପାରିବେ। ଆନୁଷ୍ଠାନିକ କାମରେ ବନ୍ଧୁମିଳନରୁ ଖୁସି ରହିବେ।

**ତୁଳା** – ଆଜି ପାରିବାରିକ, ସାମାଜିକ, ରାଜନୈତିକ, ସାଂଗଠନିକ ଓ ଲୋକସମ୍ପର୍କ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତ ହୁଅନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ ବୃଦ୍ଧି ପାଇପାରେ।

**ବିଛା** – ଦୀର୍ଘଦିନରୁ ଚିନ୍ତା କରୁଥିବା କାମରେ ଅଗ୍ରଗତିର ସୂଚନା ପାଇ ସାମୟିକ ଖୁସି ହେବେ। ବନ୍ଧୁମିଳନ ସହ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ମିଳିବା ସାଙ୍ଗକୁ ପ୍ରଶାସନିକସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ଅତୀତ ଘଟଣାକୁ ଚିନ୍ତାକରି ଆଜି ସକାଳୁ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପାରିବାରିକ ସମସ୍ୟା ଭୁଲି ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ଗୁରୁବର୍ଗୀୟ ବ୍ୟକ୍ତିଙ୍କ ଆରୋଗ୍ୟ ସକାଶେ ବ୍ୟାକୁଳ ହେବେ।

**ମକର** – ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଋଣଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ମାଙ୍ଗଳିକ ତଥା ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସି ରହିବେ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରିନେବେ।

**କୁମ୍ଭ** – ଗତକାଲିର ସ୍ଥଗିତ କାମକୁ ଆଜି ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକିଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** – ଆପଣଙ୍କର ଯାହାକିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ, ଲୋକସମ୍ପର୍କ, ଆଲୋଚନା, ସଭାସମିତି ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ୍ ହେବେ। ମାଙ୍ଗଳିକ କାମ ଲାଗି ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିତୃଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

ଆଜି ବୈଶାଖ ଶୁକ୍ଳପକ୍ଷର ସୀତାନବମୀ ଶନିବାର, ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବିଶ୍ୱ ପଶୁ ଚିକିତ୍ସା ଦିବସ(ଏପ୍ରିଲ ଶେଷ ଶନିବାର), ରାଶି ନକ୍ଷତ୍ର–ଦିବା ଘ.୧୨।୪୭ମି. ଗତେ, ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୮ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୦୮।୩୩ମି. ଗତେ ଘ.୧୦।୦୮ମି. ମଧ୍ୟେ ରାହୁକାଳ॥

**କାନ୍ଥ ପଡ଼ି ଶିଶୁକନ୍ୟା ମୃତ, ୩ ଗୁରୁତର**

**ଢେଙ୍କିକୋଟ/ଘଟଗାଁ,(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ସାନ୍ତରାପୁର ପଞ୍ଚାୟତ ମେଣ୍ଢାମୁଣ୍ଡି ସାହିରେ ଗୁରୁବାର ରାତିରେ ଏକ ଦନ୍ତା ଗାଁରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଧାନ ଖାଇ ନଷ୍ଟ କରିଛି। ହାତୀ ଭାଙ୍ଗିଥିବା ଘର କାନ୍ଥ ପଡ଼ି ୧ ବର୍ଷର ଜଣେ ଶିଶୁ କନ୍ୟାଙ୍କର ମୃତ୍ୟୁ ହୋଇଛି। ମା' ବାପାଙ୍କ ସମେତ ୬ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ମୃତ ଶିଶୁକନ୍ୟା ହେଲେ ମୋନାଲିସା ମୁଣ୍ଡା। ଗୁରୁତର ସୋନାଲୀ ମୁଣ୍ଡା(୬), ଡାକ୍ତର ମୁଣ୍ଡା (୨୮) ଓ ରଶ୍ମି ମୁଣ୍ଡା (୨୭)ଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୨ଗୁରୁତର

**ସଇଁତଳା, ୨୮।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟରେ ଏକ ବିସ୍ଫୋରଣ ଘଟିଛି। ଘଟଣାକୁ ନେଇ ଗୋଳାବାରୁଦ କାରଖାନା ପକ୍ଷରୁ ପ୍ରେସବିଜ୍ଞପ୍ତି ଜାରି କରାଯାଇ ବିସ୍ଫୋରକ ପ୍ରସ୍ତୁତି ସମୟରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏଥିରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ମୁତାବକ ବଡ଼ମାଲ ଗୋଳାବାରୁଦ କାରଖାନା ୟୁନିଟ-୩ରେ ଜଣେ ଜୁନିୟର ୱାର୍କ୍ସ ମ୍ୟାନେଜର ଓ ଦୁଇଜଣ ଡିବିଡବ୍ଲ୍ୟୁ କର୍ମଚାରୀଙ୍କୁ ନେଇ ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ବିସ୍ଫୋରକ ତିଆରି ପାଇଁ କେମିକାଲ ମିଶ୍ରଣ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୱାର୍କ୍ସ ମ୍ୟାନେଜର ଡ଼ ସରୋଜ ପଣ୍ଡା ଏବଂ ଡିବିଡବ୍ଲ୍ୟୁ ଗୌତମ ମହାନନ୍ଦଙ୍କୁ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଆହତ ତିନିଜଣଙ୍କୁ ଉଦ୍ଧାର କରି ଗୋଳାବାରୁଦ କାରଖାନାସ୍ଥିତ ଚିକିତ୍ସାଳୟ ନିଆଯାଇଥିଲା। ସରୋଜ ଏବଂ ଗୌତମଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲାସ୍ଥିତ ଆଇଜିଏଚ (ବର୍ଣ୍ଣ ୟୁନିଟ)କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା ତାକୁ ନେଇ କାରଖାନା ପକ୍ଷରୁ ଏକ ଅନୁସନ୍ଧାନ ବୋର୍ଡ ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ପଞ୍ଚୁବରାହୀ ପୀଠ ଉନ୍ନତି ପାଇଁ ଖର୍ଚ୍ଚ ହେବ ୨୨ କୋଟି

### ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ଆର୍ଥିକ ପ୍ୟାକେଜ

**କେନ୍ଦ୍ରାପଡ଼ା ଅଫିସ/ଆଳି/ରାଜକନିକା/ରାଜନଗର,୨୮।୪(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ବିକାଶର ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନଙ୍କ ୨ଦିନିଆ ଗସ୍ତ ଶୁକ୍ରବାର ଶେଷ ହୋଇଛି। ପାଣ୍ଡିଆନଙ୍କୁ ଜିଲାବାସୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଛନ୍ତି। ସେ ଆଳିର ଲକ୍ଷ୍ମୀବରାହ ଜୀଉ, ରାଜନଗରର କେରଡ଼ାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର, ବାୟାବାବାଙ୍କ ଜନ୍ମସ୍ଥାନ ଆଦି ପରିଦର୍ଶନ କରିଛନ୍ତି। ସାତଭାୟାରେ ସମୁଦ୍ର ତଟକ୍ଷୟ ଯୋଗୁ ଗୁପ୍ତିର ବଗପାଟିଆରେ ହୋଇଥିବା ଥଇଥାନସ୍ଥଳର ସେ ସମୀକ୍ଷା କରିଛନ୍ତି। ସାତଭାୟାରୁ ବଗପାଟିଆକୁ ସ୍ଥାନାନ୍ତର ପ୍ରତ୍ୟକ୍ଷ ଦେବୀ ପଞ୍ଚୁବରାହୀ ପୀଠର ଉନ୍ନୟନ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ପୀଠର ଉନ୍ନତିପାଇଁ ୨୨ କୋଟିଟଙ୍କାର ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ପାଣ୍ଡିଆନ କହିଛନ୍ତି।

ସକାଳ ୬ଟା ୪୦ରେ ଆଳିର ଲକ୍ଷ୍ମୀବରାହ ଜୀଉଙ୍କ ପୀଠରେ ସଚିବ ପାଣ୍ଡିଆନ୍ ପହଞ୍ଚିଥିଲେ। ପୀଠର ଉନ୍ନତି ସମ୍ପର୍କରେ ଆଳି ରାଜା ବ୍ରଜକିଶୋର ଦେବ, ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଫୁଟ୍‌ବଲ ଷ୍ଟାଡ଼ିୟମ କାର୍ଯ୍ୟର ସମୀକ୍ଷା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ। ମା' ମଙ୍ଗଳା ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ କ୍ୟାଣ୍ଟିନରେ ଜଳଖିଆ କରିବା ସହ ଖାଦ୍ୟ ସାମଗ୍ରୀର ବେପାର ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏଠାରେ ଅନ୍ୟ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ସଂଘ ପକ୍ଷରୁ ସେତୁ, ଅଡିଟୋରିୟମ, ପ୍ରାଣୀ ଚିକିତ୍ସା କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲା। ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ସରାସ ଓ ବଡପାଳି ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ୫-ଟି ରୂପାନ୍ତରଣ ପରେ ଅନ୍ୟ ସମସ୍ୟା ସମ୍ପର୍କରେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମତାମତ ନେଇଥିଲେ। ସାମାଜିକ କର୍ମୀ ବିଧାନ ଦାସ ରାଜକନିକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ ସାମିଲ ହୋଇଥିଲେ।



ରାଜନଗର ମା' ପଞ୍ଚୁବରାହୀ ମନ୍ଦିର ପ୍ଲାନ୍ ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### କେରଡ଼ାଗଡ଼ ଜଗନ୍ନାଥ ମନ୍ଦିରରେ ଆଳତି କଲେ ସଚିବ ପାଣ୍ଡିଆନ



୨୦୦୭ରୁ ଜାତିଗତ ବିବାଦ ଯୋଗୁ ସାଧାରଣ ଲୋକଙ୍କୁ ରାଜନଗରର କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପ୍ରବେଶ ନିଷେଧ ହୋଇଥିଲା। ଦୀର୍ଘ ୧୬ ବର୍ଷ ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ରାଜନଗର ବିଧାୟକ ଧ୍ରୁବ ସାହୁ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ପାଣ୍ଡିଆନ ଏଠାରେ ଶ୍ରୀଜଗନ୍ନାଥଙ୍କୁ ଆଳତି କରିଥିଲେ।

## ସ୍ୱାସ୍ଥ୍ୟସେବା ଲାଗି କୋରାପୁଟ ସଂସଦୀୟ କ୍ଷେତ୍ରକୁ ୩୦୨ କୋଟି ମଞ୍ଜୁର

**ଏମ୍‌ପି ସପ୍ତଗିରି ଉଲାକାଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିଠି**

**ରାୟଗଡା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୨୮।୪:** କୋରାପୁଟ ସଂସଦୀୟ କ୍ଷେତ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି କେନ୍ଦ୍ର ସରକାର ୩୦୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବା ଏମ୍‌ପି ସପ୍ତଗିରି ଉଲାକାଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମନସୁଖ୍ ମାଣ୍ଡବ୍ୟ ଚିଠି ମାଧ୍ୟମରେ ଜଣାଇଛନ୍ତି। କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୋରାପୁଟ ଓ ରାୟଗଡ଼ା ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ଏମ୍‌ପି ଉଲାକା ସଂସଦରେ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରି ଆସୁଥିଲେ। ଉକ୍ତ ଦାବି ପ୍ରକାରେ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଭିତ୍ତିଭୂମି ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ହେଲ୍‌ଥ ଇନ୍‌ଫ୍ରାଷ୍ଟ୍ରକଚର ମିଶନ, ପଞ୍ଚଦଶ ଅର୍ଥ କମିଶନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ପ୍ରାୟ ୩୦୨୦୩.୪୪ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌ପି ଉଲାକାଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିରେ କୋରାପୁଟ ଜିଲାକୁ ୧୮୮୯୧.୧୦ ଲକ୍ଷ ଏବଂ ରାୟଗଡ଼ା ଜିଲା ପାଇଁ ୧୧୩୧୨.୩୪ ଲକ୍ଷ ମିଳିଥିବା ଉଲ୍ଲେଖ ରହିଛି। ଏହି ଅର୍ଥ ଅନୁମୋଦନ ସହ ପିଏମ୍-ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧୀନରେ କୋରାପୁଟ ଜିଲାରେ ଏକକ୍ରିଟିକାଲ କେୟାର ହସ୍ପିଟାଲ ବ୍ଲକ(ସିସିବି) ଅନ୍ତର୍ଭୁକ୍ତ ରହିଛି। କେନ୍ଦ୍ର ସରକାରଙ୍କ ଏହି ସହଯୋଗ ପାଇଁ ଏମ୍‌ପି ସପ୍ତଗିରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସୁପ୍ରଭା ବେକରୀ
ଆବଶ୍ୟକ
ଅଟୋ ଡ୍ରାଇଭର ସହିତ ସେଲ୍‌ସମ୍ୟାନ ।
ପରାମର୍ଶ ମୋ.ନଂ.-
9337663136

PRIVATE CAR DRIVER REQUIRED
Interview on 30th April & 4th May at 11 A.M.
Come with certificates, Aadhaar Card, Driving Licence.
Contact: 9438081042

WANTED
A LADY for office work. +2 above. Phulnakhara, Cuttack.
Ghara free + Fooding + 10000 + Bonus with other facilities.
7809525452

ACCOUNTS EXECUTIVE
With Tally Prime knowledge required with 2-5 year's experience for a company in Bhubaneswar should have experience of Tally Prime Accounting System immediate hiring. Anyone interested can contact the below mentioned person in office hours.
Contact Person
Mr. Rajiv Agarwal, Director
Mobile : 9437006047

See Career Appointment on every Wednesday & Saturday

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
9668180637

APPOINTMENT
GIMPEX PVT. LTD. - A reputed star export house - is looking for a **Young & Energetic Person** in the age group of 30-45 years to be posted at their Barbil Office as its head of operation.
Candidates having adequate experience in logistics & excellent liaisoning experience with Railways both at local & divisional level may apply to **"The HRD Head, Gimpex House, 282 Linghi Chetty Street, Chennai-600001"**

# ସୂର୍ଯ୍ୟମନ୍ଦିର ବୁଲିଲେ ଜି୨୦ ପ୍ରତିନିଧି ମଣ୍ଡଳୀ

### ଲାଇଟ୍ ଶୋ' ମାଧ୍ୟମରେ ମନ୍ଦିର ଇତିହାସ ଜାଣିଲେ

**କୋଣାର୍କ,୨୮।୪(ଡି.ଏନ୍.ଏ.)**

ବିଭିନ୍ନ ଦେଶର ଜି୨୦ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର କୋଣାର୍କ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର, ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ୨୦ ଦେଶର ୮୫ଜଣ ପ୍ରତିନିଧି ଅପରାହ୍ନରେ କୋଣାର୍କରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଖ୍ୟାନ କେନ୍ଦ୍ରରେ ଶାମୁକା ମାଳି ଓ ଉତ୍ତରୀୟ ପ୍ରଦାନ କରାଯାଇ ଭିତରକୁ ପାଛୋଟି ନିଆଯାଇଥିଲା। ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ ଓ ଘୋଡ଼ାନାଚରେ ପ୍ରକମ୍ପିତ ହୋଇଉଠିଥିଲା ବ୍ୟାଖ୍ୟାନ କେନ୍ଦ୍ର ପରିସର। ସମସ୍ତ ବିଦେଶୀ ପ୍ରତିନିଧି ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଏହାପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ବିଦେଶୀ ଓ ବିଦେଶିନୀମାନେ। ମନ୍ଦିର ବୁଲି ସାରିବା ପରେ ସନ୍ଧ୍ୟାରେ ସୂର୍ଯ୍ୟମନ୍ଦିର ପରିସରରେ ମନ୍ଦିରର ଗାଥା ଗରିମା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମାଧ୍ୟମରେ ଉପଭୋଗ କରିଥିଲେ। ଶେଷରେ ପୁରୀ-କୋଣାର୍କ ବେଳାମାର୍ଗ ଲୋଟସ ରିସର୍ଟରେ ରାତ୍ରଭୋଜନ ସାରି ଭୁବନେଶ୍ୱର ଫେରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟସୀତା ବ୍ରଜସୁନ୍ଦର ଗଡ଼ନାୟକ, ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତହସିଲଦାର ଶେଖ ସାଗିର, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ସୂର୍ଯ୍ୟମନ୍ଦିର ପରିସରରେ ଜି୨୦ ସମ୍ମିଳନୀର ପ୍ରତିନିଧି ଦଳ।



କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଲାଇଟ୍ ଶୋ'ର ଏକ ଦୃଶ୍ୟ।

# ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ଚାଲିଛି

### ପାରାଦୀପ ବନ୍ଦର ଏନ୍ କ୍ୟୁ ବର୍ଥ ଫାଟିବା ଘଟଣା



ଏନ୍ କ୍ୟୁ ବର୍ଥରେ ହୋଇଥିବା ଫାଟ

**ପାରାଦୀପ ୨୮।୪(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ଏନ୍ କ୍ୟୁ ବର୍ଥ ଗୁରୁବାର ସନ୍ଧ୍ୟାରେ ହଠାତ ଫାଟି ଯାଇଛି। ଉକ୍ତ ଫାଟ ମଧ୍ୟରେ ଏକ ଭାରିଯାନ ଫସି ଯାଇଥିଲା। ତାକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଏମ୍‌ପିବି (ମଲ୍ଟି ପର୍ପଜ ବର୍ଥ, ବହୁମୁଖୀ ବର୍ଥ) ଏନ୍ କ୍ୟୁ କୋଣରେ ଏହି ଘଟଣା ଘଟିଛି। ଏହାଦ୍ୱାରା ପାରାଦୀପ ବନ୍ଦରର ପ୍ରଭୂତ କ୍ଷତି ହୋଇଛି ବୋଲି ଜଣାପଡ଼ିଛି। କାରଣ ଗୋଟିଏ ବର୍ଥ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ତିଆରି ପାଇଁ ଲମ୍ବା ସମୟ ଲାଗିଥାଏ। ବର୍ଥରେ ପଣ୍ୟବାହୀ ଜାହାଜରୁ ବୋଝେଇ ଖଲାସ କରାଯାଇଥାଏ। ବର୍ଥର କଂକ୍ରିଟ୍ ଚଟାଣରେ ପଣ୍ୟ ଗଚ୍ଛିତ ରୁହେ। ସେହି ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଧାର୍ଯ୍ୟ ପଣ୍ୟଠାରୁ ଅଧିକ ଗଚ୍ଛିତ ରଖିବା ଯୋଗୁ କିମ୍ବା ପାଣି ତଳେ କୌଣସି ଅସୁବିଧା ଯୋଗୁ ଏହି ଘଟଣା ଘଟିଛି ତାହାର ତର୍ଜମା କରାଯାଉଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**OFFICE OF THE D.G. & I.G. OF POLICE, JHARKHAND, RANCHI.**

**EXPRESSION OF INTEREST**
**RE-TENDER NOTICE No. 01/2023-24**

Jharkhand Police has a ALH Dhruv Helicopter for its operational requirements of rescue and relief. This Re-Tender is being published in continuation of Tender no – 09 / 2022-23 due to single company participation. Jharkhand Police seeks to insure the helicopter on an annual basis consequent up on expiry of the Insurance **on 04th May 2023. Interested Insurance Companies duly experienced in aviation insurance**, including insuring helicopters may apply in response to this EOI. The details of the helicopter are provided in Part I. The applicant companies may submit their proposals as per format in Part II. However, they are free to give additional information, if any, on separate sheets. The date of submission of EOI would be **01.05.2023** till **1600hrs**. The 'Expressions of Interest' can also be seen on Jharkhand Police Website **www.jhpolice.gov.in.**

**AIRCRAFT PARTICULARS**
**Part I**

| | |
|---|---|
| Insured Party | Jharkhand Police, Department of Home, Government of Jharkhand. |
| *Aircraft Details* | |
| Make, Type & Serial Number | ALH-DHRUV &DS-51 |
| Year of Manufacturing/Purchase | 2005/2007 |
| Seating Capacity | 09 (Nine) passengers |
| Engine Number and Type | 1118 (LH) and 1119 (RH)- TURBO SHAFT TM 3332B2 ENGINE |
| Registration/Identification Marks | VT-HAP Jharkhand Government symbol & Jharkhand Police symbol |
| Value of aircraft | INR 30 Crores approx. |
| Extra equipments and Accessories fitted with value | Air Conditioning System. |
| Coverage | All Risks of Physical Loss or damage including Legal liability to Third Party. (Comprehensive)<br>Additional coverage on premature withdrawal of following major aircraft components due to failure:<br>(a) Aircraft Engines<br>(b) Integrated Dynamic Systems (IDS)<br>(c) AFCS Computers<br>(d) Main & Tail Rotor Blades (Complete Set)<br>(e) Main Rotor and Tail Rotor Servo Actuators<br>(f) Engine HP Pump and Fuel Metering Unit.<br>(g) Weather Radar System<br>(h) Integrated Sensor Unit.<br>(i) Full Authority Digital Engine Control. |
| Geographical Area | PAN India |
| Period | 12 Months STARTING 05.05.2023 00:00 HRS |
| Values TO Be Insured | |
| (a) Hull Values | INR 29,77,00,000 (Rupees twenty nine crores and seventy seven Lakhs only). |
| (b) Legal Liabilities to Third Parties | INR 1,00,00,000 (one crore only) any one occurrence and in aggregate. |
| (c) Passenger Admitted Liability Baggage | INR 40,00,000 per person (Total INR. 3,60,00,000/-)<br>INR 75,000 per person (Total INR 6,75,000/-) |
| Pilots Experience | Duly licensed and certificated for the flights on ALH-DHRUV |
| Hangar Facility | Fully, equipped hangar base available for aircraft storage & maintenance. |
| Use of Aircraft | All weather days and night operations, Troop Transport, Evacuation, VIP Communication, Normal Passenger Carriage, Carriage of arms and ammunition. |

Part II
Format of offer TO BE FILLED IN BY BIDDERS ON COMPANY LETTER HEAD DUE DATE OF OPENING OF OFFERS BEFORE AUTHORISED COMMITTEE:
ISSUE OF ACCEPTANCE LETTER TO SELECTED COMPANY:
SELECTED COMPANY TO ISSUE INSURANCE POLICY BY: 04.05.2023 - 00.00 Hrs.

| | |
|---|---|
| Aviation Insurance (Specifically Helicopter Insurance) Experience- THIS IS MANDATORY | |
| PREFERENTIAL PREQUALIFICATION | |
| CLAUSE IN VIEW OF THE SENSITIVE/STRATEGIC NATURE OF THE USE OF THE AIRCRAFT | |
| Client List with relevant details and dates | |
| Conditions | All conditionalities of offer must be clearly spelt out as part of offer and will have a bearing on the selection of insuring party. |
| (a)Hull Values | Must be clearly mentioned in total terms without any hidden costs |
| (b)Legal Liabilities to Third Parties | |
| (c) Passenger Admitted Liability Baggage (without S.T.)<br>Service Tax (Without G.S.T.)<br>Total Premium (Without G.S.T.) | |
| Discounts/Deductibles offered | Must be clearly mentioned in total terms without any hidden costs |
| | AUTHORISED SIGNATORY |

I.G. of Police (Provision),
Jharkhand Ranchi.

PR 296113 Police(23-24)#D

# ଶହୀଦ ସ୍ୱାମୀଙ୍କ ଜୁଇରେ ଶୋଇଲେ ସ୍ତ୍ରୀ



ସ୍ୱାମୀଙ୍କ ଜୁଇରେ ଶୋଇଛନ୍ତି ଶହୀଦ ଯବାନଙ୍କ ସ୍ତ୍ରୀ।

- ବିଚଳିତ କଲା ଭାବବିହ୍ୱଳ ଦୃଶ୍ୟ
- ଗ୍ରାମବାସୀ, ସୁରକ୍ଷାକର୍ମୀ ବୁଝାଶୁଝା କଲେ

**ମାଲକାନଗିରି,୨୮।୪(ଡି.ଏନ୍.ଏ.)**

ଜଣେ ଶହୀଦ ଯବାନଙ୍କ ସ୍ତ୍ରୀ କାନ୍ଦି କାନ୍ଦି ସ୍ୱାମୀଙ୍କ ଜୁଇରେ ଶୋଇରହିବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରି ପକାଇଛି। ସ୍ୱାମୀଙ୍କ ସହିତ ତାଙ୍କୁ ପୋଡ଼ି ଦେବାକୁ ଜିଦ୍ ଧରିବା ଅତୀତର ସତୀଦାହ ପ୍ରଥାକୁ ମନେ ପକାଇ ଦେଇଥିଲା। ଗ୍ରାମବାସୀ ଓ ସୁରକ୍ଷା କର୍ମୀ ବୁଝାଶୁଝା କରି ସମ୍ପୃକ୍ତ ମହିଳାଙ୍କୁ ଜୁଇରୁ ଉଠାଇ ଆଣିବା ପରେ ଯବାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଛତିଶଗଡ଼ ଦାନ୍ତେୱାଡା ଜିଲା ଅରନପୁର ଅଞ୍ଚଳରେ ଗତ ବୁଧବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୧୦ ଯବାନ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ସଲାମୀ ଦିଆଯାଇଥିଲା। ଶହୀଦଙ୍କ ମୃତଦେହ ଛତିଶଗଡ ସରକାରଙ୍କ ଦ୍ୱାରା ସେମାନଙ୍କ ଜନ୍ମମାଟିକୁ ପଠାଯାଇଥିଲା। ମାଓବାଦୀଙ୍କ ଭୟରେ ୨ ଶହୀଦଙ୍କ ମୃତଦେହ ନେବାକୁ ସେମାନଙ୍କ ପରିବାର ଲୋକେ ଆସି ନ ଥିବାରୁ ଦାନ୍ତେୱାଡା ଜିଲା ପ୍ରଶାସନ ପକ୍ଷରୁ ଅନ୍ତିମ ସଂସ୍କାର କରାଯାଇଥିଲା। ବେଡେଗଡା ବାସିନ୍ଦା ଶହୀଦ ରାଜୁ କରାଚଙ୍ଗଙ୍କ ପାର୍ଥିବ ଶରୀର ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖ ଅଞ୍ଚଳର ସମ୍ପର୍କୀୟମାନେ ଏହି ଦୁଃଖଦ ଘଟଣାକୁ ସହି ପାରି ନ ଥିଲେ। କାନ୍ଦ ବୋବାଳିରେ ଅଞ୍ଚଳ ଫାଟି ପଡୁଥିଲା। ଆଦିବାସୀ ପରମ୍ପରା ଅନୁଯାୟୀ ଶ୍ମଶାନରେ ଶହୀଦ ରାଜୁଙ୍କ ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତି ଜୁଇ ସଜଡା ଯାଇଥିଲା। ଏହି ସମୟରେ ତାଙ୍କ ସ୍ତ୍ରୀ ରେଶ୍ମା ଅତ୍ୟଧିକ ଭାବବିହ୍ୱଳ ହୋଇ କାନ୍ଦି କାନ୍ଦି ଜୁଇ ପାଖକୁ ଚାଲି ଯାଇଥିଲେ। 'ମୋ ସ୍ୱାମୀଙ୍କ ସହିତ ମୁଁ ଚାଲିଯିବି, ମୋ ସ୍ୱାମୀଙ୍କ ସହ ମୋତେ ମଧ୍ୟ ପୋଡିଦିଅ' ବୋଲି କହି ସେ ଜୁଇ ଉପରେ ଶୋଇ ପଡିଥିଲେ। ଏପରି ଦୃଶ୍ୟ ଦେଖିବା ପରେ ସେଠାରେ ଥିବା ଲୋକଙ୍କ ଆଖିରେ ଲୁହ ଆସି ଯାଇଥିଲା। ଶ୍ମଶାନରେ ଉପସ୍ଥିତ ସୁରକ୍ଷା କର୍ମୀ, ଗ୍ରାମ ମୁଖିଆମାନେ ବଳପୂର୍ବକ ରେଶ୍ମାଙ୍କୁ ଜୁଇ ଉପରୁ ଉଠାଇ ଆଣି ବୁଝାଶୁଝା କରିବା ପରେ ଶହୀଦ ରାଜୁଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

# ପଦବୀ ପାଇଁ ଦୌଡ଼



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆସନ୍ତା ଜୁନ୍ ଶେଷରେ ସେବାନିବୃତ୍ତ ହେବାକୁଥିବା ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସି.ଶୈଳେନ୍ଦ୍ର ବାବୁଙ୍କ ପରେ ସେହି ପଦବୀ ଲାଗି ଦୌଡ଼ ଆରମ୍ଭ ହୋଇଯାଇଛି। ଦିଲ୍ଲୀରେ ଏହାକୁ ନେଇ ଗୁଞ୍ଜରଣ ବି ସୃଷ୍ଟି ହୋଇଛି। ଶୁଣିବାକୁ ମିଳୁଛି, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା ଏହି ଦୌଡ଼ରେ ନିଶ୍ଚୟ ଜିତିବେ ଏବଂ ବାବୁଙ୍କ ପରେ ତାମିଲନାଡୁର ଶୀର୍ଷ ପୋଲିସ ଅଧିକାରୀ ପଦବୀ ପାଇଁ ସେ ହିଁ ସବୁଠୁ ଅଧିକ ପସନ୍ଦର ପ୍ରାର୍ଥୀ। ସୂତ୍ରରୁ ଜଣାପଡ଼ିଛି , ନିଯୁକ୍ତି ସକାଶେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ନିକଟକୁ ବିଚାର ପାଇଁ ପଠାଯାଇଥିବା ତାଲିକା (ଏମ୍‌ପ୍ୟାନେଲମେଣ୍ଟ)ରେ ଯୋଗ୍ୟ ୧୨ ଜଣ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଅରୋରା ଆଗରେ ଅଛନ୍ତି। ତେବେ ୟୁପିଏସ୍‌ସି ଦ୍ୱାରା ହେବାକୁ ଥିବା ଶର୍ଟଲିଷ୍ଟର ୩ ଜଣ ଅଧିକାରୀମାନଙ୍କ ମଧ୍ୟରୁ ରାଜ୍ୟ ସରକାର ଜଣଙ୍କୁ ଚୟନ କରିବେ। କୁହାଯାଉଛି, ବରିଷ୍ଠତା ଦୃଷ୍ଟିରୁ ଅରୋରାଙ୍କ ପରେ ଅଛନ୍ତି ବି.କେ.ରବି ଏବଂ ଚେନ୍ନାଇ ପୋଲିସ କମିଶନର ଶଙ୍କର ଜିୱାଲ। ଏହି ୩ ଶୀର୍ଷ ଅଧିକାରୀମାନଙ୍କ ମଧ୍ୟରେ ଆରୋରା ଦୁଇ ସଶସ୍ତ୍ର ବଳ ସିଆରପିଏଫ୍ ଏବଂ ଆଇଟିବିପିର ନେତୃତ୍ୱ ନେଇଥିଲେ ଏବଂ ଆରକ୍ଷୀ ଅଧୀକ୍ଷକ ଦାୟିତ୍ୱ ତଥା ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କୁ ଗୁଳିକରି ହତ୍ୟା କରିବାରେ ସାହସିକତା ଓ ବୀରତ୍ୱ ପ୍ରଦର୍ଶନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ବୀର ପଦକ ପାଇଥିଲେ। ତେବେ ଡିଜିପି ଦୌଡ଼ରେ ସାମିଲ ଅନ୍ୟ ପୋଲିସ ଅଧିକାରୀମାନେ ହେଲେ,ଏ.କେ. ବିଶ୍ୱନାଥନ, ଆଭାସ କୁମାର, ଟି.ଭି. ରବିଚନ୍ଦ୍ରନ, ସୀମା ଅଗ୍ରୱାଲା ଏବଂ ଅମରେଶ ପୂଜାରୀ। ଏମ୍‌ପ୍ୟାନେଲମେଣ୍ଟ ଯୋଗ୍ୟ ହେବା ଲାଗି ନିର୍ଦ୍ଧାରିତ ସର୍ଭିସ ବର୍ଷର ସଂଖ୍ୟାକୁ ବିଚାରକୁ ନେଇ ତାମିଲନାଡୁ ଗୃହ ବିଭାଗ ରାଜୀବ କୁମାର, ସନ୍ଦୀପ ରାୟ ରାଠୋର, ଅଭୟ କୁମାର ସିଂ ଏବଂ କେ.ଭାନିଆ ପେରୁମଲଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିବା ତାଲିକାରେ ରଖିଛି।

### ଖେମ୍‌କାଙ୍କ ଦୁଃଖ

ଜମି କିଣାବିକା ଅନିୟମିତତା ପାଇଁ ଏଫ୍‌ଆଇଆର ଦାୟର କରିବାର ୫ ବର୍ଷ ପରେ ହରିୟାଣା ସରକାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଏହାକୁ ନେଇ ବରିଷ୍ଠ ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କା ନିରାଶ ହୋଇଛନ୍ତି। ସେତେବେଳେ ଭଦ୍ରା ଜଡ଼ିତ ଥିବା ୩୩ ଏକର ଜମି ଡିଲ୍‌ର ମ୍ୟୁଟେଶନକୁ ଖେମ୍‌କା ରଦ୍ଦ କରିଦେଇଥିଲେ ଓ ଜଣେ ହ୍ୱିସିଲ ବ୍ଲୋୟର ଭାବେ ବେଶ୍ ପ୍ରଶଂସା ପାଇଥିଲେ। ହରିୟାଣାରେ କଂଗ୍ରେସ ଶାସନ ସମୟରେ ଜମି କିଣାବିକାରେ ଅନିୟମିତତା ହୋଇଥିଲା ବୋଲି ୨୦୧୪ ନିର୍ବାଚନ ବେଳେ ଭାଜପା ଅଭିଯୋଗ କରି ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା। ତେବେ ଉକ୍ତ ମାମଲାରେ କ୍ଲିନ୍‌ଚିଟ୍‌କୁ ନେଇ ଏବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଖେମ୍‌କା ଟୁଇଟ କରି ଦର୍ଶାଇଛନ୍ତି ଯେ, ଦୁର୍ନୀତି ଅଭିଯୋଗ କ'ଣ କେବଳ ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ନୈତିକତା ଦୃଷ୍ଟିରୁ ଜଣେ ସଚ୍ଚୋଟ ଅଧିକାରୀ ଭାବେ ଖେମ୍‌କାଙ୍କ ଖ୍ୟାତି ରହିଛି। ହେଲେ ଏହା ନିଶ୍ଚିତ ଯେ, ତାଙ୍କ ସ୍ୱଚ୍ଛ ଭାବମୂର୍ତ୍ତିର ମୂଲ୍ୟ ତାଙ୍କୁ ଦେବାକୁ ପଡ଼ିଛି। ତାଙ୍କ କ୍ୟାରିୟର ମଧ୍ୟରେ ଭୁଲ୍ ବାଟରେ ହରିୟାଣାକୁ ଶାସନ କରିଥିବା ପ୍ରତ୍ୟେକ ସରକାରଙ୍କୁ ସେ ହରଡ଼ଘଣାରେ ପକାଇବାରେ ସକ୍ଷମ ହୋଇଛନ୍ତି। ଖେମ୍‌କା ତାଙ୍କ ୩୦ ବର୍ଷ କ୍ୟାରିୟର ମଧ୍ୟରେ କେବଳ ରାଜ୍ୟରେ ନୁହେଁ, ସମ୍ଭବତଃ ସାରା ଦେଶରେ ସବୁଠୁ ଅଧିକ ଥର ବଦଳି ହୋଇଛନ୍ତି। ସେ ଏବେ ୫୬ ତମ ବଦଳିରେ ରାଜ୍ୟ ଅଭିଲେଖାଗାର ବିଭାଗର ଅତିରିକ୍ତ ଯୁଗ୍ମ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି। ତେବେ ତାଙ୍କୁ ଯେ ସେଠାରୁ ପୁଣି ବଦଳି କରା ନ ଯିବ ତାହା କେହି କହିପାରିବେ ନାହିଁ। ତେବେ ସ୍ୱଚ୍ଛ ପ୍ରଶାସନ ପାଇଁ ସେ ଜାରି ରଖିଥିବା ସଂଘର୍ଷ ପ୍ରତି ଏବକାର ଝଟ୍‌କା ହିଁ ତାଙ୍କ ନୈରାଶ୍ୟ ଓ ଦୁଃଖର କାରଣ ହୋଇଛି।

### ନୂଆ ଇନିଂସ୍

ପ୍ରଶାସନରେ ମୁଖ୍ୟ ପଦବୀଗୁଡ଼ିକରେ ଅବସରପ୍ରାପ୍ତ ବାବୁମାନଙ୍କୁ ପୁନଃ ନିଯୁକ୍ତି ଦେବାର ଧାରା ଜାରି ରଖିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରର ଏଭଳି ପଦାଙ୍କ ଅନୁସରଣ କରିବା ମଧ୍ୟ ରାଜ୍ୟ ସରକାରଗୁଡ଼ିକ ପାଇଁ ଏକ ଟ୍ରେଣ୍ଡ ହୋଇଗଲାଣି। ପୁନଃ ନିଯୁକ୍ତି ବା ନୂଆ ଇନିଂସ୍ ପାଉଥିବା ଅଧିକାରୀମାନଙ୍କୁ ବହୁସମୟରେ କ୍ଷମତାସୀନ ସରକାରଙ୍କ ପ୍ରିୟ ଭାବେ ଚୟନ କରାଯାଏ। ଶାସନରେ ଲଗାତର ରହିବା ଏବଂ ପ୍ରଶାସନିକ ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ରଖିବାର ଉଦ୍ଦେଶ୍ୟକୁ ଏଭଳି ନିଯୁକ୍ତି ସ୍ପଷ୍ଟ କରେ। କେବଳ ଏତିକି ନୁହେଁ,ଏହା ମଧ୍ୟ ରାଜନୈତିକ ସ୍ୱାର୍ଥକୁ ଆଗକୁ ବଢ଼ାଉଛି। ନିକଟରେ ଛତିଶଗଡ଼ ସରକାର ୧୯୮୬ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡି.ଏମ୍.ଅୱସ୍ତିଙ୍କୁ ରାୟପୁର ପୋଲିସ ମୁଖ୍ୟାଳୟରେ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତ କରିଛନ୍ତି। ଏହାକୁ ନେଇ ରାଜ୍ୟର ବାବୁ ଓ ରାଜନୈତିକ ପରିସରରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅୱସ୍ତିଙ୍କୁ ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଇକୋନୋମିକ ଅଫେନ୍ସ ୱିଙ୍ଗ(ଇଓଡବ୍ଲ୍ୟୁ) ଏବଂ ଆଣ୍ଟି କରପ୍‌ଶନ ବ୍ୟୁରୋ(ଏସିବି)ର ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚରେ ଅୱସ୍ତି ଅବସର ନେଇଥିଲେ ବି ତାଙ୍କୁ ତୁରନ୍ତ ଓଏସ୍‌ଡି ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଥିଲା, ଯାହା ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲାଙ୍କ ସରକାରରେ ତାଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରେ। ସେ ସବୁବେଳେ ବଘେଲାଙ୍କର ଅତି ପ୍ରିୟ ଅଧିକାରୀ ଥିଲେ ବୋଲି କାହାକୁ ଅଛପା ନାହିଁ। ତେବେ ଏହି ନିଯୁକ୍ତିକୁ ବଘେଲାଙ୍କ ପ୍ରଶାସନରେ ଅୱସ୍ତିଙ୍କ ବିଶେଷଜ୍ଞାନ ଓ ଅଭିଜ୍ଞତାରୁ ଲାଭ ଉଠାଇବାର ଏକ ପ୍ରଚେଷ୍ଟା ଭାବେ ଦେଖାଯାଉଛି।

Email: dilipcherian@gmail.com

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | 4 | | 1 | | | | | 8 |
| | | | | | | | | 7 |
| | | | 6 | | 3 | | | |
| | | 8 | | 4 | 7 | | | 9 |
| | | 9 | 5 | | | | | 3 |
| 6 | | | | | | | 8 | |
| 3 | | | | 6 | 4 | | 7 | 2 |
| 9 | | | | | | | | 4 |
| | | | | | 9 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 4 | 3 | 9 | 1 | 7 | 5 |
| 1 | 3 | 9 | 8 | 5 | 7 | 2 | 6 | 4 |
| 7 | 4 | 5 | 1 | 2 | 6 | 3 | 9 | 8 |
| 3 | 1 | 2 | 6 | 9 | 8 | 5 | 4 | 7 |
| 4 | 8 | 6 | 5 | 7 | 2 | 9 | 1 | 3 |
| 5 | 9 | 7 | 3 | 1 | 4 | 6 | 8 | 2 |
| 8 | 5 | 1 | 9 | 4 | 3 | 7 | 2 | 6 |
| 6 | 2 | 3 | 7 | 8 | 1 | 4 | 5 | 9 |
| 9 | 7 | 4 | 2 | 6 | 5 | 8 | 3 | 1 |

ଗତକାଲିର ଉତ୍ତର

# ଡିଜିଟାଲ କାରବାର ଓ ଅନ୍ତର୍ଜାତୀୟକରଣ



ଡ. ପ୍ରୀତିଶ୍ କୁମାର ସାହୁ

ପ୍ରତ୍ୟେକ ଦେଶର ପ୍ରଗତିରେ ଏକ ଦୃଢ଼ ଆର୍ଥିକ କ୍ଷେତ୍ର ବା ଆର୍ଥିକ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ମୁଖ୍ୟ ଭାବରେ ଆର୍ଥିକ ଅନିୟମିତତା ଯୋଗୁ ବିଶ୍ୱରେ ସମୟ ସମୟରେ ଅନେକ ଆର୍ଥିକ ସଙ୍କଟ ଦେଖାଯାଇଛି। ୧୭୭୨ରେ ଇଂଲଣ୍ଡରୁ ଉପୁଜିଥିବା କ୍ରେଡିଟ୍ ହେଉ କିମ୍ବା ୧୯୯୭ରେ ଏସିଆର ଆର୍ଥିକ ସଙ୍କଟ ହେଉ ବା ୨୦୦୮-୦୯ର ବୃହତ୍ ଆର୍ଥିକ ସଙ୍କଟ ହେଉ ମୁଖ୍ୟତଃ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଅନିୟମିତତା ଯୋଗୁ ହିଁ ଏପରି ହୋଇଥାଏ। ଭାରତରେ ବ୍ୟାଙ୍କିଙ୍ଗ୍ ସେକ୍ଟରର କାର୍ଯ୍ୟପ୍ରଣାଳୀ ଏବଂ ସରଳୀକରଣ ସମୟ ସମୟରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ହୋଇଛି। ମୁଖ୍ୟ ଭାବରେ ରଙ୍ଗରାଜନ କମିଟିର ସୁପାରିସ୍ ପରେ ଭାରତରେ ୧୯୮୦ ଦଶକରୁ ପର୍ଯ୍ୟାୟକ୍ରମେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ କମ୍ପ୍ୟୁଟରର ପ୍ରୟୋଗ କରାଯାଇଥିଲା। ପରେ ୧୯୯୧ ଜଗତୀକରଣ, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଭିନବୀକରଣ ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ଇ-ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପାଦ ରଖିଥିଲା। ୧୯୯୬ ଆଇସିଆଇସିଆଇ ବ୍ୟାଙ୍କ୍ ଦ୍ୱାରା ପ୍ରଥମ ଇ-ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପରିଚାଳନା ପରେ ପ୍ରାୟତଃ ସବୁ ଭାରତୀୟ ବ୍ୟାଙ୍କ ଇ- ବ୍ୟାଙ୍କିଙ୍ଗ୍‌ର ସୁବିଧା ସମୟାନୁକ୍ରମେ ଯୋଗାଇ ଦେଇଥିଲେ।

ଆଇଟିବିପ୍ଳବ ଏବଂ ଆଧୁନିକ ବ୍ୟାଙ୍କିଙ୍ଗ୍‌ବ୍ୟବସ୍ଥାକୁ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ ଆମର ବ୍ୟାଙ୍କିଙ୍ଗ୍ ଏବଂ କାରବାର ବ୍ୟବସ୍ଥା ଯେଉଁସ୍ତରରେ ପହଞ୍ଚିବା ଆଶା କରାଯାଉଥିଲା, ସେପରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରି ନ ଥିଲା। ଗ୍ରାମାଞ୍ଚଳର ଅଧିକାଂଶ ଲୋକ, ବିଶେଷକରି ଦୁର୍ବଳ ଶ୍ରେଣୀର ଲୋକମାନେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ରହିଥିଲେ। ଅନ୍‌ଲାଇନ୍ କାରବାର, ମୋବାଇଲ ବ୍ୟାଙ୍କିଙ୍ଗ୍ ଓ ଡିଜିଟାଲ ପେମେଣ୍ଟ ସେମାନଙ୍କ ପାଇଁ ଦିବାସ୍ୱପ୍ନ ଥିଲା। ଏପରି କି ସ୍ୱାଧୀନତାର ୭୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯେଉଁମାନଙ୍କ ପାଖରେ ବ୍ୟାଙ୍କ୍ ଖାତା ନ ଥିଲା, ସେମାନଙ୍କ ପାଇଁ ବ୍ୟାଙ୍କ୍ ଖାତା ଖୋଲିଲା ଏବଂ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଇବାର ଏକ ବୃହତ୍ ପ୍ରୟାସକୁ ବହୁମାତ୍ରାରେ ସଫଳତା ମିଳିଲା। ଏହାସହିତ ଡିଜିଟାଲ ବିଭାଜନକୁ ଦୂର କରାଯାଇ ଡିଜିଟାଲ ଉପଲବ୍ଧତା, ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ ସଶକ୍ତୀକରଣ ଏବଂ ଡିଜିଟାଲ କାରବାର ଉପରେ ଗୁରୁତ୍ୱ ଦିଆଯାଇଛି।

ଆଜିର ଦିନରେ ବର୍ଦ୍ଧିତ ବ୍ୟାଙ୍କିଙ୍ଗ୍ ସେବା ଏବଂ ନେଟ୍‌ୱର୍କ ସଂଯୋଗୀକରଣର ଉପଲବ୍ଧତା, ଉଭୟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାରକୁ ଏକ ନୂତନ ସ୍ତରକୁ ନେଇଯାଇଛି। ପୂର୍ବରୁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଦ୍ୱାରା ଡିଜିଟାଲ କାରବାରଗୁଡ଼ିକ ମୁଖ୍ୟତଃ ସହରାଞ୍ଚଳରେ ସୀମିତ ଥିବାବେଳେ ଏବେ ଉଭୟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ପେମେଣ୍ଟ ଉପଲବ୍ଧତା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବାରେ ସକ୍ଷମ ହୋଇଛି। ମୁଖ୍ୟତଃ ବର୍ଦ୍ଧିତ ୟୁପିଆଇ କାରବାର ଛୋଟ ବ୍ୟବସାୟଠାରୁ ଆରମ୍ଭକରି ସାଧାରଣ ଜନତା ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏହା ଦୁର୍ନୀତି, ନକଲି ମୁଦ୍ରା ଏବଂ ଟିକସ ଫାଙ୍କିବା ରୋକିବାରେ ମଧ୍ୟ ସାହାଯ୍ୟ କରିଥାଏ। ଡିଜିଟାଲ ଦେୟ ଦ୍ୱାରା ପ୍ରତ୍ୟେକ କାରବାର ଅର୍ଥନୀତିରେ ଦୃଶ୍ୟମାନ ହେବା ସହିତ ଦେୟ ପ୍ରମାଣକୁ ସୁରକ୍ଷିତ ରଖିଥାଏ, ଯାହା ବେଆଇନ କାର୍ଯ୍ୟକଳାପକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ୍ (ନାବାର୍ଡ) ୨୦୧୯ରେ ଏକ ଅଧ୍ୟୟନରେ କହିଛି - ଇଲେକ୍ଟ୍ରୋନିକ୍ ପେମେଣ୍ଟ ସିଷ୍ଟମ୍ କ୍ଷୁଦ୍ର ବ୍ୟବସାୟୀମାନଙ୍କର ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବା ସହିତ କାରବାର ଖର୍ଚ୍ଚ ହ୍ରାସ କରିବ ଏବଂ ସେମାନଙ୍କ ରାଜସ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରିବ।



ୟୁପିଆଇ ହେଉଛି ଏକ ତତ୍‌କ୍ଷଣାତ୍ ରିୟଲ ଟାଇମ ପେମେଣ୍ଟ ସିଷ୍ଟମ୍, ଯାହା ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଦ୍ୱାରା ବିକଶିତ ହୋଇଛି। ଏହା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣଙ୍କୁ ଏବଂ ବ୍ୟକ୍ତିଠାରୁ ବ୍ୟବସାୟିକ କାରବାରକୁ ସହଜ କରିଥାଏ। ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟ ମଧ୍ୟରେ ତୁରନ୍ତ ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ଏହା ମୋବାଇଲ ଡିଭାଇସ୍‌ରେ ବ୍ୟବହୃତ ହୁଏ। ୨୦୧୬ରୁ ଆରମ୍ଭ ହୋଇଥିବା ୟୁପିଆଇ, ଭାରତରେ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡର ବ୍ୟବହାର ରେକର୍ଡ ସୀମାକୁ ଅତିକ୍ରମ କରିଛି। ଫେବୃୟାରୀ ୨୦୨୩ ସୁଦ୍ଧା ଏହାକୁ(ୟୁପିଆଇ) ୨୬୦ ନିୟୁତରୁ ଅଧିକ ଭାରତୀୟ ବ୍ୟବହାର କରୁଛନ୍ତି। ଏନ୍‌ପିସିଆଇର ତଥ୍ୟ ଅନୁଯାୟୀ, ୨୦୨୨ କ୍ୟାଲେଣ୍ଡର ବର୍ଷରେ ୟୁପିଆଇ ବ୍ୟବହାର କରି ୧୨୫.୯୪ ଟ୍ରିଲିୟନ ଟଙ୍କା ମୂଲ୍ୟର ପ୍ରାୟ ୭୪ ବିଲିଅନ୍ କାରବାର କରାଯାଇଥିଲା। ଏହି ପ୍ଲାଟ୍‌ଫର୍ମ ୨୦୨୧ରେ ମୋଟ୍ ୭୧.୫୪ ଟ୍ରିଲିୟନ୍ ଟଙ୍କା ୩୮ ବିଲିଅନ୍‌ରୁ ଅଧିକ କାରବାର ଦ୍ୱାରା ନେଣଦେଣ ହୋଇଥିଲା। ଫଳସ୍ୱରୂପ, ଏକ ବର୍ଷରେ ଏହି ପ୍ଲାଟ୍‌ଫର୍ମରେ ପ୍ରାୟ ୯୦ ପ୍ରତିଶତରୁ ଅଧିକ କାରବାର ଏବଂ ସେମାନଙ୍କ ହାରାହାରି ମୂଲ୍ୟ ୭୬ ପ୍ରତିଶତ ବୃଦ୍ଧି ହୋଇଛି ଓ ଜାନୁୟାରୀ ୨୦୨୩ ସୁଦ୍ଧା ଏହା ପ୍ରାୟ ୨୦୦ ବିଲିଅନ୍ ଡଲାର ମୂଲ୍ୟର ଅର୍ଥ ୮ ବିଲିଅନ କାରବାର ମାଧ୍ୟମରେ ନେଣଦେଣ ହୋଇ ରେକର୍ଡ କରିଥିଲା। ଡିସେମ୍ବର ୨୦୧୯ରେ ୟୁପିଆଇର ସଫଳତାକୁ ଲକ୍ଷ୍ୟକରି ଗୁଗ୍‌ଲ ଫେଡେରାଲ ରିଜର୍ଭ ବୋର୍ଡକୁ ୟୁପିଆଇ ଅନୁସାରେ କରିବାକୁ ଓ ଆମେରିକା ପାଇଁ ଏକ ରିୟଲ ଟାଇମ୍ ପେମେଣ୍ଟ ସିଷ୍ଟମ୍ କରିବା ନିମନ୍ତେ ପରାମର୍ଶ ହେଇଥିଲା। ୟୁପିଆଇ ପେମେଣ୍ଟର ଭୌଗୋଳିକ ବିସ୍ତାର ଏବଂ ଅନ୍ତର୍ଜାତୀୟକରଣ ଦ୍ୱାରା ଭାରତ ମୁଖ୍ୟତଃ ୨ଟି ଅନ୍ତର୍ନିହିତ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବ। ପ୍ରଥମତଃ ଏହା ଆର୍ଥିକ ଦୃଷ୍ଟିରୁ ଭାରତକୁ ସଶକ୍ତ କରିବ ଓ ଡଲାରର ମାଧ୍ୟମ ବିନା ସିଧାସଳଖ ବିଦେଶରୁ ଭାରତୀୟଙ୍କ ଦ୍ୱାରା ଅର୍ଥ ସ୍ଥାନାନ୍ତର କରାଯାଇପାରିବ। ଦ୍ୱିତୀୟରେ, ଗୁରୁତ୍ୱପୂର୍ଣ୍ଣ ଦେଶମାନଙ୍କ ମଧ୍ୟରେ ୟୁପିଆଇର ବ୍ୟବହାର ସୀମା ବିସ୍ତାର ଦ୍ୱାରା ବାହ୍ୟ ପ୍ରତିବନ୍ଧକ ସମୟରେ ମଧ୍ୟ ଭାରତକୁ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବନାହିଁ। କାରଣ ପ୍ରତିବନ୍ଧକ ସମୟରେ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ ଅନ୍ତର୍ଜାତୀୟ ଦେୟ ବ୍ୟବସ୍ଥା (ସୁଇଫ୍ଟ ସିଷ୍ଟମ୍)କୁ ବନ୍ଦ କରି ଆମେରିକା ଭଳି ରାଷ୍ଟ୍ର ଅର୍ଥ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଚାହେଁ। ବର୍ତ୍ତମାନ ଆମେରିକା ଏଭଳି ପ୍ରତିବନ୍ଧକ ରୁଷିଆ ଉପରେ ଲଗାଇଛି ଏବଂ ୧୯୯୮ରେ ପରମାଣୁ ପରୀକ୍ଷଣ ସମୟରେ ଆମେରିକା ଭାରତ ଉପରେ ଏଭଳି ଆର୍ଥିକ ପ୍ରତିବନ୍ଧକ ଲଗାଇଥିଲା। କିନ୍ତୁ ବର୍ତ୍ତମାନ ସ୍ଥିତିରେ ୟୁପିଆଇ ସିଷ୍ଟମ୍ ଆନ୍ତର୍ଜାତିକ ସ୍ତରରେ ଯେତେ ଅଧିକ ଗ୍ରହଣୀୟ ହେବ ଏଭଳି ପ୍ରତିବନ୍ଧକ ଭାରତ ଉପରେ ସେତେ କମ୍ ପ୍ରଭାବ ପକାଇବ। ସେହିଭଳି ଗଲ୍ଫ ଦେଶରେ ରହୁଥିବା ସାଧାରଣ ଭାରତୀୟ ୱେଷ୍ଟର୍ନ ୟୁନିୟନ୍ ମାଧ୍ୟମରେ ଅର୍ଥ ପଠାଇଥାନ୍ତି, ଯାହା ମୂଳତଃ ସୁଇଫ୍ଟ ନେଟ୍‌ୱର୍କରେ ଅଛି କିନ୍ତୁ ୟୁପିଆଇର ଅନ୍ତର୍ଜାତୀୟକରଣ ଦ୍ୱାରା ବିନା ସୁଇଫ୍ଟ ମାଧ୍ୟମରେ ୟୁପିଆଇକୁ ସ୍ୱୀକୃତି ଦେଇଥିବା ଦେଶମାନଙ୍କରୁ ଟଙ୍କା ପଠାଯାଇପାରିବ।

ୟୁପିଆଇ ସିଷ୍ଟମ୍‌କୁ ବିସ୍ତାର କରିବା ଉଦ୍ଦେଶ୍ୟରେ ଫେବୃୟାରୀ ୮ରେ ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକରେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ୟୁପିଆଇ ପ୍ରବର୍ତ୍ତନ ପାଇଁ ଘୋଷଣା କରାଯିବ ବୋଲି ସ୍ପଷ୍ଟ କରିଥିଲା, ଯାହାକି ଜି-୨୦ ସଦସ୍ୟ ଦେଶଠାରୁ ଆରମ୍ଭ କରାଯାଇଛି। ଏହି ଜି-୨୦ ଦେଶ ତଥା ଅଣବାସିନ୍ଦା ଭାରତୀୟଙ୍କୁ ସେମାନଙ୍କ ବାଣିଜ୍ୟିକ ଦେୟ ପାଇଁ ଅନୁମତି ଦେଇଛି। ଆଜିର ସମୟରେ ଦଶଟି ଦେଶ (ସିଙ୍ଗାପୁର, ଆମେରିକା, ଅଷ୍ଟ୍ରେଲିଆ, କାନାଡା, ହଂକଂ, ଓମାନ୍, କାତାର, ସାଉଦି ଆରବ, ୟୁଏଇ ଏବଂ ବ୍ରିଟେନ)ରେ ଥିବା ଭାରତୀୟ ସେମାନଙ୍କର ଭାରତ ଫୋନ୍ ନମ୍ବର ଉପରେ ନିର୍ଭର ନ କରି କାରବାର ପାଇଁ ୟୁପିଆଇ ସେବା ପାଇପାରିବେ।

**ପ୍ରାଧ୍ୟାପକ, ଆଇଏମ୍‌ଆଇ, ଭୁବନେଶ୍ୱର**
**ମୋ: ୭୩୮୧୭୩୩୧୮୭**

# ନିଃସଙ୍ଗତାର ଅଭିଜ୍ଞତା



ଶୁଭନାରାୟଣ ଶତପଥୀ

ଜୀବନସାଥୀ ବିନା ଜୀବନ ନିଃସଙ୍ଗତାପୂର୍ଣ୍ଣ। ଅର୍ଥାତ୍ ସ୍ୱାମୀ ବିନା ସ୍ତ୍ରୀ କିମ୍ବା ସ୍ତ୍ରୀ ବିନା ସ୍ୱାମୀ ନିଃସଙ୍ଗ। ଈଶ୍ୱରଙ୍କ ସୃଷ୍ଟିରେ ଦାମ୍ପତ୍ୟ ଜୀବନ ହେଉଛି ଅନବଦ୍ୟ ଓ ସୁଖ ସମ୍ଭାରର ଅନ୍ତରୀକ୍ଷ। ଏ ସମ୍ପର୍କ ମାନ ଅଭିମାନ, ସୁଖଦୁଃଖ, ସୁବିଧା ଅସୁବିଧାରେ ପରସ୍ପରକୁ ବାହୁ ପ୍ରସାରି ପ୍ରତ୍ୟକ୍ଷ ସହଯୋଗ କରୁଥିବାର ଏକ ଜ୍ୱଳନ୍ତ ନିଦର୍ଶନ। ଅତଃ ଏକାକୀ ବା ନିଃସଙ୍ଗ ଜୀବନ ଦାମ୍ପତ୍ୟର ପରିଭାଷା ନୁହେଁ। ନିଃସଙ୍ଗତା ମଣିଷକୁ ବିଷାଦ, ଅବସାଦ ଆଡ଼କୁ ନିଏ। ତଥାପି ଏମିତି ମଣିଷ ଅଛନ୍ତି ଯିଏ ନିଜ ଜୀବନକୁ ନିଃସଙ୍ଗତାରେ ଜିଇଁବାକୁ ପସନ୍ଦ କରନ୍ତି। ଅର୍ଥାତ୍ ବିବାହ ବିନା ଶେଷ ପର୍ଯ୍ୟନ୍ତ ଏକା ଏକା ବଞ୍ଚିବାକୁ ଚାହିଁଥାନ୍ତି। ସେମାନଙ୍କର ନା ଥାଏ ଆସକ୍ତି ନା ଥାଏ ସ୍ୱ-ଭକ୍ତି। ପିତାମାତାଙ୍କ ସେବା ହେଉ ବା ଦେଶ ସେବା କେବଳ ମଣିଷ, ଦେଶ, ଜାତିର ଉପକାର, ବିକାଶ ପାଇଁ ଜୀବନ ଉତ୍ସର୍ଗ କରିବାକୁ ଚାହାନ୍ତି ନିଃସଙ୍ଗ ହୋଇ ଚିରଦିନ ପାଇଁ। ଆମେରିକାରୁ ପ୍ରକାଶିତ ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଏକାକୀ ରହୁଥିବା ବା ସାଥୀହୀନ ଜୀବନ ଜିଉଁଥିବା ବ୍ୟକ୍ତି କୁଆଡ଼େ ତୁଳନାତ୍ମକ ଭାବେ ବିବାହିତ ବ୍ୟକ୍ତିଙ୍କଠାରୁ ପ୍ରତିଟି ବିକାଶ କ୍ଷେତ୍ରରେ ଅଧିକ ଦକ୍ଷ, ସୁସ୍ଥ ଓ ଅଭିଜ୍ଞ। ସ୍ୱନିର୍ଭରଶୀଳ ହୋଇ ନିଜ ପାଇଁ ପ୍ରତିଟି ମୁହୂର୍ତ୍ତ ଏକାଗ୍ରତାର ସହିତ ଲକ୍ଷ୍ୟ ସାଧନରେ ବ୍ୟୟ କରୁଥିବାରୁ ଏହି ବ୍ୟକ୍ତିମାନେ ସଫଳତା ଲାଭ କରନ୍ତି ଓ କମ୍ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ଦାବିକରନ୍ତି। ନିଜର ବିକାଶ ନିଜସ୍ୱ ଶୈଳୀରେ କରନ୍ତି ତଥା ଅନ୍ୟମାନଙ୍କ ସୁବିଧା ପ୍ରତି ବେଶ୍ ଯତ୍ନବାନ୍ ହୁଅନ୍ତି। ଏମିତିକି ଏକାକୀ ଜୀବନ ବିତାଉଥିବା ବ୍ୟକ୍ତି ଅଧିକ ସୁଖୀ ବୋଲି କୁହନ୍ତି। ଅନେକେ ପରିସ୍ଥିତିରେ ପଡ଼ି ସଙ୍ଗହୀନ ହୋଇ ରହିଥାନ୍ତି। ଅପରପକ୍ଷରେ ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ୩୦ ଶତକଡ଼ା ମହିଳା ଘରୋଇ ହିଂସାର ଶିକାର ହେଉଥିବାର ଜଣାଯାଏ। ସେହିପରି ସାରା ବିଶ୍ୱରେ ଛାଡ଼ପତ୍ର ହାର ହେଉଛି ୧.୮। ଲିଙ୍ଗଗତ ହାର ହ୍ରାସ ମଧ୍ୟ ଅନ୍ୟ ଏକ କାରଣ। କାରଣ ଯାହା ହେଉନା କାହିଁକି ଏହି ତଥ୍ୟ ବାଧ୍ୟ କରେ ଏକାକୀ ଜୀବନଯାପନ କରିବାକୁ। ଏଣୁ ବିକାଶ କ୍ଷେତ୍ରରେ ସେହି ବ୍ୟକ୍ତିମାନେ ପଛୁଆ ହେବା ସ୍ୱାଭାବିକ କଥା। ଯେପରିକି ନିଜକୁ ଭିନ୍ନ ପ୍ରତିପାଦିତ କରୁଥିବା, ନିଜକୁ ପୃଥକ୍ ରଖିବାକୁ ଚାହୁଁଥିବା, ବିବାହ ପାଇଁ ଉପଯୁକ୍ତ ବର କନ୍ୟା ନ ମିଳିବା, ନିଜକୁ ଶୀର୍ଷ ସ୍ଥାନରେ ଦେଖିବାର ଆଶାକୁ ଚରିତାର୍ଥ କରିବା ଇତ୍ୟାଦି ପ୍ରସଙ୍ଗରେ ନିଃସଙ୍ଗ ବା ଏକାକୀ ଜୀବନକୁ ଆପଣେଇଥାନ୍ତି।

ଏ ସମ୍ବନ୍ଧରେ ଏକ ଘଟଣା ମନେପଡ଼େ। ରଙ୍ଗାଧରବାବୁଙ୍କ ଦମ୍ପତ୍ୟ ଜୀବନରେ ଭଙ୍ଗା ପଡ଼ିଲା। ଅର୍ଥାତ୍ ରଙ୍ଗାଧରବାବୁଙ୍କୁ ଯେତେବେଳେ ୫୦ବର୍ଷ, ତାଙ୍କ ଧର୍ମପତ୍ନୀ ଆରପାରିକୁ ଚାଲିଗଲେ। ତାଙ୍କର ୪ ପୁଅ ଝିଅ ମଧ୍ୟ ଅଛନ୍ତି। ସମ୍ପର୍କୀୟଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ବିବାହ ପାଇଁ ମନବଳାଇଲେ ରଙ୍ଗାଧରବାବୁ। କାରଣ ନିଃସଙ୍ଗ ଜୀବନ ଅଭିଶପ୍ତ ବୋଲି ସେ ଦୃଢ଼ ନିଶ୍ଚିତ ଥିଲେ। ଦିନେ ଏ ସମ୍ବନ୍ଧରେ ଏକ ବିବାହ ମେଳାର ଆୟୋଜନ ହେଉଥିବା ସମ୍ପର୍କରେ ଖବରକାଗଜରୁ ଜାଣିବାକୁ ପାଇଲେ ରଙ୍ଗାଧରବାବୁଙ୍କର ଜଣେ ସମ୍ପର୍କୀୟ। ବିବାହମେଳାରେ ଯୋଗଦେବାକୁ ସେ ରଙ୍ଗାଧରବାବୁଙ୍କୁ କହିଲେ। ରଙ୍ଗାଧରବାବୁଙ୍କ ପିଲାମାନେ ମଧ୍ୟ ସମ୍ମତି ପ୍ରଦାନ କଲେ। ତା'ପରେ ରଙ୍ଗାଧରବାବୁ ସେଠାକୁ ଗଲେ। ଦେଖିଲେ ନିଃସଙ୍ଗ ଜୀବନ ବିତାଉଥିବା ତାଙ୍କ ପରି ଅନେକ ବ୍ୟକ୍ତି ଆସିଛନ୍ତି ନିଜ ପାଇଁ ଉପଯୁକ୍ତ ପ୍ରାର୍ଥୀଟିଏ ଚୟନ କରିବାକୁ। ରଙ୍ଗାଧରବାବୁ ବେଶ୍ ସ୍ପଷ୍ଟବାଦୀ ଓ ସଂସ୍କୃତିସମ୍ପନ୍ନ। ଯେତେବେଳେ ଆୟୋଜକ ରଙ୍ଗାଧରବାବୁଙ୍କ ଯୋଗ୍ୟତାର ପରୀକ୍ଷା ନେଲେ ସେତେବେଳେ ଅନେକ ମୌଖିକ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଲା ରଙ୍ଗାଧରବାବୁଙ୍କୁ। ଯେପରିକି ତୁମର ଦାମ୍ପତ୍ୟ ଜୀବନ କିପରି କଟୁଥିଲା ? କେଉଁ ପରିସ୍ଥିତିରେ ସ୍ତ୍ରୀଙ୍କ ସହିତ ମନୋମାଳିନ୍ୟ ହୁଏ ? ପୁନର୍ବାର ବିବାହ ପାଇଁ କାହିଁକି ମନ ବଳାଇଲେ ଆପଣ ଇତ୍ୟାଦି। ଏସବୁ ପ୍ରଶ୍ନର ଉତ୍ତର ଧୈର୍ଯ୍ୟର ସହ ଦେଉଥାନ୍ତି ରଙ୍ଗାଧରବାବୁ। ଶେଷରେ ତାଙ୍କୁ ପ୍ରଶ୍ନ କରାଗଲା କାହିଁକି ବା କେଉଁ ଉଦ୍ଦେଶ୍ୟରେ ତୁମେ ତୁମ ପିଲାମାନଙ୍କ ସହିତ ସମ୍ପର୍କ ରଖୁଛ ? ଏ ପ୍ରଶ୍ନ ଶୁଣିବା ମାତ୍ରକେ ରଙ୍ଗାଧରବାବୁ ରାଗରେ ରଙ୍ଗା ପଡ଼ିଗଲେ। ସଙ୍ଗେ ସଙ୍ଗେ କହିପକାଇଲେ, ରଖ ହୋ ତୁମ ସ୍ୱୟମ୍ବର। କୌଣସି ବାପାକୁ ଏ ପ୍ରଶ୍ନ କେବେ ପଚରାଯାଏନା। ମୁଁ ମୋ ପିଲାଙ୍କ ପାଇଁ ସମୟ ଦେବିନି, ତାଙ୍କୁ ସହଯୋଗ କରିବିନି ଆଉ ମୁଁ କ'ଣ ପାଇଁ ବାହାହେବି ? ଏଠାକୁ କିଏ କ'ଣ ଉଦ୍ଦେଶ୍ୟ ନେଇ ଆସିଛନ୍ତି ବା ଆପଣ କେଉଁ ଉଦ୍ଦେଶ୍ୟ ନେଇ ଏ ସ୍ୱୟମ୍ବର କରୁଛନ୍ତି ତାହା ମୁଁ ଜାଣେନା କିନ୍ତୁ ମନେରଖନ୍ତୁ ମୁଁ ପ୍ରଥମେ ଜଣେ ବାପା, ତା'ପରେ ତୁମର ଦରଖାସ୍ତକାରୀ। ଏହାପରେ ରଙ୍ଗାଧରବାବୁ ସେ ସ୍ୱୟମ୍ବର ନିମନ୍ତେ ଅଯୋଗ୍ୟ ସିଦ୍ଧ ହେଲେ। ସେଠାରୁ ଫେରି ଆସିଲେ ଏବଂ ଆଜି ବି ସେ ଏକାକୀ ରହୁଛନ୍ତି। ଏହା ତାଙ୍କ ପିଲାମାନଙ୍କ ସୁବିଧା ପାଇଁ ଆବଶ୍ୟକତା, ସମ୍ପର୍କୀୟଙ୍କ ବାଧ୍ୟବାଧକତା ବା ସାମାଜିକ ପ୍ରୋତ୍ସାହନ ହୋଇପାରେ, କିନ୍ତୁ ନିଜ ଜୀବନକୁ ଅନ୍ୟ ପାଇଁ ଉତ୍ସର୍ଗ କରିବାର ଯେଉଁ ସଂସ୍କୃତି ଓ ସୁଖ ତାହା ଏକାକୀ ଜୀବନରେ ଅଧିକ ସମ୍ଭବ ବୋଲି ରଙ୍ଗାଧରବାବୁଙ୍କ ମତ। ତାଙ୍କ ଅଭିଜ୍ଞତାରୁ ସେ କୁହନ୍ତି ସାଥୀ ହେବାର ଅର୍ଥ ନୁହେଁ ସ୍ୱାର୍ଥ ସମ୍ବଳିତ ହେବା ବରଂ ସ୍ୱାର୍ଥ ବିଜଡ଼ିତ ସମ୍ପର୍କ ମାଧ୍ୟମରେ ତ୍ୟାଗରୂପୀ ସର୍ବମଙ୍ଗଳ କରିବାର ଲକ୍ଷ୍ୟ ପୂରଣରେ ବ୍ରତୀ ହେବା ଜରୁରୀ। ତା'ଛଡ଼ା ପରିସ୍ଥିତି ପରିବେଶ ଯାହା ହେଉନା କାହିଁକି ସଂସାରର ସ୍ଥାୟିତ୍ୱ ପ୍ରତି ଆନୁଗତ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାଥମିକତା ହେଉ।



ତେବେ ବ୍ୟକ୍ତିଗତ ସ୍ତରରେ ନିଃସଙ୍ଗତା ଭିନ୍ନ ଭିନ୍ନ ଉଦାହରଣକୁ ନେଇ ପର୍ଯ୍ୟବସିତ। ଏ ନିଃସଙ୍ଗତାପୂର୍ଣ୍ଣ ଜୀବନ କାହାରିକୁ ନେଇ ମଝିଦରିଆରେ ଠିଆ ନ କରୁ କି ନିବୁଜ କୋଠରିରେ ବସି ନକାରାତ୍ମକ ଭାବନାକୁ ଜନ୍ମ ନ ଦେଉ। ତେବେ ବ୍ୟକ୍ତିଗତ ଜୀବନରେ ସଂଯମ, ନିୟନ୍ତ୍ରଣ, ନିଃସଙ୍ଗତା ଜୀବନରେ ସୁଖ ଆଣିପାରେ ଏବଂ ଶେଷ ସମୟରେ ଯେ ପାଖରେ କେହି ନ ଥିବେ ଏହାକୁ ଭୁଲ୍ ପ୍ରମାଣିତ କରିପାରେ। ଆଜନ୍ମକୁମାର ବା କୁମାରୀ ରହିଆସିଥିବା ସନ୍ନ୍ୟାସୀ, ରାଜନେତା, ସାଧୁଙ୍କ ଜୀବନ ଏହାର ଜ୍ୱଳନ୍ତ ଉଦାହରଣ। ତେବେ ବ୍ୟକ୍ତିଗତଭାବେ ବିଚାର ଓ ପସନ୍ଦକୁ ଯେତିକି ଗୁରୁତ୍ୱ ଦେବା ସାଂସାରିକ ସୁଖ ଓ ଅଭିବୃଦ୍ଧିକୁ ମଧ୍ୟ ସେତିକି ଗୁରୁତ୍ୱ ଦେବା ଜରୁରୀ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

## ଏଇ ଭାରତରେ

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ସଚେତନତାମୂଳକ କାର୍ଯ୍ୟ କରାଯାଉଛି। କିନ୍ତୁ ଲକ୍ଷ୍ନୌର ଜ୍ୟୋତି ପାଣ୍ଡେଙ୍କ ପଦକ୍ଷେପ ଏସବୁ ମଧ୍ୟରେ ନିଆରା। ସେ ସାଇକେଲ ଆରୋହୀଙ୍କ ସୁରକ୍ଷା ପାଇଁ ମାଗଣାରେ ସେଫ୍ଟି ଲାଇଟ ଲଗାଉଛନ୍ତି। ଫଳରେ ଘନକୁହୁଡ଼ି ଓ ଅନ୍ଧାରରେ ସେମାନଙ୍କ ଜୀବନ ରକ୍ଷା ହୋଇପାରୁଛି। ଜ୍ୟୋତି 'ସପ୍ନୋ କି ଉଡାଣ ଫାଉଣ୍ଡେଶନ' ମାଧ୍ୟମରେ ଉଜ୍ଜାଲା ଅଭିଯାନ ନାମରେ ଏହା ଚଳାଉଛନ୍ତି। ଏବେ ସୁଦ୍ଧା ସେ ୧୫୦୦ ସାଇକେଲରେ ଲାଇଟ୍ ଲଗାଇ ସାରିଲେଣି। ଏହି କାର୍ଯ୍ୟରେ ତାଙ୍କ ପରିବାର ସହଯୋଗ କରୁଛି। ପ୍ରତିବର୍ଷ ଦେଶରେ ୪୦୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟୁଥିବା ବେଳେ ଅଧିକାଂଶ କ୍ଷେତ୍ରରେ ସେଫ୍ଟି ଲାଇଟ ନ ଥିବା ଯୋଗୁ ହେଉଛି । ଏଣୁ ଜ୍ୟୋତି ଏହି ଅଭିଯାନ ଚଳାଉଥିବା ପ୍ରକାଶ କରିଛନ୍ତି। ୨୩ ବର୍ଷୀୟା ଜ୍ୟୋତି ଏବେ କଲେଜରେ ପଢୁଛନ୍ତି। କେବଳ ଏତିକି ନୁହେଁ, ସେ ମଧ୍ୟ ଋତୁସ୍ରାବଜନିତ ସମସ୍ୟା ଦୂର କରିବା ଲାଗି ପ୍ରୋଜେକ୍ଟ ଦାଗ, ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଇବା ଲାଗି ପ୍ରୋଜେକ୍ଟ ଅନ୍ନପୂର୍ଣ୍ଣା ଏବଂ ସଡ଼କରେ କାମ କରୁଥିବା ଲୋକଙ୍କ ପାଇଁ ଛାଇ ପ୍ରୋଜେକ୍ଟ ଚଳାଉଛନ୍ତି। ଏସବୁ ଚଳାଇବା ଲାଗି ସେ ପଢ଼ାରୁ ସମୟ ବାହାର କରି ତିନୋଟି ଜାଗାରେ ପାର୍ଟଟାଇମ କାମ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୮

- ପୂର୍ବ ରେଳବାଇର ଦାନାପୁର ଡିଭିଜନର ଫତୁୱା ଷ୍ଟେଶନ ନିକଟରେ ହାୱଡା-ଦାନାପୁର ଏକ୍ସପ୍ରେସ୍‌ର ୫ ବଗି ଲାଇନଚ୍ୟୁତ ହେବାରୁ ୧୨ ଯାତ୍ରୀ ମୃତ।
- ଇଣ୍ଡୋନେସିଆର ପୂର୍ବ ଜାଭା ପ୍ରୋଭିନ୍ସର ତୁବାନ ଜିଲାରେ ଏକ ଯାତ୍ରୀବାହୀ ବସ୍ ଅନ୍ୟ ଏକ ଟ୍ରକ୍ ସହ ଧକ୍କା ହେବା ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ରୁଷ୍‌ରେ ପ୍ରଧାନମନ୍ତ୍ରୀ ସେର୍ଗେଇ କିରିୟେଙ୍କୋଙ୍କ ନେତୃତ୍ୱାଧୀନ ସରକାରରେ ଭିକ୍ଟୋର ଖ୍ରିଷ୍ଟେଙ୍କୋଙ୍କୁ ଉପପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକ ବଗି ସଂଯୋଗ ହେଉ

ମହାଶୟ,

ବର୍ତ୍ତମାନ ରେଲ୍‌ୱେ ପକ୍ଷରୁ ଜଳେଶ୍ୱରରୁ ଶ୍ରୀକ୍ଷେତ୍ର ପୁରୀକୁ ଏକ ମେମୁ ଟ୍ରେନ୍ ଯାତାୟାତ କରୁଛି। ଏହାର ଭଡ଼ା କମ୍ ଥିବାରୁ ଜଳେଶ୍ୱରରୁ ରୂପ୍‌ସା ଷ୍ଟେଶନ ମଧ୍ୟରେ ବହୁ ସଂଖ୍ୟକ ଯାତ୍ରୀ ଉଠୁଛନ୍ତି। ଏମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଉଦ୍ଦେଶ୍ୟରେ ଯାଇଥାନ୍ତି। ପ୍ରାୟତଃ ଉତ୍ତର ଓଡ଼ିଶାର ଯାତ୍ରୀମାନେ ଏଥିରେ ଉଠିଥାନ୍ତି। ବାଲେଶ୍ୱର ବା ତା' ପରେ ଉଠୁଥିବା ଯାତ୍ରୀମାନଙ୍କ ପାଇଁ ସିଟ୍ ରହୁନାହିଁ। ସେଠାରୁ ଉଠୁଥିବା ଯାତ୍ରୀ ତଳେ ବସି ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ଯାଉଛନ୍ତି। ଫେରିଲାବେଳେ ପୁରୀ ଷ୍ଟେଶନରୁ ସିଟ୍ ଭର୍ତ୍ତି ହୋଇଯାଉଛି। କଟକ ଷ୍ଟେଶନରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସିତ ହୋଇ କିଛି ରୋଗୀ ଉଠୁଛନ୍ତି। ସେମାନେ ମଧ୍ୟ ସିଟ୍ ନ ପାଇ ତଳେ ବସୁଛନ୍ତି। ଏଣୁ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ସଂଖ୍ୟକ ବଗି ସଂଯୋଗ କରାଯାଉ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଳିତ ସେ ଚର୍ମଳୁଁ ବାଜିଥିଲା
ଗୌରବର ତୂଯର୍‌ୟ
ଘେନ ତେଣୁ ନବୀନର ପୂଜା ଅଘର୍‌ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ Bhubaneswar, Saturday, April 29/ 2023

# ହାଇସ୍କୋରିଂ ମ୍ୟାଚରେ ଜାଏଣ୍ଟ୍ସ ବିଜୟୀ

ମୋହାଲି, ୨୮।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୫୬ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଲକ୍ଷ୍ନୌ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୫୭ ରନ କରିଥିଲା। ଜବାବରେ ପଞ୍ଜାବ ୧୯.୫ ଓଭରରେ ୨୦୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

ପଞ୍ଜାବ ୩ ରନରେ ଅଧିନାୟକ ଶିଖର ଧାୱନ (୧) ଓ ୩୧ ରନ ମଧ୍ୟରେ ଦ୍ୱିତୀୟ ଉଇକେଟ ହରାଇଥିଲେ ହେଁ ମିଡିଲ ଅର୍ଡର ବ୍ୟାଟରଙ୍କ ସହାୟତାରେ ଚ୍ୟାଲେଞ୍ଜ ଦେଇଥିଲା। ମାତ୍ର ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଅଥର୍ବ ତାଇଦେ ୩୬ ବଲ୍‌ରୁ ସର୍ବାଧିକ ୬୬ (୮ ଚୌକା, ୨ ଛକା) ରନ କରିଥିଲେ। ସିକନ୍ଦର ରାଜା, ଲିଆମ ଲିଭିଂଷ୍ଟୋନ, ସାମ୍ କୁରାନ ଓ ଜିତେଶ ଶର୍ମା ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ରାଜା ୨୨ ବଲ୍‌ରୁ ୩୬ (୪ ଚୌକା, ୧ ଛକା), ଲିଭିଂଷ୍ଟୋନ ୧୪ ବଲ୍‌ରୁ ୨୩ (୨ ଚୌକା, ୧ ଛକା), କୁରାନ ୧୧ ବଲ୍‌ରୁ ୨୧ (୨ ଚୌକା, ୧ ଛକା) ଓ ଜିତେଶ ୧୦ ବଲ୍‌ରୁ ୨୪ (୩ ଛକା) ରନକରି ଆଉଟ ହୋଇଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ନଭୀନ-ଉଲ୍-ହକ୍ ଓ ଯଶ୍ ଠାକୁର ୩ଟି ଲେଖାଏ, ରବି ବିଷ୍ଣୋଇ ୨ଟି ଓ ମାକ୍ରସ ଷ୍ଟୋଇନିସ ଗୋଟିଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ୯ ଜଣ ବୋଲର ବୋଲିଂ କରିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଗୁଜରାଟ**
ସ୍ଥାନ:କୋଲକାତା,
ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ ହାଇଦ୍ରାବାଦ**
ସ୍ଥାନ: ଦିଲ୍ଲୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମାର୍କସ ଷ୍ଟୋଇନିସ।

## ଦ୍ୱିତୀୟ ସର୍ବାଧିକ ସ୍କୋର

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ (୧୨) ଯଦିଓ ବିଫଳ ହୋଇଥିଲେ ତେବେ କାଏଲ ମେୟର୍ସ, ଆୟୂଷ ବଦୋନୀ, ମାର୍କସ ଷ୍ଟୋଇନିସ ଓ ନିକୋଲସ ପୁରନଙ୍କ ବିସ୍ଫୋରକ ଇନିଂସ ବଳରେ ଦଳ ଆଇପିଏଲ ଇତିହାସରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲା। ୨୦୧୩ରେ ବାଙ୍ଗାଲୋରଠାରେ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୬୩/୫ ସ୍କୋର ସହ ସର୍ବାଧିକ ରନ ହାସଲ ରେକର୍ଡର ଅଧିକାରୀ ରହିଛି। ଏଠାରେ ପଞ୍ଜାବ ବୋଲରଙ୍କୁ ଧୁଲେଇ କରି ଷ୍ଟୋଇନିସ ୪୦ ବଲ୍‌ରୁ ସର୍ବାଧିକ ୭୨ (୬ ଚୌକା, ୫ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଏଲ ମେୟର୍ସ ୨୪ ବଲ୍‌ରୁ ୫୪ (୭ ଚୌକା, ୪ ଛକା), ନିକୋଲସ ପୁରନ ମାତ୍ର ୧୯ ବଲ୍‌ରୁ ୪୫ (୭ ଚୌକା, ୧ ଛକା) ଏବଂ ବଦୋନୀ ୨୪ ବଲ୍‌ରୁ ୪୩ (୩ ଚୌକା, ୩ ଛକା) ରନର ଇନିଂସ ଖେଳିଥିଲେ। ପୁରନଙ୍କୁ ଶେଷ ଓଭରରେ ଅର୍ଶଦୀପ ସିଂ ଆଉଟ କରି ନ ଥିଲେ ହୁଏତ ଲକ୍ଷ୍ନୌ ଆଇପିଏଲ ଇତିହାସରେ ସର୍ବାଧିକ ସ୍କୋର କରିବାକୁ ସକ୍ଷମ ହୋଇଥାନ୍ତା। କେବଳ ରାହୁଲ ଚହରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଜାବ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। କାଗିଶୋ ରାବାଡ଼ା ୨ଟି ଏବଂ ଅର୍ଶଦୀପ ସିଂ, ସାମ୍ କୁରାନ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଆଇପିଏଲ୍‌ରେ ସର୍ବାଧିକ ସ୍କୋର

୨୬୩/୫: ବାଙ୍ଗାଲୋର ବନାମ ପୁଣେ, ବାଙ୍ଗାଲୋର, ୨୦୧୩
୨୫୭/୫: ଲକ୍ଷ୍ନୌ ବନାମ ପଞ୍ଜାବ, ମୋହାଲି, ୨୦୨୩
୨୪୮/୩: ବାଙ୍ଗାଲୋର ବନାମ ଗୁଜରାଟ, ବାଙ୍ଗାଲୋର, ୨୦୧୬
୨୪୬/୫: ଚେନ୍ନାଇ ବନାମ ରାଜସ୍ଥାନ, ଚେନ୍ନାଇ, ୨୦୧୦
୨୪୫/୬: କୋଲକାତା ବନାମ ପଞ୍ଜାବ, ଇନ୍ଦୋର, ୨୦୧୮

### ଗୋଟିଏ ଇନିଂସରେ ସର୍ବାଧିକ ବାଉଣ୍ଡାରି (ଚୌକା/ଛକା)

୪୨ (୨୧, ୨୧): ବାଙ୍ଗାଲୋର ବନାମ ପୁଣେ, ବାଙ୍ଗାଲୋର, ୨୦୧୩
୪୧ (୨୭, ୧୪): ଲକ୍ଷ୍ନୌ ବନାମ ପଞ୍ଜାବ, ମୋହାଲି, ୨୦୨୩
୩୯ (୨୪, ୧୫): କୋଲକାତା ବନାମ ପଞ୍ଜାବ, ଇନ୍ଦୋର, ୨୦୧୮
୩୮ (୩୦, ୮): ମୁମ୍ବାଇ ବନାମ ହାଇଦ୍ରାବାଦ, ଦୁବାଇ, ୨୦୨୧

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୫୭/୫ (ମାର୍କସ ଷ୍ଟୋଇନିସ-୭୨, କାଏଲ ମେୟର୍ସ- ୫୪, ନିକୋଲସ ପୁରନ-୪୫, ଆୟୂଷ ବଦୋନୀ-୪୩, କାଗିଶୋ ରାବାଡ଼ା-୨/୫୨, ଅର୍ଶଦୀପ ସିଂ-୧/୫୪, ସାମ୍ କୁରାନ-୧/୩୮, ଲିଆମ ଲିଭିଂଷ୍ଟୋନ-୧/୧୯)। ପଞ୍ଜାବ କିଙ୍ଗ୍ସ ୧୯.୫ ଓଭରରେ ୨୦୧/ଅଲ୍‌ଆଉଟ (ଅଥର୍ବ ତାଇଦେ-୬୬, ସିକନ୍ଦର ରାଜା-୩୬, ଲିଆମ ଲିଭିଂଷ୍ଟୋନ-୨୩, ସାମ୍ କୁରାନ-୨୧, ଜିତେଶ ଶର୍ମା-୨୪, ଯଶ୍ ଠାକୁର-୪/୩୭, ନଭିନ ଉଲ୍ ହକ୍-୩/୩୦, ରବି ବିଷ୍ଣୋଇ-୨/୪୧, ମାର୍କସ ଷ୍ଟୋଇନିସ-୧/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୧୦ | +୦.୯୩୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୮୪୧ |
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୫୮୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୩୭୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୪ | ୪ | ୮ | -୦.୧୩୯ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୫୧୦ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | -୦.୦୨୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୬୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୦.୭୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୨ | ୫ | ୪ | -୦.୯୬୧ |

# ଭାରତୀୟ ଦଳକୁ ବଡ଼ ସଫଳତା

**୧୭ ବର୍ଷରୁ କମ୍ ମହିଳା ଫୁଟବଲ**

ବିଶ୍‌କେକ୍ (କିର୍ଗିଜ ରିପବ୍ଲିକ୍), ୨୮।୪

ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ଏକ ବିରଳ ସଫଳତା ହାସଲ କରିଛି। ଚମତ୍କାର ପ୍ରଦର୍ଶନ ଜାରି ରଖି ଏହି ଦଳ ଗ୍ରୁପ୍-ଏଫ୍‌ରୁ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ ରାଉଣ୍ଡ-୨କୁ ଉନ୍ନୀତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ଅନ୍ୟତମ ଶକ୍ତିଶାଳୀ ଦଳ ମ୍ୟାନମାରକୁ ୨-୧ ଗୋଲରେ ହରାଇ ଏହି ସଫଳତା ପାଇଛି। ଭାରତ ପକ୍ଷରୁ ମ୍ୟାଚର ୨୬ତମ ମିନିଟରେ ସୁଲଞ୍ଜନା ଓ ୩୩ତମ ମିନିଟରେ ପୂଜା ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ କଡ଼ା ଟକ୍କର ଦେଇଥିଲା ମ୍ୟାନମାର। ୭୫ତମ ମିନିଟରେ ୟା ମିନ୍ ଫିୟୁଙ୍କ ମାଧ୍ୟମରେ ଦଳ ଗୋଟିଏ ଗୋଲ ପରିଶୋଧ କରିଥିଲା। ଶେଷ ୧୫ ମିନିଟରେ ଗୋଲ ପରିଶୋଧ ପାଇଁ ମ୍ୟାନମାର ଘନଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ଦୃଢ଼ ପ୍ରଦର୍ଶନ କରି ତାହାର ପ୍ରତିହତ କରିବାରୁ ବିଜୟ ସ୍ୱାଦ ଚାଖିଥିଲା। ଏହି ସମୟ ମଧ୍ୟରେ ବିପଜ୍ଜନକ ପ୍ରଦର୍ଶନ ପାଇଁ ମ୍ୟାନମାରର ଦୁଇ ଖେଳାଳି ୟୁ ୟୁ ନାଇଙ୍ଗ ଓ ୟା ମିନ୍ ଫିୟୁ ମାର୍ଚିଂ ଅର୍ଡର ପାଇଥିଲେ। ଫଳରେ କିଛି ସମୟ ପାଇଁ ଦଳ ୯ ଖେଳାଳି ବିଶିଷ୍ଟ ହୋଇ ଯାଇଥିଲା। ୩ ଦଳ ବିଶିଷ୍ଟ ଗ୍ରୁପ୍‌ରେ ଭାରତ ୨ଟି ଯାକ ମ୍ୟାଚରେ କିର୍ଗିଜ ରିପ୍ଲିକ୍ ଓ ମ୍ୟାନମାରକୁ ପରାସ୍ତ କରି ୬ ପଏଣ୍ଟ ପାଇଥିଲା।

ପ୍ରକାଶ ଯୋଗ୍ୟ ଯେ, ପ୍ରିୟା ପି.ଭି. ଭାରତୀୟ ଦଳର ମୁଖ୍ୟ କୋଚ୍ ଥିବାବେଳେ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ପୂର୍ବରୁ ବହୁବାର ବିଭିନ୍ନ ବୟସ ବର୍ଗର ଦଳପାଇଁ କୋଚ୍, ଚୟନକର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ଏଥର ତାଙ୍କୁ ପରିଶ୍ରମର ଫଳ ମିଳିଛି।



ଭାରତ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଦୁଇ ଖେଳାଳି।

# ଝାରସୁଗୁଡ଼ା, ମୟୂରଭଞ୍ଜ ବିଜୟୀ

**ସାହାଣୀ କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଝାରସୁଗୁଡ଼ା ଓ ମୟୂରଭଞ୍ଜ ବିଜୟୀ ହୋଇଥିବାବେଳେ ବରଗଡ଼ ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଛି। କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। ବଲାଙ୍ଗୀର ପକ୍ଷରୁ ସୌରଭ ରଞ୍ଜନ ହନୁମାନ ୩୦ତମ ମିନିଟରେ ପ୍ରଥମେ ଏକ ଗୋଲ ଦେଇଥିବାବେଳେ ଝାରସୁଗୁଡ଼ା ପକ୍ଷରୁ ନିର୍ମଳ ମହାନନ୍ଦିଆ ୩୬ ଓ ଅବିନାଶ ମୁଣ୍ଡା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସ୍ଥାନୀୟ ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୨-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଫଗୁ ହେମ୍ବ୍ରମ ୨୧ ଓ ସୁକୁଲ ମୁର୍ମୁ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚୌଦ୍ୱାରସ୍ଥିତ ଏଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ବରଗଡ଼-କୋରାପୁଟ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କୋରାପୁଟ ପକ୍ଷରୁ ପ୍ରଶାନ୍ତ ଶ୍ରୀହରି ୧୬ ଏବଂ ବରଗଡ଼ ପକ୍ଷରୁ ଫ୍ରାନ୍ସିସ ଲାକ୍ରା ୨୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଫାୟାର ଆର୍ମ ଟ୍ରେନିଂରେ ୩୧ ଉତ୍ତୀର୍ଣ୍ଣ




ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରରେ ଅଂଶଗ୍ରହଣ କରିଥିବା ଶୁଟରମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୮।୪ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରର ୮ମ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଓଡ଼ିଶା ରାଇଫଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଓ ଆଇଏସ୍‌ଏସ୍‌ଏଫ୍ କୋଚ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ପରୀକ୍ଷାର୍ଥୀମାନଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍ ଗନ୍ ସମ୍ବନ୍ଧୀୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ଶିକ୍ଷା ପ୍ରଦାନ କରାଯାଇଥିଲା। କୃତୀ ଶିବିରାର୍ଥୀମାନଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ଡ. ଗୌରୀ ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରର ୯ମ ସଂସ୍କରଣ ଆସନ୍ତା ମାସରେ ହେବ।

# ଓସିଏର ସ୍ପିନର ପ୍ରତିଭା ଅନ୍ୱେଷଣ ଶିବିର

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସ୍ପିନର ପ୍ରତିଭା ଅନ୍ୱେଷଣ ଶିବିର ଶୁକ୍ରବାର ସଫଳତାର ସହ କଟକ ସ୍ଥିତ ଓଡ଼ିଶା କ୍ରିକେଟ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ, ଜଗତ୍‌ସିଂହପୁର ଓ ଢେଙ୍କାନାଳ ଜିଲାରୁ ୧୨୫ ସ୍ପିନର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ, ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତା ଅମିୟ ରାୟ, ସୁବ୍ରତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖରେ ବିଜେବି ହାଇସ୍କୁଲ ପଡ଼ିଆରେ ଶିବିର ଅନୁଷ୍ଠିତ ହେବ।




କଟକର ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ସ୍ପିନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ।

# ଶ୍ରୀଲଙ୍କା ୨-୦ରେ ସିରିଜ ବିଜୟୀ

ଗାଲେ, ୨୮।୪ (ଏପି)

ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟରେ ଶ୍ରୀଲଙ୍କା ଏକ ଇନିଂସ ୧୦ରନରେ ବିଜୟ ହାସଲ କରିଛି। ଏଥିସହ ଦଳ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ୨-୦ରେ ବିଜୟୀ ହୋଇଛି। ମ୍ୟାଚରେ ପ୍ରବାଥ ଜୟସୁରିୟା ଜଣେ ସ୍ପିନ ବୋଲର ହିସାବରେ ଶୀଘ୍ର ୫୦ ଟେଷ୍ଟ ଉଇକେଟ ପୂରଣ କରିବାର ଗୌରବ ଅର୍ଜନ କରିଛନ୍ତି। ରମେଶ ମେଣ୍ଡିସ ତାଙ୍କ ଚତୁର୍ଥ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଆୟର୍ଲାଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୪/୨ରୁ ଖେଳ ଆରମ୍ଭ କରି ୨୦୨ରେ ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ପଦାର୍ପଣ ୧୯୮୨ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କା ଏକ ଇନିଂସ ଓ ୨୮୦ରନରେ ଜିତିଥିଲା। ଶୁକ୍ରବାର ବିଜୟ ହେଉଛି ଦେଶର ୧୦୦ତମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ବର୍ତ୍ତମାନ ସୁଦ୍ଧା ଖେଳିଥିବା ଏହାର ସମସ୍ତ ୬ଟି ମ୍ୟାଚରେ ପରାଜୟ ବରଣ କରିଛି।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ପ୍ରଥମ ଇନିଂସ-୪୯୨
ଶ୍ରୀଲଙ୍କା ପ୍ରଥମ ଇନିଂସ: ୭୦୪/୩ (ନିଶାନ ମଦୁଷ୍କା-୨୦୫, କୁଶାଲ ମେଣ୍ଡିସ-୨୪୫, ଦିମୁଥ କରୁଣାରତ୍ନେ-୧୧୫, ଆଞ୍ଜେଲୋ ମାଥ୍ୟୁସ-୧୦୦*, ଗ୍ରହମ ହ୍ୟୁମ୍-୧/୮୭)। ଆୟର୍ଲାଣ୍ଡ ଦ୍ୱିତୀୟ ଇନିଂସ: ୨୦୨ (ହ୍ୟାରି ଟେକ୍ଟର-୮୫, ଆଣ୍ଡ୍ରୁ ବଲବିର୍ନି-୪୬; ରମେଶ ମେଣ୍ଡିସ-୫/୬୪, ଅସିଥା ଫର୍ନାଣ୍ଡୋ-୩/୩୦, ପ୍ରବାଥ ଜୟସୂରିୟା-୨/୮୮)।

# ଲଳିତ, ସାଇ, ସୋହିନୀ, ଅଭିପ୍ସା ଚାମ୍ପିୟନ

**ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ**

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୪ ଓ ୧୭ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୍-୭) ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ଲଳିତ ଟୁଡ୍ଡୁ, ସାଇ ସ୍ୱସ୍ତିକ ମହାନ୍ତି, ସୋହିନୀ ଏସ. ମହାନ୍ତି ଓ ଅଭିପ୍ସା ଦେହୁରି ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଲଳିତ ୬-୦, ୬-୧ ସେଟ୍‌ରେ ସାଇ ସ୍ୱସ୍ତିକଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଲଳିତ ଓ କମଳେଶ ରଥ ଯୋଡ଼ି ୬-୨, ୬-୩ ସେଟ୍‌ରେ ଅନିକେତ ସାହୁ ଓ ସପ୍ତପୂର୍ଣ୍ଣ ଜେନାଙ୍କୁ ପରାସ୍ତ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ଫାଇନାଲରେସାଇ ସ୍ୱସ୍ତିକ ମହାନ୍ତି ୪-୬, ୬-୩, ୭-୫ ସେଟ୍‌ରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ସେହିପରି ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସୋହିନୀ ମହାନ୍ତି ୬-୦, ୬-୨ରେ ଅଭିପ୍ସା ଦେହୁରୀଙ୍କୁ ହରାଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଏହି ବର୍ଗର ଡବଲ୍ସ ଫାଇନାଲରେ ସୋହିନୀ ଓ ଅଦ୍ରିକା ପଟ୍ଟନାୟକ ୬-୩, ୬-୩ ସେଟ୍‌ରେ ଅଭିପ୍ସା ଦେହୁରୀ ଓ ପ୍ରୀଶା ଦାସଙ୍କୁ ହରାଇଥିଲେ। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଅଭିପ୍ସା ଦେହୁରୀ ୬-୦, ୬-୧ରେ ଆନ୍ଧ୍ର ପ୍ରଦେଶର ହସିନୀ ରାଜ୍ଞିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ୮ ରାଜ୍ୟରୁ ମୋଟ ୮୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉପସଭାପତି ଶୁଭ୍ରାଂଶୁ ଷଡ଼ଙ୍ଗୀ ଓ ଟୁର୍ନାମେଣ୍ଟ ରେଫରି ଯତୀନ ବୈଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।




କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ସେଥୁ ଏଫ୍‌ସିର ବୃହତ୍ ବିଜୟ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଅହମଦାବାଦ, ୨୮।୪

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ମଦୁରାଇର ସେଥୁ ଏଫ୍‌ସି ୬-୦ ଗୋଲରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଆୟୋଜିତ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କାଜଲ ଡି'ସୁଜା ଏକାକୀ ୪ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ମ୍ୟାଚର ୯, ୧୧, ୪୨ ଓ ୪୫ତମ ମିନିଟରେ ଗୋଲ ସ୍କୋର କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ସେଥୁ ଏଫ୍‌ସିକୁ ୪-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୫୪ତମ ମିନିଟରେ ଇଭି ଫେଥ୍ ଏଟିନୋ ଏବଂ ୭୨ତମ ମିନିଟରେ ସୁନୀତା ମୁଣ୍ଡା ଆଉ ୨ଟି ଗୋଲ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ୍ କେରଳ ୮-୨ ଗୋଲରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଅନ୍ୟତମ ଟାଇଟଲ ଫେଭରାଇଟ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ସିଆରପିଏଫ୍ ଏଫ୍‌ସିକୁ ପରାସ୍ତ କରିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Saturday, April 29/2023 | Page 16 | ₹ 7.00




**ମିରାଣ୍ଡା ଆଶାବାଦୀ**

ଗୋକୁଲମ୍ କେରଳ ବିପକ୍ଷ ଏଏଫ୍‌ସି ଯୋଗ୍ୟତା ପ୍ଲେ-ଅଫ୍ ମ୍ୟାଚରେ ଓଡ଼ିଶା ଏଫ୍‌ସି ଦଳର ଭଲ ପ୍ରଦର୍ଶନ ନେଇ କୋଚ୍ କ୍ଲିଫୋର୍ଡ ମିରାଣ୍ଡା ଆଶାବାଦୀ।

୦୮

୦୨

**ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ**

ନିକଟରେ ଆୟୋଜିତ ୬୮ତମ ହ୍ୟୁଣ୍ଡାଇ ଫିଲ୍ମ ଫେୟାର ଆୱାର୍ଡ ୨୦୨୩ରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଲିଆ ଭଟ୍ଟ ବିବେଚିତ ହୋଇଛନ୍ତି।



# ଘରୋଇ ହସ୍ପିଟାଲରେ ହେବ ସି-ସେକ୍ସନ ଅଡିଟ୍

## ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଉଦ୍‌ବେଗ

■ ସିଜରିଆନ ପ୍ରସବ ୫୩.୭%ରୁ ୭୦.୭% ବୃଦ୍ଧି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟରେ ସିଜରିଆନ ପ୍ରସବ (ଡେଲିଭରି) ଚିନ୍ତାଜନକ ସ୍ଥିତିକୁ ଗଲାଣି। ସ୍ୱାଭାବିକ ପ୍ରସବଠାରୁ ସିଜରିଆନ ଡେଲିଭରି ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଘରୋଇ ହସ୍ପିଟାଲରେ ପ୍ରସବଜନିତ ସିଜରିଆନ(ସି-ସେକ୍ସନ) ଅଡିଟ୍ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସହରାଞ୍ଚଳର ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ' ୧ରୁ ଏହି ଅଡିଟ୍ ଆରମ୍ଭ କରିବାକୁ କୁହାଯାଇଛି।

ପୂର୍ବରୁ ସମସ୍ତ ସରକାରୀ ହସ୍ପିଟାଲ ପାଇଁ ଏହି ଅଡିଟ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଏବେ ଏହି ଅଡିଟ୍ ଘରୋଇ ହସ୍ପିଟାଲକୁ ସମ୍ପ୍ରସାରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅସ୍ତ୍ରୋପଚାରଜନିତ ପ୍ରସବ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧିପାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ



ସର୍ଭେ(ଏନ୍‌ଏଫ୍‌ଏମ୍‌ଏସ୍-୪) ଅନୁଯାୟୀ ୨୦୧୫-୧୬ ଓ ଏନ୍‌ଏଫ୍‌ଏମ୍‌ଏସ୍-୫ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଏହି ପ୍ରସବଜନିତ ଅସ୍ତ୍ରୋପଚାର ହାର ୫୩.୭%ରୁ ବୃଦ୍ଧି ପାଇ ୭୦.୭%ରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଗଠିତ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ପ୍ୟାନେଲ ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ ଏହା ବହୁ ଅଧିକ। ଏଥିଯୋଗୁ ରାଜ୍ୟରେ ଏବେ ପ୍ରସବଜନିତ ଅସ୍ତ୍ରୋପଚାର ସମ୍ପର୍କରେ ଅଡିଟ୍ କରିବା ଅପରିହାର୍ଯ୍ୟ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏବେ ସମସ୍ତ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପ୍ରସବଜନିତ ଅସ୍ତ୍ରୋପଚାରର ଅଡିଟ୍ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରସଙ୍ଗରେ ୩ଟି ପର୍ଯ୍ୟାୟରେ ଅଡିଟ୍ କରାଯିବ। ପ୍ରଥମେ ନିର୍ଦ୍ଧାରିତ ଫର୍ମାଟରେ ଅଡିଟ୍ କରାଯିବ। ପରବର୍ତ୍ତୀ ସମୟରେ ଏହାକୁ ଫର୍ମାଟ-ବି'ରେ ସ୍ଥାନିତ କରାଯିବ। ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଠିକ୍ ଭାବେ ଅଡିଟ୍ କରିବା ପରେ ଫର୍ମାଟ-ସି'ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟକୁ ପଠାଇବେ। ଏ ସଂକ୍ରାନ୍ତରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଜଣେ ପ୍ରୋଗ୍ରାମ ଅଫିସରଙ୍କୁ ଦାୟିତ୍ୱ ଦେବାକୁ କୁହାଯାଇଛି, ଯିଏକି ସମସ୍ତ ଘରୋଇ ସ୍ୱାସ୍ଥ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଏହି ଅଡିଟ୍ କିପରି ଠିକ୍ ଭାବେ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ତଦାରଖ କରିବେ।



ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଅବସରରେ ଶୁକ୍ରବାର ବିଜିପୁର ଅଞ୍ଚଳରେ ଲଣ୍ଡା ବେଶଧାରୀମାନେ। **(ଫଟୋ: ସମୀର)**

# ସ୍ପେଶାଲିଷ୍ଟ, ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କୁ ମିଳିବ ଇନ୍‌ସେନ୍‌ଟିଭ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟ ସରକାର ସ୍ପେଶାଲିଷ୍ଟ ଏବଂ ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଆକୃଷ୍ଟ କରିବାକୁ ପ୍ରୋତ୍ସାହନ ରାଶି (ଇନ୍‌ସେନ୍‌ଟିଭ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ଡାକ୍ତରମାନଙ୍କ ଡିପ୍ଲୋମେଟ୍ ଅଫ୍ ନ୍ୟାଶନାଲ (ଡିଏନ୍‌ବି) ସ୍ପେଶାଲିଷ୍ଟ ଏବଂ ସୁପରସ୍ପେଶାଲିଷ୍ଟ ଡିଗ୍ରୀ ଥିବ ସେମାନଙ୍କୁ ନ୍ୟାଶନାଲ ମେଡିକାଲ କମିଶନ ଆକ୍ଟ-୨୦୧୯ର ପାରା ୩୭(୨) ଅନୁଯାୟୀ ପ୍ରତ୍ୟେକ ମାସରେ ଦରମା ସହିତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସ୍ପେଶାଲିଷ୍ଟମାନଙ୍କୁ ୨୦ ହଜାର ଏବଂ ସୁପରସ୍ପେଶାଲିଷ୍ଟମାନଙ୍କୁ ମାସିକ ଦରମା ସହିତ ୩୦ ହଜାର ଟଙ୍କା ଇନ୍‌ସେନ୍‌ଟିଭ ଦିଆଯିବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶା ସ୍ୱାସ୍ଥ୍ୟ ସେବା କ୍ୟାଡର ପୋଷ୍ଟ ଗ୍ରାଜୁଏଟ ଏମ୍‌ଡି/ଏମ୍‌ଏସ୍ ଏବଂ ଡିଏମ୍/ଏମ୍‌ସିଏଚ୍ ସ୍ପେଶାଲାଇଜେଶନ ଡିଗ୍ରୀ ଥିବା ଡାକ୍ତରମାନଙ୍କୁ ମଧ୍ୟ ଉକ୍ତ ପ୍ରୋତ୍ସାହନ ରାଶି ଦିଆଯାଉଛି। ଏହି ପ୍ରୋତ୍ସାହନ ଫଳରେ ରାଜ୍ୟରେ ସ୍ପେଶାଲାଇଜେଶନ ଡାକ୍ତରଙ୍କ ସଂଖ୍ୟା ବଢ଼ିବା ସହ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।


DSPL-23

ଓଡ଼ିଶା ସରକାର

# ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ୨୦୨୩

୨୯ ଏପ୍ରିଲ ୨୦୨୩ ‖ ସକାଳ ୧୦ଟା

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

ଭୁବନେଶ୍ୱର

ପ୍ରସଙ୍ଗ

ପ୍ରାଣୀପାଳକଙ୍କ ହିତରେ ରୂପାନ୍ତରିତ, ନିରପେକ୍ଷ ଓ ବିସ୍ତୃତ ପ୍ରାଣୀଚିକିତ୍ସା ସେବା

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ



ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-06014/13/0002/2324

# ‘ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍’ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୮।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ‘ଏଚ୍‌ସିଜି ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍ କାର୍ଡ’ର ଶୁଭାରମ୍ଭ କରାଯାଇଛି। ବିଶେଷକରି କିନ୍ନର ଗୋଷ୍ଠୀଙ୍କୁ ନିରବଚ୍ଛିନ୍ନ କ୍ୟାନ୍‌ସର କେୟାର ପ୍ରଦାନ କରିବା ଲାଗି ଏଭଳି ଏକ କାର୍ଡ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ନିଗମର ଅଧ୍ୟକ୍ଷ ଲେଲିନ୍ ମହାନ୍ତି, ବଲିଉଡ୍ ଅଭିନେତ୍ରୀ ସ୍ୱପ୍ନା ପତି, ଓଲିଉଡ୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ସକାଳର ପ୍ରକାଶକ ଅମିତ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଚ୍‌ସିଜି ହସ୍ପିଟାଲ୍ସର ଆଞ୍ଚଳିକ ବ୍ୟବସାୟ-ପୂର୍ବ ଓ ଏପି ମୁଖ୍ୟ ପ୍ରତୀକ ଜୈନ କହିଛନ୍ତି, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ କଟକ ଜରିଆରେ ଏଚ୍‌ସିଜି ପ୍ରାଇଡ୍ ଆଣ୍ଡ ପ୍ରିଭିଲେଜ୍ କାର୍ଡ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡା. କୃପାସିନ୍ଧୁ ପଣ୍ଡା କହିଛନ୍ତି, ସ୍ୱାସ୍ଥ୍ୟସେବା ପେସାଦାର ଭାବେ ଜଣଙ୍କ ଲିଙ୍ଗ, ଜାତି କିମ୍ବା ଯୌନ ଆକର୍ଷଣର ବାଛବିଚାର ନ କରି ଆମେ ନିଶ୍ଚିତ ରୂପେ ଶ୍ରେଷ୍ଠ ମାନର ଚିକିତ୍ସା ପ୍ରଦାନ କରିବା ଦରକାର। ସେହିପରି ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର ଶାନ୍ତନୁ ଦାସ କହିଛନ୍ତି, କିନ୍ନର ଗୋଷ୍ଠୀଙ୍କ ଜେନେଟିକ୍ ଗଠନଶୈଳୀ ଓ ଜୀବନଶୈଳୀ ଦୃଷ୍ଟିରୁ ସେମାନେ କ୍ୟାନ୍‌ସର ସମେତ ସାମ୍ନା କରୁଥିବା ସ୍ୱାସ୍ଥ୍ୟ ସମସ୍ୟା ଲାଗି ସ୍ୱତନ୍ତ୍ର ଯତ୍ନ ଦରକାର। ସାମାଜକ କର୍ମୀ ମୀରା ପରିଡ଼ା କହିଛନ୍ତି, ଓଡ଼ିଶାର କିନ୍ନର ଗୋଷ୍ଠୀଙ୍କୁ ସେବା ପ୍ରଦାନ କରିବା ଲାଗି ଏଚ୍‌ସିଜି ସେବାର ସମ୍ପ୍ରସାରଣକୁ ଦେଖି ମୁଁ ଆନନ୍ଦିତ। ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ଓଡ଼ିଶାରେ କିନ୍ନର ଗୋଷ୍ଠୀଙ୍କୁ କ୍ୟାନ୍‌ସର ସେବା ପ୍ରଦାନ କରିବାରେ ଏଚ୍‌ସିଜି ଗ୍ରହଣ କରିଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ମୁଁ ପ୍ରଶଂସା କରୁଛି।




## ମାର୍ଚ୍ଚରେ କମିଲା ଶିଳ୍ପ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୮।୪

ଗତ କିଛି ମାସ ହେବ ଦେଶରେ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏପରିକି ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ଶିଳ୍ପକ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଥିବା ଆକଳନ କରାଯାଇଛି। ଏ ନେଇ ଶୁକ୍ରବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ୨୦୨୩ ମାର୍ଚ୍ଚରେ ଦେଶରେ ପ୍ରମୁଖ ୮ଟି କୋର୍ ସେକ୍ଟର ବାର୍ଷିକ ଆଧାରରେ ୩.୬%କୁ ଅଭିବୃଦ୍ଧି ହ୍ରାସ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃୟାରୀରେ ଏହି ଅଭିବୃଦ୍ଧି ହାର ୬% ରହିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୩ ମାର୍ଚ୍ଚରେ ଅଶୋଧିତ ତୈଳ ଉତ୍ପାଦନ ୨.୮% ହ୍ରାସ ହୋଇଥିବା ବେଳେ ପାୱାର କ୍ଷେତ୍ର ୧.୮% ଏବଂ ସିମେଣ୍ଟ କ୍ଷେତ୍ର ୦.୮%ରେ ଉତ୍ପାଦନକୁ ହ୍ରାସ ହୋଇଛି। ଅପରପକ୍ଷରେ କୋଇଲା, ସାର, ଷ୍ଟିଲ୍, ପ୍ରାକୃତିକ ଗ୍ୟାସ୍ ଓ ରିଫାଇନେରି ଭଳି ଉତ୍ପାଦନ କ୍ଷେତ୍ରଗୁଡ଼ିକରେ ମଧ୍ୟ ଅଭିବୃଦ୍ଧି ଦେଖିବାକୁ ମିଳିଛି।

## ସିଦ୍ଧାର୍ଥ ଏଲ୍ଆଇସିର ନୂଆ ଚେୟାରମ୍ୟାନ

ନୂଆଦିଲ୍ଲୀ,୨୮।୪


ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ନୂତନ ଚେୟାରମ୍ୟାନ ଭାବେ ବରିଷ୍ଠ ବୀମା ଅଧିକାରୀ ସିଦ୍ଧାର୍ଥ ମହାନ୍ତିଙ୍କୁ ଶୁକ୍ରବାର ଭାରତ ସରକାର ନିଯୁକ୍ତ କରିଛନ୍ତି। ସେ ୨୦୨୪ ଜୁନ୍ ପର୍ଯ୍ୟନ୍ତ ଏହି ପଦରେ ରହିବେ ବୋଲି ଜଣାପଡ଼ିଛି। ୨୦୨୫ ଜୁନ୍ ୭ ପର୍ଯ୍ୟନ୍ତ ସେ ଏଲ୍ଆଇସିର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ସିଦ୍ଧାର୍ଥ ୨୦୨୩ ମାର୍ଚ୍ଚରେ ୩ ମାସ ପାଇଁ ଏଲ୍ଆଇସିର ଅନ୍ତରୀଣ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ଉଲ୍ଲେଖଯୋଗ୍ୟ, ଏଲ୍ଆଇସିର ୪ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରୁ ସିଦ୍ଧାର୍ଥ ଅନ୍ୟତମ ବୋଲି ଏଲ୍ଆଇସି ପକ୍ଷରୁ କୁହାଯାଇଛି। ଏଲ୍ଆଇସିର ୪ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥାଏ। ଅପରପକ୍ଷରେ ସିଦ୍ଧାର୍ଥ ମହାନ୍ତି ୧୯୮୫ରେ ଏଲ୍ଆଇସିର ଜଣେ ଆର୍‌ଓ ଭାବେ ନିଯୁକ୍ତି ପାଇବା ସହ ଏଲ୍ଆଇସିର ମାର୍କେଟିଂ, ମାନବ ସମ୍ବଳ, ନିବେଶ, ଆଇନ ଏବଂ ସାଧାରଣ ବିଭାଗ ଇତ୍ୟାଦିରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଫେବୃୟାରୀରେ ସିଦ୍ଧାର୍ଥ ଏଲ୍ଆଇସିର ଏମ୍‌ଡି ଭାବେ ନିଯୁକ୍ତ ହୋଇଥିଲେ। ଏହା ହେବା ପୂର୍ବରୁ ସେ ଏଲ୍ଆଇସି ହାଉସିଂ ଫାଇନାନ୍ସର ଏମ୍‌ଡି ତଥା ସିଇଓ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

## ଏମ୍ଏନ୍ ଦସ୍ତୁର ଆଣ୍ଡ କୋ ସହ ଟାଟା ଷ୍ଟିଲ୍‌ର ସହଭାଗିତା

ନୂଆଦିଲ୍ଲୀ,୨୮।୪

ଟାଟା ଷ୍ଟିଲ୍ ଏବଂ ଏମ୍ଏନ୍ ଦସ୍ତୁର ଆଣ୍ଡ କୋ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଅନୁସନ୍ଧାନଠାରୁ ଆରମ୍ଭକରି ଖଣିଜ ସମ୍ବଳରୁ ଫିଜିବିଲିଟି ଷ୍ଟଡିର ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପର୍ଯ୍ୟନ୍ତ ଏବଂ ଇଞ୍ଜିନିୟରିଂ ଓ ଭିତ୍ତିଭୂମିରେ ଆବଶ୍ୟକ ସହାୟତା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଏମ୍ଏନ୍ ଦସ୍ତୁର ଆଣ୍ଡ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ବ୍ୟବସାୟ ସହଭାଗିତା ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ବିଭିନ୍ନ ଖଣିଜ ଓ ଭୌଗୋଳିକ ଅଞ୍ଚଳ ପର୍ଯ୍ୟନ୍ତ ସମନ୍ୱିତ ପ୍ରକଳ୍ପ ପ୍ରଦାନ କରିବା ଲାଗି ଏମ୍ଏନ୍ ଦସ୍ତୁର ଟାଟା ଷ୍ଟିଲ୍ ସହ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଟାଟା ଷ୍ଟିଲ୍‌ର ଉପସଭାପତି କଞ୍ଚାମାଲ ଡି.ବି.ସୁନ୍ଦରରମଣ କହିଛନ୍ତି,ଟାଟା ଷ୍ଟିଲ୍‌ର ପ୍ରାକୃତିକ ସମ୍ବଳ ଡିଭିଜନ ଜରିଆରେ ଶତାବ୍ଦୀରୁ ଅଧିକ ସମୟ ଧରି ଆମେ ଖଣି ବ୍ୟବସାୟରେ ରହିଥିବା ବେଳେ ଦୀର୍ଘସ୍ଥାୟୀ ଖଣି ଲାଗି ଆମର ଖଣିଗୁଡ଼ିକୁ ଅନୁସନ୍ଧାନ ଓ ଖଣି ଯୋଜନା ସେବା ପ୍ରଦାନ କରାଯାଉଛି। ଟାଟା ଷ୍ଟିଲ୍ ବାହାରେ ଥିବା ଖଣି ଶିଳ୍ପକୁ ଟାଟା ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟିଂ ଜରିଆରେ ଆମର ଖଣି ବୈଷୟିକ ସେବାକୁ ବାଣିଜ୍ୟିକ ଭିତ୍ତିରେ ପ୍ରଦାନ କରୁଛୁ।

## ଗିରି ଅପ୍ଟିକାଲ୍ସରେ ସ୍ୱୟଂଚାଳିତ ଚକ୍ଷୁ ପରୀକ୍ଷା ମେଶିନ

**କଟକ,୨୮।୪:** ରାଜ୍ୟର ଜଣାଶୁଣା ଘରୋଇ ସଂସ୍ଥା ତଥା କଟକ ବ୍ରଜକବାଟୀ ରୋଡ୍‌ସ୍ଥିତ ଗିରି ଅପ୍ଟିକାଲ୍ସଠାରେ ଓଡ଼ିଶାର ପ୍ରଥମ ସ୍ୱୟଂଚାଳିତ ଚକ୍ଷୁ ପରୀକ୍ଷା ମେଶିନର ଶୁଭାରମ୍ଭ କରାଯାଇଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାର ୨ଟି ଅତ୍ୟାଧୁନିକ ମେଶିନ ଭିସୁଫର୍ ୫୦୦ ଏବଂ ଆଇ-ଟର୍ମିନାଲ ମୋବାଇଲ ନାମକ ମେଶିନ ଲଗାଯାଇଛି। ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ଉକ୍ତ ମେଶିନ ଦ୍ୱୟରେ ଚକ୍ଷୁ ରୋଗୀମାନେ ଠିକ୍ ଓ ଉପଯୁକ୍ତ ଚକ୍ଷୁ ଚିକିତ୍ସା ସେବା ପାଇପାରିବେ ବୋଲି ଗିରି ଅପ୍ଟିକାଲ୍ସ ପକ୍ଷରୁ କୁହାଯାଇଛି। ଜେଇସ୍ କମ୍ପାନୀର ଜାତୀୟ ସେଲ୍ସ ମ୍ୟାନେଜର ବିକାଶ ସ୍ୱାମୀ, ରିଜିଓନାଲ ବିଜ୍‌ନେସ୍ ମ୍ୟାନେଜର ଶୋଭିତ ଜାହାନବାଦି, କ୍ଲଷ୍ଟର ମ୍ୟାନେଜର ଅଭିନବ କୁମାର, ସ୍ଥାନୀୟ ପ୍ରତିନିଧି ବିକାଶ କୁମାର ସିଂହ, ଭିଟିଏ ଏକ୍‌ଜିକ୍ୟୁଟିଭ୍ ୱାଲିଆପ୍ପାନ୍, ଗିରି ଅପ୍ଟିକାଲ୍ସର ମ୍ୟାନେଜିଂ ପାର୍ଟନର ଅନୀଲ ଗିରି, ଦେବଜାନୀ ଗିରି, ଅସ୍ମିତା ଗିରି, ସିଦ୍ଧାନ୍ତ ଗିରି,ମୌମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ବିଓଏମ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୮।୪

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୪ର୍ଥ ତ୍ରୈମାସରେ ବିଓଏମ୍ ମୋଟ ୮୪୦ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାଙ୍କର ସମୁଦାୟ ବ୍ୟବସାୟ ୨୧.୨୩% ଅଭିବୃଦ୍ଧି ହାରରେ ୪,୦୯,୨୦୨ କୋଟି ଟଙ୍କାରେ ପହଞ୍ଚିଛି। ବିଓଏମ୍‌ର ଗ୍ରସ୍ ଅଗ୍ରିମ ୨୯.୪୯% ହାରରେ ୧,୭୫,୧୨୦ କୋଟି ଟଙ୍କା ଓ ସମୁଦାୟ ଜମା ୧୫.୭୧% ଅଭିବୃଦ୍ଧି ହାରରେ ୨,୩୪,୦୮୩ କୋଟି ଟଙ୍କାରେ ମଧ୍ୟ ପହଞ୍ଚିଛି। ବ୍ୟାଙ୍କର ସମୁଦାୟ ଆୟ ୫,୩୧୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୯୪୯ କୋଟି ଟଙ୍କା ଥିଲା। ବ୍ୟାଙ୍କର ସୁଧ ଆୟ ୪,୪୯୫ କୋଟି ଟଙ୍କାରେ ପହଞ୍ଚିପାରିଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୪୨୬ କୋଟି ଟଙ୍କା ଥିଲା। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍.ରାଜୀବ କହିଛନ୍ତି, ମାର୍କେଟ ନିୟାମକ ସେବିର ନିୟମାବଳୀ ଅନୁସାରେ ଏମ୍‌ପିଏସ୍‌କୁ ପୂରଣ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ବ୍ୟାଙ୍କର ଶେୟାର ମାଧ୍ୟମରେ ୧,୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା କରିଛି।

## ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୮।୪

ଗ୍ରୀଷ୍ମ ଉତ୍ତାପରୁ ଆମକୁ ରକ୍ଷାକରିବା ଲାଗି ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ତଥା ଜାମା ଓ ପାଇଜାମା ବିଶେଷ ଭାବେ ସହାୟକ ହୋଇଥାଏ। ଏପରିକି ବ୍ରାଣ୍ଡେଡ୍ କପଡ଼ାକୁ ପଛରେ ପକାଇ ଲୋକେ ଏହାକୁ ଅଧିକ ପସନ୍ଦ କରିଥାଆନ୍ତି। ଓଡ଼ିଶାର ଲୋକଙ୍କ ଏହି ଉଚ୍ଚକୋଟୀର ପରିଧାନ ଆଗ୍ରହକୁ ଆଖିରେ ରଖି ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଏକ ସ୍ୱତନ୍ତ୍ର ପାରମ୍ପରିକ ହସ୍ତତନ୍ତ ମେଳା ଆୟୋଜିତ ହୋଇଛି। ଏଥିରେ ୧୮ଟି ରାଜ୍ୟର ବିଭିନ୍ନ ପାରମ୍ପରିକ କଳାନୈପୁଣ୍ୟରେ ଭରା ବସ୍ତ୍ର, କପଡ଼ା ତଥା ରେଡିମେଡ୍ ଜାମା ଓ ପାଇଜାମାର ବ୍ୟାପକ ସମ୍ଭାର ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ମହାରାଷ୍ଟ୍ର, ଜମ୍ମୁ-କାଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଗୁଜରାଟ, କର୍ନାଟକ, ଆସାମ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ବୁଣାକାର ତଥା ବ୍ୟବସାୟୀ ସାମିଲ ହୋଇଛନ୍ତି। ବାହାଘର ଓ ଅନ୍ୟାନ୍ୟ ବିଶେଷ ପର୍ବପର୍ବାଣିକୁ ଆଖିରେ ରଖି ଉପରୋକ୍ତ ରାଜ୍ୟର କାରିଗରମାନେ ସୁନ୍ଦର ସୁନ୍ଦର ବସ୍ତ୍ର ପ୍ରସ୍ତୁତ କରିଛନ୍ତି। ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ପସନ୍ଦର ବସ୍ତ୍ର ବା ଉତ୍ପାଦକୁ କିଣିଲେ ଆୟୋଜକଙ୍କ ପକ୍ଷରୁ ୨୦%ର ରିହାତି ଦିଆଯାଉଛି। ସୂଚନାଯୋଗ୍ୟ, ପ୍ରତିଦିନ ପୂର୍ବାହ୍ନ ୧୧ ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ମେଳା ଖୋଲା ରହୁଛି।




## ଭିଆଇଟିର ଭିଟି ପ୍ରବେଶିକା ପରୀକ୍ଷା ଫଳାଫଳ ପ୍ରକାଶିତ

ନୂଆଦିଲ୍ଲୀ,୨୮।୪




ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଭିଆଇଟି) ଦ୍ୱାରା ପରିଚାଳିତ ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା(ଭିଟି) ର ଫଳାଫଳ ନିକଟରେ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲ ୧୭ରୁ ୨୩ ପର୍ଯ୍ୟନ୍ତ ଭାରତର ୧୨୧ ସହର ଏବଂ ବିଦେଶର ୪ଟି ସହର (ଦୁବାଇ, କୁଏଟ୍, ମସ୍କାଟ ଏବଂ କାତାର)ରେ କମ୍ପ୍ୟୁଟର ଆଧାରିତ ପରୀକ୍ଷାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରବେଶିକ ଫଳାଫଳ https://ugresults.vit.ac.in/viteee ପୋର୍ଟାଲରେ ପ୍ରକାଶିତ ହୋଇଛି, ଯାହାକି VIT ୱେବ୍‌ସାଇଟ୍ www.vit.ac.in ରେ ସବିଶେଷ ଉପଲବ୍ଧ ରହିଛି। ଉକ୍ତ ଫଳାଫଳ ଅନୁଯାୟୀ ଝାଡ଼ଖଣ୍ଡର କୁଶାଗ୍ର ବଶିଷ୍ଟ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମହାରାଷ୍ଟ୍ରର ପ୍ରକାଶଲ ଶ୍ରୀନିବାସ ଚୌଧାରୀ ୨ୟ ସ୍ଥାନ ଏବଂ ମାହିନ୍ ପ୍ରମୋଦ ଧୋକେ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି କେରଳର ଆଶିକ୍ ଷ୍ଟେନି ୪ର୍ଥ, ବିହାରର ଅଙ୍କିତ କୁମାର ୫ମ, ଆନ୍ଧ୍ରପ୍ରଦେଶର ନନ୍ଦୟାଲା ପ୍ରିନ୍ସ ବ୍ରାନହମ୍ ରେଡ୍ଡୀ ୬ଷ୍ଠ, ବିହାରର ଏମ୍‌ଡି ଉମର ଫୈସଲ ୭ମ, ମହାରାଷ୍ଟ୍ରର ଅନ୍‌ସୁଲ ସନ୍ଦୀପ ନାଫାଡେ ୮ମ, ହରିୟାଣାର ରଷିତ ଗୁପ୍ତା ୯ମ ଏବଂ ଉତ୍ତରପ୍ରଦେଶର ତନ୍ମୟ ବାଗେଲ ୧୦ମ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଭିଆଇଟିର କାଉନସେଲିଂ ୨୦୨୩ ଏପ୍ରିଲ ୨୬ ରୁ ଜୁନ୍ ୧୪ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଭିଆଇଟି ର୍‍ୟାଙ୍କ୍‌ଧାରୀ କାଉନସେଲିଂ ପାଇଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣ କରାଯାଇଛି। ବିଶେଷକରି ୧-୨୦,୦୦୦ ର୍‍ୟାଙ୍କ୍‌ଧାରୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ୨୬ ରୁ ୩୦ ଏପ୍ରିଲ ଏବଂ ୨ ପର୍ଯ୍ୟାୟ କାଉନସେଲିଂ ୨୦,୦୦୧-୪୫,୦୦୦ ର୍‍ୟାଙ୍କ ପାଇଁ ମେ’ ୯ରୁ ୧୧ ପର୍ଯ୍ୟନ୍ତ ରହିଛି। ସେହିଭଳି ୪୫,୦୦୧-୭୦,୦୦୦ ର୍‍ୟାଙ୍କ ପାଇଁ ୩ୟ ପର୍ଯ୍ୟାୟ ସହ ମେ’ ୨୦ରୁ ୨୨ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି।

## ଫୁର୍‌ସତ

### ବିଶ୍ୱ ଭେଟେରିନାରି ଦିବସ

# ପ୍ରାଣୀ ଚିକିତ୍ସାକୁ ଗୁରୁତ୍ୱ

**ବି**ଶ୍ୱ ପ୍ରାଣୀଧନ ସମାଜ ପକ୍ଷରୁ ପ୍ରଥମଥର ପାଇଁ ୨୦୦୦ ମସିହାରେ ୱାର୍ଲ୍ଡ ଭେଟେରିନାରି ଡେ’ ବା ‘ବିଶ୍ୱ ପ୍ରାଣୀଧନ ଦିବସ’ ପାଳନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ହିମାଂଶୁ ବେହେରା କହନ୍ତି, ‘‘ସମଗ୍ର ବିଶ୍ୱରେ ପ୍ରାଣୀ ଚିକିତ୍ସା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଏହା ପ୍ରତିବର୍ଷ ଏପ୍ରିଲ ଶେଷ ଶନିବାର ଦିନ ପାଳିତ ହୋଇଥାଏ। ଏହି କ୍ରମରେ ଏବର୍ଷ ଏପ୍ରିଲ ୨୯ରେ ପାଳିତ ହେଉଅଛି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି, ‘ପ୍ରାଣୀ ଚିକିତ୍ସା ବୃତ୍ତିରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା।’ ଏହାଦ୍ୱାରା ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଅଗ୍ରଣୀ ହୋଇପାରିବା। ମନୁଷ୍ୟ ପରି ପ୍ରାଣୀମାନଙ୍କର ଅଧିକାରକୁ ଶ୍ରେୟ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେଥିପାଇଁ ମହାତ୍ମା ଗାନ୍ଧୀ କହିଛନ୍ତି- ‘ପ୍ରାଣୀମାନଙ୍କର ପ୍ରଗତି, ଦେଶର ମହାନତା ମାପ କରିବାର ମୂଳମନ୍ତ୍ର।

ସର୍ବଦା ମନୁଷ୍ୟ, ପ୍ରାଣୀ ଏବଂ ପରିବେଶର ସ୍ୱାସ୍ଥ୍ୟ ସଙ୍ଗଠନରେ ଏକ ସ୍ୱାସ୍ଥ୍ୟ ଧାରଣା ହୋଇଥାଏ, ଯାହାକି ଏକ ପ୍ରକାରର ସହଯୋଗୀ, ବହୁମୁଖୀ ଏବଂ ବିଭିନ୍ନ ପ୍ରକାରର ବିଷୟବସ୍ତୁର ଆଭିମୁଖ୍ୟ। ତା’ସହ ଏଭଳି ଏକ ସ୍ୱାସ୍ଥ୍ୟ ଧାରଣାରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ଉତ୍ପାଦନର ଗୁରୁତ୍ୱ ବା ଭୂମିକା ରହିଅଛି। ତେଣୁ ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ମିଳିତ ଭାବେ ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସାକୁ ଯଥାସମ୍ଭବ ଅଗ୍ରସର କରିବା। ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପ୍ରାଣୀ ପାଳନର ଆବଶ୍ୟକତା ଏବଂ ମହାନତାକୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ। ପ୍ରାଣୀ ପାଳନ ଦିଗରେ ଦେଶ ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ନାଗରିକ ଭାବେ ଆମମାନଙ୍କର ପ୍ରଥମ କର୍ତ୍ତବ୍ୟ। ତା’ସହ ପ୍ରାଣୀ ପାଳନ କରୁଥିବା ଚାଷୀମାନଙ୍କୁ ମଧ୍ୟ ଆମେ ସମ୍ମାନ କରିବା ଜରୁରୀ।’’



## ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

**ମୁମ୍ବାଇ:** ୬୮ତମ ହ୍ୟୁଣ୍ଡାଇ ଫିଲ୍ମ ଫେୟାର ଆୱାର୍ଡ ୨୦୨୩ ଗୁରୁବାର ରାତିରେ ସମାପନ ହୋଇଛି। ଏଥିରେ ବିଭିନ୍ନ ଅଭିନେତ୍ରୀ ଅଭିନେତାଙ୍କୁ ଫିଲ୍ମ ଫେୟାର ଆୱାର୍ଡରେ ପୁରସ୍କୃତ କରାଯାଇଛି। ତେବେ ଆଲିଆ ଭଟ୍ଟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚିତ କରାଯାଇଛି। ଏଥିସହ ରାଜକୁମାର ରାଓଙ୍କୁ ଶ୍ରେଷ୍ଠ ଅଭିନେତା ଘୋଷିତ କରାଯାଇଛି। ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ପ୍ରସ୍ତୁତ ଚଳଚ୍ଚିତ୍ର ‘ଗଙ୍ଗୁବାଇ କାଠିଆୱାଡି’ରେ ଗଙ୍ଗୁବାଇ ଚରିତ୍ର ପାଇଁ ଆଲିଆଙ୍କୁ ଏହି ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏଥିରେ ଆଲିଆ ନିର୍ଦ୍ଦେଶକ ଭଁସାଲିଙ୍କ ସହ ତାଙ୍କ ପୂରା ଟିମ୍ ଏବଂ ପରିବାରକୁ ଧନ୍ୟବାଦ ଦେଇ ‘ଗଙ୍ଗୁ ମାଇଁ ଜାନ୍’ ବୋଲି ଲେଖି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ଆୱାର୍ଡରେ ଆଲିଆଙ୍କ ସମେତ ଅନିଲ କପୁର, ଜାହ୍ନବୀ କପୁର, ନୋରା ଫତେହି, ଭିକ୍କି କୌଶଳ ଓ ଆହୁରି କେତେଜଣ ସେଲିବ୍ରିଟିଙ୍କୁ ରେଡ୍ କାର୍ପେଟରେ ଷ୍ଟାଇଲ ୱାକ୍ କରୁଥିବା ଦେଖିବାକୁ ମିଳିଥିଲା। ସଲମାନ ଖାନ୍ ଚଳିତବର୍ଷର ଫିଲ୍ମଫେୟାର ଆୱାର୍ଡ ହୋଷ୍ଟ କରିଥିଲେ। ତାଙ୍କୁ ମଞ୍ଚରେ ସହାୟତା କରିଥିଲେ ଆୟୁଷ୍ମାନ ଖୁରାନା ଓ ମନୀଷ ପଲ୍। ଶେଷ ଥର ପାଇଁ ଆଲିଆଙ୍କୁ ସିନେମା ‘ବ୍ରହ୍ମାସ୍ତ୍ର’ରେ ସ୍ୱାମୀ ରଣବୀର କପୁରଙ୍କ ସହ ଦେଖିବାକୁ ମିଳିଥିଲା। ତେବେ ଆଗକୁ ତାଙ୍କର ୨ଟି ଫିଲ୍ମ ଆସିବାକୁ ଯାଉଛି, ଯାହା ଚଳିତବର୍ଷ ରିଲିଜ୍ ହେବାର ସୂଚନା ରହିଛି।



### ଅନ୍ତର୍ଜାତୀୟ ନୃତ୍ୟ ଦିବସ



# ପ୍ରତିଭା ପ୍ରଦର୍ଶନର ସୁଯୋଗ

**ଏ**ପ୍ରିଲ ୨୯, ପ୍ରତିବର୍ଷ ଏହି ଦିନରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ନୃତ୍ୟ ଦିବସ। ନୃତ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଓ ନୃତ୍ୟରେ ଅଂଶ ଗ୍ରହଣ ଲାଗି ଉତ୍ସାହିତ କରିବା ଏହି ଦିବସର ଅସଲ ଉଦ୍ଦେଶ୍ୟ। ନୃତ୍ୟକଳାର ମହତ୍ତ୍ୱ ତଥା ଚାପରୁ ମୁକ୍ତି, ଆତ୍ମ ଅଭିବ୍ୟକ୍ତି, ଆନନ୍ଦର ଉତ୍ସବ ଓ ସଂଯୋଗକୁ ବଢ଼ାଇବାରେ ନୃତ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ପରିଗଣିତ। ଏହା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାରେ ବି ସହାୟକ ହୋଇଥାଏ। ‘ମଡର୍ନ ବାଲଟ ଡ୍ୟାନ୍ସ’ର ଜନକ ଜିନ-ଜର୍ଜେସ ନୋଭେରଙ୍କ ଜନ୍ମଦିନକୁ ଇଣ୍ଟରନାଶନାଲ ଡ୍ୟାନ୍ସ ଡେ’ ବା ଅନ୍ତର୍ଜାତୀୟ ନୃତ୍ୟ ଦିବସ ଭାବେ ପାଳନ କରାଯାଇଆସୁଛି। ସୂଚନାଯୋଗ୍ୟ ୧୯୮୨ରେ ଡ୍ୟାନ୍ସ କମିଟି ଅଫ୍ ଦ ଇଣ୍ଟରନାଶନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍(ଆଇଟିଆଇ) ଏପ୍ରିଲ ୨୯କୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ସାରା ବିଶ୍ୱରେ ଥିବା ନୃତ୍ୟଶିଳ୍ପୀଙ୍କ ପ୍ରତିଭା ଆଡ଼କୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିହେବ ବୋଲି ମତ ପ୍ରକାଶ ପାଇଥିଲା। ଅବଶ୍ୟ ଏହି ଦିବସ ପାଳନର ଅର୍ଥ ନୃତ୍ୟର ଗୁରୁତ୍ୱକୁ ନେଇ ବିଶ୍ୱବାସୀଙ୍କୁ ସଚେତନ କରାଇବା। ଏଥିସହ ଆଉ ଏକ ଉଦ୍ଦେଶ୍ୟ ହେଉଛି, ନୃତ୍ୟଶିଳ୍ପୀମାନେ ଏହି ଅବସରରେ ସାରା ବିଶ୍ୱରେ ସେମାନଙ୍କ ପ୍ରତିଭାର ପରିଚୟ ଦେଇପାରିବେ ଓ ନୃତ୍ୟର ମହତ୍ତ୍ୱକୁ ବୁଝାଇପାରିବେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୩, କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ପୂର୍ବାହ୍ନ ୧୦ଟା।
- ଚଳଚ୍ଚିତ୍ର ଫାଲ୍‌ଗୁନ ଚୈତ୍ର, ହୋଟେଲ ପ୍ରେସିଡେନ୍ସି, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନୃତ୍ୟ ଦିବସ,ସେମିନାର ହଲ୍, ୟୁୟୁସି, ମଦନପୁର, ପୂର୍ବାହ୍ନ ୧୧ଟା ୩୦।
- କଫି, କଥା ଓ କବିତା, କଳାଭୂମି, ଅପରାହ୍ନ ୪ଟା।
- 'ଅଦାଲତ ଓ କ୍ଷୁଧା' ପୁସ୍ତକ ଲୋକାର୍ପଣ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ଦି ସ୍କୁଲ ଅଫ୍ ରାଗ ସଙ୍ଗୀତ ୨୦୨୩, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ମାସିକୀ, ସୂଚନା ଭବନର ପ୍ରଦର୍ଶନୀ କକ୍ଷ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚର ଆଲୋଚନା ଚକ୍ର, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା।
- 'ୟଙ୍ଗ ଆଣ୍ଡ ଫିଟ୍ ଆଟ୍‌୬୦' ପୁସ୍ତକ ଲୋକାର୍ପଣ, ସୂଚନା ଭବନ, ରାତି ୭ଟା।

**ବାଲିଅନ୍ତା**

- ଗ୍ରହରାଜ ଶନିଶ୍ଚର ମହାଗ୍ରହଙ୍କ ବାର୍ଷିକ ଉତ୍ସବ ପାଳନ ଅବସରରେ ଯଜ୍ଞ ଓ ଜଳାଭିଷେକ, ଜୟପୁର ମା' କ୍ଷେତ୍ରପାଳିକା, ସକାଳ ୮ଟା।
- ବାସୁଦେବ ଯୁବ ପରିଷଦ ଆନୁକୂଲ୍ୟରେ ତପୁନଃ ମେମୋରିଆଲ କପ୍, ବାଲିଅନ୍ତା କୁଶଭଦ୍ରା ନଦୀ ଖେଳ ପଡ଼ିଆ, ରାତି ୭ଟା।

# ରାଷ୍ଟ୍ର ଗଠନରେ ଓଡ଼ିଶାର ଅବଦାନ ଅତୁଳନୀୟ

## ଉତ୍କଳ 'ଉତ୍ସବ ଓଡ଼ିଶା' ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ଜାତୀୟ ସଂହତି ଓ ସଂସ୍କୃତି ଉତ୍ସବ ଉତ୍କଳ 'ଉତ୍ସବ ଓଡ଼ିଶା' ଆରମ୍ଭ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମରେ ଆୟୋଜିତ 'ଉତ୍ସବ ଓଡ଼ିଶା'ର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ କହିଥିଲେ, ଜଗନ୍ନାଥ ସଂସ୍କୃତି ହେଉଛି ସହିଷ୍ଣୁତା କ୍ଷେତ୍ରରେ ବିଶ୍ୱ ଭ୍ରାତୃଭାବ ପ୍ରଦର୍ଶନ, ଯାହା ଜାତୀୟ ସଂହତି ପାଇଁ ନିତାନ୍ତ ଜରୁରୀ। ପୁରୁଷ ବିଶ୍ୱକପ ହକି ଓଡ଼ିଶାରେ ୨ଥର ଆୟୋଜନ ହୋଇଛି। ପୁଣି ୨୦୩୩ ପର୍ଯ୍ୟନ୍ତ ଭାରତୀୟ ହକିର ଓଡ଼ିଶା ପ୍ରାୟୋଜକ ହୋଇଛି। ଓଡ଼ିଶା ହେଉଛି ଆଲୁମିନିୟମ ହବ୍। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସମସ୍ତଙ୍କଠାରୁ ଆଗୁଆ। ତେଣୁ ରାଷ୍ଟ୍ର ଗଠନରେ ଓଡ଼ିଶାର ଅବଦାନ ଅତୁଳନୀୟ ବୋଲି ଧଳ ପ୍ରକାଶ କରିଛନ୍ତି। ଆଜାଦି କା ଅମୃତ ମହୋତ୍ସବ ଏବଂ ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ସଂସ୍କୃତି ଓ ଜାତୀୟ ସଂହତି ପର୍ଯ୍ୟବସିତ



ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

'ଉତ୍ସବ ଓଡ଼ିଶା'ର ଉଦ୍‌ଘାଟନ ଉତ୍ସବରେ ପୌରାହିତ୍ୟ କରି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଥିଲେ, ଆବାହମାନ କାଳରୁ ଓଡ଼ିଶା ଭୂମିରେ କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ବୋଲି ବିବେଚିତ ହୋଇଛି। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ କହିଲେ ଯେ, ଓଡ଼ିଶା ହେଉଛି ସେବା ଓ ତ୍ୟାଗର ଭୂମି। ଏଠାକାର ବରପୁତ୍ରମାନଙ୍କ ସେବା ଓ ତ୍ୟାଗ ସର୍ବଦା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଛି। କୁଳସଚିବ ଡ. ଅଭୟ କୁମାର ନାୟକ କହିଲେ ଯେ, ଓଡ଼ିଶାର ଚିଲିକା ହ୍ରଦ ଓ ଶିମିଳିପାଳ ଜଙ୍ଗଲ ଭଳି ଅନନ୍ୟ ସ୍ଥାନ ଅନ୍ୟ କେଉଁଠି ବି ନାହିଁ। ଇନଷ୍ଟିଚ୍ୟୁଟ ଅଫ ମିଡିଆ ଷ୍ଟଡିଜର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ପ୍ରଫେସର ମିତାଲି ଚିନାରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଜାତୀୟ ସଂହତିରେ ଓଡ଼ିଶାର ଭୂମିକା ଶୀର୍ଷକ ଅଧିବେଶନରେ ଡ. ନିବେଦିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ପ୍ରଫେସର ଅମଳ କୁମାର ମିଶ୍ର ଏବଂ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଆଲୋଚକ ଭାବେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନ ଆୟୋଜିତ ହୋଇଥିଲା। ପ୍ରଫେସର ସଞ୍ଜୟ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ 'ଆମର ମୂଳ ଓ ଓଡ଼ିଶାର କୀର୍ତ୍ତି ଅବିଦିତ ରହିଥିବା ବୀର' ଶୀର୍ଷକ ଅଧିବେଶନରେ ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର, ଡ. ପ୍ରିୟଦର୍ଶୀ କର, ପ୍ରଫେସର ହରିହର ପଣ୍ଡା ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତୃତୀୟ ଅଧିବେଶନରେ 'ଭାରତ ଜି-୨୦ ଅଧ୍ୟକ୍ଷ ଓ ବିଶ୍ୱ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏଥିରେ ହରପ୍ରସାଦ ଦାସ, ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, କମଳକାନ୍ତ ଦାଶ ଓ ଗିରିଶ ପ୍ରସାଦ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉତ୍କଳ ସଂସ୍କୃତି ଓ ପରମ୍ପରାକୁ ନେଇ ଚିତ୍ତାକର୍ଷକ ଦେଶାତ୍ମବୋଧ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

# କିସ୍ ପରିଦର୍ଶନ କଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

## ଦାନ କଲେ ମାସକର ଦରମା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର କିସ୍ ପରିଦର୍ଶନ କରିଛନ୍ତି। କିସ୍ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସୋରେନ୍ କହିଥିଲେ, କିସ୍ ଭଳି ଅନୁଷ୍ଠାନ ଝାଡ଼ଖଣ୍ଡରେ ପ୍ରତିଷ୍ଠା ହେଲେ ମାଓବାଦୀ ସମସ୍ୟା ଓ ଜନଜାତିଙ୍କ ବହୁ ସମସ୍ୟାର ସମାଧାନ ହୋଇପାରିବ। ଝାଡ଼ଖଣ୍ଡ ଜନଜାତି ସମ୍ପ୍ରଦାୟର ଲୋକଙ୍କୁ କିପରି ବିକାଶ ଧାରାରେ ସାମିଲ କରାଯାଇପାରିବ ସେଥିପାଇଁ ଆମକୁ କିସ୍ ମାର୍ଗଦର୍ଶନ କରିବ। କିସ୍‌ରୁ ମିଳୁଥିବା ସୁବିଧା ସୁଯୋଗର ସୁବିନିଯୋଗ କରି କଠିନ ପରିଶ୍ରମ ବଳରେ ଲକ୍ଷ୍ୟ ପଥରେ ଆଗେଇ ଯିବା ପାଇଁ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏ ଅବସରରେ ସୋରେନ୍ କିସ୍‌କୁ ଏକ ମାସର ଦରମା ଦାନ କରିବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ସୋରେନଙ୍କ ସହଧର୍ମିଣୀ କଳ୍ପନା ମୁର୍ମୁ ସୋରେନ କିସ୍‌ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଦେଖି ଅଭିଭୂତ ହୋଇପଡ଼ିଥିଲେ। ଜୀବନରେ ସବୁବେଳେ ଆତ୍ମବିଶ୍ୱାସ ବଜାୟ ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଝାଡ଼ଖଣ୍ଡର ମୁଖ୍ୟ ଶାସନ ସଚିବ ସୁଖଦେବ ସିଂହ କହିଥିଲେ, କିସ୍ ଏକ ଅନୁଷ୍ଠାନ ନୁହେଁ, ଏକ ସାମ୍ରାଜ୍ୟ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଏବଂ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସଚିବ ବିନୟ ଚୌବେ, ବ୍ୟକ୍ତିଗତ ସଚିବ ସୁନୀଲ କୁମାର ଶ୍ରୀବାସ୍ତବଙ୍କ ସମେତ କିସ୍‌ର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବ୍ରାଇଟଷ୍ଟାର ୟୁଥ ଆସୋସିଏଶନରେ ସ୍ୱାସ୍ଥ୍ୟସେବା ଶିବିର

ପୁରୁଣା ଭୁବନେଶ୍ୱର,୨୮।୪(ଡି.ଏନ.ଏ.)- ସାଧନାରତ କଣ୍ଠ ଅପେକ୍ଷା ସେବାରତ ହସ୍ତ ଯଥେଷ୍ଟ ଉର୍ଦ୍ଧ୍ୱରେ। ଏହି ନୀତି ଅନୁସରଣ କରି ବଡ଼ଗଡ଼ ବ୍ରିଟ୍ କଲୋନୀର ସାଇଶକ୍ତି ମହିଳା ସମିତି ସତ୍ୟନଗର ଲେଡ଼ିଜ ଫୋରମ ଓ ବଡ଼ଗଡ଼ର ବ୍ରାଇଟଷ୍ଟାର ୟୁଥ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ବ୍ରାଇଟଷ୍ଟାର କ୍ଲବ ପରିସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଗଡ଼ ଗାଁ, ବଡ଼ଗଡ଼ ବ୍ରିଟ, ବିଜେବି ନଗର ପ୍ରମୁଖ ଅଞ୍ଚଳରୁ ୪୦୦ରୁ ଉର୍ଦ୍ଧ୍ୱ ରୋଗୀ ନିଜ ନିଜର ବିଭିନ୍ନ ରୋଗର ପରୀକ୍ଷା କରାଇଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ଯୋଗଦେଇ ଅନୁଷ୍ଠାନର ଏଭଳି ଏକ ମହତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିଭଳି ଓଡ଼ିଶା ମୋ' ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ସାମନ୍ତରାୟ ଏବଂ ଶିକ୍ଷାବିତ୍, ବାଗ୍ମୀ ଲେଖିକା, ଜଣେ ସୁବକ୍ତା ଓ ମନସ୍ତତ୍ତ୍ୱ ବିଭାଗର ପ୍ରଧାପିକା ଡ. ପ୍ରତିଭା ମହାରଥୀ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ।

# ମେଣ୍ଢାଶାଳ ସେବା ସମବାୟ ସମିତିର ସମୀକ୍ଷା ବୈଠକ

ବାରଙ୍ଗ,୨୮।୪(ଡି.ଏନ୍.ଏ.)- ମେଣ୍ଢାଶାଳଠାରେ ଥିବା ଖୋର୍ଦ୍ଧା କେନ୍ଦ୍ରବ୍ୟାଙ୍କ ଶାଖା ସମବାୟ ସମିତି ସଭାଗୃହରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ମହିନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ସିଇଓ ବନଶ୍ରୀ ମଲିକ, ଜିଏମ୍ ସନ୍ଦୀପ ପଟ୍ଟନାୟକ, ମେଣ୍ଢାଶାଳ ଶାଖା ପରିଚାଳିକା ନୀଳିମା ଦାସ, ସୁପରଭାଇଜର ସନ୍ତୋଷ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଣ୍ଢାଶାଳ ଶାଖା ଅଧୀନରେ ଥିବା ୬ଗୋଟି ସେବା ସମବାୟ ସମିତି କାର୍ଯ୍ୟକର୍ତ୍ତା ଓ ସ୍ୱୟଂସହାୟକ ଗୋଷ୍ଠୀମାନେ ଉପସ୍ଥିତ ଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, କୂପ ଖନନ, ଟ୍ରାକ୍ଟର, ଛେଳି, କୁକୁଡ଼ା ଆଦି ଚାଷ ପାଇଁ ଋଣ ପ୍ରଦାନ ସାଙ୍ଗକୁ ସମିତିର ଜମା ରାଶି କିପରି ବୃଦ୍ଧି ଘଟିବ ତାହା ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ହିମାଂଶୁ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



ଏମ୍ସ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ତରଫରୁ ଆୟୋଜିତ ମାନବଶୃଙ୍ଖଳ।

# ଜି-୨୦ ପରିପ୍ରେକ୍ଷୀରେ ଏମ୍ସ ପକ୍ଷରୁ ମାନବଶୃଙ୍ଖଳ

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ଭାରତର ଜି-୨୦ ସଭାପତିତ୍ୱ ସଫଳତାକୁ ଏମ୍ସ ଭୁବନେଶ୍ୱର ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ତରଫରୁ ଏକ ବିଶାଳ ମାନବଶୃଙ୍ଖଳ ଗଠନ କରାଯାଇଥିଲା। ସାଢେ ତିନିଶହ ପିଲାଙ୍କୁ ନେଇ ଜି୨୦କୁ ଚିତ୍ରଣ କରୁଥିବା ଏକ ପ୍ରତିସ୍ୱରୂପ ସୃଷ୍ଟି କରାଯାଇଥିଲା। ଏମ୍ସ ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏପରି ମାନବଶୃଙ୍ଖଳ ବେଶ୍ ଆକର୍ଷଣୀୟ ହୋଇଥିଲା। ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ବିଷୟବସ୍ତୁର ବିଶେଷତାକୁ ସାରା ବିଶ୍ୱରେ ପହଞ୍ଚାଇବାର ପ୍ରୟାସ କରାଯାଇଥିଲା। ଏମ୍ସ ଭୁବନେଶ୍ୱର ପକ୍ଷରୁ ଜି-୨୦ ଜନଭାଗିଦାରୀ ଅଭିଯାନ ଅନ୍ତର୍ଗତ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଛାତ୍ରୀଛାତ୍ର ଏବଂ ରୋଗୀଙ୍କ ଖାଦ୍ୟରେ ମିଲେଟ୍‌ର ବ୍ୟବହାର ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଏମ୍ସର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜନ ପ୍ରଭୃତି ଜନ ଭାଗିଦାରୀ ଅଭିଯାନର ଅଂଶ ଥିଲା। ଜି-୨୦ ଅଭିଯାନରେ ଏମ୍ସ ଭୁବନେଶ୍ୱରର ସକ୍ରିୟ ସହଭାଗୀତାକୁ ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଖୁସି ବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏପରି ମାନବଶୃଙ୍ଖଳ ସୃଷ୍ଟି ଭାରତର ବିଶ୍ୱସ୍ତରୀୟ ନେତୃତ୍ୱ ତଥା ନାରୀଶକ୍ତିର ଜାଗରଣକୁ ପ୍ରମାଣିତ କରୁଥିବା ଡା. ବିଶ୍ୱାସ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁଳସଚିବ ବି.ବି. ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିନ୍ ଡ. ପି.ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ, ପିଆର୍ ସେଲ ମୁଖ୍ୟ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ମୌଳିକ କଥାବସ୍ତୁ ଉପରେ ଚଳଚ୍ଚିତ୍ର ନିର୍ମାଣ ହେଉ

- ସୀତାବିବାହ ଦିବସ ପାଳିତ
- ୧୪ଜଣଙ୍କୁ ସିନେକ୍ରିଟିକ ସମ୍ମାନ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଚଳଚ୍ଚିତ୍ର କଥା ଆସିଲେ ବିଷୟବସ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ମୌଳିକ କଥାବସ୍ତୁ ଉପରେ କାହାଣୀ ନିର୍ମାଣ କରାଗଲେ ତାହାର ଦୀର୍ଘସ୍ଥାୟୀ ପ୍ରଭାବ ଅନୁଭୂତ ହେବା ସହ ଦର୍ଶକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିବ। ଏ ଦିଗରେ ପ୍ରଯୋଜକ, ନିର୍ଦ୍ଦେଶକମାନେ ଆଗଭର ହେବାକୁ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ସୀତା ବିବାହ ଦିବସ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ମଞ୍ଚାସୀନ ଥିଲେ। ବରେଣ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ଓଡ଼ିଆ ଚଳଚ୍ଚିତ୍ରର ପ୍ରସାର ନିମନ୍ତେ ପ୍ରତି ଜିଲାରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଓ ଗୁଣାତ୍ମକ ମାନର ଚଳଚ୍ଚିତ୍ର ପ୍ରସ୍ତୁତ କରିବାକୁ ସରକାର ପ୍ରୋତ୍ସାହନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଦିଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମର ୧୪ଜଣ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସିନେକ୍ରିଟିକ ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଡ. ମାଧବାନନ୍ଦ ବେହୁରା, କସ୍ତୁରୀ ରାୟ, ଅରୁନ୍ଧତୀ ମଲ୍ଲିକ, ସୁନୀଲ ଲେଙ୍କା, ଶର୍ମିଷ୍ଠା ପାଣିଗ୍ରାହୀ, କବିତା ସ୍ୱାଇଁ, ମନୀଷା ଦାସ, ସୁମନ୍ତ ସୁନ୍ଦରାୟ, ଶରତ ପାତ୍ର, କୈଳାସ ପାତ୍ର, ସ୍ୱାତୀ ଜେନା, ଅନୁରାଧା ବାରିକ, ପ୍ରୀତିନନ୍ଦା ରାଉତରାୟ, ଗୌରୀଶଙ୍କର ପଣ୍ଡା ପ୍ରମୁଖ। କାର୍ଯ୍ୟକ୍ରମରେ ବାଦ୍ୟଗୁରୁ ଅବନୀକାନ୍ତ ଦାସଙ୍କ ସଂଯୋଜନାରେ ଏକ ମନୋଜ୍ଞ ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଏଥିରେ ବିଚିତ୍ରାନନ୍ଦ ଦେଓ, ପ୍ରୀତିନନ୍ଦା ରାଉତରାୟ ଓ ପ୍ରତିଭା ପ୍ରଧାନ ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ପ୍ରଯୋଜକ ଲୁଟୁ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ରବୀନ୍ଦ୍ର ବିଶ୍ୱାଳ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ରବୀନ୍ଦ୍ରନାଥ ପଣ୍ଡା, ଅତୀଶ ରାଉତ, ପ୍ରଶାନ୍ତ ପାଇକରାୟ ଓ ଲୋକନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ଆବର୍ଜନା ମୁକ୍ତ ୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ

ପୁରଣା ଭୁବନେଶ୍ୱର,୨୮।୪(ଡି.ଏନ.ଏ.)

ରାଜଧାନୀ ଭୁବନେଶ୍ୱର ସହରରେ ଦିନକୁ ୩୦୦ରୁ ୩୫୦ ଟନ କଠିନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି। କଠିନ ବର୍ଜ୍ୟବସ୍ତୁର ଅବସ୍ଥାନ, ଜୀବନଧାରଣ ମାନ, ଶକ୍ତି ଉତ୍ସ ଓ ଋତୁ ଅନୁଯାୟୀ ଭିନ୍ନ ହୋଇଥାଏ। ଏଗୁଡ଼ିକ ନିଜ ପାଇଁ ଏବଂ ଭବିଷ୍ୟତ ପାଇଁ ବିପଦପୂର୍ଣ୍ଣ। ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଆବର୍ଜନା ମୁକ୍ତ ୱାର୍ଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରୁଚିକା ସମାଜମଙ୍ଗଳ ସଂଗଠନ ଓ ସୁଇଚ ଅନ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ରୁଚିକା ସମାଜମଙ୍ଗଳ ସଂଗଠନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନୁଷ୍ଠାନିକ ଭାବେ ୪୯ନଂ. ୱାର୍ଡରେ ଏହି କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର, ୪୯ନଂ. ୱାର୍ଡର କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତି ୱାର୍ଡରେ ପ୍ରତିନିଧି ପହଞ୍ଚି ପ୍ଲାଷ୍ଟିକକୁ ପୁନଃ ବ୍ୟବହାର, ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟ କରିବା, ଆବର୍ଜନା କମ୍ କରିବା ଭଳି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପ୍ରାକ୍ଟିକାଲ ସଚେତନତା କରିବାକୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସ୍ଥିର ହୋଇଛି। ଏଥିରେ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି, ସଭାପତି ପ୍ରଫେସର ସବିତା ମହାନ୍ତି, ଫାଉଣ୍ଡେଶନ ଏମ୍‌ଡି ବିନୟ ଜାଜୁ ଉପସ୍ଥିତ ଥିଲେ।

# 'ସମୟର ପରିଭାଷା ଆମ ପରିଚୟ'ର ସ୍ୱନକ୍ଷତ୍ର ଉତ୍ସବ



'ସମୟର ପରିଭାଷା ଆମ ପରିଚୟ' ଖବରକାଗଜର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଉଛି।

## ୯ଜଣଙ୍କୁ ଆମ ପରିଚୟ ସମ୍ମାନ

ପୁରୁଣା ଭୁବନେଶ୍ୱର,୨୮।୪(ଡି.ଏନ୍.ଏ.)

ସ୍ଥାନୀୟ ରାଧାବଲ୍ଲଭ ମଠ ପରିସରରେ ଶୁକ୍ରବାର 'ସମୟର ପରିଭାଷା ଆମ ପରିଚୟ' ପାକ୍ଷିକ ଖବରକାଗଜର ୧୮ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାନସଭା ସଚିବ ଦାଶରଥି ଶତପଥୀ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ବାବା ସତ୍ୟାନନ୍ଦ ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଗବେଷକ ଓ ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ତ୍ରିଲୋଚନ ମିଶ୍ର, 'ସୋଆ' ଛାତ୍ର କଲ୍ୟାଣ ବିଭାଗର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଶିକ୍ଷାବିତ୍ ଚୌଧୁରୀ ଡକ୍ଟର ସତ୍ୟ ଦାସଙ୍କ ସମେତ ୯ଜଣଙ୍କୁ ଆମ ପରିଚୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଗାନ୍ଧୀବାଦୀ ଫୋରମର ଜ୍ଞାନ ରଞ୍ଜନ ସାମନ୍ତରାୟ, ଫଟୋଗ୍ରାଫର ମନୋରଞ୍ଜନ ମହାନ୍ତିଙ୍କ ସମେତ ୫ଜଣଙ୍କୁ ଜୀବାନନ୍ଦ ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମହାଦେବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ତ୍ରିଲୋଚନ ପାଢୀ ସଭାପତିତ୍ୱ କରିଥିବାବେଳେ ପ୍ରକାଶକ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ପ୍ରସନ୍ନଜିତ୍ ସାହୁ, ଚନ୍ଦନ କୁମାର ଶିଶୁ, ସୁନୀଲ ମାଟିଆ, ଚିରଞ୍ଜୀବ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପୁଣି ତେଜିଲା ଜାଗା ମିଶନ ଝଡ଼

- ସର୍ଭେରେ ଚଞ୍ଚକତା ଅଭିଯୋଗ
- ବିଏମ୍‌ସି ଘେରିଲା ବସ୍ତି ସୁରକ୍ଷା ମଞ୍ଚ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମରେ ଜାଗା ମିଶନ ସର୍ଭେକୁ ନେଇ ଝଡ଼ ଥମିବାର ନାଁ ନେଉନି। କିଛିଦିନର ବିରତି ପରେ ପୁଣି ଥରେ ସର୍ଭେକୁ ନେଇ ବସ୍ତିବାସିନ୍ଦା ନିଜର ଅସନ୍ତୋଷ ଜାହିର କରିଛନ୍ତି। ସର୍ଭେରେ ବ୍ୟାପକ ତ୍ରୁଟି ଥିବା ଏବଂ ଏଥିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ କରି ଶୁକ୍ରବାର ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଯୋଗ ଅନୁଯାୟୀ, ବିଏମ୍‌ସି ପକ୍ଷରୁ କରାଯାଉଥିବା ଜାଗା ମିଶନ ସର୍ଭେରେ ଅନେକ ବସ୍ତିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାଲିଆସାହି ବସ୍ତି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳର କିଛି ବସ୍ତି ଏବଂ ଅନ୍ୟ କେତେକ ବସ୍ତିରେ ଏ ଯାଏ ସର୍ଭେ କରାଯାଇନାହିଁ। ଅପରପକ୍ଷେ ସର୍ଭେ ହୋଇଥିବା ବସ୍ତିରେ ମାତ୍ର ହାତଗଣତି କେତେଜଣଙ୍କ ନାମ ତାଲିକାରେ ରହିଛି। ସେଥିରୁ ଅନେକ ଲୋକ ସମ୍ପୃକ୍ତ ବସ୍ତିରେ ରହୁନାହାନ୍ତି। ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ନିଜ ଚିହ୍ନା ପରିଚିତ ଲୋକଙ୍କ ନାମ ତାଲିକାଭୁକ୍ତ କରାଯାଇଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ସହରର ଜୀବନରେଖା ବୋଲି କହୁଥିବାବେଳେ ସେମାନଙ୍କୁ ଥଇଥାନ କରିବାରେ ବିଫଳ ହୋଇଛନ୍ତି। ସରକାର ତୁରନ୍ତ ସର୍ଭେରେ ସମସ୍ତ ବସ୍ତିକୁ ଅନ୍ତର୍ଭୁକ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଜାଗା ପଟ୍ଟା ବଣ୍ଟନ କରିବା, ସର୍ବନିମ୍ନ ୬ଶହ ବର୍ଗଫୁଟ ଜାଗା ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଆନ୍ଦୋଳନସ୍ଥଳକୁ ମେୟର ସୁଲୋଚନା ଦାସ ଆସି ମଞ୍ଚର ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଯଥାଶୀଘ୍ର ବାକି ରହିଥିବା ବସ୍ତିରେ ସର୍ଭେ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ମେୟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।





## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଆଶାକର୍ମୀଙ୍କ ମୃତ୍ୟୁ



ବୋଲଗଡ଼,୨୮।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଅଧୀନ ବେଗୁନିଆ ମୁଳ ଗ୍ରାମର ପୋଖରୀରେ ବୁଡ଼ି ଜଣେ ଆଶାକର୍ମୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଟିକିନା ବେହେରା(୪୮)। ଏନେଇ ମୃତାଙ୍କ ପୁଅ ଶ୍ରୀଧର ବେହେରାଙ୍କ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗୁରୁବାର ରାତିରେ ପରିବାରଲୋକେ ରାତ୍ରିଭୋଜନ ପରେ ଶୋଇପଡ଼ିଥିଲେ। ହଠାତ୍ ଶ୍ରୀଧରଙ୍କ ନିଦ ଭାଙ୍ଗିଯିବାରୁ ସେ ତାଙ୍କ ମା' ଟିକିନାଙ୍କୁ ଦେଖିବାକୁ ପାଇ ନ ଥିଲେ। ଏହାପରେ ସେ ଖୋଜାଖୋଜି କରିବା ପରେ ଘର ସମ୍ମୁଖ ପୋଖରୀରୁ ମା'ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅସାବଧନତା ବଶତଃ ପୋଖରୀରେ ବୁଡ଼ିଯିବାରୁ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିବା ଶ୍ରୀଧର ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଟିକିନା ଆଶାକର୍ମୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସରପଞ୍ଚ ପ୍ରମୋଦ ରାଉତରାୟ ଓ ସମିତିସଭ୍ୟାଙ୍କ ପ୍ରତିନିଧି ସୁଶାନ୍ତ ପାଇକରାୟଙ୍କ ସମେତ ଗ୍ରାମବାସୀ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରସାଶନଙ୍କୁ ନିବେଦନ କରିଛନ୍ତି।

### ଭଗବତୀଙ୍କ ପୀଠରେ ମହାଯଜ୍ଞ

ନିରାକାରପୁର,୨୮।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତ ଅନ୍ତର୍ଗତ ମା'ଭଗବତୀଙ୍କ ପୀଠରେ ପଞ୍ଚକୁଣ୍ଡିଅ ଗାୟତ୍ରୀ ମହାଯଜ୍ଞ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନିକଟ ନଦୀରୁ ମାନସିକଧାରୀ ମହିଳା, ପୁରୁଷ ପାଣି ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ଯଜ୍ଞ ତିନିଦିନ ବ୍ୟାପି ଚାଲୁ ରହିବ ବୋଲି ଗ୍ରାମର ପଦ୍ମଲୋଚନ ସାହୁ ସୂଚନା ଦେଇଛନ୍ତି।

### ସାକ୍ଷର ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୨୮।୪: ଖୋର୍ଦ୍ଧାସ୍ଥିତ ସିଡିପିଓ ଅଫିସ ସମ୍ମିଳନୀ କକ୍ଷରେ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଫୌଜଦାରି ବିଧି ବ୍ୟବସ୍ଥା ମଧ୍ୟରେ ଥିବା ଏତଲା, ଜାମିନ, ୱାରେଣ୍ଟ, ଆଇନ ପ୍ରତିନିଧି, ଅପିଲ, ପ୍ଲିଓଫ ବାର୍ଗେନିଂ ସମ୍ପର୍କରେ ସାକ୍ଷର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାକ୍ଷରତା କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟକ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟ ଅତିଥି ଓ ଜେଏମ୍ଏଫ୍‌ସି ରାକେଶ ବେହେରା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଫୌଜଦାରି ବିଧି ବ୍ୟବସ୍ଥା ମଧ୍ୟରେ ଥିବା ବିଭିନ୍ନ ଆଇନର ପ୍ରାମାଣିକ ଉପଦୟତା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଖୋର୍ଦ୍ଧା ଜିଲା ବାର ଆସୋସିଏଶନର ବରିଷ୍ଠ ଅଧିବକ୍ତା ବିଜୟ କୁମାର ସାମନ୍ତସିଂହାର, ଅଶୋକ କୁମାର ମହାପାତ୍ର, ମୁରଲୀଧର ସାମନ୍ତରାୟ, ଶିବପ୍ରସାଦ ତ୍ରିପାଠୀ, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ କୁମାର ଶତପଥୀ ସଭା ଆୟୋଜନ କରିଥିବା ବେଳେ ସିଡିପିଓ ମଞ୍ଜୁ ମଣି ନାୟକ ଧନ୍ୟବାଦ ଦେଇଥିଲେ।

# ୧୫ ବର୍ଷରେ ଗଲାଣି ୧୭୩୫ ଜୀବନ

ଖୋର୍ଦ୍ଧା ଅଫିସ,୨୮।୪

**ଖୋର୍ଦ୍ଧାରେ ବଢୁଛି ଦୁର୍ଘଟଣା**
- ରାଜପଥ ପାଲଟିଛି ମରଣଯନ୍ତା
- ଜୀବନ ଯାଉଛି, ଚେତୁନି ପ୍ରଶାସନ
- ବେପରୁଆ ଗାଡ଼ିଚାଳନା ନେଉଛି ଜୀବନ

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ବେପରୁଆ ଗାଡ଼ିଚାଳନା ଯୋଗୁ ଦୈନିକ ଦୁର୍ଘଟଣା ଘଟୁଛି। ସେଥିରୁ ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥରେ ଘଟୁଥିବା ଜଣାପଡିଛି। ଖୋର୍ଦ୍ଧା ଜିଲା ଦେଇ ଯାଇଥିବା ଦୁଇ ଜାତୀୟ ରାଜପଥ ୫୭ ନମ୍ବର ଏବଂ ୧୬ନଂ. ଅସୁରକ୍ଷିତ। ଗତ ୧୫ବର୍ଷ ମଧ୍ୟରେ ଦୁର୍ଘଟଣାରେ ୧୭୩୫ ଜଣଙ୍କ ଜୀବନ ଯାଇଥିବା ଜିଲା ପୋଲିସ ପକ୍ଷରୁ ସୂଚନା ମିଳିଛି। ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଥିଲେ ମଧ୍ୟ ଜିଲା ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।

ପ୍ରକାଶ ଯେ, ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା ସହ ସଚେତନତାମୂଳକ କାର୍ଯ୍ୟ କରାଯାଉଛି। ତେବେ ସବୁ ଯୋଜନା, ସଚେତନତା କେବଳ କାଗଜକଲମରେ ସୀମିତ ରହିଯାଉଛି। ଅନ୍ୟପଟେ ରାସ୍ତା ସମ୍ପ୍ରସାରଣ ଯୋଗୁ ଅନେକ ସ୍ଥାନରେ ରାସ୍ତା ସଙ୍କୁଚିତ ରହିଛି। ଏକମୁହାଁ ଭାରିଯାନ, ବସ୍ ଯାତାୟାତ ବେଳେ ଦୁର୍ଘଟଣା ଘଟୁଛି। ପୁଣି ଭାରିଯାନ ଉପରେ ସ୍ପିଡ ବ୍ରେକର ଲାଗୁନି। କେବଳ ବିଭିନ୍ନ ଛକରେ ସୂଚନା ଫଳକଟିଏ ଝୁଲାଇ ଦିଆଯାଇଛି। ଜାତୀୟ ରାଜପଥ, ପରିବହନ ବିଭାଗ ଏବଂ ପୋଲିସ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଦୈନିକ ଦୁର୍ଘଟଣା ଘଟୁଛି। ୨୦୦୮ମସିହାରେ ଦୁର୍ଘଟଣାରେ ୯୭ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦୯ରେ ୯୨, ୨୦୧୦ରେ ୧୦୭, ୨୦୧୧ ରେ ୧୧୭, ୨୦୧୨ରେ ୧୦୧ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୩ରେ ୧୦୭, ୨୦୧୪ରେ ୧୩୨, ୨୦୧୫ ରେ ୧୧୮, ୨୦୧୬ରେ ୯୦, ୨୦୧୭ରେ ୧୪୦, ୨୦୧୮ରେ ୧୪୦ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯ରେ ୨୭୫ ଦୁର୍ଘଟଣା ହୋଇଥିବା ବେଳେ ୧୬୨ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୦ରେ ୨୨୬ଟି ଦୁର୍ଘଟଣାରେ ୯୦ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧ରେ ୨୨୬ଟି ଦୁର୍ଘଟଣାରେ ୧୦୬ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୨ରେ ବିଭିନ୍ନ ସ୍ଥାନରେ ୨୬୪ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୩୬ଜଣଙ୍କର ମୃତ୍ୟୁ ଘଟିଛି। ଚଳିତବର୍ଷ ଶୁକ୍ରବାର ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ ଏବଂ ଇଣ୍ଟରସେପ୍ଟର ବ୍ୟବସ୍ଥା ରହିଛି। ତେବେ ଏହା କେବଳ ଜରିମାନାରେ ସୀମିତ। ତେବେ ରାତିରେ ଭାରିଯାନ ଚଳାଚଳ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଦ୍ରୁତ ଗାଡିଚାଳନା ଏବଂ ରାତିର ଘନ ଅନ୍ଧକାରରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଜୀବନ ଯାଉଛି। ଅନ୍ୟପଟେ ବିଭାଗୀୟ ଅଧିକାରୀମାନେ ଜଣେ ଅନ୍ୟ ଉପରକୁ ଦୋଷ ଲଦି ଖସିଯିବାକୁ ଉଦ୍ୟମ କରୁଛନ୍ତି। ଫଳରେ ଜାତୀୟ ରାଜପଥରେ ଯାତ୍ରା ସୁରକ୍ଷିତ ନୁହଁ ବୋଲି ବିଭିନ୍ନ ମହଲରେ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ପଲା ତୋଟାପଡା ପର୍ଯ୍ୟନ୍ତ ରାସ୍ତାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ଏଠାରୁ ପଲ୍ଲା ତୋଟାପଡା ଛକ ପର୍ଯ୍ୟନ୍ତ ଉଭୟ ପଟ ରାସ୍ତା ସଙ୍କୁଚିତ ରହିଛି। ପୁଣି ତୋଟାପଡା ଛକରେ ଏକ ମୁହାଁ ରାସ୍ତା ଯୋଗୁ ସମସ୍ତ ଭାରିଯାନ ଯାତାୟାତ କରୁଛନ୍ତି। ଫଳରେ ଏହି ରାସ୍ତା ଏବେ ମରଣାଯନ୍ତା ପାଲଟିଛି। ସେହିଭଳି ରାଜପଥରେ ଟାଙ୍ଗୀ ପର୍ଯ୍ୟନ୍ତ ଚାଲିଥିବା ରାଜପଥ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକ କୁହନ୍ତି, ପରିବହନ ବିଭାଗର ନିର୍ଦ୍ଦେଶକ୍ରମେ ଏପ୍ରିଲ ପହିଲାରୁ ସପ୍ତାହ ବ୍ୟାପୀ ଦୁର୍ଘଟଣା ଶୂନ ସପ୍ତାହ ପାଳନ ଅବସରରେ ଲକ୍ଷାଧିକ ଟଙ୍କା ଜରିମାନା କରାଯାଇଛି। ନାବାଳକଙ୍କ ଗାଡିଚାଳନା ଉପରେ ନଜର ରଖାଯାଇଛି। ପୂର୍ବରୁ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦୁର୍ଘଟଣା କମିବା ପାଇଁ ମାନସିକତାରେ ପରିବର୍ତ୍ତନ ଜରୁରୀ। ଲୋକେ ସଚେତନ ହେଲେ ଦୁର୍ଘଟଣା କମିବ ବୋଲି ସେ କହିଛନ୍ତି।

### ଭାରତ ସହରୀ ଡାଟା ଏକ୍ସଚେଞ୍ଜରେ ବିଏସ୍‌ସିଏଲ୍‌କୁ ପୁରସ୍କାର

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ)କୁ ଆଉ ଏକ ପୁରସ୍କାର ମିଳିଛି। ଭାରତ ସହରୀ ଡାଟା ଏକ୍ସଚେଞ୍ଜ (ଆଇୟୁଡିଏକ୍ସ) ମାଧ୍ୟମରେ ସହରଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ ଏବଂ ଅନ୍ୟାନ୍ୟ ପ୍ରୟୋଗ ଲାଗି ବିଏସ୍‌ସିଏଲ୍‌କୁ ଏହି ପୁରସ୍କାର ମିଳିଛି। ସହରାଞ୍ଚଳର ସାମାଜିକ ଅର୍ଥନୈତିକ କଲ୍ୟାଣ ଲାଗି ତଥ୍ୟ ବିନିମୟକୁ ସମର୍ଥନ କରିବାରେ ଭୁବନେଶ୍ୱର ଦେଶର ଅନ୍ୟତମ ସହର, ଯାହା ଦେଶର ସହରାଞ୍ଚଳଗୁଡ଼ିକ ସାମାଜିକ ତଥା ଅର୍ଥନୈତିକ ବିକାଶ ଲାଗି ଲାଭଦାୟକ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଥିବାରୁ ଚଣ୍ଡିଗଡ଼ରେ ଆୟୋଜିତ ସମ୍ମିଳନୀରେ ବିଏସ୍‌ସିଏଲ୍ ଏହି ପୁରସ୍କାର ହାତେଇଛି। ସ୍ମାର୍ଟସିଟି ଜି.ଏମ୍ (ଆଡମିନିଷ୍ଟ୍ରେ) ସୁବ୍ରତ କୁମାର ବେହେରା ଏବଂ ଟ୍ରାଫିକ ମ୍ୟାନେଜର ସଞ୍ଜୀବ କୁମାର ଦାସ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ଗାଡ଼ିକୁ ଧକ୍କା ଦେଇ ଓଲଟିଲା ପିକ୍‌ଅପ୍ ଜଣେ ମୃତ, ୨ ଗୁରୁତର

ଖୋର୍ଦ୍ଧା ଅଫିସ,୨୮।୪

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗଡ଼ଖୋର୍ଦ୍ଧା ଛକ ରାଜପଥରେ ଲାଗିଥିବା ସିସିଟିଭି କ୍ୟାମେରା ସଜାଡିବା ଲାଗି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଗାଡ଼ିର ପଛପଟୁ ଧକ୍କା ଦେଇ ପିକ୍‌ଅପ ଭ୍ୟାନ ଓଲଟି ପଡିବାରୁ ଭ୍ୟାନ ଭିତରେ ଚାପି ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ମେହେରାମପୁର ଭୂଷଣ୍ଡପୁରର ଅରସାଦ ଅଲ୍ଲି ଖାନ(୪୧)। ଆହତଦ୍ୱୟ ହେଲେ ତବ୍ରିଜ ଖାନ(୩୩) ଓ ଏକବାଲ ଖାନ୍ ଓରଫ ବୁଲୁ(୩୪)। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ୟାସ କଟରରେ ଆହତଙ୍କୁ ଉଦ୍ଧାର କରିଥିବା ବେଳେ ଦେଢ଼ ଘଣ୍ଟା ପରେ ମୃତକଙ୍କୁ ବାହାର କରିଥିଲେ। କ୍ରେନରେ ଉଭୟ ଗାଡିକୁ ପୃଥକ କରାଯାଇଥିଲା। ଟାଉନ ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ଏକ ଅଣ୍ଡରପାସ ନିର୍ମାଣ ଚାଲିଛି। ପଞ୍ଚ ପାଇକ ମୂର୍ତ୍ତି ସମ୍ମୁଖ ରାଜପଥରେ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସିସିଟିଭି ଖଞ୍ଜା ଯାଇଛି। ସିସିଟିଭି ଚେକିଂ ଲାଗି ରାସ୍ତା ପାର୍ଶ୍ୱରେ ଗାଡି(ଓଡି୦୨-ବିଟି-୫୭୩୬)କୁ ପାର୍କିଂ କରି ସିସିଟିଭି ଯାଞ୍ଚ ଲାଗି ସରଞ୍ଜାମ ପ୍ରସ୍ତୁତ କରୁଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱର ପଟୁ ମାଛ ଅନଲୋଡ କରି ବାଲୁଗାଁ ଅଭିମୁଖେ ଏକ ପିକଅପ ଭ୍ୟାନ(ଓଡି-୩୩-ଏଜି-୦୮୮୫) ଆସୁଥିଲା। ସେଥିରେ ୩ଜଣ ବସିଥିଲେ। ଭ୍ୟାନ ଦ୍ରୁତଗତିରେ ଆସି ରାଜପଥରେ ଛିଡ଼ା ହୋଇଥିବା ଗାଡିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆଗରେ ଛିଡ଼ା ହୋଇଥିବା ଗାଡି ସିମେଣ୍ଟ ଡିଭାଇଡରେ ପିଟି ହୋଇ ଯାଇଥିବା ବେଳେ ପଛରେ ଥିବା ପିକଅପ ଭ୍ୟାନ ଓଲଟି ପଡିଥିଲା। ଉଭୟ ଗାଡି ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା ବେଳେ ଉଭୟ ଗାଡି ଲାଖିଯାଇଥିଲା। ଫଳରେ ଭ୍ୟାନରେ ରହିଥିବା ୩ଜଣ ଚାପି ହୋଇଯାଇଥିଲେ। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ଓ ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟା ପରେ ଦୁଇ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ଚିକିତ୍ସା ଲାଗି ଖୋର୍ଦ୍ଧା ମେଡିକାଲକୁ ପଠାଯାଇଥିଲେ। ଭ୍ୟାନ ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିବା ଅରସାଦଙ୍କୁ ପ୍ରାୟ ଦେଢ ଘଣ୍ଟାର ପରିଶ୍ରମ ପରେ ବାହାର କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଗାଡି ଦୁଇଟିକୁ କ୍ରେନ ସାହାର୍ଯ୍ୟରେ ପୃଥକ କରିଥାନାକୁ ନେଇଥିଲା। ଅନ୍ୟପଟେ ଦୁର୍ଘଟଣା ଯୋଗୁ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏକ କିମି ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଆଞ୍ଚଳିକ ପରିବହନ ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକ ଟିମ୍ ସହ ପହଞ୍ଚିଥିଲେ। ଆରଟିଓ କର୍ମଚାରୀ ଏବଂ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।



ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ କ୍ରେନ୍ ମାଧ୍ୟମରେ ଅଲଗା କରାଯାଉଛି।



ରାସ୍ତାରେ ଅଟକି ରହିଥିବା ଯାନବାହନ।

### ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

ଜଟଣୀ,୨୮।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ବିଶିଆପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ବିଦ୍ୟା ମନ୍ଦିର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୪ ଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟାଶାଳାର ପ୍ରଥମ ଦିବସରେ ରସାୟନ ବିଜ୍ଞାନ ଅଧ୍ୟାପକ ଗଙ୍ଗାଧର ବରାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟଶାଳା ବିଦ୍ୟାମନ୍ଦିର ବିଭାଗର ସଂଯୋଜକ ମାନସ ରଞ୍ଜନ ଜେନାଙ୍କ ସଂଯୋଜନାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ, ପରିଚାଳନା ସମିତିର ସମ୍ପାଦକ ସତ୍ୟବାଦୀ ଦାସ, ଉପ ସଭାପତି ବସନ୍ତ ନାୟକ, କୋଷାଧକ୍ଷ ମାନସ ପ୍ରତିହାରୀ, ଯୁଗ୍ମ ସମ୍ପାଦକ ତୋଫାନ ସାମନ୍ତରାୟ, ପରିଷଦ ଉପସଭାପତି ଗଙ୍ଗାଧର ରାଉତରାୟ, ସ୍ଥାନୀୟ ବେଣାପଞ୍ଜରୀ ସରପଞ୍ଚଙ୍କ ପ୍ରତିନିଧି ସାହା ଜାଫର ଅଲି, ସମିତି ସଭ୍ୟ ଶରତ ପାଲଟାସିଂହ, ଶରତ ପାଇକରାୟ, ନୀଳକଣ୍ଠ ମହାରଣା, ଶ୍ରୀନିବାସ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁ ଜୀବନଶୈଳୀରେ ବୈଜ୍ଞାନିକତା ଉପରେ ମାର୍ଗଦର୍ଶନ କରିଥିବା ବେଳେ ମୁଖ୍ୟ ଅତିଥି ଶିଶୁମନ୍ଦିରର ଶିକ୍ଷାଦାନର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ର ସର୍ବୋପରି ଶୀର୍ଷକ କଥାବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ସାମୂହିକ କାର୍ଯ୍ୟଶାଳାରେ ଅଂଶଗ୍ରହଣ କରିଥିବା ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ତାଲିମ ପ୍ରଦାନ କରାଯଇଥିଲା। ଖୋର୍ଦ୍ଧା ବିଭାଗ ନିରୀକ୍ଷକ ସୁଧୀର ନାୟକଙ୍କ ପର୍ଯ୍ୟବେକ୍ଷଣରେ କାର୍ଯ୍ୟଶାଳା ସମ୍ପାଦିତ ହୋଇଥିଲା।




ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

## ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି ତେଜିଲା




ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

ବାଣପୁର/ଗମ୍ଭାରୀମୁଣ୍ଡା,୨୮।୪(ଡି.ଏନ୍.ଏ.)

ବାଣପୁର ପଲଟଣ ପଡିଆସ୍ଥିତ କୃତ୍ତିବାସ ଭବନରେ ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି କରି ଆସୁଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଭାପତି ନଳିନୀକାନ୍ତ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ମିଟୁ ନାୟକ, ରବି ନାୟକ, ଉପସଭାପତି ଭଗବାନ ପ୍ରଧାନ, ସାଧାରଣ ସମ୍ପାଦକ ମୁରଲୀ ସାମନ୍ତସିଂହାର, ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ରାମ, ବୀରଭଦ୍ର କାଣ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦେବା ପାଇଁ ଜନସାଧାରଣ ଆନ୍ଦୋଳନ ଚାଲୁ ରଖିଥିଲେ ସୁଦ୍ଧା କେଉଁ ଆଧାରରେ ବାଲୁଗାଁରୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ଟିପିସିଓଡିଏଲ୍ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ କହିଥିଲେ। ଏହାଦ୍ୱାରା ବାଣପୁର ବାଲୁଗାଁ ଅଞ୍ଚଳର ୮୦ପ୍ରତିଶତ ଲୋକେ କ୍ଷତିଗ୍ରସ୍ତ ହେବେ। ବାଣପୁର ଅଞ୍ଚଳରେ ନୀଳାଦ୍ରିପ୍ରସାଦ ଓ ଦାମିଆ ବରବରା ଭଳି ଦୁଇ ଦୁଇଟି ଆଦିବାସୀ ଅଧୁଷିତ ଅଞ୍ଚଳ ଥିବା ସତ୍ତ୍ୱେ ସରକାର ମସୁଧା କରି ଉପରୋକ୍ତ ଦୁଇଟି କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରିବାକୁ ସ୍ଥିର କରିଥିବା ପଟ୍ଟନାୟକ ଜଣାଇଥିଲେ। ଆଗାମୀ ଦିନରେ ସରକାର ବାଣପୁରକୁ ଉପଖଣ୍ଡ ମାନ୍ୟତା ଦେବାରେ ପାତରଅନ୍ତର କରନ୍ତି ଜନସାଧାରଣଙ୍କ ସହଯୋଗରେ ଆଇନ ଅମାନ୍ୟ ଆନ୍ଦୋଳନ ଭଳି ପଦକ୍ଷେପ ଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି।

### ଜି-୨୦ ପରିପ୍ରେକ୍ଷୀରେ ଏମ୍ସ ପକ୍ଷରୁ ମାନବଶୃଙ୍ଖଳ

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ଭାରତର ଜି-୨୦ ସଭାପତିତ୍ୱ ସଫଳତାକୁ ଏମ୍ସ ଭୁବନେଶ୍ୱର ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ତରଫରୁ ଏକ ବିଶାଳ ମାନବଶୃଙ୍ଖଳ ଗଠନ କରାଯାଇଥିଲା। ସାଢେ ତିନିଶହ ପିଲାଙ୍କୁ ନେଇ ଜି୨୦କୁ ଚିତ୍ରଣ କରୁଥିବା ଏକ ପ୍ରତିସ୍ୱରୂପ ସୃଷ୍ଟି କରାଯାଇଥିଲା। ଏମ୍ସ ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏପରି ମାନବଶୃଙ୍ଖଳ ବେଶ୍ ଆକର୍ଷଣୀୟ ହୋଇଥିଲା। ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ବିଷୟବସ୍ତୁର ବିଶେଷତାକୁ ସାରା ବିଶ୍ୱରେ ପହଞ୍ଚାଇବାର ପ୍ରୟାସ କରାଯାଇଥିଲା। ଏମ୍ସ ଭୁବନେଶ୍ୱର ପକ୍ଷରୁ ଜି-୨୦ ଜନଭାଗିଦାରୀ ଅଭିଯାନ ଅନ୍ତର୍ଗତ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବି.ବି. ମିଶ୍ର, ପି.ଆର୍. ମହାପାତ୍ର, ଦିଲ୍ଲୀପ ପରିଡା, ରଶ୍ମିରଞ୍ଜନ ସେଠୀ, ପ୍ରଭାସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ପ୍ରାଣୀ ଚିକିତ୍ସା ଶିବିର




ପ୍ରାଣୀ ଚିକିତ୍ସା ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୨୮।୪(ଡି.ଏନ୍.ଏ.)

ବିଶ୍ୱ ପ୍ରାଣୀ ଚିକିତ୍ସା ସେବା ଦିବସ ଅବସରରେ ଶୁକ୍ରବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ବାଲେଡିହ ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗାଇ, ବଳଦ, ଛେଳି, ମେଣ୍ଢା ଆଦି ୨୦୦ରୁ ଊର୍ଦ୍ଧ୍ୱ ଜୀବଜନ୍ତୁଙ୍କ ଚିକିତ୍ସା କରାଯାଇଥିଲା। ପ୍ରାଣୀ ଚିକିତ୍ସକମାନେ ଆଧୁନିକ ପ୍ରାଣୀପାଳନ ଓ ରୋଗ ନିରାକରଣ ଉପରେ ମଧ୍ୟ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ବାଣପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସନ୍ଦୀପ ପଟ୍ଟନାୟକ, ନାଚୁଣୀ ପ୍ରାଣୀ ଚିକିତ୍ସକ ଡା.ଅମିତ ରଞ୍ଜନ ବେହେରା, ଡା.ଗିରିଜା ପ୍ରସନ୍ନ ସାବତ, ପ୍ରାଣୀଧନ ନିରୀକ୍ଷକ ରବୀନ୍ଦ୍ର ନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ବାଲେଡିହ ଗ୍ରାମର ସମସ୍ତ ଚାଷୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାରେ ୧୦୮ ଆମ୍ବୁଲାନ୍ସ ପଙ୍କଚର, ରୋଗୀ ହଇରାଣ

ଖୋର୍ଦ୍ଧା ଅଫିସ,୨୮।୪



ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟ ସରକାରଙ୍କ ସହଭାଗିତାରେ ୧୦୮ ଆମ୍ବୁଲାନ୍ସ ସେବା ଚାଲିଛି। ରୋଗୀଙ୍କୁ ୨୪ ଘଣ୍ଟିଆ ସେବା ଯୋଗାଉଛି। ତେବେ ଏହି ଆମ୍ବୁଲାନ୍ସ ଗୁଡିକର ଯନ୍ତ୍ରାଂଶକୁ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ରୋଗୀ ହଇରାଣ ହେଉଥିବା ନଜିର ରହିଛି। ଶୁକ୍ରବାର ମଧ୍ୟାହ୍ନରେ ଖୋର୍ଦ୍ଧା ନିକଟ ପୋଡାପୁଟ ଗ୍ରାମର ପଠାଣି ବାରିକ (୮୫)ଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ଏମ୍ସ ରେଫର କରିଥିଲେ। ୧୦୮ଆମ୍ବୁଲାନ୍ସ(ଓଡି ୦୨ବିଜେ ୯୭୩୭)ରେ ଖୋର୍ଦ୍ଧା ମେଡିକାଲରୁ ଏମ୍ସକୁ ଯାଉଥିଲେ। ଗଡ଼ଖୋର୍ଦ୍ଧା ଛକ ନିକଟରେ ଗାଡିର ପଛ ଚକ ହଠାତ୍ ପଙ୍କଚର ହୋଇଯାଇଥିଲା। ତେବେ ଏକ ଦୁର୍ଘଟଣା ଏଡାଇ ଯାଇଥିବା ବେଳେ ରୋଗୀ ପ୍ରାୟ ଏକ ଘଣ୍ଟା ଧରି ସେଠାରେ ରୋଗୀ ଓ ସମ୍ପର୍କୀୟ ଫସିରହିଲେ। ଫଳରେ ରୋଗୀଙ୍କ ସମ୍ପର୍କୀୟ ଅନ୍ୟ ଏକ ଆମ୍ବୁଲାନ୍ସ ପାଇଁ ୧୦୮କୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବ କିମ୍ବା ଅନ୍ୟ ଗାଡ଼ିରେ ନେଇଯାଆନ୍ତୁ ବୋଲି କହିଥିଲେ। ଦୀର୍ଘ ସମୟ ପରେ ଅନ୍ୟ ଏକ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ଏମ୍ସ ନେଇଥିଲେ। ଏନେଇ ମୁଖ୍ୟ ଚିକିତ୍ସା ଅଧିକାରୀ ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଏଭଳି ଘଟଣା ଘଟିବା ଦୁଃଖର ବିଷୟ। ଏହା ଉପରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ପ୍ରକାଶ ଯେ, ଖୋର୍ଦ୍ଧା ମେଡିକାଲରୁ ପ୍ରାୟ ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଛି। ତେଣୁ ଏଭଳି ଆଗକୁ ଯେପରି ନ ଘଟିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୪।୨୦୨୩

| ୪,୩୨,୫୬୨ ଟଙ୍କା | |
|---|---|
| ସୁନା | ୪୬.୪୦୦ ଗ୍ରାମ୍ |
| ରୁପା | ୨୮.୯୦୦ ଗ୍ରାମ୍ |

# ବନ୍ଦେ ଭାରତକୁ ସ୍ୱାଗତ କଲେ, ସେଲ୍ଫି ଉଠାଇଲେ

ପୁରୀ ଅଫିସ,୨୮।୪

ଖୁବ୍‌ଶୀଘ୍ର ଓଡ଼ିଶା ସହ ଯୋଡ଼ି ହେବାକୁ ଯାଉଛି ଭାରତୀୟ ରେଲୱେର ଦ୍ରୁତଗାମୀ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍। ଏହି ଟ୍ରେନ୍ ଆଗାମୀ କିଛିମାସ ମଧ୍ୟରେ ପୁରୀରୁ ହାଓଡା ମଧ୍ୟରେ ଚାଲିବ। ଶୁକ୍ରବାର ଏହି ଟ୍ରେନ୍ ପରୀକ୍ଷାମୂଳକ ଭାବେ ଯାତ୍ରା କରିଛି। ହାଓଡାଠାରୁ ପୁରୀକୁ ଟ୍ରେନ୍‌ର ପ୍ରଥମ ପରୀକ୍ଷାମୂଳକ ଯାତ୍ରା କରାଯାଇଥିଲା। ବନ୍ଦେ ଭାରତ ଏକ୍ସପ୍ରେସ ହାଓଡା ଷ୍ଟେଶନ୍‌ରୁ ଶୁକ୍ରବାର ସକାଳ ୬ଟା୧୦ ମିନିଟରେ ବାହାରିବା ପରେ ବିଭିନ୍ନ ରେଳଷ୍ଟେଶନରେ ଦୁଇମିନିଟ୍ ଲେଖାଏ ରହି ଶେଷରେ ୧୨ଟା ୩୫ରେ ପୁରୀ ରେଳଷ୍ଟେଶନର ୨ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। ବନ୍ଦେ ଭାରତ ଏକ୍ସପ୍ରେସ ତାହାର ଯାତ୍ରା ସମୟରେ ୬ଟି ସ୍ଥାନରେ ରହିଥିଲା। ସକାଳ ୬ଟା ୧୦ରେ ହାଓଡାରୁ ବାହାରି ସକାଳ ୭ଟା ୩୮ମିନିଟ୍‌ରେ ଖଡଗପୁର, ୯ଟା ୪୮ରେ ଭଦ୍ରକ, ୧୦ଟା ୨୧ରେ ଯାଜପୁର କେନ୍ଦୁଝର ରୋଡ୍, ଦିନ ୧୧ଟାରେ କଟକ ଷ୍ଟେସନ, ୧୧ଟା ୨୨ରେ ଭୁବନେଶ୍ୱର, ୧୧ଟା ୪୦ରେ ଖୋର୍ଦ୍ଧା ରୋଡ ଏବଂ ୧୨ଟା ୩୫ରେ ପୁରୀ ଷ୍ଟେଶନରେ ଟ୍ରେନ ପହଞ୍ଚିଥିଲା। ଟ୍ରେନ୍ ପୁରୀରେ ପହଞ୍ଚିବା ପରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ବନ୍ଦେ ଭାରତ ଏକ୍ସପ୍ରେସକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିବା ବେଳେ ସ୍ଥାନୀୟବାସିନ୍ଦା ଓ ଯାତ୍ରୀମାନେ ଟ୍ରେନ୍ ଭିତରକୁ ଯାଇ ଏହାର ମଜା ନେଇଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ହୋଇଥିବା ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅଟେ। ଟ୍ରେନରେ ସିଟ୍ ପାଞ୍ଚ ଥାକିଆ ରହିଥିବା ବେଳେ ଆରାମଦାୟକ ସିଟ୍ ରହିଛି। ଅଟମେଟିକ ଡୋର ଲକ୍‌ର ବ୍ୟବସ୍ଥା ରହିଛି। ସେହିପରି ପୂର୍ବରୁ ହାଓଡାରୁ ପୁରୀ ଆସୁଥିବା ଟ୍ରେନ୍ ୮ଘଣ୍ଟା ୨୦ରୁ ୩୦ ମିନିଟ୍ ମଧ୍ୟରେ ପୁରୀରେ ପହଞ୍ଚୁଥିବା ବେଳେ ବନ୍ଦେ ଭାରତ ଏକ୍ସପ୍ରେସ ମାତ୍ର ୬ ଘଣ୍ଟାରେ ପୁରୀ ପହଞ୍ଚିବ। ତେବେ ଏହି ଏକ୍ସପ୍ରେସ୍ ପୁରୀରେ କିଛି ସମୟ ରହିବା ପରେ ଅପରାହ୍ନ ୧ଟା ୫୦ରେ ହାଓଡା ଅଭିମୁଖେ ପୁଣି ବାହାରିଥିଲା। ରାତି ୮ଟା ୩୦ରେ ଏହି ଟ୍ରେନ ହାଓଡା ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷାମୂଳକ ଯାତ୍ରା ସଫଳ ହେଲାପରେ ଆସନ୍ତା ମେ ଦ୍ୱିତୀୟ ସପ୍ତାହରୁ ଜନସାଧାରଣଙ୍କ ପାଇଁ ସେବା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେବେ ବର୍ତ୍ତମାନ ଦେଶର ୭ଟି ରୁଟ୍‌ରେ ଏହି ଟ୍ରେନ୍ ପରିଚାଳିତ ହେଉଛି।



ପରୀକ୍ଷାମୂଳକ ଭାବେ ଶୁକ୍ରବାର ବନ୍ଦେ ଭାରତ ଏକ୍ସପ୍ରେସ ପୁରୀ ରେଳ ଷ୍ଟେଶନରେ ପହଞ୍ଚିଛି ।

ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ପୁରୀକୁ ପରୀକ୍ଷାମୂଳକ ଚଳାଚଳ କରିବା ନେଇ ପର୍ଯ୍ୟଟକମାନେ ବେଶ୍ ଉତ୍ସାହିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ଯାତ୍ରୀ ଟ୍ରେନ ସମ୍ମୁଖରେ ନିଜ ଫଟୋ ଉଠାଇବା ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ଖଡ୍‌ଗପୁର ମେଲ ଏକ୍ସପ୍ରେସ ଟ୍ରେନ୍‌ର ମ୍ୟାନେଜର ଡି ଶ୍ୟାମ ବାବୁ କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ରେ ଉନ୍ନତମାନର ସୁବିଧା ରହିଛି। ଅନ୍ୟ ଟ୍ରେନ୍‌ଠାରୁ ବେଗ ଅଧିକ ଥିବାରୁ କମ୍ ସମୟରେ ଯାତ୍ରୀମାନେ ସେମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଯାତ୍ରୀମାନଙ୍କ ବସିବା ଭଲ ସୁବିଧା ରହିଛି। ଟ୍ରେନ୍‌ର ଯାତ୍ରା ପ୍ଲେନ୍‌ର ଅନୁଭୂତି ପରି ଲାଗିବ। ଶୁକ୍ରବାର ପରୀକ୍ଷାମୂଳକ ଯାତ୍ରାରେ ହାଓଡାରୁ ପୁରୀ ୬ ଘଣ୍ଟା ୨୫ ମିନିଟ୍ ଲାଗିଥିଲା। ତେବେ ଆଗକୁ ଟ୍ରେନ ଆହୁରି କମ୍ ସମୟ ମଧ୍ୟରେ ପହଞ୍ଚିବ। ଟ୍ରେନ୍‌ର ଗତି ବଢ଼ିବା ସହ ଟ୍ରାକ ମଧ୍ୟ ଭଲ ରହିଛି ବୋଲି ଡି ଶ୍ୟାମ ବାବୁ କହିଥିଲେ। ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ମାନସ ଜେନା କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ପ୍ରଥମଥର ପାଇଁ ଓଡ଼ିଶାରେ ପରୀକ୍ଷାମୂଳକ ଗଡ଼ିଛି। ତେବେ ଟ୍ରେନ୍ କେତେଦିନ ଚାଲିବ, କେଉଁ ସମୟରେ ଚାଲିବ ସେନେଇ କୌଣସି ଶିଡ୍ୟୁଲ ଆସିନାହିଁ। ଟ୍ରେନ୍‌ଟି ସମ୍ପୂର୍ଣ୍ଣ ଭାବରେ ଶୀତତାପ ରହିଛି। ପୁରୀ ବାସିନ୍ଦା ସସ୍ମିତ ମିଶ୍ର କହିଛନ୍ତି, ପୁରୀକୁ ବନ୍ଦେ ଭାରତ ଟ୍ରେନ୍ ଚଳାଇଥିବାରୁ ସରକାରଙ୍କୁ ଧନ୍ୟବାଦ। ଟ୍ରେନ୍‌ରେ ବସିଲେ ପ୍ଲେନ୍‌ର ବସିଭା ଭଳି ଲାଗୁଛି। ଆଗକୁ ଅନେକ ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଚଳାଚଳ କରାଯାଉ। ଆଗକୁ ରଥଯାତ୍ରା ଥିବାରୁ ଯଥାଶୀଘ୍ର ଟ୍ରେନ୍ ପୁରୀକୁ ଚଳାଚଳ କରାଯାଉ ବୋଲି ମିଶ୍ର ଦାବି କରିଛନ୍ତି।

### ହାଓଡାରୁ ପୁରୀ ଲାଗିଲା ୬ ଘଣ୍ଟା ୨୫ ମିନିଟ୍

## ଡୁମ୍ବରେ ସୂତା ବାଡ଼ିଆ କାର୍ଯ୍ୟ ଆରମ୍ଭ



ପୁରୀ ଅଫିସ,୨୮।୪

### ରଥଖଳାରୁ ...

ବିଶ୍ୱନିୟନ୍ତାଙ୍କ ରଥନିର୍ମାଣ କାର୍ଯ୍ୟ ବଡ଼ଦାଣ୍ଡସ୍ଥ ରାଜନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନି ରଥର ଡୁମ୍ବ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି ରଥ ନିର୍ମାଣକାରୀ ସେବକ। କରତି ସେବକମାନେ ଡୁମ୍ବ ଗଡ଼ କରି ତିନିରଥର ବିଶ୍ୱକର୍ମାଙ୍କୁ ଯୋଗାଇଛନ୍ତି। ମୋଟ ୨୭ଟି ଡୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଥିବା ବେଳେ ଡୁମ୍ବରେ ସୂତା ବାଡିଆ ଅନୁକୂଳ ହୋଇଛି। ରଥନିର୍ମାଣ କାର୍ଯ୍ୟର ପଞ୍ଚମ ଦିନରେ ସୂତା ବାଡିଆ ଅନୁକୂଳ କରିଛନ୍ତି ବିଶ୍ୱକର୍ମା ମହାରଣା। କରତି ସେବକମାନେ ତିନି ରଥ ପାଇଁ ଆବଶ୍ୟକ ମୋଟ ୪୨ଟି ଡୁମ୍ବ ଗଡ଼ କାଟି ବିଶ୍ୱକର୍ମା ମହାରଣାଙ୍କୁ ଯୋଗାଇଛନ୍ତି। ବିଶ୍ୱକର୍ମାମାନେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଡୁମ୍ବର ଗୋଲେଇ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। କରତି ସେବକମାନେ ତିନି ରଥ ମହାରଣାମାନଙ୍କୁ ଦୁଇଟି ଲେଖାଏ ଡୁମ୍ବର ଘେର କାଟି ଯୋଗାଇ ଦେଇଛନ୍ତି। ଅପରପକ୍ଷେ ଶନିବାର ଡୁମ୍ବରେ ବିନ୍ଧ ଅନୁକୂଳ ହେବ ବୋଲି ସୂଚନା ମିଳିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ନନ୍ଦିଘୋଷ ରଥର ୧୬ଟି ଗୋଲେଇ ଡୁମ୍ବ ମଧ୍ୟରୁ ୧୩ଟି ଡୁମ୍ବରେ ସୁତା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ଦେବୀ ରଥର ଗୋଲେଇ ଡୁମ୍ବଗୁଡିକରୁ ୧୦ଟି ଲେଖାଏ ଡୁମ୍ବରେ ସୁତା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଏତତ୍‌ବ୍ୟତୀତ ତିନିରଥର ସୁତାବାଡ଼ିଆ ସରିଥିବା ଡୁମ୍ବଗୁଡିକର ବଳକା ଅଂଶର ଠେକ ତୁଲିଆ କାର୍ଯ୍ୟ ଜାରି ରହିଛି । ଅପରପକ୍ଷେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ବା କମାର ସେବକମାନେ ଲୁହା ରଡ଼ କାଟି ୬/୭ ସାଇଜର ଅର କଣ୍ଟା ପ୍ରସ୍ତୁତ କରୁଛନ୍ତି। ପ୍ରତି ରଥ ଚକ ପାଇଁ ୩୨ଟି ଅରକଣ୍ଟା ଆବଶ୍ୟକ ହୋଇଥାଏ। ତେବେ ରଥ ନିର୍ମାଣର ପଞ୍ଚମ ଦିନରେ ତିନିରଥର ନିର୍ମାଣ କାର୍ଯ୍ୟରେ ମୋଟ ମହାରଣା ୪୭ଜଣ ନିୟୋଜିତ ଥିବାବେଳେ ତିନିରଥର ଭୋଇ ସେବକ ୨୭ ଜଣ ତିନିରଥର କରତି ସେବକ ୪ଜଣ, ପାହି ମହାରଣା ଜଣେ, ତିନିରଥର କମାର ସେବକ ୯ଜଣ, ଡୁମ୍ବ ବିନ୍ଧ କାରୀଗର ଜଣେ ଏବଂ ରଥଖଳା ସହାୟକ ଭାବରେ ଜଣେ ଏହିପରି ମୋଟ ୯୦ ସେବକ ଓ କାରିଗର ନିୟୋଜିତ ରହିଛନ୍ତି।

## ସଂକ୍ଷେପରେ

### ‘ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହବ୍’ ଉଦ୍‌ଘାଟିତ

ଗୋପ,୨୮।୪(ଡି.ଏନ୍.ଏ.)- ସମଗ୍ର ଶିକ୍ଷା, ପୁରୀ ଆନୁକୂଲ୍ୟରେ ଗୋପ ବ୍ଲକ ପକ୍ଷରୁ ଏରବଙ୍ଗ ନୋଡାଲ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ‘ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ହବ୍’ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀର ଆୟୋଜନ କରାଯିବା ସହିତ ୪ଟି କ୍ଲଷ୍ଟରକୁ ପୁରସ୍କୃତ କରାଯାଇଥିଲା। ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍)ର ଅଧକ୍ଷ ଡାକ୍ତର ସନ୍ତୋଷ ପରିଡ଼ା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଫ୍‌ଏଲ୍‌ଏନ୍‌କୁ ଉଦ୍‌ଘାଟନ କରିବା ସହିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଏହା ପୂର୍ବରୁ ବ୍ଲକସ୍ତରୀୟ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ଗୋପ ବିଇଓ ସୁଶୀଳ ବ୍ରହ୍ମା ଓ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବିଇଓ ବ୍ରହ୍ମା ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭିକ ଶ୍ରେଣୀର ଶିଶୁଙ୍କ ଶିକ୍ଷଣୀୟ ସମୃଦ୍ଧିରେ ଏହି ହବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ହବ୍‌ର ଆବଶ୍ୟକତା, ରୂପରେଖ ଓ ବ୍ୟବହାରିକ ଦିଗ ସମ୍ପର୍କରେ ମୁଖ୍ୟ ଅତିଥି ଡ. ପରିଡ଼ା ବିଶଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଡାଏଟ୍‌ର ଶିକ୍ଷକ ପ୍ରଶିକ୍ଷକ ଜସ୍ମିନ୍ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେବା ସହିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀରେ ଗୋପ ବ୍ଲକର ୨୦ଟି କ୍ଲଷ୍ଟର ପକ୍ଷରୁ ପ୍ରଦର୍ଶିତ ଶିକ୍ଷଣ ସାମଗ୍ରୀଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବୀରତୁଙ୍ଗ ସରପଞ୍ଚ ଶୁଚିସ୍ମିତା ଦାସ, ଏବିଇଓ ତଥା ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ବିଳାସିନୀ ମଲ୍ଲ ଓ ଅଶୋକ ବେହେରା ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀରେ ସାରଡ଼ା ୟୁଜିୟୁପି ସ୍କୁଲ କ୍ଲଷ୍ଟର ପ୍ରଥମ, ଭୈରବ ନୋଡାଲ ଉ.ପ୍ରା. ସ୍କୁଲ କ୍ଲଷ୍ଟର ଦ୍ୱିତୀୟ ଏବଂ ନୀଳକଣ୍ଠେଶ୍ୱର ନୋଡାଲ ୟୁପିଏସ୍ କ୍ଲଷ୍ଟର ଓ ଲାଲ୍ ବାହାଦୁର ୟୁପିଏସ୍ କ୍ଲଷ୍ଟର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ହବ୍‌ର ରୂପରେଖ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଗୋପ ବ୍ଲକ ତଥା ପୁରୀ ଜିଲାର କୃତି ଶିକ୍ଷକ ସରୋଜ ମିଶ୍ରଙ୍କୁ ଡାଏଟ୍ ଅଧକ୍ଷ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ବୀରତୁଙ୍ଗ ସିଆରସିସି କିଶୋର ମାଝୀ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ସିଆର୍‌ସିସି ଦେବାଶିଷ ପ୍ରଧାନ ଓ ଶିକ୍ଷକ ଶିବନାରାୟଣ ସେନାପତି ପରିଚାଳନା କରିଥିଲେ।

### ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ

ପୁରୀ ଅଫିସ,୨୮।୪- ବୈଶାଖ ଶୁକ୍ଳ ଅଷ୍ଟମୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀର ସ୍ୱତନ୍ତ୍ର ନୀତିକାନ୍ତି ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସମ୍ପନ୍ନ ହୋଇଛି। ଭୋର ୫.୪୫ରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ହେବା ପରେ ଭିତର ଶୋଧ, ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ମହାପ୍ରଭୁଙ୍କ ସକାଳ ଧୂପ ପୂର୍ବାହ୍ନ ୧୦ଟା ୪୦ରେ ସରିଥିଲା, ଆଳଟ ଲାଗି ପରେ ମହାପ୍ରଭୁଙ୍କ ମଇଲମ ସମ୍ପୂର୍ଣ୍ଣ ହୋଇ ଯାତ୍ରାଙ୍ଗି ମହାସ୍ନାନ ପୂଜା ହୋଇଥିଲା। ପରେ ପୂର୍ବ ରାତ୍ରରୁ ଭୋଗ ମଣ୍ଡପ ଘରେ ଅଧିବାସ ହୋଇ ରଖାଯାଇଥିବା ୧୦୮ଗରାଜଳକୁ ପାଳିଆ ପ୍ରତିହାରୀ ଡାକି ଯାଇଥିଲେ। ଏହାପରେ ଘଣ୍ଟ, ଛତା, କାହାଳି ପଟୁଆରରେ ଗରାବଡୁ ସେବକମାନେ ମୁହଁରେ ବାଘମୁହଁ ବାନ୍ଧି ୪ବାଡ଼ କରି ଜଳକୁ ମହାପ୍ରଭୁଙ୍କ ନିକଟକୁ ବିଜେ ହୋଇଥିଲେ। ୧୦୮ ଗରା ଜଳ ମଧ୍ୟରୁ ବଳଭଦ୍ରଙ୍କ ବାଡରେ ୩୩ ଗରା, ଶ୍ରୀଜଗନ୍ନାଥଙ୍କ ବାଡରେ ୩୫ ଗରା, ମା’ ସୁଭଦ୍ରାଙ୍କ ବାଡରେ ୨୨ ଗରା ଏବଂ ସୁଦର୍ଶନଙ୍କ ବାଡରେ ୧୮ଗରା ଜଳ ରଖାଯାଇଥିଲା। ଏହାପରେ ପାଳିଆ ପୂଜାପଣ୍ଡା ୩ଜଣ ଷୋଡଶ ଉପଚାରରେ ସୁବର୍ଣ୍ଣ ଦର୍ପଣରେ ଶ୍ରୀବିଗ୍ରହଙ୍କୁ ଜଳ ଲାଗି ପୂଜା ସମ୍ପନ୍ନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମଇଲମ କରି ନୂଆ ଲୁଗା ଲାଗି ହୋଇ ପାଣି ପଡିଥିଲା। ଏହାପରେ ଅନ୍ୟାନ୍ୟ ନୀତି ହୋଇ ଠାକୁରମାନେ ବିମାନକୁ ବିଜେ ହୋଇ ଚନ୍ଦନ ପୁଷ୍କରିଣୀକୁ ବିଜେ କରିଥିଲେ।





ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ବାଲୁକା କଳା ଦ୍ୱାରା ସଚେତନତା କରୁଛନ୍ତି ।

## ଅସରାଏ ବର୍ଷାରେ ସହର ଉବୁଟୁବୁ

ପୁରୀ ଅଫିସ,୨୮।୪

ଜିଲାରେ ଶୁକ୍ରବାର ହୋଇଥିବା ଅସରାଏ ବର୍ଷାରେ ପୁରୀ ସହର ଉବୁଟୁବୁ। ତେବେ ଅସରାଏ ବର୍ଷା ଫଳରେ ସହରବାସୀ ଅସହ୍ୟ ଗରମରୁ ସାମାନ୍ୟ ଆସ୍ୱସ୍ତି ଲାଭ କରିଛନ୍ତି। ସକାଳ ସମୟରେ ପୁରୀରେ ମୁସଳ ଧରଣର ବର୍ଷା ହୋଇଥିଲା। ଫଳରେ ପୁରୀର ବଡଦାଣ୍ଡ, ସମୁଦ୍ରକୂଳ ରାସ୍ତା ଏବଂ ତଳିଆ ଅଞ୍ଚଳ ବର୍ଷା ପାଣି ଜମି ରହିଥିଲା। ପର୍ଯ୍ୟଟକଙ୍କ ସହ ଭକ୍ତମାନେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମୁଦ୍ରକୂଳ ରାସ୍ତା ଓ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ପାଣି ଜମା ହୋଇ ରହିଥିଲା। ସୂଚନାଯୋଗ୍ୟ, ସହରରେ ଯେବେ ବି ଅସରାଏ ବର୍ଷା ହେଲେ ଅଧିକାଂଶ ଅଞ୍ଚଳ ବର୍ଷା ପାଣିରେ ଉବୁଟୁବୁ ହୋଇଥାଏ। ବଡଦାଣ୍ଡକୁ ସଂଯୋଗ କରୁଥିବା ନାଳଗୁଡିକରେ ଠିକ ରକ୍ଷଣାବେକ୍ଷଣା ଓ ସଫା ହୋଇ ନଥିବାରୁ ଜାମ ହୋଇ ପାଣି ଠିକ ଭାବେ ନିଷ୍କାସନ ହୋଇପାରୁନାହିଁ ବୋଲି ସାଧାରଣରେ ଦାବି ହେଉଛି। ତେଣୁ ଦୀଘବର୍ଷ ହେବ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି ହେଉଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଆଗକୁ ରଥଯାତ୍ରା ଥିବାରୁ ଠିକ ସମୟରେ ନାଳଗୁଡିକ ସଫା ନହେଲେ ବର୍ଷା ହେଲେ ପାଣି ଜମିବାର ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ପ୍ରଶାସନ ପକ୍ଷରୁ ବଡଦାଣ୍ଡ ଏବଂ ଅନ୍ୟ ସ୍ଥାନରେ ନାଳଗୁଡିକ ସଫା କରାଯାଉଛି।

## ସିଆର୍‌ପିସି ୧୧୦ ନିୟମ ଉଲ୍ଲଂଘନ କରି ୨ଜଣଙ୍କୁ ଜେଲ

ପୁରୀ ଅଫିସ,୨୮।୪

ସିଆର୍‌ପିସି-୧୧୦ର ନିୟମ ଉଲ୍ଲଘନ କରିଥିବା ଅଭିଯୋଗରେ ୨ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ୨ରୁ ୩ବର୍ଷ ଯାଏଁ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏ ନେଇ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ଦାଦାବାଡି ପୁରୁଷୋତ୍ତମ ନଗରର ରଞ୍ଜିତ ବେହେରା ଏବଂ ସର୍ବୋଦୟ ନଗରର ଚନ୍ଦନ ଦଳାଇ। ଏମାନଙ୍କ ମଧ୍ୟରୁ ରଞ୍ଜିତକୁ ୨୦୨୬ ଜାନୁୟାରୀ ଯାଏଁ ଜେଲ୍ ରହିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨୦୨୫ ଯାଏଁ ଚନ୍ଦନ ଜେଲରେ ରହିବ । ଏକବର୍ଷ ମଧ୍ୟରେ ୨୬୩ଜଣ ଅଭ୍ୟାସଗତ ଅପରାଧୀ ସିଆରପିସି-୧୧୦ରେ ବୁକ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ଜଣ ସିଆରପିସି-୧୧୦ର ସର୍ତ୍ତାବଳୀ ମାନିବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ସେହିପରି ୧୫୮ଜଣଙ୍କ ମାମଲା ବିଚାରଧୀନ ରହିଛି। ଏହାସହ ୩୪ଜଣଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି ହୋଇଛି। ସେହିପରି ଏଥିରୁ ୧୮ଜଣ ଅପରାଧୀ ସିଆରପିସି-୧୧୦ର ସର୍ତ୍ତାବଳୀ ଉଲ୍ଲଘନ କରିଛନ୍ତି। ୧୮ ଜଣଙ୍କ ମଧ୍ୟରୁ ପୂର୍ବରୁ ୯ଜଣଙ୍କୁ ୨ରୁ ୩ବର୍ଷ ଯାଏ ଜେଲ୍‌ରେ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଶୁକ୍ରବାର ପୁଣି ୨ଜଣଙ୍କୁ ଜେଲରେ ରଖିବାକୁ ନିର୍ଦ୍ଦେଶ ହୋଇଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଗୋପ,୨୮।୪(ଡି.ଏନ୍.ଏ.)

### ହତ୍ୟା ଅଭିଯୋଗ ଆଣିଲେ ବାପା

ଗୋପ ଥାନା ଅନ୍ତର୍ଗତ ସାଉରିଆ ଅଞ୍ଚଳ ଚାଷ ଜମିରେ ଧାନ ଉଠାଉଥିବା ମେଶିନ ବିଦ୍ୟୁତ କରେଣ୍ଟ ଲାଗି ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ଗ୍ରାମର ସମୀର ଦାସ (୪୫)। ମାତ୍ର ଏକ ମାତ୍ର ରୋଜଗାରିଆ ପୁଅକୁ ୩ଜଣ ମିଶି ମାରି ଦେଇଥିବା ନେଇ ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା ବସନ୍ତ ଦାସ। ପୋଲିସ ପ୍ରଥମେ ଏକ ମାମଲା(ନଂ.୧୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ଜିଲା ସାଇଣ୍ଟିଫିକ ଟିମର ସହାୟତା ନେଇଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୀରତୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ସାଉରିଆ ଗ୍ରାମର ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ଧାନ ଉଠାଉଥିବା ମେଶିନରେ ସମୀର ଅପରାହ୍ନରେ ଧାନ ଉଠାଉଥିଲେ। ମାତ୍ର ୩ କିଲୋମିଟର ଦୂରରୁ ବେଆଇନ ଭାବେ ଏହି ବିଦ୍ୟୁତ ତାର ଯାଇଥିବା ବେଳେ ଅସାବଧାନତା ଯୋଗୁ ସମୀରଙ୍କ ଦେହରେ ବିଦ୍ୟୁତ କରେଣ୍ଟ ଲାଗି ଯିବାରେ ଅଚେତ ହୋଇପଡ଼ିଥିଲେ। ସାଉରିଆ ଗ୍ରାମଠାରୁ ବହୁ ଦୂରରେ ଅର୍ଥାତ ଚାଷ ଜମିରେ ଏହି ଅଘଟଣ ଘଟିଥିବାରୁ ବେଆଇନ ଜମି ଜବରଦଖଲ କରି ଧାନ ଚାଷ କରୁଥିବା ପରିବାର ଏହାକୁ ଚାପି ଦେବାକୁ ବସିଥିଲେ। ପରେ ଏପରି ଘଟଣାକୁ ଗାଁ ବାଲା ଜାଣିବା ପରେ ରାତି ସାଢ଼େ ୮ଟାରେ ସମୀରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ପରେ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିବା ସହ ଗୋପ ଥାନାକୁ ଅବଗତ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ହେଲେ ସମୀର ଗରିବ ଶ୍ରେଣୀର ହୋଇଥିବାବେଳେ ପରିବାରରେ ଆଉ କେହି ରୋଜଗାରିଆ ବ୍ୟକ୍ତି ନ ଥିଲେ। ଏପରି ଘଟଣାକୁ ନେଇ ସମୀରଙ୍କ ବାପା ପୁଅକୁ ହତ୍ୟା କରିଥିବା ନେଇ ଅଭିଯୋଗ ଆଣିଥିଲେ। ଅଭିଯୋଗକ୍ରମେ ପୋଲିସ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବ ବୋଲି ପୋଲିସ କହିଛି। ଅପରପକ୍ଷେ ସମୀରଙ୍କ ମୃତ୍ୟୁକୁ ନେଇ ବୀରତୁଙ୍ଗ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ଏହାର ଠିକ୍ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ବାପା ଦାବି କରିଛନ୍ତି।

## ଓଡ଼ିଆ ଭାଷାର ସୁରକ୍ଷା, ସମୃଦ୍ଧ କରିଥିଲେ ଜଗବନ୍ଧୁ

ପୁରୀ ଅଫିସ,୨୮।୪

ଅନୁରାଗ ସାହିତ୍ୟ ସଙ୍ଗୋଷ୍ଠୀ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ଉତ୍କଳ ସମ୍ମିଳନୀ ଓ ଜଗବନ୍ଧୁ ସିଂ ସ୍ମୃତି ସାଂସଦ ସହଯୋଗରେ ୟୁଥ୍ ହଷ୍ଟେଲ ପରିସରରେ ଐତିହାସିକ ଜଗବନ୍ଧୁ ସିଂଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କାକଟପୁର ବାଙ୍ଗୁରି ଗାଁ ମହାବିଦ୍ୟାଳୟ ଅଧକ୍ଷ ଡ. ଦିଲୀପ କୁମାର ସେନାପତି ଯୋଗଦେଇ କହିଥିଲେ, ସ୍ୱର୍ଗତ ସିଂ ସେତେବେଳର ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜଣେ ପ୍ରମୁଖ ସଂଗଠକ ଭାବେ କାର୍ଯ୍ୟ ତୁଲାଉଥିଲେ। ଉତ୍କଳ ସମ୍ମିଳନୀ ପାଇଁ ସମ୍ମିଳନୀ ମାଧ୍ୟମରେ ମାତୃଭାଷାର ସୁରକ୍ଷା ଓ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ତଥା ଓଡ଼ିଆଙ୍କୁ ଏକତ୍ରିତ କରିବା ଏହାର ଥିଲା ମୂଳଲକ୍ଷ୍ୟ। ତାଙ୍କ ଦ୍ୱାରା ରଚିତ ୩ଟି ପୁସ୍ତକ ଯଥାକ୍ରମେ ପ୍ରାଚୀନ ଉତ୍କଳ, ଗୃହଲକ୍ଷ୍ମୀ, ଜ୍ୟୋତିରସା ସର୍ଣାବ ଯାହା ପାଠକମାନଙ୍କର ଚର୍ଚ୍ଚାକୁ ଆସିଥିଲା। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ଚକ୍ରଧର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କାର୍ଯକାରୀ ସଭାପତି ଶିବ ସୁନ୍ଦର ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ ଜ୍ୟୋର୍ତିର୍ବିଦ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜାତୀୟତା ସମ୍ବନ୍ଧିତ କବିତା ପାଠୋତ୍ସବ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ସ୍ତରୀୟ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପଣ୍ଡିତ ସଦାଶିବ ମିଶ୍ର ବେଦପାଠ କରିଥିବା ବେଳେ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।





ପୁରୀ ୟୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

## ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଗଢ଼ିବାର ଅନ୍ତୁଡ଼ିଶାଳ

ସାକ୍ଷୀଗୋପାଳ, ୨୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

### ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ସତ୍ୟବାଦୀ ବ୍ଲକର ବନପୁର ଛକ ନିକଟରେ ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରତିଷ୍ଠାତା ସ୍ୱର୍ଗତ ଶିପ୍ରସାଦ ଦାଶଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଫୁଲ ମାଳ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ମଠାଧୀଶ ସ୍ୱାମୀ ଶୁଭାନନ୍ଦ ଉଦ୍‌ଘାଟକ ରୂପେ ଯୋଗଦେଇଥିଲେ। ସମ୍ପାଦକୀୟ ବିବରଣୀ ଓ ବାର୍ଷିକ ବିବରଣୀ ଶିକ୍ଷକ ଜଗନ୍ନାଥ ଷଡ଼ଙ୍ଗୀ ପାଠ କରିଥିଲେ। ଡ. ଦେବ ପ୍ରସାଦ ଦାସ ପ୍ରଫେସର ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପୁରୀଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସମାଜସେବୀ ଶୁଭ୍ରାନ୍ତି ସାମନ୍ତରାୟ ଯୋଗଦେଇ ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ ଓ ଶିକ୍ଷାଶ୍ରମର ଅଧକ୍ଷା ବନ୍ଦନା ରାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅଧକ୍ଷ ପଣ୍ଡା କହିଥିଲେ ବିଦ୍ୟାଳୟ ହେଉଛି ପିଲାମାନଙ୍କୁ ଠିକ୍ ତିଆରି କରିବା ସ୍ଥାନ। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଗଢିବାର ଅନ୍ତୁଡ଼ିଶାଳ ହେଉଛି ବିଦ୍ୟାଳୟ। ପରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଅଧକ୍ଷା ବନ୍ଦନା ରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡା ପ୍ରତିଯୋଗିତାରେ ବିଶ୍ୱଜିତ ସାହୁ, ସୌମ୍ୟରଞ୍ଜନ ଜେନା, ଶୁଭ୍ରାନୀ ଶେଖର ଦାସ, କଲ୍ୟାଣୀ ଦାସଙ୍କୁ ସମ୍ମାନିତ କରାଯାଇଥିଲା ।

## ନିର୍ଦ୍ଦେଶ ସତ୍ତ୍ୱେ କ୍ୱାର୍ଟର୍ସ ଛାଡୁନାହାନ୍ତି କର୍ମଚାରୀ

ପୁରୀ ଅଫିସ,୨୮।୪

ଉଚ୍ଚ ପଦବୀକୁ ପ୍ରୋମସନ ହେବା ପରେ ମଧ୍ୟ ସରକାରୀ ବାସଭବନ ଛାଡୁ ନଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବାସଭବନ ଛାଡିବା ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଗତ ୧୩ ତାରିଖରେ ଚିଠି ଲେଖିଥିଲେ। ଏହି ନିର୍ଦ୍ଦେଶକୁ ୧୦ଦିନ ବିତିଯାଇଥିଲେ ସୁଦ୍ଧା ଉକ୍ତ ସ୍ୱାସ୍ଥ୍ୟ କର୍ମଚାରୀ କ୍ୱାର୍ଟର୍ସ ଛାଡୁ ନ ଥିବା ଦେଖିବାକୁ ମିଳିଛି। ପୁରୀ ପିପିଲି ବ୍ଲକ କମାକନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦୋନ୍ନତି ପରେ ମଧ୍ୟ ସେ ତାଙ୍କର କ୍ୱାର୍ଟର୍ସ ଛାଡି ନଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲ ୨୮ରେ ଉକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ପଦବୀକୁ ପଦୋନ୍ନତି ହୋଇ ସତ୍ୟବାଦୀ ବ୍ଲକ୍ ଅଲଗୁମ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲେ। ପରେ ସେ ସେଠାକୁ ଯାଇ କାର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ପିପିଲି କମାକନ୍ତିଆରେ ରହୁଥିବା ସରକାରୀ ବାସଭବନକୁ ଛାଡି ନଥିଲେ। ଯାହା ଆଇନର ଉଲ୍ଲଂଘନ। ଏ ନେଇ ଜଣେ ସୂଚନା ଅଧିକାରୀ କର୍ମୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ତଦନ୍ତ କରିବା ପରେ ଆଇନ ଅନୁଯାୟୀ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଙ୍କର ପିପିଲିସ୍ଥିତ କ୍ୱାର୍ଟର୍ସକୁ ୭ ଦିନ ମଧ୍ୟରେ ଛାଡିବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଜାତା ମିଶ୍ର ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ପୃକ୍ତ କର୍ମଚାରୀ ୭ଦିନ ମଧ୍ୟରେ କ୍ୱାର୍ଟର୍ସ ନ ଛାଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଚିଠିରେ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଜାତା ମିଶ୍ର ଏନେଇ ପିପିଲି ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଲଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ତାଙ୍କୁ ରିପୋର୍ଟ ଦେବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ମାତ୍ର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦେଇଥିବା ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ କର୍ମଚାରୀ କ୍ୱାର୍ଟର୍ସ ଛାଡି ନାହାନ୍ତି।




## ଲୁହା ଯନ୍ତ୍ରାଂଶ ଚୋରି, ଯୁବକ ଗିରଫ

ଫୁଲନଖରା,(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦାଠାରେ ନିର୍ମାଣାଧୀନ ଓଭରବ୍ରିଜରୁ ଲୁହା ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିକୁଦା ନୂଆବଜାର ଗ୍ରାମର ସଞ୍ଜୟ ସ୍ୱାଇଁ। ତାଙ୍କ ନିକଟରୁ ଲୁହା ଯନ୍ତ୍ରାଂଶ ଜବତ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ସଞ୍ଜୟ ଉକ୍ତ ଓଭରବ୍ରିଜରୁ ଲୁହା ଯନ୍ତ୍ରାଂଶ ଚୋରି କରୁଥିବାବେଳେ ସେଠାରେ ଥିବା ସୁରକ୍ଷା କର୍ମୀମାନେ ତାଙ୍କୁ କାବୁ କରିଥିଲେ। ଏନେଇ ବ୍ରିଜ୍ ପ୍ରୋଜେକ୍ଟ ଇଞ୍ଜିନିୟର ସୁନୀଲ ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩୩/୨୩) ରୁଜୁ କରିଛି।

## ଆଜି କ'ଣ କେଉଁଠି

**କଟକ**

- ଶ୍ରୀଶ୍ରୀ ଶନିଶ୍ଚର ଦେବଙ୍କ ୧୩ତମ ଜନ୍ମ ବାର୍ଷିକ ଉତ୍ସବ, ଗୋପାଳଜୀଉ ମନ୍ଦିର ଓ ବାଂଶରୀ ଗୋପୀନାଥ ମନ୍ଦିର, ଖାନନଗର, ସକାଳ ୬ଟା ୩୦।
- ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ପକ୍ଷରୁ ନୀଳାଦ୍ରି ମହୋତ୍ସବ ଅବସରରେ ସାମୂହିକ ବିଷ୍ଣୁ ସହସ୍ରନାମ ପାଠ, ରଘୁନାଥଜୀଉ ମନ୍ଦିର, ତେଲେଙ୍ଗା ବଜାର, ସକାଳ ୭ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ କଟକ ଜିଲା ସମନ୍ୱୟ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଆସୋସିଏଶନର ଦ୍ୱାଦଶ ସମ୍ମିଳନୀର ଉଦ୍‌ଘାଟନ, ଶହୀଦ ଭବନ, ସନ୍ଧ୍ୟା ୬ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ଏକାଡେମୀ ପରିସର, ମହତାବ ରୋଡ୍, ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ର ଜୟନ୍ତୀ ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ, ସାରଳା ଭବନ, ତୁଳସୀପୁର, ସନ୍ଧ୍ୟା ୭ଟା।
- ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'କାହାକୁ କହିବା ଶିକ୍ଷିତ', ଥିଏଟର ପରିସର, ବାରପଥର, ବକ୍ସିବଜାର, ସନ୍ଧ୍ୟା ୭ଟା।

**କଟକ ସଦର**

- ମା'ଭୁଆସୁଣୀ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ, ୪୨ ମୌଜା ଦଧିବାମନପୁର ଭୁଆସୁଣୀ ଯାତ୍ରା ପଡ଼ିଆ, ରାତି ୧୦ଟା ୩୦।

# 'ଚିତ୍ର ମାଧ୍ୟମରେ ସଭ୍ୟତାକୁ ପରିପ୍ରକାଶ କରିଥାନ୍ତି'



ଜାତୀୟ ଆଦିବାସୀ ମେଳାକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରୁଛନ୍ତି।

### ଦ୍ୱିତୀୟ ଜାତୀୟ ଆଦିବାସୀ ମେଳା ଉଦ୍‌ଘାଟିତ

**କଟକ ଅଫିସ,୨୮।୪**

ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ କଟକ ଉପର ବାଲିଯାତ୍ରା ପଡିଆରେ ଦ୍ୱିତୀୟ ଜାତୀୟ ଆଦିବାସୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଥିଲେ, ଆଦିବାସୀମାନେ ଚିତ୍ର ମାଧ୍ୟମରେ ନିଜର ସଭ୍ୟତାକୁ ପରିପ୍ରକାଶ କରିଥାନ୍ତି। ସେମାନେ ଅତ୍ୟନ୍ତ ସରଳ, ନିଷ୍କପଟ ବ୍ୟକ୍ତିତ୍ୱ। ଯାହାକୁ ବିଶ୍ୱାସ କରନ୍ତି ସବାସର୍ବଦା ତାଙ୍କ ନିକଟରେ ବିଶ୍ୱାସର ପାତ୍ର ହୋଇ ରହିଥାନ୍ତି। ଆଧୁନିକ ଯୁଗରେ ଆଦିବାସୀମାନେ ସେମାନଙ୍କ ପରମ୍ପରା, ଐତିହ୍ୟର ଛାପକୁ ଭୁଲିନାହାନ୍ତି ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ଏହି ମେଳା ଆୟୋଜନ ହେବା ଦ୍ୱାରା ସହରବାସୀ ଆଦିବାସୀମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ। ସେମାନଙ୍କ ଚାଲିଚଳଣ ଓ ଖାଦ୍ୟପେୟ ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ। ଏଥିରେ ସମ୍ମାନିତ ଅତିଥି ଭାବେ ଫାଓର ସମ୍ପାଦକ ଆଶୀର୍ବାଦ ବେହେରା, ଫାଉଣ୍ଡେଶନର ଉପ ସଭାପତି ରାଜୀବ ମହାନ୍ତି, ସମ୍ବଲପୁର ଆଦିବାସୀ ଲୋକନୃତ୍ୟର ପ୍ରତିଷ୍ଠାତା ଆଲୋକ କୁମାର ପଣ୍ଡା, କର୍ପୋରେଟର ଲିଜାରାଣୀ ରାଉତ, ଏସ୍‌ଏଚ୍‌ଜି ଗ୍ରୁପର ମିତାଲି ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। କଟକ ମେୟର ସୁବାସ ସିଂ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆଦିବାସୀଙ୍କ ପରମ୍ପରା, ଐତିହ୍ୟ ଉଜ୍ଜୀବିତ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ରାୟଗଡା, କୋରାପୁଟ, ମାଲକାନଗିରି ଅଞ୍ଚଳର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଏହି ମେଳା ୧୧ଦିନ ଧରି ଚାଲିବ। ଏଥିରେ ଆଦିବାସୀ ବା ଜନଜାତି ସମ୍ପ୍ରଦାୟର ଲୋକମାଙ୍କର ସଂସ୍କୃତି ଓ ଐତିହ୍ୟର ଝଲକ ଏଠାରେ ଦେଖିବାକୁ ମିଳିବ। ସେମାନଙ୍କ ଖାଦ୍ୟପେୟ, ଅଳଙ୍କାର ଓ ତାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଲୋକମାନେ ଦେଖିବା ସହ କିଣିବାର ସୁଯୋଗ ପାଇବେ। ଏହା ସହ ଆଦିବାସୀଙ୍କ ଲୋକନୃତ୍ୟର ମଜା ମଧ୍ୟ ନେବେ।

# ନୌବାଣିଜ୍ୟ ସଂଗ୍ରହାଳୟରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ



ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତ୍ତିଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୨୮।୪**

ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତ୍ତି ଶୁକ୍ରବାର କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସେଠାରେ ଥିବା ଇଣ୍ଡୋନେସିଆ ଗ୍ୟାଲେରି ଦେଖି ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ସେ କହିଥିଲେ, ଦୁଇ ଦେଶ ମଧ୍ୟରେ ସଂସ୍କୃତି ଓ ଐତିହ୍ୟ ବେଶ୍ ସାମଞ୍ଜସ୍ୟ ରହିଛି। ଆଗକୁ ମଧ୍ୟ ଆହୁରି ସମ୍ପର୍କ ସୁଦୃଢ ହେବ। ଯେହେତୁ ଓଡ଼ିଶାର ଇଣ୍ଡୋନେସିଆ ସମେତ ସମ୍ପୂର୍ଣ୍ଣ ଦକ୍ଷିଣ ପୂର୍ବ ଏସିଆର ଦେଶଗୁଡିକ ସହିତ ପୁରୁଣା କାଳରୁ ନୌବାଣିଜ୍ୟ ସମ୍ପର୍କ ରହିଥିଲା, ତେଣୁ ଏହି ସମ୍ପର୍କର ଅନେକ ସ୍ମୃତି କଟକ ନୌବାଣିଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ରହିଛି। ରାଷ୍ଟ୍ରଦୂତ ଓ ଅନ୍ୟ ଅଧିକାରୀ ଏହାକୁ ପରିଦର୍ଶନ କରିବା ସହ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ନୌବାଣିଜ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଆଧାରରେ ଏବେ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ପୁନର୍ଜୀବିତ ସମ୍ପର୍କରେ ଆଲୋଚନା ହୋଇଥିଲା। କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫାଉଣ୍ଡେଶନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# 'ଏମ୍‌ଏଲ୍‌ୟୁ ରାଜ୍ୟରେ ଆଇନ ଶିକ୍ଷାରେ ସର୍ବୋତ୍କୃଷ୍ଟ'




ଏମ୍‌ଏଲ୍‌ୟୁର ଦ୍ୱିତୀୟ ପ୍ରତିଷ୍ଠା ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

### ଏମ୍‌ଏଲ୍‌ୟୁର ଦ୍ୱିତୀୟ ପ୍ରତିଷ୍ଠା ଦିବସ

■ ନୂଆ ଅଡିଟୋରିୟମ ପାଇଁ ଶିଳାନ୍ୟାସ

**କଟକ ଅଫିସ,୨୮।୪**

ମଧୁବାବୁ ରାଜ୍ୟ ପ୍ରଥମ ଗ୍ରାଜୁଏଟ୍ ଥିଲେ। ତାଙ୍କ ନାମରେ ନାମିତ ହୋଇଥିବା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲ୍‌ୟୁ)ର ରାଜ୍ୟରେ ଆଇନ ଶିକ୍ଷାରେ ସର୍ବୋତ୍କୃଷ୍ଟ। ଉତ୍ତମ ଶିକ୍ଷାଦାନ କରି ଏହି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଦାୟିତ୍ୱବାନ ନାଗରିକ ଏବଂ ନେତୃତ୍ୱ ଭାବେ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛି। ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିରେ ବିକାଶ ଘଟୁଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଏମ୍‌ଏଲ୍‌ୟୁର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏଥିସହ ସେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳଜିତ୍ ସିଂ କହିଥିଲେ, ବିଶ୍ୱବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ରାଜ୍ୟ ସରକାର ସବୁବେଳେ ସହଯୋଗ କରିଛନ୍ତି। ଯେତେବେଳେ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ପ୍ରସ୍ତାବ ଦିଆଯାଇଛି ତାହାକୁ ଅନୁମୋଦନ କରିବା ସହ ଅନୁଦାନ ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ସେମାନଙ୍କୁ ନୂତନ ବିଷୟ ଉପରେ ଦକ୍ଷତା ବୃଦ୍ଧି କରାଇବା ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ବୋଲି ସିଂ କହିଥିଲେ। ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଏସ୍. କେ. ଚାଟାର୍ଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ବିଭିନ୍ନ ଶ୍ରେଣୀରୁ ୬୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କୁଳସଚିବ ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ରାଜ୍ୟପାଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ୧୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୩୦୦ କ୍ଷମତା ବିଶିଷ୍ଟ ନୂତନ ଅଡିଟୋରିୟମ ପାଇଁ ଶିଳାନ୍ୟାସ ଓ ନବୀକରଣ ହୋଇଥିବା ଏକାଡେମିକ୍ ବିଲ୍ଡିଂ ଉଦ୍‌ଘାଟନ କରିଥିଲେ।

# ଜିଲା ଖାଉଟି ଅଦାଳତରେ କୋରିଅର ସଂସ୍ଥା ଦଣ୍ଡିତ

### ୩୦ ଦିନରେ ୫୩,୭୧୦ ଟଙ୍କା ପ୍ରଦାନ ନିର୍ଦ୍ଦେଶ

**କଟକ ଅଫିସ,୨୮।୪**

କଟକ ଜିଲା ଖାଉଟି ଅଦାଲତରେ ଚୌଧୁରୀବଜାରସ୍ଥିତ ଏକ କୋରିଅର ସଂସ୍ଥା ଦଣ୍ଡିତ ହୋଇଛି। ସେବା ଯୋଗାଇ ନ ଥିବା ପ୍ରମାଣିତ ହେବା ପରେ ଅଦାଲତ ସମ୍ପୃକ୍ତ କୋରିଅର ସଂସ୍ଥା ୫୩, ୭୧୦ ଟଙ୍କା ଆବେଦନକାରୀଙ୍କୁ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବାଦାମବାଡ଼ିର ସୁଶାନ୍ତ କୁମାର ମିଶ୍ର ଚୌଧୁରୀ ବଜାରରେ ଥିବା ଏକ କୋରିଅର ସଂସ୍ଥାକୁ ଦିଲ୍ଲୀ ପାର୍ସଲ ପଠାଇବାକୁ ଯାଇଥିଲେ। କୋରିଅର ସଂସ୍ଥା ତାଙ୍କଠାରୁ ୨୧୦ ଟଙ୍କା ନେଇଥିଲା। କିନ୍ତୁ ପାର୍ସଲ ଠିକଣାରେ ପହଞ୍ଚି ନ ଥିଲା। ପାର୍ସଲ ନିର୍ଦ୍ଧାରିତ ସମୟରେ ନ ମିଳିବାରୁ ଆବେଦନକାରୀ ବାଧ୍ୟ ହୋଇ କଟକ ଜିଲା ଖାଉଟି ଅଦାଲତରେ ଏକ ମାମଲା ୧୭୦/୨୦୨୨ ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଡ. ସୁନୀଲ କୁମାର ରଥ ମାମଲା ପରିଚାଳନା କରୁଥିଲେ।

### କାର୍ ଧକ୍କାରେ ୨ ଗୁରୁତର, ଉତ୍ତେଜନା

**ଖୁଣ୍ଟୁଣୀ,୨୮।୪(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ କଖଡ଼ିବଜାର ମଙ୍ଗଳାସାହିଛକଠାରେ ଶୁକ୍ରବାର ମଧ୍ୟାହ୍ନରେ କାର ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ ନେଇ ସେଠାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚୌଦ୍ୱାର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କଖଡ଼ି ଗ୍ରାମର ପ୍ରଶାନ୍ତ କୁମାର ସାହୁ ଓ ଆଠଗଡ଼ର ତାଙ୍କର ଜଣେ ସାଙ୍ଗ ଏକ ଏକ୍ସିଲ ଗାଡ଼ିରେ କଖଡି ବଜାର ଅତିକ୍ରମ କରୁଥିବାବେଳେ ଧବଳେଶ୍ୱର ପଟରୁ ଆସୁଥିବା କାର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ।

# 'ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷୀ ଉପକୃତ ହେବେ'

**ଖୁଣ୍ଟୁଣୀ,୨୮।୪(ଡି.ଏନ୍.ଏ.)**

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ମିଶନ ପକ୍ଷରୁ ଶୁକ୍ରବାର ନିଧିପୁରଠାରେ ଏକ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନିଧିପୁରଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଉକ୍ତ ପ୍ରକଳ୍ପ ଦ୍ୱାରା ୧୧ଟି ପଞ୍ଚାୟତର ଚାଷୀମାନେ ଉପକୃତ ହେବେ। ସମ୍ମାନିତ ଅତିଥି ଆଠଗଡ଼ ଉପ ଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଥିଲେ, ନଦୀକୂଳର ଚାଷ ବହୁତ ଉନ୍ନତ ଓ ଏଠାକାର ପନିପରିବା ଓଡ଼ିଶାର ଅଧିକାଂଶ ଅଞ୍ଚଳକୁ ଯାଇଥାଏ। ଅନ୍ୟତମ ଅତିଥି ଭାବେ କଟକ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା, ଆଠଗଡ ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ପ୍ରଭାକର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ନଦୀକୂଳର ପ୍ରାୟ ୫,୧୯୪ ହେକ୍ଟର ଚାଷଜମି ଜଳସେଚିତ ହେବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୁକୁଡା ଓ ବତକ ଚାଷ କରି ରୋଜଗାରକ୍ଷମ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତ, ସମିତିସଭ୍ୟା ରଞ୍ଜୁବାଳା ପ୍ରଧାନ, ୮୦୦ ଜଣ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। କୃଷକ ନେତା ନିରାକାର ଲେଙ୍କା ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଶା ଗଠନରେ ମଧୁସୂଦନ ଦାସଙ୍କ ଭୂମିକା ଅଗ୍ରଣୀ'



କଟକ ତୁଳସୀପୁର ଗୋରାକବରସ୍ଥିତ ମଧୁସୂଦନ ଦାସଙ୍କ ସମାଧିସ୍ଥଳରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ବ୍ୟକ୍ତିବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

### ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**କଟକ ଅଫିସ, ୨୮।୪**

ଭାଷାଭିତ୍ତିରେ ଗଠିତ ହୋଇଥିବା ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶା ପ୍ରଥମ ପ୍ରଦେଶ ଭାବେ ପରିଗଣିତ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଆ ଭାଷାର ପଦମର୍ଯ୍ୟାଦା ରକ୍ଷା କରିବା ଦିଗରେ ମଧୁବାବୁଙ୍କ ନୀରବଚ୍ଛିନ୍ନ ଉଦ୍ୟମର ପଟାନ୍ତର ନାହିଁ। ସେ ଏକାଧାରରେ ଜଣେ କବି, ସାମ୍ବାଦିକ, ଆଇନଜୀବୀ, ରାଜନେତା ଓ ସମାଜ ସଂସ୍କାରକ ଭାବରେ ସ୍ମରଣୀୟ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କଟକ ତୁଳସୀପୁରସ୍ଥିତ ଗୋରାକବରଠାରେ ଉତ୍କଳ ଗୌରବଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ମଧୁବାବୁଙ୍କ ସମାଧିସ୍ଥଳରେ ଆୟୋଜିତ ସମାରୋହରେ ଜିଲାପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟର ନବଜାଗରଣରେ ମଧୁବାବୁଙ୍କ ଭୂମିକା ଅନବଦ୍ୟ ଥିଲା। ଏହି ଅବସରରେ ମଧୁସୂଦନ ପାର୍କ ଓ କ୍ୟାଣ୍ଟେନମେଣ୍ଟ ରୋଡସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଚୟନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହାପାତ୍ର, ସିଏମ୍‌ସି ଉପ ଆୟୁକ୍ତ ଅଜୟ କୁମାର ମହାନ୍ତି, ଡା. ରବି ରଞ୍ଜନ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଶ୍ୱଗୌରବ ହେବାର ଅଭିମନ୍ତ୍ର ଦେଇଥିଲେ। ଅଧ୍ୟକ୍ଷା ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରି ମଧୁସ୍ମୃତିର ଗୌରବମୟ ଇତିହାସ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ମଧୁବାବୁଙ୍କ ଜୟନ୍ତୀକୁ ଓଡ଼ିଆମାନଙ୍କ ନିମନ୍ତେ ଏକ ଜାତୀୟ ଉତ୍ସବ ଭାବେ ପାଳିତ ହେଉଛି। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜର ବାର୍ଷିକ ସମାଚାର ପୁସ୍ତିକା ମଧୁକ୍ଷରା ଉନ୍ମୋଚିତ ହୋଇଥିଲା। ଚିତ୍ରଶିଳ୍ପୀ ଜିତେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଅଙ୍କିତ ରାଜ୍ୟପାଳଙ୍କ ପ୍ରତିକୃତି ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା।

# 'ବାର୍ ହେଉଛି ଜ୍ଞାନର ଝର ସଦୃଶ'

**କଟକ ଅଫିସ,୨୮।୪**



କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ହାଇକୋର୍ଟ ପକ୍ଷରୁ ଆଇନଜୀବୀ ଦିବସ

■ ବରିଷ୍ଠ ଆଇନଜୀବୀ, ଆଡ୍‌ଭୋକେଟ୍ ଜେନେରାଲ ସମ୍ବର୍ଦ୍ଧିତ

କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଆଇନଜୀବୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ବାର୍ ହେଉଛି ଜ୍ଞାନର ଝର ସଦୃଶ। ବାର୍ ଯୁବ ଆଇନଜୀବୀମାନଙ୍କୁ ତିଆରି କରିଥାଏ। ଆଇନଜୀବୀଙ୍କ ପାଇଁ ଲୋକଙ୍କ ସ୍ୱାଧୀନତା ସୁରକ୍ଷିତ ହୁଏ ବୋଲି ସେ କହିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଆଇନ୍‌ର ବିକାଶ ଦିଗରେ ଆଇନ୍‌ଜୀବୀମାନେ କାର୍ଯ୍ୟ କରିଥାନ୍ତି। ଆଇନ୍‌ଜୀବୀଙ୍କ ମଧ୍ୟରେ ଉତ୍ତମ ଚରିତ୍ର, ସୁଖ୍ୟାତି ଓ ସାଧୁତା ଆଦି ଗୁଣ ରହିବା ଏକାନ୍ତ ଅପରିହାର୍ଯ୍ୟ। ଯୁବ ଆଇନଜୀବୀମାନେ ସେମାନଙ୍କ ବରିଷ୍ଠ ଆଇନ୍‌ଜୀବୀମାନଙ୍କ ପରାମର୍ଶ ଓ ସୁଗୁଣଗୁଡ଼ିକୁ ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅରବିନ୍ଦ ପି. ଦତାର କହିଥିଲେ, ଓଡ଼ିଶା ହାଇକୋର୍ଟ ଅନ୍ୟ ହାଇକୋର୍ଟଗୁଡ଼ିକ ପାଇଁ ଏକ ରୋଲ ମଡେଲ୍ ହେବା ଉଚିତ୍। ଲୟର ଅଫ୍ ଦି ଇୟର ସମ୍ବର୍ଦ୍ଧନା ଭଲ ଆଇନ୍‌ଜୀବୀ ହେବା ପାଇଁ ପ୍ରେରଣା ଯୋଗାଇବ। ଆଇନ ସେବା ଏକ ସୁନ୍ଦର ବୃତ୍ତି ବୋଲି କହିଥିଲେ। ଏହି ଅବସରରେ ଆଇନ୍ ବୃତ୍ତିରେ ୫୦ ବର୍ଷ ପୂରଣ କରିଥିବା ହାଇକୋର୍ଟର ୨୯ ଜଣ ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳ, ବିଜୟ କୁମାର ବେହୁରା, ଭକ୍ତହରି ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ଦାମୋଦର ପ୍ରସାଦ ମହାନ୍ତି, ସଚ୍ଚିନ୍ଦ୍ର ନାଥ କର, ଦୁର୍ଗାଚରଣ ମହାନ୍ତି, ନରସିଂହ ମିଶ୍ର, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ବିଜୟ କୃଷ୍ଣ ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ଅଶୋକ କୁମାର ମହାନ୍ତି, ସୂର୍ଯ୍ୟପ୍ରସାଦ ମିଶ୍ର ଆଦି ପୂର୍ବତନ ଆଡ୍‌ଭୋକେଟ ଜେନେରାଲବୃନ୍ଦ, ୧୮ଟି ଜିଲାରୁ ୨୦୨୨ର ଲୟର୍ସ ଅଫ୍ ଦି ଇଅର ଭାବେ ବିବେଚିତ ଆଇନଜୀବୀ ଭାବେ କଟକରୁ ସୌମ୍ୟା ସୁଚରିତା ଦେଓ, ବରଗଡ଼ରୁ ଶଙ୍କର ପ୍ରସାଦ ପୁରୁସେଠ, ଭଦ୍ରକରୁ ସୀମା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ହାଇକୋର୍ଟ ବିଚାରପତି, ବରିଷ୍ଠ ଆଇନଜୀବୀ ଓ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଓ ବିଚାରପତି ଭି. ନରସିଂହ ଧନ୍ୟବାଦ ଦେଇଥିଲେ।



# ଓଡ଼ିଆ ଅସ୍ମିତା, ସ୍ୱାଭିମାନର ପ୍ରତୀକ ମଧୁବାବୁ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଉତ୍କଳ ଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣୀ ମଧୁବାବୁ ଜଣେ ଆଇନଜୀବୀ, ଶିଳ୍ପୋଦ୍ୟୋଗୀ, ସାମାଜିକ କର୍ମୀ, ସମବାୟବିତ୍ ଓ ସାହିତ୍ୟ-ସଂସ୍କୃତିପ୍ରାଣ ଭାବେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ । ଓଡ଼ିଆ ଜାତି ପାଇଁ ତାଙ୍କ ତ୍ୟାଗ ଓ ତପସ୍ୟା ଅତୁଳନୀୟ। ଏହି ଦୃଷ୍ଟିରୁ ତାଙ୍କୁ 'ସହସ୍ରାବ୍ଦର ସୂର୍ଯ୍ୟ'କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ଶୁକ୍ରବାର ସୂଚନା ଭବନରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ ଓ ବିଶିଷ୍ଟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ ସମ୍ପାଦିକା କସ୍ତୁରୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର ଶିଳ୍ପୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ଅନ୍ୟ ଅତିଥିମାନେ।

# ରହସ୍ୟରେ ଠିକାଦାରଙ୍କ ମୃତ୍ୟୁ

## ପରିବାର ଲୋକଙ୍କ ହତ୍ୟା ସନ୍ଦେହ

## ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା, ସିଡିଆର୍ ମାଗିଲା ପୋଲିସ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଭୁବନେଶ୍ୱର ପଟିଆ ରେଳଷ୍ଟେଶନ ରେଳ ଧାରଣାରୁ ଗୁରୁବାର ଠିକାଦାର ରାଜକିଶୋର ପଣ୍ଡା (୩୦)ଙ୍କ ମୃତଦେହ ମିଳିବା ଘଟଣାରେ ରହସ୍ୟ ଲାଗି ରହିଛି। ପ୍ରାଥମିକ ତଦନ୍ତରୁ ରାଜକିଶୋର ଆତ୍ମହତ୍ୟା କରିଥିବା ଭୁବନେଶ୍ୱର ସରକାରୀ ରେଲୱେ ଥାନା (ଜିଆର୍‌ପି) ସନ୍ଦେହ କରୁଥିବାବେଳେ ପରିବାର ଲୋକ ରାଜକିଶୋରଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ବଡ଼ ଭାଇ ନବକିଶୋର ପଣ୍ଡା ଗଣମାଧ୍ୟମ ଯୋଗେ ପ୍ରତିକ୍ରିୟା ଦେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ନବକିଶୋରଙ୍କ କହିବା କଥା, ଆତ୍ମହତ୍ୟା କରିବା ଭଳି ସାନ ଭାଇଙ୍କ କୌଣସି ଚିନ୍ତା ନ ଥିଲା। ଏହା ଏକ ହତ୍ୟାକାଣ୍ଡ। ତେଣୁ ପୋଲିସ ପକ୍ଷରୁ ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତଦନ୍ତକାରୀ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା କହିଛନ୍ତି, ମାମଲାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏଥିସହ ମୃତ ରାଜକିଶୋରଙ୍କ ଶେଷ ଲୋକେଶନ ଓ ଶେଷ ଥର ସେ କାହା ସହ କଥା ହୋଇଥିଲେ ଜାଣିବାକୁ (କଲ୍ ଡିଟେଲ୍ସ ରିପୋର୍ଟ) ମଗାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜକିଶୋରଙ୍କ ଘର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଠିକାଦାର ଭାବେ କାମ କରୁଥିଲେ। ଏଥିସହ ଏକ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଏଜେଣ୍ଟ ମଧ୍ୟ ଥିଲେ। ବୁଧବାର ରାତିରେ ସେ କୌଣସି ଏକ କାମରେ କଟକ ଯାଇଥିଲେ। ରାତି ପ୍ରାୟ ୧୦ ବେଳେ ସେ ଭାଇଙ୍କୁ ଫୋନ କରି ୧୦ ମିନିଟ ମଧ୍ୟରେ ଘରକୁ ଆସୁଥିବା କହିଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ତେଣୁ ପରିବାର ଲୋକ ବିଳମ୍ବିତ ରାତିରେ ଫୋନ କରିବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଦେଖାଇଥିଲା। ଅପରପକ୍ଷରେ ଗୁରୁବାର ପୂର୍ବାହ୍ନରେ ରେଳଧାରଣା ନିକଟରେ ରାଜକିଶୋରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଖବର ପାଇ ଜିଆର୍‌ପି ଅଧିକାରୀମାନେ ସେଠାକୁ ଯାଇଥିଲେ। ଏଥିସହ ତାଙ୍କ ବାଇକ ସେଠାରୁ କିଛିଦୂରରେ ରଖା ଯାଇଥିଲା। ପୋଲିସ ତାଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ବ୍ୟାଗରୁ ମିଳିଥିବା ପରିଚୟ ଆଧାରରେ ପରିବାର ଲୋକଙ୍କୁ ଯୋଗଯୋଗ କରିଥିଲା।

---

### GOVERNMENT OF ODISHA
No. B-126

### INVITATIONS FOR BIDS (IFB)
### 'e' PROCUREMENT NOTICE

**Bid Identification No. S.E. JSPR(R&B)-03/2023-24**

1. Name of work : Building (Civil, E.I. & P.H.) work for the year 2023-24
2. No. of Works : Total:- 01 (One) no. Work
3. Estimated cost : Above **Rs.2.00 Crores up to Rs. 4.00 Crores (Approx)**
4. Period of completion : **As per Column No.-8 of this NIT**
5. Class of contractors : **As per Column No.-7 of this NIT**

Other details as follows :-

6. **Date & time of availability of bid documents in Portal:- 29.04.2023 at 11.30 A.M.**
7. **Last date/time for receipt of bids in Portal:- 08.05.2023** ***upto 05.00 P.M.***
8. **Opening of Bid documents : 09.05.2023 at 11.30 A.M.**
9. Procurement Officer : Superintending Engineer, Jagatsinghpur (R&B) Division, Jagatsinghpur With

E-Mail address :- eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Superintending Engineer**
**Jagatsinghpur (R&B) Division**

OIPR-34093/11/0004/2324

---

### OFFICE OF THE PANCHAYAT SAMITI, KUSUMI
At/P.o.-Kusumi, Dist.-Mayurbhanj, Odisha
E-Mail: ori-Kusumi@nic.in

### CORRIGENDUM

No.i-98:- In continuation of this office Tender Call Notice N0.1067 dt. 13.04.2023 published vide letter no. 1068 dt 13.04.2023 in the daily odia newspaper The Dharitri & The Samay the following changes has been made. The tender paper along with details of term and condition will be available at Panchayat Samiti, Kusumi instead of Mayurbhanj.nic.in and the paper will be submitted in all respect at Panchayat Samiti, Kusumi instead of Courrier/Speed Post/Regd. Post only.

Sale of Tender Papers: - **28.04.2023 to 09.05.2023 up to 1.00 PM instead of 17.04.2023 to 28.04.2023.**

Last Date of receipt of tender paper: - **09.05.2023 up to 1.00 PM Instead of 29.04.2023**

Date of opening of tender papers at Meeting Hall, Kusumi Block, Kusumi, Mayurbhanj:- **10.05.2023 at 10.30 A.M. instead of 03.05.2023.**

All other terms and conditions for submission of bid remain unchanged.

**Sd./- Block Development Officer**
**Kusumi, Mayurbhanj**

OIPR-19354/11/0003/2324

---

### "e" PROCUREMENT NOTICE
### JAJPUR MUNICIPALITY, JAJPUR
**Tender Call Notice No. 1701 / Date: 27.04.2023**

No. C-192: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government website i.e. **www.tendersorissa.gov.in**.

1. Name of Work : Road & Park
2. No. of Works : 05 (Five) Nos.
3. Bid Value : Rs.1,32,511/- to Rs.81,34,613/-
4. Bid Id : JM-01/2023-24
5. Tender Id : 2023_ORULB 88468_01 to 2023_ORULB 88468_5
6. Period of Completion : 15 days to 120 days
7. Date of availability of Bid document in the portal : From 05.00 P.M. of Dt.28.04.2023 to 08.05.2023 upto 5.00 P.M.
8. Last date for receipt of Bids in portal : Dt.08.05.2023 upto 5.00 P.M.
9. Bids received online shall be Opened on : Dt.12.05.2023 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**

**OIPR-13171/11/0002/2324**

---

### BHUBANESWAR DEVELOPMENT AUTHORITY
**AKASH SHOVA BUILDING,**
**SACHIVALAYA MARG, BHUBANESWAR - 751001**
**Visit us at: http://www.bda.gov.in**

### INVITATIONS FOR BIDS (IFB)
**Bid Identification No. 446/EM/BDA/2023-24** **Dated.27.04.2023**

**No.CAD-372:**Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible electrical contractors for the works as mentioned below:

1. Total No. of electrical works : 02 (Two) Nos.
2. Estimated cost : Rs.80.02 Lakh & Rs 66.35 Lakh
3. Class of Contractor : "HT"
4. Period of Completion : 45 Days & 30 Days
5. Cost of Bid Document for each work : Rs. 10,000.00+18% GST=Rs.11,800.00
6. Earnest Money Deposit (EMD) : Rs 80,100.00 & Rs 66,400.00
7. Availability of Tender : From 02.05.2023 to 5.00 PM of 16.05.2023 in the e-procurement website.
8. Date of time of opening of Tender : Dt. 20.05.2023 at 11.30 AM
9. Place of opening of Tender : O/o -Engineer Member, BDA.

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can be seen in the said website only.

**Sd./- Engineer Member BDA, Bhubaneswar**

**OIPR-13033/11/0045/2324**

---

### COLLECTORATE, GANJAM, CHATRAPUR
### (D.S.W.O. SECTION)
**Ph.# :06811-263968, 262460, E-Mail: dswo an janiHnic.in**
**No.1462/ Dt. 24.04.2023**

### SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER SNP FEEDING PROGRAMME IN GANJAM DISTRICT FOR 2023-24

**No. g-13:-** Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST registration & clearance certificate for undertaking transportation of food stuff (rice & wheat) under SNP feeding programme in Ganjam district for the year 2023-24 The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam nic.in . The cost of tender paper is Rs.10,000/- which is to be deposited in shape of D.D in favour of District Social Welfare Officer, Ganjam and enclosed in the technical bid of the tender. Last date and time for receipt of tender paper is **09.05.2023 at 05.00 PM** and will be opened on **10.05.2023 at 04.00 PM** in the Collectorate, Ganjam, Chatrapur. The quotations must be sent through **Registered Post / Speed Post only addressed to District Social Welfare Officer, Ganjam, Chatrapur,** PIN-761020, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super-scribing as "TENDER FOR UNDERTAKING TRANSPORTATION WORK UNDER SNP FEEDING PROGRAMME IN GANJAM DISTRICT -2023-24

The authority reserves the right to reject any or all the tenders without assigning any reason thereof.

OIPR-24124/11/0003/2324 **Sd./- Collector, Ganjam**

---

### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
### OFFICE OF THE NOTIFIED AREA COUNCIL, BIJEPUR
**AT/PO/PS:- Bijepur, Dist.:- Bargarh (Odisha), PIN:- 768032**
**E-mail ID:- bijepurnac2018-od@gov.in, bijepurnac2018@gmail.com**

### Quotation Call Notice

**Q.C.N. No. 431/NACB** **Date: 28.04.2023**

**No.C-181:-** Sealed quotations are invited by the undersigned from the manufacture/ Agencies/ Authorized Dealers for supply of Office Stationery & Printing Materials. The quotationer should quote their rates exclusive of all taxes and including Transportation charges. The quotationer should submit the valid copy of GST Registration Certificate, PAN Card, Original Money Receipt of Paper Cost Rs. 300/- (Three hundred) only and EMD amount Rs. 3000/- (Three Thousand) only in favour of Executive Officer, NAC, Bijepur with the quotation. Quotation paper cost is the same will be available from 01.05.2023 to 15.05.2023 up till 12.00pm. The quotation should reach to the undersigned on or before Date 16.05.2023 at 11.00 AM through Speed Post/ Registered Post/ Person concern and the same will be opened on 16.05.2023 at 11.30am in the presence of Tender Committee and supplier or their authorized representatives, if any. Quotation received after scheduled date & time will not be entertained. The authority reserves the right to reject each or all quotations without assigning any reason thereof & the term of supply of above said materials shall be valid for one financial year, i.e. 2023-24 and another one will be extended as per performance. If the Quotationer repeatedly delays in delivering the goods or disregards the office staff, its Work Order will be revoked immediately.

The following documents have to be submitted along with the original quotation paper cost otherwise the quotation will be rejected.

**1)** Original Money Receipt of Paper Cost. **2)** Original Money Receipt of EMD. **3)** PAN Card. **4)** GST Registration Certificate.

OIPR-13123/11/0001/2324 **Sd./- Executive Officer, Bijepur NAC**

---

### ODISHA SCHOOL EDUCATION PROGRAMME AUTHORITY
**"SHIKSHA SOUDHA", UNIT - V, BHUBANESWAR - 751001**

**RFP No. 5555/2023** **Dated: 28.04.2023**

### REQUEST FOR PROPOSAL
**Selection of Agency to provide Services of Professionals for Transformation for Aspirational Incubator (T4AI)**

No. n-33: Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed proposals from eligible bidders for providing services of professionals for transformation for Aspirational Incubator (T4AI). Bidders fulfilling the prescribed eligibility criteria of the RFP can access and download the complete RFP document and other details from **osepa.odisha.gov.in**.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 29.04.2023 |
| 2 | Last date for submission of Bid | 29.05.2023 - 5.00 P.M. |
| 3 | Date of Opening of Technical Bid | 30.05.2023 - 11.00 A.M. |
| 4 | Date of Opening of Financial Bid | To be intimated later |

The proposal complete in all respects must reach the undersigned by Speed Post/ Registered Post only latest by 29.05.2023 before 5.00 P.M. in a sealed envelope clearly mentioning on the top of it **"Request for proposal - Selection of agency for Providing Services of Professionals for Transformation for Aspirational Incubator (T4AI)"**. The proposals received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Address for Submission of Proposal:**
**State Project Director**
**Odisha School Education Programme Authority (OSEPA)**
**"Shiksha Soudha", Unit - V, Bhubaneswar, Odisha - 751001**

**Sd./- State Project Director**
**OIPR-27068/11/0002/2324**

---

### GOVERNMENT OF ODISHA
### OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

### ସୂଚନା

**No. 2437** **Dated: 27.04.23**

**No. AA-04:-** ଏତଦ୍ଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି Computer Based Test (CBT) ପରୀକ୍ଷା ଭୁବନେଶ୍ୱରଠାରେ ୦୭.୦୫.୨୦୨୩ (ରବିବାର) ତାରିଖରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟାଳୟ ଦ୍ୱାରା SCC Examination, 2022 ପାଇଁ ଜାରି ହୋଇଥିବା Advertisement No.118 dated.25.03.2022 ର Detailed Advertisementରେ Sl. No. 3, Examination Pattern-Note (2)ରେ ସୂଚିତ ଥିବା କୌଣସି ପ୍ରଶ୍ନର ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଂକୁ ୦.୫ ବଦଳରେ ୦.୨୫କୁ ସଂଶୋଧନ କରାଯାଇଛି । ଯୋଗ୍ୟ ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍ **https://elbo.okcl.co.in** କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ । Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ, ଦିଆଯାଇଥିବା Helpline No.0674-3520021 ରେ ଯୋଗାଯୋଗ କରନ୍ତୁ ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-
ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା

OIPR-04068/11/0003/2324

---

### DISTRICT PROJECT MANAGEMENT UNIT
Mid Day Meal Scheme
### PM POSHAN (MDM) SCHEME
### O/O THE DISTRICT EDUCATION OFFICER, KORAPUT
### TENDER CALL NOTICE

No.218/MDM Date: 27.04.2023

No.n-32:- Sealed tenders are invited in the prescribed forms from the intending Individuals / Company / Firm / Corporation having valid agent licence for transportation of food-stuff under PM Poshan (MDM) Scheme of Koraput District during the year 2023-24. The tender papers shall be submitted to the OFFICE OF THE DISTRICT EDUCATION OFFICER, DISTRICT PROJECT MANAGEMENT UNIT, PM POSHAN (MDM) SCHEME, KORAPUT from 27.04.2023 to 26.05.2023 4.00 P.M. through registered post or speed post only and the same will be opened in the presence of the bidders or their authorized agents on 31.05.2023 at 11.00 A.M. at Conference Hall, Collectorate, Koraput by the District Tender Committee. The tender document received beyond the date and time mentioned above shall not be taken into consideration.

Notwithstanding anythingelse contained to the contrary in this tender document, the udnersigned reserves every right to cancel / withdraw / modify fully or partially the invitation of bids, or to reject one or more of the bids or cancel the entire tender process without assigning any reason thereof and shall bear no liability whatsoever consequents upon such a decision. The detailed terms and conditions may be downloaded from the District Website www.koraput.nic.in.

**Sd./- COLLECTOR**
**KORAPUT**

OIPR-11075/11/0002/2324

---

### COLLECTORATE, ANGUL
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
### DISTRICT SOCIAL WELFARE SECTION, ANGUL
### ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ, ଅନୁଗୋଳ
**Telephone: 06764- 230567 (O) / 230234 (R) / 230685 (F)**
**Website: www.angul.nic.in, Email: dm-angul@nic.in,**
**E-mail: dswoangul@nic.in**
No.997 / SW Date: 26.04.23

### TENDER CALL NOTICE
**(ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP FOR 2023-24)**

No.g-14:- Sealed tenders are invited from the intending Registered Transport Contractors / Agencies / Individuals for engagement of Transporting Contractor for undertaking transportation of food stuff from FCI depot to WSHGs points / OSWC depot to AWC points under Supplementary Nutrition Programme in Angul District.

The detailed tender paper for the above purpose containing the terms and conditions, EMD and statutory requirement can be obtained from the Office of the DSWO, Angul on payment of Rs.10,000/- (Rupees Ten Thousand) only (Non refundable) during the office hours on any working day till 12.05.2023 by 11.00 A.M. The detailed on tender paper can also be downloaded from the District Website www.angul.nic.in & while submitting the tender paper a DD (of any commercial Bank) of Rs.10,000/- (Rupees Ten Thousand) only (Non refundable) in favour of DSWO, Angul payable at Angul is to be submitted with the tender paper failing which the tender paper will be rejected.

The tender paper complete in all respect (Technical & Financial) with all required documents are to be submitted to the DSWO, Angul on or before 11.00 A.M of 12.05.2023 by Registered / Speed Post only. The tender will be opened on 16.05.2023 at 12 Noon in the Office of the Collector Angul, in presence of the members of the Tender Committee and the tenderers or their authorized representatives.

Future corrigendum or other communication regarding this tender will be available only on the District Website www.angul.nic.in and will not be published in print media.

The tender received beyond the scheduled date and time shall not be taken into consideration. The authority reserves the right to reject / cancel any or all tenders without assigning any reason thereof and shall bear no liability what so ever consequent upon such decision.

**Sd./- COLLECTOR, ANGUL**

OIPR-19356/11/0004/2324

---

### KALYANI SELF HELP GROUP
**At: Badabazar Harizan Sahi, Ganjam NAC,**
**P.O./Dist.: Ganjam, Odisha - 761026**

| | |
|---|---|
| **Rasmita Nayak** | **Anita Kumari Nayak** |
| **President** | **Secretary** |
| **Mob.: 7657026393** | **Mob.: 7854062002** |

### ବିଜ୍ଞାପନ

No. C-187: ଆମ୍ଭେ କଲ୍ୟାଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଜଣାଉଅଛୁ କି, ଆମ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ପାଳିବନ୍ଧଠାରେ ଏକ ମଳ ଉପଚାର କେନ୍ଦ୍ର ପରିଷଦ ଦ୍ୱାରା ସ୍ଥାପନ କରାଯାଇଅଛି। ଏହି ମଳ ଉପଚାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ଆମ୍ଭ କଲ୍ୟାଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନେଇଅଛି। ଆମର ଏହି ମଳ ଉପଚାର କେନ୍ଦ୍ରରେ ଏକ ପରୀକ୍ଷାଗାର ସ୍ଥାପନ କରାଯାଇଅଛି। ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପତ୍ର ସଂଖ୍ୟା – ୫୭୬, ତା୨୦।୦୨।୨୦୨୩ରିଖ ଅନୁଯାୟୀ ଉକ୍ତ ପରୀକ୍ଷାଗାର ପରିଚାଳନା ପାଇଁ ଏକ ମହିଳା/କିନ୍ନର ପ୍ରାର୍ଥୀ ଆବଶ୍ୟକ। ଯେଉଁ ଇଚ୍ଛୁକ ପ୍ରାର୍ଥୀଙ୍କର ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ଗୋଟିଏ ଯୋଗ୍ୟତା ଥିବ, ସେମାନେ ତଳେ ଦିଆଯାଇଥିବା ଠିକଣାରେ ମୁଦ ଲଫାପାରେ ଡାକ ଯୋଗେ କିମ୍ବା ବ୍ୟକ୍ତିଗତ ଭାବେ ଆବେଦନ କରିପାରିବେ। ଆବେଦନ କରିବାର ଶେଷ ତାରିଖ ତା୨୭।୦୪।୨୦୨୩ଠାରୁ ୧୨।୦୫।୨୦୨୩ ଅପରାହ୍ନ ୧ ଘଟିକା ସମୟ ପର୍ଯ୍ୟନ୍ତ।

**A. ଶିକ୍ଷାଗତ ଯୋଗ୍ୟତା:**
1. B.Sc. (Chemistry), 2. M.Sc. (Chemistry), 3. M.Sc. (Bio Chemistry), 4. M.Sc. (Environmental Science), 5. Or any equivalent Degree

B. Experience Required:
1. Minimum 1 year of experience of working in any laboratory preferably water/waste water labs.
2. Experience in date collection, lab testing and reporting.

C. **Language Known: Desired** - English (Read, Write and Speak), **Preferable:** Odia (Speaking)

**ଠିକଣା:**
**କଲ୍ୟାଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ,**
**ମଳ ଉପଚାର କେନ୍ଦ୍ର, ୱାର୍ଡ ନଂ. – ୫,**
**ବଡ଼ ବଜାର ହରିଜନ ସାହି, ବିଜ୍ଞାପିତ ଅଞ୍ଚଳ ପରିଷଦ,**
**ଗଞ୍ଜାମ, ପିନ୍ – ୭୬୧୦୨୬**

**OIPR-13164/11/0001/2324**

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅସିତ୍



@ ସୁଦୀପ୍ତ



@ ବିଭୁଦତ୍ତ



@ ସୁଶାନ୍ତ



@ ଆଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୁପ୍ତଧନ ଆଶା ଦେଖାଇ ଠକି ନେଇଥିଲେ ୬୨ ଲକ୍ଷ

କଟକ ଅଫିସ,୨୮।୪

କଟକ ସହରରେ ବି ଲୋକେ ଅନ୍ଧବିଶ୍ୱାସରେ ବୁଡ଼ି ରହିଛନ୍ତି। ଗୁଣିଗାରେଡ଼ି ମାଧ୍ୟମରେ ଗୁପ୍ତଧନ ପାଇବା ଆଶାରେ ଠକ ଯୁବକଙ୍କ ହାବୁଡ଼ରେ ପଡ଼ିଥିଲେ ରାଣୀହାଟ ଅଞ୍ଚଳର ଜଣେ ମହିଳା। ତାନ୍ତ୍ରିକ ସାଜି ମହିଳାଙ୍କଠାରୁ ୬୨ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍(୨୭)। ତାଙ୍କ ନିକଟରୁ ନଗଦ ୨,୭୬,୪୧୦ ଟଙ୍କା, ୨ଟି ଦାମୀ କାର୍, ୭୦ ଦାମୀ ମୋବାଇଲ ଫୋନ୍, ୨୦ ଦାମୀ ହାତଘଣ୍ଟା, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍, ବୀମା ପଲିସି ମିଶି ୧୩ଟି, ହୀରା ଭଳି ଦେଖାଯାଉଥିବା ୨ଟି ଧାତୁ, ୨ଟି ପିତ୍ତଳ ଇଟା, ୩ଟି ଲକ୍ଷ୍ମୀଙ୍କ ପିତ୍ତଳରେ ତିଆରି ପାଦ, ୨ଟି ହଳଦିଆ ଓ ନୀଳ ରଙ୍ଗର ହୀରା ସଦୃଶ ଧାତୁ, ଗୋଟିଏ ପିତ୍ତଳ ରାଧାକୃଷ୍ଣ ମୂର୍ତ୍ତି, ଗୋଟିଏ ପିତ୍ତଳ ହଣ୍ଡା, ପିତ୍ତଳର ୨ଟି ଲକ୍ଷ୍ମୀପାଦ, ହୀରା ଭଳି ଦେଖାଯାଉଥିବା ଗୋଟିଏ କାଚଖଣ୍ଡ, ୪ଟି ପିତ୍ତଳ ପାତ୍ର ଓ ୧୦ଟି ଧାତବ ଲକେଟ୍ ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୧୪/୨୩) ରୁଜୁ ହୋଇଥିବା ମଙ୍ଗଳାବାଗ ଥାନାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଠକାମିର ଶିକାର ହୋଇଥିବା ରାଣୀହାଟ ଅଞ୍ଚଳର ମହିଳା ଓ ତାଙ୍କ ବୃଦ୍ଧା ମା'ଙ୍କ ସମେତ ସମସ୍ତ ସଦସ୍ୟ ଘରେ ଭୟଭୀତ ଅବସ୍ଥାରେ ରହୁଥିଲେ। ସେମାନେ ତାଙ୍କ ଘରେ ଏକ ଦୁଷ୍ଟଶକ୍ତିର ଉପସ୍ଥିତିକୁ ଅନୁଭବ କରୁଥିଲେ। ଯେଉଁଥିପାଇଁ ସେମାନେ ଶାନ୍ତିରେ ରହିପାରୁ ନ ଥିଲେ କି ଶୋଇପାରୁ ନ ଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ସେମାନେ ବହୁ ପୂଜାର୍ଚ୍ଚନା କରିଥିଲେ। ଏକଥା ତାଙ୍କ କାର୍ ଡ୍ରାଇଭର ସେକ୍ ଅସ୍‌ପାକ୍‌ଙ୍କୁ ଜଣାଥିଲା। ୨୦୨୨ ଅଗଷ୍ଟ ଶେଷ ସପ୍ତାହରେ ଅସ୍‌ପାକ୍ ନିଜେ ଅନୁପସ୍ଥିତ ରହି ଅନ୍ୟ ଜଣେ ଡ୍ରାଇଭର ସେକ୍ ଇସ୍ରାଇଲଙ୍କୁ ଗୋଟିଏ ଦିନ ପାଇଁ ପଠାଇଥିଲେ। କାର୍‌ରେ ଯାଉଥିବାବେଳେ ମହିଳା ଜଣଙ୍କ ତାଙ୍କ ଘରେ ଥିବା ଦୁଷ୍ଟ ଶକ୍ତି ବିଷୟରେ ଇସ୍ରାଇଲ୍‌ଙ୍କୁ କହିଥିଲେ। କେଶରପୁରର କୈଫି ଖାନ୍ ନାମକ ମୌଲାନା ଏହି ଦୁଷ୍ଟ ଶକ୍ତିକୁ ବିତାଡ଼ିତ କରିଦେବେ ବୋଲି ଇସ୍ରାଇଲ୍ ମହିଳାଙ୍କୁ କହିଥିଲେ। ସେହିଦିନଠାରୁ ମହିଳା ଜଣକ କୈଫି ଖାନ୍‌ଙ୍କ ସହ ସମ୍ପର୍କରେ ରହିଲେ। କୈଫି ସମ୍ପୃକ୍ତା ମହିଳାଙ୍କ ଘର ପରିଦର୍ଶନ କରି ଏକ ଦୁଷ୍ଟ ଶକ୍ତି ସ୍ପିରିଟ୍ ଆକାରରେ ରହିଥିବା କହିଥିଲେ। ତାଙ୍କ ଘରର ମାଟି ତଳେ କିଛି ଗୁପ୍ତଧନ ରହିଛି ସେଗୁଡ଼ିକ ବାହାର କରିବାକୁ ପଡ଼ିବ। ନ ହେଲେ ସେହି ଦୁଷ୍ଟ ଶକ୍ତି ବହୁତ ବଡ଼ କ୍ଷତି କରିପାରେ। ଏପରି କି ପରିବାରର କାହାର ଜୀବନ ବି ନେଇପାରେ ବୋଲି କୈଫି ଚେତାଇ ଦେଇଥିଲେ। ତେଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ପରାମର୍ଶ ଦେଇଥିଲେ। ସେହି ଦୁଷ୍ଟଶକ୍ତିକୁ ଘରୁ ବାହାର କରିବା ପାଇଁ ସେ ପ୍ରଥମେ ୧୫ ଲକ୍ଷ ଟଙ୍କା ଦାବି କରିଥିଲେ। ମହିଳା ଜଣଙ୍କ ୧୫ ଲକ୍ଷ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ପରେ ବିଭିନ୍ନ ସମୟରେ ସମ୍ପୃକ୍ତ ମହିଳା ମୋଟ ୬୨ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ହେଲେ ମହିଳା ଜଣଙ୍କ ଏ ସମସ୍ତ ଟଙ୍କା ଯୋଗାଡ଼ କରିବାକୁ ୧୭ଟା ସୁନାରଣ କରିଥିଲେ। ଦିନେ ଅଭିଯୁକ୍ତ ତାଙ୍କ ଘରେ ପହଞ୍ଚି ଗୁପ୍ତଧନ ପାଇବା ପାଇଁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଚଟାଣକୁ ଖୋଳିଥିଲେ। ସେଥିରୁ ଗୋଟିଏ ବୁଦ୍ଧମୂର୍ତ୍ତି, ଗୋଟିଏ ପିତ୍ତଳ ପାତ୍ର, ଗୋଟିଏ ପିତ୍ତଳ ରାଧାକୃଷ୍ଣ ମୂର୍ତ୍ତି, ହୀରା ଭଳି ଦେଖାଯାଉଥିବା ଧାତୁ ଓ ପିତ୍ତଳ ଇଟା ଆଦି ମିଳିଥିଲା। ଅଭିଯୁକ୍ତ ଜଣକ ମହିଳାଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଲେ, ଯାହାକି ଉଦ୍ଧାର ସାମଗ୍ରୀଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ହୀରା ଓ ସୁନା ବୋଲି। ମାତ୍ର ସେଗୁଡ଼ିକୁ ପରୀକ୍ଷା କରାଯିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଏହାପରେ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ଜଣଙ୍କ ଠକେଇ ଟଙ୍କାରେ ଦାମୀ ମୋବାଇଲ ଫୋନ୍, ଦାମୀ କାର୍, ଗୋଟିଏ ବୁଲେଟ, ଦାମୀ ହାତଘଣ୍ଟା ଭଳି ସୌଖୀନ ସାମଗ୍ରୀ କିଣି ଅୟସ କରୁଥିବା ଜଣାପଡ଼ିଥିଲା।





ମୌଲାନା କୈଫି ଖାନ୍

■ ତାନ୍ତ୍ରିକ ବୋଲାଉଥିବା ଅଭିଯୁକ୍ତ ଯୁବକ ଗିରଫ
■ ୭୦ ଦାମୀ ମୋବାଇଲ, ୨ କାର୍ ଓ ୨.୭୬ ଲକ୍ଷ ଟଙ୍କା ଜବତ
■ ଠକେଇ ଅର୍ଥରେ ଅୟସ କରୁଥିଲେ

# ଡିଭାଇଡରରେ ପିଟିହେଲା ସ୍କୁଲ ବସ୍

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

**ଗଛରେ ଅଟକିବାରୁ ଅଳ୍ପକେ ବର୍ତ୍ତିଗଲେ ଛାତ୍ରୀଛାତ୍ର**

ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟ ବିହାର ନିକୋ ପାର୍କଠାରେ ଶୁକ୍ରବାର ଡିଭାଇଡର ସହ ଏକ ସ୍କୁଲ ବସ୍ ପିଟିହୋଇଯାଇଛି। ଦୁର୍ଘଟଣାରେ ବସ୍‌ର ଗୋଟିଏ ପାର୍ଶ୍ୱ ନଷ୍ଟ ହୋଇଛି। ତେବେ ବସ୍‌ରେ ଥିବା ୨୦ରୁ ଅଧିକ ଛାତ୍ରୀଛାତ୍ର ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଛି। ଉକ୍ତ ବସ୍‌ଟି ଏକ କୋଚିଂ ଇନଷ୍ଟିଚ୍ୟୁଟ୍‌ର ହୋଇଥିବାବେଳେ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ବସ୍ ଜବତ କରି ଥାନାକୁ ଆଣିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚାଳନା କରୁଥିଲେ ଓ ବସ୍‌ର ବେଗ ଅଧିକ ଥିଲା ବୋଲି ପିଲାମାନେ କହିଛନ୍ତି। ସୂଚନାନୁଯାୟୀ, ଅପରାହ୍ନରେ ଛାତ୍ରୀଛାତ୍ରମାନେ କ୍ଲାସ ସାରି ଉକ୍ତ ବସରେ ହଂସପାଳ ଫେରୁଥିଲେ। ଡ୍ରାଇଭର ଭାରସାମ୍ୟ ହରାଇବାରୁ ନିକୋପାର୍କଠାରେ ବସ୍‌ଟି ଡିଭାଇଡର ସହ ପିଟିହୋଇ ରାସ୍ତା ପାର୍ଶ୍ୱ ଗଛ ଡାଳ ସହ ଘଷି ହୋଇ କୌଣସିମତେ ଅଟକି ଯାଇଥିଲା। ଫଳରେ ପିଲାମାନେ ରକ୍ଷା ପାଇଯାଇଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
**No.:CE/R&B/Accts-82/22/131**
**Date. 27.04.2023**

Name of the Work **"Annual Maintenance & Development of Garden in and around Port Township (Smruti Udyan, Nursery, JC Colony, GC and GD Colony, Administrative Building, Pump House premises (JC & Madhuban) and Balijhara Water works for the year 2023-24."** Estimated Cost ₹. **1,22,27,819.76.** Last date & time of submission of Bid **17.05.2023** at 18.00. Hrs. For details please refer our website **https://eprocure.gov.in/eprocure/app**

Executive Engineer,
Roads & Building Division, PPA

PPA/PR/09/2023-24 Dt.28/04/2023

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/15,ତା.19.04.2023ରିଖ

(1) ଟେଣ୍ଡର ସଂ.etender-EAST-KUR-48-2023,ତା.17.04.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିର୍ଗୁଣ୍ଡି-ଘରବାଟିଆ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 6.0 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 122.11 ଲକ୍ଷ, EMD(ଟଙ୍କାରେ) : 2,11,100/- ।

(2) ଟେଣ୍ଡର ସଂ.etender-CENT-KUR-32-2023,ତା.14.04.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜବରଦଖଲରୁ ରକ୍ଷା ପାଇବା ପାଇଁ ଟ୍ରାକ୍ ଏବଂ ସଂସ୍ଥାପନଗୁଡ଼ିକୁ ସୁରକ୍ଷିତ ରଖିବାର ଉପାୟ ଭାବେ ଷ୍ଟେସନ ଏବଂ ଏହାର ପ୍ରବେଶ ପଥ ନିକଟରେ ପରିସର ପାଚେରୀ ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 974.68 ଲକ୍ଷ, EMD(ଟଙ୍କାରେ) : 6,37,300/- ।

(3) ଟେଣ୍ଡର ସଂ.etender-HQ-KUR-47-2023,ତା.17.04.2023ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ବର୍ତ୍ତମାନର ଉଦ୍ୟାନ କୃଷି କାର୍ଯ୍ୟ ଇତ୍ୟାଦିର ରକ୍ଷଣାବେକ୍ଷଣ, ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration) ନିମନ୍ତେ ଜୋନାଲ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 63.70 ଲକ୍ଷ, EMD (ଟଙ୍କାରେ) : 1,27,400/- ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2 ଏବଂ3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-93/O/23-24

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/17, ତା.19.04.2023ରିଖ

(1) ଟେଣ୍ଡର ସଂ.etender-North-KUR-52-2023, ତା.19.04.2023ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଭଦ୍ରକ ଅଧୀନସ୍ଥ ରାଣୀତାଲ (Ex) କି.ମି. 287.471 ଠାରୁ ଯାଜପୁର କେନ୍ଦୁଝର ରୋଡ୍ (Ex) ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59.86 ଲକ୍ଷ, EMD(ଟଙ୍କାରେ) : 1,19,700/- ।

(2) ଟେଣ୍ଡର ସଂ.etender-North-KUR-53-2023, ତା.19.04.2023ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଭଦ୍ରକ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍ (In) ଠାରୁ ଜେନାପୁର (In) ଏବଂ ଜଖପୁରା ଠାରୁ ବୈତାରି ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59.94 ଲକ୍ଷ, EMD(ଟଙ୍କାରେ) : 1,19,900/- ।

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-95/O/23-24

**ZILLA SWASTHYA SAMITI (ZSS), KANDHAMAL**
**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, KANDHAMAL**

**Advt. No. 5283/NHM/HR-Out House/2023/04** **Date: 27.04.2023**

**WALK-IN-INTERVIEW**

No. E-64: Interested candidates fulfilling the eligibility criteria are requested to attend the Walk-in-Interivew for filling up the following posts under National health Mission, Kandhamal on contractual basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time. Minimum age for all siad post is completion of 21 years of age.

| Sl. No. | Name of the Post | Vacancy | Remunration & (PI) | Date of Walk-in-Interview |
|---|---|---|---|---|
| 1 | District Programme Coordinator (DPC) RNTCP | 01 Post | 29162/- + PI | 23.05.2023 |
| 2 | Block Data Manager (Urban) | 01 Post | 15622/- + PI | 25.05.2023 |
| 3 | Block Programme Manager (BPM) | 01 Post | 24604/- + PI | 30.05.2023 |
| 4 | Block Data Manager (BDM) | 02 Post | 15622/- + PI | 01.06.2023 |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Candidates fulfilling the eligibility criteria any appear for registration on the date as mentioned against the post. Details of qualification, experience and ToR of each category of post along with application form can be downloaded from the district website: **www.kandhamal.nic.in**. The interested candidates may attend the Walk-in-Interview on scheduled date & registration timing will be **from 10 A.M. to 11.00 A.M.** for registration only on Walk-in-Interview dates. No application will be received after scheduled date & timing of registration. **Venue: O/o. DPMU, NHM, DHH, Phulbani, Dist.: Kandhamal, PIN - 762001, Odisha**. The undersigned reserves the right to cancel any or all the applications without assigning any reason or communication thereof. No personal enquiry regrarding recruitment should be entertained by over phone.

**Sd./- Dr. M.K. Upadhayaya**
**CDM&PHO-cum-District Mission Director, NHM, Kandhamal**

**OIPR-10015/11/0003/2324**

**TENDER NOTICE**

**Contact No - 0680-2281903, E.mail-ID pdws.ganjam@gmail.com**

**No.L-23:**Sealed tenders in plain papers are invited from intending persons for collection of Green Coconut from the Shelter Belt cashew plantations located at Kirtipur / Markandi-I Sections of Soil Conservation Range Golabandha under the Project Director, Watersheds, Ganjam, Berhampur during the year 2023-24 ( i.e from 01.06.2023 to 31.05.2024). Tender papers along with the terms and conditions can be obtained from office of the Project Director, Watersheds, Ganjam, Berhampur.


କ୍ରିକେଟ ଖେଳକୁ ନେଇ ବିଜେବି କଲେଜର ୩ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଏପର୍ଯ୍ୟନ୍ତ ୮ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୀପୁ ପ୍ରଧାନ ଓ ଭିକି ନାୟକଙ୍କୁ ଶୁକ୍ରବାର ଜେଲରୁ ଦିନିକିଆ ରିମାଣ୍ଡରେ ଆଣି ପୋଲିସ ଅଧିକ ପଚରାଉଚରା କରିଛି। ଏଥିସହ ପୋଲିସ ଟିମ୍ ସ୍ଥାନୀୟ ଥାନା ଅନ୍ତର୍ଗତ ମହିଁଷାଖାଲ ବସ୍ତିସ୍ଥିତ ଭିକିଙ୍କ ଘର ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିସ୍ଥିତ ଦିପୁଙ୍କ ଘର ଯାଞ୍ଚ କରିଥିଲା। ଅଭିଯୁକ୍ତଦ୍ୱୟଙ୍କ ଉପସ୍ଥିତିରେ ସେମାନଙ୍କ ଘର ଚଟାଣକୁ ମଧ୍ୟ ଶାବଳରେ ଖୋଳାଯାଇଥିଲା। ବହୁ ଖୋଜାଖୋଜି ପରେ ଉଭୟଙ୍କ ଘରୁ ଅପରାଧରେ ବ୍ୟବହୃତ ୨ଟି ଖଣ୍ଡା ଜବତ କରିଛି ପୋଲିସ ଟିମ୍। ଏଥିସହ ଏକ ନମ୍ବରବିହୀନ ବାଇକ ମଧ୍ୟ ଜବତ କରାଯାଇଛି। ତେବେ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କ ଦିନିକିଆ ରିମାଣ୍ଡ ଅବଧି ସରୁଥିବାରୁ ସେମାନଙ୍କୁ ଶନିବାର ଭୁବନେଶ୍ୱର ଜେଏମ୍ଏଫ୍ସି-୪ କୋର୍ଟରେ ହାଜର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ୨ଦିନିଆ ରିମାଣ୍ଡ ଆବେଦନ ହୋଇଥିବା ବେଳେ କୋର୍ଟ ଦିନିକିଆ ଅନୁମତି ଦେଇଥିଲେ। ତେବେ ଦୀପୁ ଓ ଭିକିଙ୍କଠୁ ମିଳିଥିବା ତଥ୍ୟ ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜାଖୋଜି କରି ଧରିବାକୁ ପ୍ରୟାସ ଜାରି ରହିଥିବା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି।

ସୂଚନାନୁସାରେ, ଶନିବାର ସକାଳେ କଲେଜ ଖେଳପଡ଼ିଆରେ ଅଣଛାତ୍ରମାନେ କ୍ରିକେଟ ଖେଳୁଥିବା ବେଳେ ଆମ୍ବେଦକର ହଷ୍ଟେଲର ଛାତ୍ରମାନେ ଖେଳିବାକୁ କହିବାରୁ ଉତ୍କ୍ଷିପ୍ତ ହୋଇ ୨୦ରୁ ଅଧିକ ଅଣଛାତ୍ର ବ୍ୟାଟ୍, ଫାର୍ସା, ବାଡ଼ି, ଖଣ୍ଡା ଧରି ପଡ଼ିଆରେ ଧସେଇ ପଶିବା ସହ ୩ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଶନିବାର ଭିକି ଓ ଦୀପୁଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ଜଣଙ୍କୁ ଗିରଫ କରିଥିଲା। ସେହିପରି ମଙ୍ଗଳବାର ଆଉ ୪ ଜଣଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିଲା।

# ୮ ଆଇନଜୀବୀଙ୍କୁ ମଧୁସୂଦନ ସମ୍ମାନ



ସୂଚନା ଭବନରେ ଶୁକ୍ରବାର ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ଆଇନଜୀବୀ ଦିବସରେ ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଭୁବନେଶ୍ୱର,୨୮।୪(ବ୍ୟୁରୋ)

**ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ସୂଚନା ଭବନରେ ଭୁବନେଶ୍ୱର ଉତ୍କଳ ସଂଘ ପକ୍ଷରୁ ଆଇନଜୀବୀ ଦିବସ ଓ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଉତ୍କଳ ଗୌରବ ମଧୁସୂଦନ ଦାସ ସବୁଥିରେ ସ୍ୱତନ୍ତ୍ର ଥିଲେ। ତାଙ୍କର କାର୍ଯ୍ୟଧାରା, ତ୍ୟାଗ, ସଂଘର୍ଷ ଏବଂ ପ୍ରତିକୂଳ ପରିସ୍ଥିତିରେ ମୁଣ୍ଡ ଟେକି ସେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଥିଲେ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ସଂଘ ସଭାପତି ଧନେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ଓ ବରିଷ୍ଠ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ୮ ଜଣ ଆଇନଜୀବୀଙ୍କୁ ମଧୁସୂଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ରାଜେନ୍ଦ୍ର କୁମାର ମହାନ୍ତି, ସିଦ୍ଧାର୍ଥ କୁମାର ଦାସ, ଅଜୟ ମହାନ୍ତି, ଶ୍ୟାମସୁନ୍ଦର କବି, ମୀନତି ପଟ୍ଟନାୟକ, ଦିଲୀପ କୁମାର ମହାନ୍ତି ଏବଂ ସନ୍ଧ୍ୟାରାଣୀ ପଣ୍ଡା। ସେହିପରି ସଂଗ୍ରାମ କେଶରୀ ପ୍ରଧାନଙ୍କୁ ଓକିଲାତିରେ ଜୀବନବ୍ୟାପି ସାଧନା ପୁରସ୍କାର ପ୍ରଦାନ ଯାଇଥିଲା। ସଂଘ ସମ୍ପାଦକ ତାପସ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଅଞ୍ଜନ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସେହିପରି ସଂଘ ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ସାହୁ, ସହାୟକ ସମ୍ପାଦକ ପୁଲିନ କୁମାର ମାର୍ଥା, କୋଷାଧ୍ୟକ୍ଷ ମନୀଷ କୁମାର ନାୟକ ଏବଂ ସମସ୍ତ କର୍ମକର୍ତ୍ତାବୃନ୍ଦ ସହଯୋଗ କରିଥିଲେ।

# ୧ହଜାର କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ଲକ୍ଷ୍ୟ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

**ଅସାଧୁ ଉପାୟ ଅବଲମ୍ବନକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ରାଜ୍ୟରେ କୃଷି ଯାନ୍ତ୍ରିକୀକରଣରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି ଯନ୍ତ୍ରପାତି ୮୦୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିକ୍ରି ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏକ ହଜାର କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

ଶୁକ୍ରବାର କୃଷି ଭବନଠାରେ କୃଷି ଯନ୍ତ୍ରପାତି / ଉପକରଣ / ଯନ୍ତ୍ରାଂଶ ନିର୍ମାତାମାନଙ୍କ ବୈଠକରେ ଯୋଗଦେଇ ଡ. ପାଢ଼ୀ କହିଲେ, କୃଷିକ୍ଷେତ୍ରରେ ରୂପାନ୍ତରଣ ଆଣିବା ନିମନ୍ତେ ବିଭାଗ ପକ୍ଷରୁ କେତେଗୁଡ଼ିଏ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଫସଲ ବିବିଧିକରଣ କରାଯାଇ ଅଧିକରୁ ଅଧିକ ଅଣଧାନ ଫସଲ ଚାଷ କରି କୃଷକଙ୍କ ଆୟବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। କୃଷିକ୍ଷେତ୍ରରେ ଅଧିକରୁ ଅଧିକ ଯନ୍ତ୍ରପାତିର ବ୍ୟବହାର କରି ମାନବସମ୍ବଳର ସମସ୍ୟାର ସମାଧାନ କରାଯାଇପାରିଛି। ଆନୁଷଙ୍ଗିକ କୃଷିରେ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ର ସମେତ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ତେବେ ରାଜ୍ୟରେ କୃଷି ଯନ୍ତ୍ରପାତି ବ୍ୟବହାର ଆଶାନୁରୂପ ବୃଦ୍ଧି ପାଉଥିବାବେଳେ ଏହାର ନିର୍ମାତାମାନେ ଅସାଧୁ ଉପାୟ ଅବଲମ୍ବନରୁ ବିରତ ରହିବା ପାଇଁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଗଦର୍ଶିକାକୁ ଠିକ୍ ଭାବରେ ଅନୁପାଳନ କରୁ ନ ଥିବା ଫାର୍ମଗୁଡ଼ିକ ଉପରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଯନ୍ତ୍ରପାତି ନିର୍ମାତାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ବିଭାଗୀୟ ସଚିବଙ୍କ ସମେତ ପଦାଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ବୋଲି ଡ. ପାଢ଼ୀ କହିଥିଲେ। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଯୋଗଦେଇ, ରାଜ୍ୟରେ କୃଷି ଯନ୍ତ୍ରପାତି ମେଳା ଆୟୋଜନର ସକାରାତ୍ମକ ପ୍ରଭାବ ପଡ଼ିଥିବା କହିଥିଲେ। ବୈଠକର ବିବରଣୀ ଅନୁଯାୟୀ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ସମୁଦାୟ ୨,୧୯,୭୪୯ଟି କୃଷି ଯନ୍ତ୍ରପାତି/ଉପକରଣ ବିକ୍ରି ହୋଇଛି। ଏ ବାବଦରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪୧୭.୪୬୪ କୋଟି ଟଙ୍କା ସବ୍ସିଡି ଆକାରରେ ଦିଆଯାଇଛି। ୨୦୧୭ ମାର୍ଚ୍ଚରୁ କୃଷି ଯନ୍ତ୍ରପାତି କ୍ରୟରେ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଧାସଳଖ ସବ୍ସିଡି ଦିଆଯାଉଛି। ରାଜ୍ୟରେ ୧୮୬ କାର୍ଯ୍ୟରତ ପଞ୍ଜୀକୃତ କୃଷି ଯନ୍ତ୍ରପାତି ନିର୍ମାତା ଏବଂ ୨୨୧୨ ପଞ୍ଜୀକୃତ ଡିଲର କୃଷି ଯନ୍ତ୍ରପାତି ବିକ୍ରି କରୁଛନ୍ତି। ୩୬ ପ୍ରକାର କୃଷି ଯନ୍ତ୍ରପାତି ଓ ଉପକରଣ ଚାଷୀଙ୍କୁ ଉପଲବ୍ଧ କରାଯାଉଛି। କୃଷି ଯାନ୍ତ୍ରିକୀକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଗୋ-ସୁଗମ ପୋର୍ଟାଲ ପ୍ରଚଳନ କରାଯାଇଛି।

# ଭାରତ ସହରୀ ଡାଟା ଏକ୍ସଚେଞ୍ଜରେ ବିଏସ୍ସିଏଲ୍କୁ ପୁରସ୍କାର

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)




ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍ସିଏଲ୍)କୁ ଆଉ ଏକ ପୁରସ୍କାର ମିଳିଛି। ଭାରତ ସହରୀ ଡାଟା ଏକ୍ସଚେଞ୍ଜ (ଆଇୟୁଡିଏକ୍ସ) ମାଧ୍ୟମରେ ସହରଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଏବଂ ଅନ୍ୟାନ୍ୟ ପ୍ରୟୋଗ ଲାଗି ବିଏସ୍ସିଏଲ୍କୁ ଏହି ପୁରସ୍କାର ମିଳିଛି। ସହରାଞ୍ଚଳର ସାମାଜିକ ଅର୍ଥନୈତିକ କଲ୍ୟାଣ ଲାଗି ତଥ୍ୟ ବିନିମୟକୁ ସମର୍ଥନ କରିବାରେ ଭୁବନେଶ୍ୱର ଦେଶର ଅନ୍ୟତମ ସହର, ଯାହା ଦେଶର ସହରାଞ୍ଚଳଗୁଡ଼ିକ ସାମାଜିକ ତଥା ଅର୍ଥନୈତିକ ବିକାଶ ଲାଗି ଲାଭଦାୟକ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଥିବାରୁ ଚଣ୍ଡିଗଡ଼ରେ ଆୟୋଜିତ ସମ୍ମିଳନୀରେ ବିଏସ୍ସିଏଲ୍ ଏହି ପୁରସ୍କାର ହାତେଇଛି। ସ୍ମାର୍ଟସିଟି ଜି.ଏମ୍ (ଆଡମିନିଷ୍ଟ୍ରେ) ସୁବ୍ରତ କୁମାର ବେହେରା ଏବଂ ଟ୍ରାଫିକ ମ୍ୟାନେଜର ସଞ୍ଜୀବ କୁମାର ଦାସ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ।


## OFFICE OF THE MUNICIPAL COUNCIL, KHORDHA

H&UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674

**CORRIGENDUM NOTICE**

No. 1348 Date: 28.04.2023

No. C-184: It is hereby informed that the work mentioned at Sl. No. 17 of e-Tender Call Notice No. 1250 dated 18.04.2023 and up-loaded in **tendersodisha.gov.in** & published in Newspaper Odia daily in the **Dharitri & Sakal** with English daily **The Times of India on 21.04.2023** is cancelled.

Sd./- Executive Officer
Khordha Municipality
OIPR-13082/11/0005/2324

## ODISHA PUBLIC SERVICE COMMISSION, CUTTACK

**NOTICE**

No. 3873/PSC Dt.28.04.2023
PF-1E-11-2021/22 (DR-III)

No. D-29: It is for information of all concerned that, pursuant to Advt. No. 24 of 2021-22, **78 (Seventy Eight)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Commerce**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 22.05.2023, 23.05.2023, 24.05.2023, 25.05.2023 & 26.05.2023 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 22.05.2023 | 10.30 A.M. | 00124655, 00117694, 00099992, 00114428, 00120821, 00114008, 00119809, 00119565 & 00117856 = **09 Candidates** |
| | | 2.30 P.M. | 00115430, 00116532, 00119370, 00122989, 00113584, 00077450, 00116800 & 00099990 = **08 Candidates** |
| 2 | 23.05.2023 | 10.30 A.M. | 00114719, 00077301, 00114027, 00090520, 00076770, 00117410, 00118639, 00113827 & 00126781 = **09 Candidates** |
| | | 02.30 P.M. | 00088562, 00068595, 00078523, 00054785, 00088107, 00095747, 00118083 & 00121685 = **08 Candidates** |
| 3 | 24.05.2023 | 10.30 A.M. | 00130670, 00019946, 00114395, 00115557, 00097265, 00114910, 00039098, 00027020 & 00114005 = **09 Candidates** |
| | | 02.30 P.M. | 00113697, 00121837, 00125633, 00038162, 00081503, 00130923, 00098808 & 00036449 = **08 Candidates** |
| 4 | 25.05.2023 | 10.30 A.M. | 00095040, 00039914, 00037142, 00133472, 00120376, 00125390, 00095207, 00124962 & 00095090 = **09 Candidates** |
| | | 02.30 P.M. | 00027996, 00086016, 00099142, 00116527, 00114271, 00096308, 00079965 & 00132506 = **08 Candidates** |
| 5 | 26.05.2023 | 10.30 A.M. | 00120128, 00122721, 00132868, 00065288, 00120637, 00022735, 00122473, 00064343, 00125815 & 00117062 = **10 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the commission for the purpose.

OIPR-12002/11/0017/2324 Sd./- Secretary

## ODISHA PUBLIC SERVICE COMMISSION

**ADVERTISEMENT No. 04 of 2023-24**

**Recruitment to the Posts of Lecturer in different disciplines of Government Ayurvedic Medical Colleges in Group-B of Odisha Ayurvedic Medical Education Services Cadre under Health & Family Welfare Department**

WEBSITE: www.opsc.gov.in

No. D-31: Online applications are invited from the prospective candidates through the proforma application from to be made available on the Website **(https://www.opsc.gov.in)** for recruitment to **29 (Twenty Nine)** posts of **Lecturer in different disciplines of Government Ayurvedic Medical Colleges** in Group-B of Odisha Ayurvedic Medical Education Services Cadre under Health & Family Welfare Department in the Scale of Pay of Rupees 44900/- in Level-10, Cell-1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Health & Family Welfre Department, out of total number of 29 (03 - W) vacancies, 15 (03 - W) vacancies are reserved for UR Category, 04 vacancies are reserved for SC Category, 10 vacancies are reserved for ST category, Vacancies for PWD candidates and Ex-servicemen shall be as per Government Rules prescribed for the purpose.
3. **AGE:** A candidate must have attained the age of 21 (Tweny one) years and must not be above the age of 40 (forty) years as on the 1st day of January, 2023 i.e. he/she must have been born not earlier than 2nd January 1983 and not later than 1st January 2002.
4. **EDUCATIONAL QUALIFICATION:** A candidate must have possessed:
   (a) A Graduate Degree in Ayurveda from an Unviersity established by law or a Statutory Board/Faculty/Examining Body of Indian Medicine or its equivalent as recognised made in Indian Medicine Central Counil Act, 1970.
   (b) A post graduate qualification in the subject/speciality concerned included in the schedule to Indian Medicine Central Council Act, 1970 is also mandatory.
   (c) Adequate knowledge of Sanskrit.
5. **EXAMINATION FEE:** The examination fee for all categories of candidates has been exempted as per GA & PG Department Notification No. 9897/Gen., Dt.11.04.2022.
6. **METHOD OF SELECTION:** The selection of candidates for recuritment to the posts of Lecuter in Government Ayurvedic Medical Colleges will be made on the basis of **Written Test.**

The link for registration shall be available **from 10.05.2023 to 09.06.2023 (Note: 09.06.2023 is the last date for submission of Registered Online Application)**.

The candidates are advised to visit the website of the Commission at **http://opsc.gov.in** for detail information for applying to the above post.

CUTTACK Sd./- SECRETARY
DATE: 28.04.2023 ODISHA PUBLIC SERVICE COMMISSION, CUTTACK
OIPR-12002/11/0020/2324

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST.: KALAHANDI - 766026, ODISHA, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-03/2023-24 Dated: 28.04.2023**

No. CAD-376: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from Competitive firms/agencies approved by the chief Inspector of Factoreis & Boilers Odisha under section 28, 29 and 31 of Indian factories act 1948 for the following works as mentioned below.

| Description of Materials | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Examination, Inspection, Testing and Certification for test of the tools and tackels of UIHEP, Mukhiguda | 708/- (Inclusive of GST) | 1,120/- | From 06.05.2023 to 18.05.2023 upto 11.00 hrs. | 18.05.2023 (upto 11.00 hrs.) | 18.05.2023 at 12.30 hrs. |

For details of the tender documents, terms and conditions please visit our website **www.ohpcltd.com**

OIPR-04008/11/0004/2324 Sd./- C&P Head, UIHEP, Mukhiguda

## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

No. 4628 Dated 28.04.23

**Bid Identification No. MC/RMC/6/2022**

No.C-183:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification **No. MC/RMC/6/2023** for **03** nos Civil work with value of **Rs. 51.11** lakh to **Rs. 69.38 lakh.**

1. Bid documents will be available in website www.tendersorissa.gov.in from **28.04.2023**.
2. Bids must be submitted on "online" on or before **09.05.2023 by 17.00 hours**.
3. Bids shall be opened at 11.00 hours on **10.05.2023** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd./- Municipal Commissioner,
OIPR-13131/11/0005/2324 Rourkela Municipal Corporation

See Career Appointment on every Wednesday & Saturday

# ବୀର ପ୍ରସବିନୀ

## ଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ସେଇଠୁ ସିଧା ବାହାରିଲି ଘରକୁ। ପହଞ୍ଚିଲାବେଳକୁ ଦାଣ୍ଡପିଣ୍ଡାରେ ସ୍ୱାତୀ ଅପେକ୍ଷା କରିଥିଲା; ସତେଯେମିତି ମୋ' ଆସିବା ଖବର ଧାଇଁ ଯାଇ ପ୍ରଥମେ ମାଆକୁ ଦେବ। ଗାଆଁ ଲୋକମାନେ ମୋତେ ଦେଖି ଟୁପୁରୁଟାପୁରୁ ହେଉଥିଲେ। ଘର ଭିତରେ ମାଆ ବିଛଣାରେ ଶୋଇ ରହିଥିଲା। ସ୍ୱାତୀ ଡାକ ଛାଡୁଥିଲା, ମାଆ! ଭାଇ ଆସିଲେଣି। ମୋତେ ଦେଖି ବାପା ବ୍ୟସ୍ତ ହୋଇପଡ଼ିଲେ। କହିଲେ, ତୋ' ମାଆର ଅବସ୍ଥା ବହୁତ ଖରାପ। ମୋ' ସବୁ ଚେଷ୍ଟା ବିଫଳ ହେଲାଣି। ସେଇଥିପାଇଁ ତୋତେ ଡକାଇଲି। ଅତିକମ୍‌ରେ ଶେଷ ସମୟରେ ତା' ମୁହଁରେ ପାଣି ଟୋପାଏ ଦେବୁ ବୋଲି। ମୋ' ଆସିବା ଖବର ଶୁଣି ମା' ଆଖି ଖୋଲିଲା। ସୋନିକୁ ଠାରିଲା ମୋତେ ଡାକି ଦେବା ପାଇଁ। ପାଖରେ ବସିବା ପାଇଁ କହିଲା।

ମା'ର ଏପରି ଅବସ୍ଥା ଦେଖି ନିଜକୁ ଧିକ୍କାର ଲାଗୁଥାଏ। ଜନ୍ମଭୂମିକୁ ରକ୍ଷାକରିବା ଆଳରେ ଜନ୍ମଦାତ୍ରୀକୁ ଅବହେଳା କରିଥିବା ପାପରେ ଛନ୍ଦି ହୋଇ ଯାଉଥାଏ ମୁଁ। ନିଜକୁ ନିଜେ ପ୍ରଶ୍ନ କରୁଥାଏ, ଯିଏ ନିଜ ମା'ର ଦେଖାଶୁଣା କରିପାରୁନି, ସେ ସୀମାରେ ବନ୍ଧୁକ ଧରି କେମିତି ଦେଶମାତୃକାର ସେବା କରିପାରିବ!

ବାପାଙ୍କ ସହ ଆଲୋଚନା କରି ପୁଣି ଥରେ ଡାକ୍ତରଖାନା ନେବାର ବନ୍ଦୋବସ୍ତ କରାଗଲା। ମା' ଯିବା ପାଇଁ ମନାକରୁଥାଏ। ମୁଁ ପାଚିଲା ପତ୍ର। କେତେବେଳେ ଝଡ଼ିଯିବି। ତୁ ତ ଆସି ସାରିଛୁ। ମୋ' ପାଖରେ ଥିବୁ। ମୁଁ ଏଥର ଶାନ୍ତିରେ ମରିପାରିବି। ତୁ ମୋ' ମୁହଁରେ ନିଆଁଟିକେ ଦେଲେ ମୋର ଶାନ୍ତି। ମୋର ଆଉ କ'ଣ ଦରକାର! ବାପା ହସିଲେ। ମା'କୁ ଶୁଣେଇ ଥଟ୍ଟା କଲା ପରି କହିଲେ, ଦେଖୁଛୁ ଆକାଶ! ତୋତେ ଦେଖିବା ପରେ ତୋ ମା' କେମିତି ସୁସ୍ଥ ହୋଇଗଲାଣି। କଥାବାର୍ତ୍ତା ବି କଲାଣି। ସତେଯେମିତି ତା'ର ଜୀବନ ଫେରିଆସିଲା।

ଆମ୍ବୁଲାନ୍ସ ଆସିଯାଇଥିଲା। ମାଆକୁ ନେଇ ଡାକ୍ତରଖାନା ଗଲି। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପଠାଇଦେଲେ ବଡ଼ ଡାକ୍ତରଖାନା। ସେଠାରେ ମାଆର ଚିକିତ୍ସା ବେଶ୍ ଭଲ ଭାବରେ ଚାଲିଲା। ମା' ଧୀରେଧୀରେ ସୁସ୍ଥ ହେବାକୁ ଲାଗିଲା। ଏହି ସମୟରେ ବେସ୍‌କ୍ୟାମ୍ପରୁ ଖବର ଆସିଲା, ଯୁଦ୍ଧ ସ୍ଥିତି ଉପୁଜିଲାଣି। ଶୀଘ୍ର ସେନା ବାହିନୀରେ ଯୋଗଦିଅ।

ଚିନ୍ତାରେ ପଡ଼ିଲି ମୁଁ। ଗୋଟିଏ ପାର୍ଶ୍ୱରେ ଜନ୍ମଦାତ୍ରୀ ମା', ଅନ୍ୟ ପାଖରେ ଜନ୍ମଭୂମି। ଉଭୟେ ବିପଦରେ। କାହା ପାଖରେ ଠିଆହେବି। ବାପାଙ୍କୁ ଜଣାଇଲେ ବାପା ଭାଙ୍ଗିପଡ଼ିବେ। ମା'କୁ ତ ଜଣାଇବାର ପ୍ରଶ୍ନ ହିଁ ଉଠୁନି। କ'ଣ ଯେ କରିବି! ସ୍ୱାତୀ ମୋ' ସାନ ଭଉଣୀ। ତା'ଠୁଁ କି ପରାମର୍ଶ ନେବି! ମା' ସାମାନ୍ୟ ସୁସ୍ଥ ହେଉଛି। ଯିବା କଥା ଜାଣିଲେ ପୁଣି ଦେହ ବିଗିଡ଼ିଯିବ। କେଉଁ ମାଆ ଅବା ଚାହିଁବ ତା' ପୁଅକୁ ମୃତ୍ୟୁକୋଳକୁ ଠେଲିଦେବାକୁ! ନିଷ୍ପତ୍ତି ନେଲି, ଚାକିରି ବରଂ ଚାଲିଯାଉ,



ମା' ଭଲ ନ ହେବା ପର୍ଯ୍ୟନ୍ତ ଯୁଦ୍ଧରେ ଯୋଗ ଦେବି ନାହିଁ। ଅନେକ ବୀର ସନ୍ତାନ ଭାରତ ମାତାର ସେବା କରୁଛନ୍ତି, କିନ୍ତୁ ମୋ' ମାଆର ଏକମାତ୍ର ସନ୍ତାନ ମୁଁ। ତା'ର ସେବା କରିବା ନିହାତି ଆବଶ୍ୟକ।

ସନ୍ଧ୍ୟାରେ ଡାକ୍ତର ପଣ୍ଡା ମାଆର ଚିକିତ୍ସା ପାଇଁ ଆସିଲା ବେଳେ ଯୁଦ୍ଧ ସମ୍ପର୍କରେ ମୋ' ସହିତ କଥାବାର୍ତ୍ତା କଲେ। ବାଧ ହୋଇ ତାଙ୍କ ସମ୍ମୁଖରେ ସ୍ୱୀକାର କରିବାକୁ ପଡ଼ିଲା ଯେ ମୋତେ ବି ଯୁଦ୍ଧରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଆସିଲାଣି। ଆମ କଥାବାର୍ତ୍ତା ମା' ଶୁଣିଲା। ଯୁଦ୍ଧରେ ଯୋଗ ଦେବା ପାଇଁ ଚାହୁଁ ନଥିବା କଥା ବାପାଙ୍କୁ ଜଣାଇଲା। କହିଲା ମୋତେ ବୁଝାଇବା ପାଇଁ। ଜଣକର ମାଆ ପାଇଁ କୋଟି ସନ୍ତାନର ଜନନୀକୁ ଅଣଦେଖା କରିବା ଠିକ୍ ହେବ ନାହିଁ। କର୍ତ୍ତବ୍ୟରେ ହେଳା ନ କରୁ। ମୋ' ପାଇଁ ଚିନ୍ତା ନ କରି ତାକୁ ବୁଝାଇଶୁଝାଇ ଯୁଦ୍ଧକୁ ପଠାଇଦିଅ। ମୋ' ଅପେକ୍ଷା ସେଠାରେ ତା'ର ବେଶୀ ଆବଶ୍ୟକତା ରହିଛି। ମା' କଥା ଶୁଣି ଡାକ୍ତର ପଣ୍ଡା ସ୍ୟାଲୁଟ୍ କଲେ। ମୋତେ ବୁଝାଇଲେ। ମା'ଙ୍କର ସମସ୍ତ ଚିକିତ୍ସା ଓ ସେବା ଦାୟିତ୍ୱ ମୁଁ ନିଜେ ନେବି। ଆପଣ ଯାଆନ୍ତୁ। ଏ ଦେଶ ଆପଣଙ୍କୁ ଅପେକ୍ଷା କରିଛି। ଶତ୍ରୁ ସଂହାର କରି ବିଜୟର ଟିକା ପିନ୍ଧି ଫେରିଆସନ୍ତୁ। ମାଉସୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ମୁଁ ତାଙ୍କର ସବୁ ଦାୟିତ୍ୱ ନେବି, ଆପଣ ନିଶ୍ଚିନ୍ତ ରୁହନ୍ତୁ।

ଯୁଦ୍ଧ ଚାଲିଥାଏ। ପ୍ରତିଦିନ ଯୁଦ୍ଧ କ୍ଷେତ୍ରରୁ ବେସ୍‌କ୍ୟାମ୍ପ ଫେରି ଘର ସହ ଯୋଗାଯୋଗ କରୁଥାଏ। ଭିଡିଓ କଲ୍‌ରେ ସମସ୍ତଙ୍କ ସହ କଥା ହେଉଥାଏ। ମା'ର ଖବର ବୁଝୁଥାଏ। ମା' ଆସ୍ତେ ଆସ୍ତେ ଭଲ ହେଉଥାଏ। ସେଦିନ ରାତିରେ ଡାକ୍ତର ପଣ୍ଡା ଶୁଭ ସୂଚନା ଦେଲେ। ମାଉସୀ ସମ୍ପୂର୍ଣ୍ଣ ଭଲ ହୋଇଗଲେଣି। ଆସନ୍ତାକାଲି ଘରକୁ ଯିବେ। ସେଦିନ ମା'ର ମୁହଁରେ ତୃପ୍ତିର ହସ ଦେଖିଥିଲି। ଯୁଦ୍ଧ ସମ୍ପର୍କରେ ଟିକିନିଖି ବିବରଣୀ ଦେଇଥିଲି ପରିବାର ଲୋକଙ୍କୁ ଓ ଡାକ୍ତର ପଣ୍ଡାଙ୍କୁ।

ପରଦିନ ମା' ଘରକୁ ଫେରିଲା। ବେଶ୍ ଚଳଚଞ୍ଚଳ ଲାଗୁଥିଲା। ଡାକ୍ତର ପଣ୍ଡା ପ୍ରତ୍ୟହ ଫୋନ୍ ଯୋଗେ ମା'ର ସ୍ୱାସ୍ଥ୍ୟାବସ୍ଥା ଓ ମୋ'ଠାରୁ ଯୁଦ୍ଧ ଖବର ବୁଝୁଥା'ନ୍ତି। ମୋତେ ବିଭିନ୍ନ ପରାମର୍ଶ ଦେଉଥା'ନ୍ତି। ଯୁଦ୍ଧ ଚାଲୁଥାଏ। ଶେଷରେ ଆସିଲା ସେହି ପ୍ରତୀକ୍ଷିତ ବିଜୟ। ଶତ୍ରୁ ପକ୍ଷକୁ ପରାସ୍ତ କରି ଯୁଦ୍ଧଘାଟିରେ ଉଡ଼ିଲା ତ୍ରିରଙ୍ଗା ପତାକା। ଚତୁର୍ଦ୍ଦିଗରେ ପ୍ରକମ୍ପିତ ହେଲା ଭାରତ ମାତା କି ଜୟ। ହିମାଳୟର ନିର୍ଦ୍ଦିଷ୍ଟ ଘାଟି ଉପରେ ତ୍ରିରଙ୍ଗା ଉଡ଼ାଇଥିଲୁ। ତ୍ରିରଙ୍ଗା ଧରି ନାଚିନାଚି ବିଜୟ ଉତ୍ସବ ପାଳନ କଲୁ। ଭିଡିଓ ଉତ୍ତୋଳନ କରି ବନ୍ଧୁମାନଙ୍କ ନିକଟକୁ ପଠାଇଲି। ଘରକୁ ପଠାଇଲି। ଡାକ୍ତର ପଣ୍ଡାଙ୍କ ନିକଟକୁ ପଠାଇଲି। ଜୀବନର ପ୍ରଥମ ଯୁଦ୍ଧ ବିଜୟରେ ବେଶ୍ ଉତ୍‌ଫୁଲ୍ଲିତ ଥିଲୁ ସମସ୍ତେ।

ସେଦିନ ସନ୍ଧ୍ୟାରେ କ୍ୟାପ୍‌ଟେନ ନୃସିଂହ ପ୍ରସାଦଙ୍କ ସହ ଗଣପତି, ରାଜେନ୍ଦ୍ର, ବିନୟ, ସମୀର, କିଶୋର ଆଦି ଓଡ଼ିଆ ଯବାନଙ୍କ ସହିତ ଜଣେ ପଞ୍ଜାବୀ ଯବାନ ଭଗବାନ୍ ସିଂ। ସମସ୍ତେ ମିଶି ଯୁଦ୍ଧ ସମ୍ପର୍କରେ ଆଲୋଚନା କରୁଥିଲୁ। ସ୍ୱାତୀର ଫୋନ୍ ଆସିଲା। ଫୋନ୍ ଉଠାଇବା ପାଇଁ ସମସ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। କାରଣ ସମସ୍ତଙ୍କ ପ୍ରିୟ ସ୍ୱାତୀ। ରାଖୀ ସମୟରେ ସମସ୍ତଙ୍କୁ ରାଖୀ ପଠାଏ। ମୋ' ସହ ଫୋନ୍‌ରେ କଥା ହେଲେ ସମସ୍ତଙ୍କ ସହ କଥା ହୁଏ। ତେବେ ଭଗବାନ୍ ସିଂର ଅଧିକ ପ୍ରିୟ ସ୍ୱାତୀ। ତା'ର ଭଉଣୀ ନ ଥିବାରୁ ସ୍ୱାତୀର ରାଖୀ ପୂର୍ବରୁ କେବେ ରାଖୀ ପିନ୍ଧି ନଥିଲା। ତେଣୁ ସ୍ୱାତୀକୁ ସେ ସବୁଠୁ ଅଧିକ ଆଗ୍ରହ କରେ। ମୁଁ ଘରକୁ ଆସିଲେ ତା' ପାଇଁ ଗିଫ୍ଟ ପଠାଏ, ଚକୋଲେଟ୍ ପଠାଏ। ସେ ପ୍ରଥମେ ସ୍ୱାତୀଠାରୁ ବିଜୟ ଶୁଭେଚ୍ଛା ନେବା ପାଇଁ ଫୋନ୍ ଉଠାଇଲା, କିନ୍ତୁ କିଛି ନ କହି ମୋ' ହାତକୁ ବଢ଼ାଇଦେଲା ଫୋନ୍।

ଭାଇ! ମା' ଆଉ ନାହିଁ। ସ୍ତବ୍ଧ ହୋଇଗଲି ମୁଁ ସ୍ୱାତୀର କଥାରେ। ପଚାରିବାରୁ କହିଲା, ମାଆ ଟିଭି ଦେଖୁଥିଲା। ତୁମ ବିଜୟ ଖବର ଶୁଣି ବେଶ୍ ଖୁସି ହୋଇଗଲା। ତୁ ତ୍ରିରଙ୍ଗା ଉଡ଼ାଉଥିବା ଦେଖି ଜୋର୍‌ରେ ବାପାଙ୍କୁ ଡାକିଲା। କହିଲା, ଦେଖ ମୋ' ପୁଅ ତ୍ରିରଙ୍ଗା ଉଡ଼ାଉଛି। ମୋ' ଗର୍ଭ ଧନ୍ୟ ହୋଇଗଲା। ମୋ' ପୁଅ ଭାରତ ମାତାର ସେବା କରିପାରିଛି। ମୁଁ ଧନ୍ୟ ହୋଇଗଲି। ଖୁସିରେ ଆତ୍ମହରା ହୋଇ ଏମିତି କେତେ କ'ଣ କହି ସୋଫା ଉପରେ ଟଳିପଡ଼ିଲା। ଫ୍ୟାମିଲି ଡାକ୍ତର ଦଣ୍ଡସେନା ସାର୍ ଆସି ଦେଖିଲେ। ଡାକ୍ତର ପଣ୍ଡାଙ୍କ ସହ ମଧ୍ୟ ଯୋଗାଯୋଗ ହେଲା। ତାଙ୍କ ପରାମର୍ଶରେ ଚିକିତ୍ସା ଚାଲିଲା। କିନ୍ତୁ ମା' ଆଉ ଆଖି ଖୋଲିଲାନି। ଆମକୁ ଛାଡ଼ି ଚାଲିଗଲା।

କେହି କେବେ ଭାବି ନଥିଲେ ମୋ' ଜୀବନର ପ୍ରଥମ ଯୁଦ୍ଧ ବିଜୟ ଏକ କଳଙ୍କିତ ବିଜୟ ହେବ ବୋଲି। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେଲା। ବିଜୟ ଉତ୍ସବ ହେଲା ଶ୍ରଦ୍ଧାଞ୍ଜଳି ସଭା। ସମସ୍ତେ ମୋତେ ସାନ୍ତ୍ୱନା ଦେଉଥିଲେ। ବଡ଼ଭାଇ କ୍ୟାପ୍‌ଟେନ ନୃସିଂହ ପ୍ରସାଦ କହିଲେ ବ୍ୟସ୍ତ ହୁଅନାହିଁ ବନ୍ଧୁ; ସେ ବୀର ପ୍ରସବିନୀ। ଅପେକ୍ଷା କରିଥିଲେ ଭାରତ ମାତାର ବିଜୟକୁ। ବିଜୟ ସମାଚାର ଶୁଣି ହସି ହସି ଚାଲିଗଲେ। ଥରେ ଭାବନ୍ତୁ ତ! ଯୁଦ୍ଧ ସରିବା ପୂର୍ବରୁ ଯଦି ଚାଲି ଯାଇଥା'ନ୍ତେ, କେତେ ଅଧୁରା ରହିଥା'ନ୍ତା ତାଙ୍କ ସ୍ୱପ୍ନ। କେମିତି ଅବସୋସ ନେଇ ଦେହତ୍ୟାଗ କରିଥା'ନ୍ତେ। ସେ ବୀର ମାତା ପରା। ବୀର ସନ୍ତାନର ବିଜୟ ଉତ୍ସବ ଦେଖି ବିଦାୟ ନେଇଛନ୍ତି। ଏ ବିଜୟ କଳଙ୍କିତ ବିଜୟ ନୁହେଁ; ଏ ବିଜୟ ସ୍ୱର୍ଣ୍ଣିମ ବିଜୟ। ଅନ୍ତତଃ ମାଆ ଯିବା ପୂର୍ବରୁ ଆପଣ ତାଙ୍କୁ ସ୍ୱର୍ଣ୍ଣିମ ବିଜୟ ଭେଟି ଦେଇ ପାରିଛନ୍ତି।

ମୋ: ୯୬୬୮୦୦୧୧୫୫

## କ ବି ତା

### କେମିତି ଅଛ ମଧୁମିତା

**ସନ୍ନ୍ୟାସୀ ନାୟକ**

କେମିତି ଅଛ ମଧୁମିତା
ତୁମକୁ ଯେବେ ବି ଭାବିଲେ
କବିତା କବିତା,
ତୁମେ ନଇଁପଡ଼ିଲେ
ଆକାଶ ଓହ୍ଲାଇ ଆସେ ମର୍ତ୍ତ୍ୟକୁ
ସ୍ୱର୍ଗରେ ଶୂନ୍ୟତା ଶୂନ୍ୟତା...
ତୁମେ କେମିତି ଅଛ ମଧୁମିତା ?

ଈଶ୍ୱରଙ୍କର ତୁମେ
ଅନବଦ୍ୟ ସୃଷ୍ଟି
ପାବନର ରଙ୍ଗାମାତା...
ତୁମ ଅଛୁଆଁ ସ୍ପର୍ଶରେ
ଭାବନା ମୋ ଅନ୍ତଃସତ୍ତ୍ୱା...

ଘା' ଦରଜର
ଔଷଧୀୟ ପ୍ରଲେପ
ତୁମ ମିଠା ମିଠା କଥା...
ଆନମନା ମନରେ
କାହିଁକି କୁହ
ଏତେ ବ୍ୟାକୁଳତା...
ତୁମେ କେମିତି ଅଛ ମଧୁମିତା ?

ତୁମ ଲାଗି ହୃଦୟରେ
ଯୋଜନ ଯୋଜନ ଶୂନ୍ୟତା...
ଥରୁଟିଏ ଦେଖିବାକୁ
ଯୁଗ ଯୁଗର ବ୍ୟାକୁଳତା...

ତୁମେ ଯେଉଁଠି ଥାଅ
ଭଲରେ ଥାଅ,
ତୁମ ପ୍ରେରଣାରେ ମୁଁ କବି
ତୁମେ ମୋ କବିତା...
ଯେବେ ବି ଭାବିଲେ ତୁମକୁ
କେବଳ କବିତା କବିତା
ତୁମେ କେମିତି ଅଛ ମଧୁମିତା ?

ମୋ: ୯୪୩୭୩୫୨୫୬୦

### ସେଇ ଆଖି ଦୁଇଟି

**ଗୀତାଞ୍ଜଳି ପାଣି**

ସେଇ ଆଖି ଦୁଇଟି
କେବେ ମାନ୍ତ୍ରିକ କରିଦେଉଛି
ଏଇ ଯାନ୍ତ୍ରିକ ମନକୁ ତ
କେବେ ଦେଖେଇଦେଉଛି
ଯାତନାର ଜଉଘରେ
ଯନ୍ତ୍ରଣାମୟ ଜୀବନକୁ।

କେବେ ଦେଖେଇଦେଉଛି ସେ ଆଖି
କିଆରି କିଆରି ସବୁଜ ସ୍ୱପ୍ନ ତ
କେବେ ଦେଖାଉଛି
ଲଣ୍ଡା ପାହାଡ଼ର କରୁଣ କାହାଣୀ।

କେବେ ଦେଖାଉଛି ସେ ଆଖି
ଆକାଶର ଅଗଣାରେ
ଜହ୍ନ ତାରାଙ୍କ ଲୁଚକାଳି ଖେଳ ତ
କେବେ ଦେଖାଉଛି
ମାଟି ମା' କୋଳରେ
ଜଳୁଥିବା ଜଙ୍ଗଲର କାନ୍ଦଣା।

କେବେ ଦେଖାଉଛି ସେ ଆଖି
ନୀଳ ଆକାଶରେ ନାଚିକୁଦି
ପହଁରୁଥିବା ଭସାବାଦଲକୁ ତ
କେବେ ଦେଖେଇଦେଉଛି
ଭୟଙ୍କର ବାଦଲଫଟା ବର୍ଷାରେ
କାୟା ବିସ୍ତାରିଥିବା ମରଣର ଆଁକୁ।

କେବେ ଦେଖେଇଦେଉଛି ସେ ଆଖି
ମଣିଷର ଅନ୍ତହୀନ ଭୋକରେ
ତ୍ରସ୍ତ ଜଗତକୁ ତ
କେବେ ଦେଖାଉଛି ସେ
ଜୀବନ ଜିଇବାର ସରଳ ଉପପାଦ୍ୟ।

ଆହୁରି ଦେଖେଇଦେଉଛି ସେ ଆଖି
ଅବଚେତନ ମନକୁ,
ଚେତନାର ଉନ୍ମେଷରେ
ଅମୃତର ସନ୍ଧାନରେ
ଆୟୁଷ୍ମାନ୍ ହେବାକୁ।

ମୋ: ୯୩୪୮୦୬୯୬୬୦

**ଗୀତି କବିତା**

### ପାପର ନଦୀତୀରେ

**ଶରତ କୁମାର ଦାସ**

ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଅନ୍ଧାରରେ ଖୋଜେ ଜହ୍ନ
ଉତ୍ତପ୍ତ ମରୁରେ ଖୋଜେ ଜଳବିନ୍ଦୁ
ନିତି ଖୋଜେ ପଦ୍ମବନ
ଖୋଜି ଖୋଜି ଥକି ପଡ଼ିଲିଣି ଯାହା
କାହିଁ ମୋ ପୂରେନି ମନ।୦।

ବେଳାର ଛାତିରେ ଖୋଜେ ନିତି ଯାଇ
ଅତୀତର ପାଦଚିହ୍ନ
ସେଇ ପାଦଚିହ୍ନେ ଖିଲିଖିଲି ହସେ
ସ୍ମୃତିଭରା ସେଇ ଦିନ
ଅଜଣା ରାଇଜେ ଖୋଜୁଛି କେତେ ମୁଁ
ପ୍ରୀତିର ସେ ସମ୍ମୋହନ
ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଖୋଜେ ଅନ୍ଧାରରେ ଜହ୍ନ।୧।

ମରଣ ଦୁଆରେ ଖୋଜେ ମୁଁ ଜୀବନ
ଲୁହଧାରେ ଖୋଜେ ହସ
ସେଇ ହସଧାରେ ଜିଇବାର ସୁର
କରେ ପରା ମୋତେ ବଶ
ଖୋଜିପାଇବାରେ ଅନେକ ଯନ୍ତ୍ରଣା
ଚଉଦିଗ ଲାଗେ ଶୂନ୍ୟ
ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଅନ୍ଧାରରେ ଖୋଜେ ଜହ୍ନ।୨।

ମୋ: ୮୨୪୯୧୩୭୦୯୧

## ପୁସ୍ତକ ପରିଚୟ

ବାସନ୍ତୀ ମହାନ୍ତିଙ୍କ

### ପ୍ରେମ ଗଳ୍ପ

**ଲେଖିକା:** ବାସନ୍ତୀ ମହାନ୍ତି
**ପ୍ରକାଶକ:** ବିଦ୍ୟା ପବ୍ଲିଶିଂ, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-




୨୧ଟି ପ୍ରେମ ଗଳ୍ପକୁ ନେଇ ବାସନ୍ତୀ ମହାନ୍ତିଙ୍କ ପ୍ରେମ ଗଳ୍ପ ବହିଟି ପରିକଳ୍ପିତ। 'ପଦେଅଧେ'ରେ ଲେଖିକା ଲେଖିଛନ୍ତି: ''ଯାହାକୁ ପ୍ରେମରେ ବ୍ୟର୍ଥତା ବୋଲି ସଚରାଚର କୁହାଯାଏ, ତାହା ହିଁ ଜୀବନର ସର୍ବଶ୍ରେଷ୍ଠ ସମ୍ପତ୍ତି। ସେକ୍ସପିୟର କହିଥିଲେ- କେବେ ପ୍ରେମରେ ନ ପଡ଼ିବା ଅପେକ୍ଷା ପ୍ରେମରେ ପଡ଼ି ପ୍ରତାରିତ ହେବା ଶତଗୁଣ ଶ୍ରେୟସ୍କର।'' ବହିଟିରେ ସ୍ଥାନିତ 'ଯା ଦେବୀ ସର୍ବଭୂତେଷୁ', 'ରାଜଜେମା, ବିଲେଇ ଓ ଜୁଲି ପ୍ରସଙ୍ଗ', 'କୁନ୍ତୀ', 'ଗୀତ୍ କୁଡ଼ିଆଣୀ', 'ମାଟିଆ ଚିଲ ଓ ସୋରିଷ ଫୁଲ', 'ବାଜେ ଝିଅ', 'ଅଭିଶପ୍ତ ଗନ୍ଧର୍ବୀ', 'ଦୁଇଟି କଥାକୁହା ଆଖି', 'ପରକୀୟା' ଓ 'ଜଉପେଡ଼ିରେ ଜୀବନ' ପ୍ରଭୃତି ଗଳ୍ପଗୁଡ଼ିକୁ ପଢ଼ିଲେ ଲେଖିକାଙ୍କ ଜୀବନଦୃଷ୍ଟି ଓ ଜାଗତିକ ଚେତନାକୁ ବୁଝିହୁଏ। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି- ''ସମାଜରେ ତଳେ ପଡ଼ିଥିବା ମଣିଷଙ୍କ ପାଇଁ ତାଙ୍କ ଲେଖନୀ ଅତ୍ୟନ୍ତ ସମ୍ବେଦନଶୀଳ।'' କେତେକ ଗଳ୍ପରେ ନଗର ଓ ଗ୍ରାମ୍ୟ ଜୀବନ ସାମ୍ନାସାମ୍ନି ହୋଇ ଉଭା ହେଇଥିବା ଦେଖିବାକୁ ମିଳେ। 'ଚରମ ଅଭିମାନ' ଗଳ୍ପରେ ରୂପଧର ଓ ରଜ୍‌ମାଙ୍କ ଚରିତ୍ରକୁ ଲେଖିକା ଏପରି ଆଙ୍କି ଦେଇଛନ୍ତି, ପଢ଼ିଲେ ଆଖି ଅଶ୍ରୁସଜଳ ହୋଇଉଠେ। 'ମାଟିଆ ଚିଲ ଓ ସୋରିଷ ଫୁଲ' ଗପରେ ମଧ ଜୀବନର ନିବିଡ଼ତା ମୁଖର। ଗପର ଶେଷରେ 'ସୋରିଷ ଫୁଲ... ସୋରିଷ ଫୁଲ... ସୋରିଷ ଫୁଲ...' ଭଳି ଗୀତିମୟତା ପାଠକଙ୍କୁ ଅଭିଭୂତ କରେ। ଆଶା, ବହିଟିର କାଟ୍‌ତି ଲେଖିକାଙ୍କୁ ସୁଖୀ କରିବ।

### ବାଲୁଗାଁ ବାଲ୍ମିକୀ

**ସମ୍ପାଦନା:** ଡ. ପ୍ରସନ୍ନ କୁମାର ମହାନ୍ତି
ଅଜିତ ଦାଶମହାପାତ୍ର
କମଳ କୁମାର ମହାନ୍ତି
**ମୂଲ୍ୟ:** ନିଃଶୁଳ୍କ




୨୦୨୩ରେ ପ୍ରକାଶ ପାଇଛି କବି ତପନ ପଟ୍ଟନାୟକଙ୍କୁ ଶ୍ରଦ୍ଧା ଜଣାଇ ତାଙ୍କର ଅନ୍ତରଙ୍ଗ ଆତ୍ମୀୟ, ସୋଦର ଓ ସ୍ୱଜନମାନେ ଲେଖିଥିବା ଶ୍ରଦ୍ଧାଞ୍ଜଳି ସମୂହ। ବହିଟିରେ ଯଦିଓ ତପନଙ୍କ ସାରସ୍ୱତ ସୃଷ୍ଟିର ଗଭୀର ବିଶ୍ଳେଷଣ ନାହିଁ, ତଥାପି ତାଙ୍କୁ ଜାଣିଥିବା ବନ୍ଧୁ ଓ ସୋଦରମାନେ ତାଙ୍କର ଯେଉଁ ସ୍ମୃତିଚାରଣ କରିଛନ୍ତି, ତାହା ଆଖିରେ ଲୁହ ଆଣେ। ତପନ ଜଣେ ସଫଳ କବି ଓ ଗୀତିକାର ଥିଲେ। ତାଙ୍କର ଏକ ଗୀତର ଧାଡ଼ିଟିଏ ଥିଲା ଏହିପରି- ''ତୁମେ ହଜିଯାଇଥିବା ଦୀର୍ଘ ଅତୀତଟିଏ, ବୁଝିବାକୁ ଯାଇ ବୁଝିପାରିନାହିଁ, ତୁମେ କିଏ ତୁମେ କିଏ ?'' ଏହି ଶ୍ରଦ୍ଧାଞ୍ଜଳି ପୁସ୍ତକଟିକୁ ପ୍ରକାଶ କରିଛନ୍ତି ତାଙ୍କର ଏକଦା ବନ୍ଧୁ ପ୍ରସନ୍ନ କୁମାର ମହାନ୍ତି, ଅଜିତ୍ ଦାଶମହାପାତ୍ର ଓ କମଳ କୁମାର ମହାନ୍ତି। ଆଉ ସମ୍ପାଦକୀୟରେ ଲେଖିଛନ୍ତି: ''ଯଦି ଜୀବନ ସେପାରିରେ ବି ସତରେ ଆଉ ଏକ ଜୀବନ ଥିବ, ତେବେ ସେଇଠି ତ ନିଶ୍ଚେ ଭେଟ ହେବ ତପନ ଭାଇ। ତୁମର ସବୁ ବାକି ସ୍ୱପ୍ନକୁ ଆମେ ସମସ୍ତେ ମିଶି ସେଇଠି ବାସ୍ତବତାର ରୂପ ଦେବା। ଆଉ ସେ ପୃଥିବୀରେ ତ କର୍କଟ ନ ଥିବ।'' ତପନମୟ ଏହି କ୍ଷୁଦ୍ର ପୁସ୍ତିକାଟିରେ ତାଙ୍କର ଅନୁରାଗୀମାନେ ତପନଙ୍କୁ ଆଉ ଥରେ ଆବିଷ୍କାର କରିବେ ବୋଲି ଆଶା।

## କାଳକାଳକୁ



### ''ଅନ୍ଧବିଶ୍ୱାସ ଓ କ୍ରୂରତାର ହେତୁ ହେଉଛି 'ଭୟ'।''

– ଆଲୋୟସିଅସ୍ ବର୍ଟ୍ରାଣ୍ଡ

**ଆଲୋୟସିଅସ୍ ବର୍ଟ୍ରାଣ୍ଡଙ୍କ** ଜନ୍ମ ୨୦ ଏପ୍ରିଲ ୧୮୦୭ରେ ଓ ପରଲୋକ ୨୯ ଏପ୍ରିଲ ୧୮୪୧ରେ, ଦୁରାରୋଗ୍ୟ ଯକ୍ଷ୍ମାରୋଗରେ। ଏକାଧାରରେ କବି, ନାଟ୍ୟକାର ଓ ବାର୍ତ୍ତାଜୀବୀ ବର୍ଟ୍ରାଣ୍ଡ୍ ଥିଲେ ଫରାସୀ ଗଦ୍ୟ କବିତାର ପ୍ରବର୍ତ୍ତକ। ଫରାସୀ ପ୍ରତୀକବାଦୀ ସାହିତ୍ୟ ଆନ୍ଦୋଳନରେ ମଧ ସେ ଥିଲେ ଅନ୍ୟତମ ବିନ୍ଧାଣୀ। "Gespard de la Nuit" ଶୀର୍ଷକ ଗଦ୍ୟ କବିତା ଗ୍ରନ୍ଥ ହେଉଛି ତାଙ୍କର ପ୍ରଧାନ କୃତି। ଏହା ତାଙ୍କ ମୃତ୍ୟୁ ପରେ ୧୮୪୨ରେ ପ୍ରକାଶ ପାଇଥିଲା।

## ବିଶେଷ ଗଳ୍ପ

# ମାଆ

**ବିଜୟ କୁମାର ପଣ୍ଡା**



ରାତ୍ରିକୁ ଯୌବନ ଛୁଇଁଲାଣି ବୋଧେ! କ୍ଲିନିକ୍‌ର ବାଲ୍‌କୋନିରୁ ଠିଆ ହୋଇ ରାତିର ବୟସ ମାପୁଥିଲେ ପ୍ରଶାନ୍ତ। କ୍ଲିନିକ୍‌ର ଶେଯରେ ବାପା ଗଣୁଥିଲେ ଅବଶିଷ୍ଟ ଆୟୁଷ। ଦିନକୁ ଥରେ ଦୁଇ ତିନିଟା ପାଉଁରୁଟି ଆଉ କ୍ଷୀର, ତାହା ପୁଣି ଅନେକ ବାଧ ବାଧକତାରେ ଖାଇବାକୁ ପଡ଼େ। ନହେଲେ ଔଷଧ କେମିତି ଖାଇବେ! ତା'ଛଡ଼ା ଦିନକୁ ଦୁଇଥର ଚା'।

ବୋଉର ହାତତିଆରି ଚା' ବାପାଙ୍କୁ ଏତେ ପସନ୍ଦ! ଭଲଥିଲା ବେଳେ ଦିନକୁ ଅନେକ ଥର ଚା' ବରାଦ କରି ପିଅନ୍ତି, ବଜାର କି ହାଟ ଚା' ତାଙ୍କର ପସନ୍ଦ ନୁହେଁ। କୁହନ୍ତି, ''ତୋ' ବୋଉର ଚା'ରେ ଯେଉଁ ଆପଣାପଣ ଅଛି ତାହା କ'ଣ ବଜାର ଚା'ରେ ମିଳିବ!''

ବୋଉ ବି ଷ୍ଟୋଭ୍‌ଟିଏ, ଚା' ଗୁଣ୍ଡ, ଅଦା, ଅଳେଇଚ, ଡାଳଚିନି ନେଇ ଆସିଛି। କ୍ଲିନିକ୍ ମ୍ୟାନେଜରଙ୍କୁ ଅନେକ ଗୁହାରି କରି ତଳ ମହଲାରେ ସିକ୍ୟୁରିଟି ଗାର୍ଡ ଘର ପାଖରେ ଚା' କରିବା ପାଇଁ ଅନୁମତି ପାଇଛି।

ଆକାଶର ଛାତି ଚିରି ପୂରୁବରେ ସୂରୁଯ ଉଇଁଲେଣି। ମା'ର ଡାକ ଶୁଣି ପ୍ରଶାନ୍ତ ଦଉଡ଼ିଲା ବାପାଙ୍କ ପାଖକୁ।

ଶେଷଥର ପାଇଁ କହିଲେ- ''ବାବୁରେ, ମୋ' ନାଁରେ ଥିବା ସବୁ ସମ୍ପତ୍ତି ତୁମ ଦୁଇଭାଇଙ୍କ ନାଁରେ ମୁଁ କରିଦେଇଛି, ହେଲେ ତୁମ ମା'କୁ ଦୁଇଭାଗ କରିପାରିନି। ତା' କଥା ତୁମ ଦୁହିଁଙ୍କୁ ଲାଗିଲା। କେତେବେଳେ କୋଉ କଥା! ଶ୍ୱାସରୁଦ୍ଧ ହୋଇ ଆସୁଥିଲା ବାପାଙ୍କର। 'ଡକ୍ଟର... ଡକ୍ଟର...' ଧଡ଼ପଡ଼ ହୋଇ ଡାକ୍ତରଙ୍କୁ ଡକାଡକି କଲେ। ଶେଷନିଃଶ୍ୱାସ ତ୍ୟାଗ କଲାବେଳେ ଅସ୍ପଷ୍ଟ ସ୍ୱରରେ ବାପା କହିଗଲେ- 'ମାଆ ତୋତେ ଲାଗିଲା।'

ମାଆ ତାଙ୍କ ପାଖେ ରହିବା ପରଠୁଁ ପ୍ରଶାନ୍ତ ଚା' ପିଇବା ଅଭ୍ୟାସ ଆରମ୍ଭ କରିଛନ୍ତି, କିନ୍ତୁ ଏଇ କେତେଦିନ ହେବ ମାଆ ହାତର ଚା' ପିଇବା ପରେ ସେ ଜାଣି ସାରିଥିଲେ ମାଆ ସେମିତି କିଛି ଖାସ୍ ଚା' ବନେଇପାରେନି; କିନ୍ତୁ ବାପା ତା' ହାତତିଆରି ଚା'ର ଏତେ ପ୍ରଶଂସା କେମିତି କରୁଥିଲେ କେଜାଣି! ମାଆ ଅନେକ ଦିନ ହେଲା ଏମିତି ଏକ ରୋଗରେ ଆକ୍ରାନ୍ତ ଯେ ଛୋଟରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ସବୁ ଅତି ସହଜରେ ସେ ଭୁଲିଯାଏ। କେବେ ବିନା ଚିନିରେ ଚା' ତ କେବେ ଚିନି ଜାଗାରେ ଲୁଣିଆ ଚା' ତ ଆଉ କେବେ ଅଧିକ ଚିନି ଲୁଣମିଶା ଚା'... ସେଥିପାଇଁ ଆଜିକାଲି ସେ ନିଜେ ଚା' ବନେଇ ପିଅନ୍ତି ଆଉ ମାଆକୁ ବି ଦିଅନ୍ତି।

ମାଆ ଆସି ତାଙ୍କ ସହିତ ରହିବା ପରେ, ସ୍ତ୍ରୀ ମାନୁର କଟୁ ବ୍ୟବହାର ଅସହ୍ୟ ହୋଇ ପଡୁଥିଲା। ସେଥିପାଇଁ ସେ କୋର୍ଟରେ ଛାଡ଼ପତ୍ର ଦାଖଲ କରିସାରିଥିଲେ। ଛ'ମାସ ସାଥିରେ ରହିବା ପରେ କୋର୍ଟ ଶେଷ ନିଷ୍ପତ୍ତି ନେବ ବୋଲି ରାୟ ଦେଇଥିଲେ। ନିଜ ବୈବାହିକ ଜୀବନକୁ ପୁଣିଥରେ ସଜାଡ଼ି ଦେବାକୁ ଅଣ୍ଟାଭିଡ଼ି ଥିଲେ ପ୍ରଶାନ୍ତ। ବାପାଙ୍କ କଥା ମନେପକାଇ ମାନୁର ଅନେକ ଭୁଲ୍ ଏଡ଼ାଇ ଯାଉଥିଲେ। ମାନୁ ତାଙ୍କଠାରୁ ବୟସରେ ଛଅ ସାତ ବର୍ଷ ସାନ। ତେଣୁ ବୟସ ହେଲେ ଆପେ ସବୁ ବୁଝିଯିବ ଭାବି ଘରକାମ ସବୁ ଚୁପ୍‌ଚାପ୍ ନିଜେ କରିନେଉଥିଲେ। ମାଆକୁ ପାଖ ବୃଦ୍ଧାଶ୍ରମରେ ଛାଡ଼ି ଆସିବାର ଜିଦ୍ କିନ୍ତୁ ତାଙ୍କୁ ଦୋଛକିରେ ପକାଇଦେଲା। ତାଙ୍କ ଅନୁପସ୍ଥିତିରେ ମାନୁ ବୃଦ୍ଧାଶ୍ରମରେ କଥା ଛିଡ଼େଇ ମାଆଙ୍କୁ ନେଇ ଛାଡ଼ି ଆସିଥିଲେ।

ସେଦିନ ଘରକୁ ଫେରିବା ପରେ ତାଙ୍କ ଦୁନିଆଟା ତାଙ୍କୁ ପର ଲାଗିଲା। ଘଣ୍ଟା ଘଣ୍ଟା ମିନିଟ୍ ଘଣ୍ଟା ତାଙ୍କ ପାଇଁ ଯେମିତି ସ୍ଥାଣୁ ହୋଇଯାଇଥିଲେ। ଖେଳ ସାରି ସନ୍ଧ୍ୟାରେ ଦଶ ବର୍ଷର ପୁଅ ଜଗା ତା' ଜେଜେମା'କୁ ଖୋଜି ନ ପାଇବା ପରେ ତା' ପ୍ରଶ୍ନର ଉତ୍ତର ବାପାଙ୍କଠାରୁ ନ ପାଇ ମାଆ ପାଖକୁ ଗଲା।

''ତୋ ଜେଜେମା' ଏବେଠୁଁ ବୃଦ୍ଧାଶ୍ରମରେ ରହିବେ। ଏଠାରେ ତାଙ୍କର ଯତ୍ନ ନେବାକୁ କାହା ପାଖେ ସମୟ ନାହିଁ। ସବୁ କଥା ଭୁଲି ଯାଉଛନ୍ତି। ସେଠି ତାଙ୍କର ଖୁବ୍ ଭଲ ଯତ୍ନ ନିଆଯିବ ଆଉ ତାଙ୍କୁ ଭଲ ସାଥୀ ମିଳିଯିବେ। ସେଠାରେ ସେ ଖୁବ୍ ଭଲରେ ରହିବେ।'' ଜେଜେମା' ବିଷୟରେ ମାଆର ଉତ୍ତର ଶୁଣି ଖୁବ୍ କଷ୍ଟ ହେଲା ଜଗାକୁ।

''ହଉ ମାଆ ଠିକ୍ ଅଛି। ତୁ ବି ବୁଢ଼ୀ ହେଇଗଲେ ତୋତେ ନେଇ ସେଠି ଛାଡ଼ି ଆସିବି। ମୁଁ ତ ଅଫିସ୍ ଯିବି ଆଉ କାମରେ ବ୍ୟସ୍ତ ରହିବି। ବାପା ତ ବୁଢ଼ା ହୋଇଯାଇଥିବେ, ନିଜ କାମ କରିପାରୁ ନ ଥିବେ। ତୋ' କଥା କିଏ ବୁଝିବ?'' ଜଗାର ଉତ୍ତର ଶୁଣି ସେଇ ସନ୍ଧ୍ୟାରେ ବୃଦ୍ଧାଶ୍ରମ ଦୌଡ଼ିଲେ ମାନୁ। ଶାଶୁଙ୍କୁ କ୍ଷମା ମାଗି ଘରକୁ ଫେରେଇ ଆଣିଲେ।

ଫେରିଲା ବେଳେ ମାଆ ତା' ହାତର ମୁଦି ଆଉ କେତେଟା ଭଲ ଶାଢ଼ି, ଆଉ ତା' ପାନ ବଟୁଆ, ଏସବୁ ଭୁଲି ଛାଡ଼ି ଆସିଥିଲା ବୃଦ୍ଧାଶ୍ରମରେ; ହେଲେ ବାପାଙ୍କର ସେଇ ଫଟୋ ଯେଉଁଟା ସେ ଅନେକ ବର୍ଷ ହେଲାଣି ତା' ପାଖରେ ସାଇତି ରଖିଥିଲା, ସେଇ ଫଟୋକୁ ଛାତିରେ ଜାବୁଡ଼ି ଧରିଥିଲା।

ଫୋନ୍: ୯୭୩୯୫୯୧୮୧୬

# ଧରିତ୍ରୀ
DHARITRI



# ଏଏଫ୍‌ସି କପ୍ ଯୋଗ୍ୟତା ଲଢ଼େଇ

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

## ଓଡ଼ିଶା ଏଫ୍‌ସି ବନାମ ଗୋକୁଲମ କେରଳ

ନିକଟରେ ସୁପର କପ୍ ଚାମ୍ପିୟନ ହୋଇଥିବା ଓଡ଼ିଶା ଏଫ୍‌ସି ପାଇଁ ଆଉ ଏକ ବଡ଼ ସୁଯୋଗ ଆସିଛି। କୋଝିକୋଡ଼େର ଇଏମ୍‌ଏସ୍ କର୍ପୋରେଶନ ଷ୍ଟାଡିୟମରେ ଏହି ଦଳ କ୍ଲବ ପ୍ଲେ-ଅଫ୍ ପର୍ଯ୍ୟାୟରେ ଆଇ-ଲିଗ୍ ଚାମ୍ପିୟନ ଗୋକୁଲମ୍ କେରଳକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ଏଏଫ୍‌ସି କପ୍ ଗ୍ରୁପ୍ ପର୍ଯ୍ୟାୟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବ। ମହାଦେଶୀୟ ମୁକାବିଲାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବ। ଗୋକୁଲମ୍ କେରଳ ୨୦୨୧-୨୨ ସିଜନରେ ଆଇ-ଲିଗ୍ ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶା ଏଫ୍‌ସି ୨୦୨୩ ହିରୋ ସୁପର କପ୍ ବିଜେତା ହୋଇଛି। ଶନିବାର ଭାରତୀୟ ସମୟ ରାତି ୭ଟାରେ ଏହି ମ୍ୟାଚ ଆରମ୍ଭ ହେବ।

ଗୋକୁଲମ୍ ଏହାର ଘରୋଇ ପରିବେଶରେ ଆଗାମୀ ମ୍ୟାଚ ଖେଳିବ। ତେବେ ଓଡ଼ିଶା ଏଫ୍‌ସି ବିପକ୍ଷ ମ୍ୟାଚ ଏହାପାଇଁ ସହଜ ହେବନାହିଁ। କାରଣ ନୂଆ କୋଚ୍ କ୍ଲିଫୋର୍ଡ ମିରାଣ୍ଡାଙ୍କ ଅଧୀନରେ ଓଡ଼ିଶା ଏଫ୍‌ସି ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ହାରିନାହିଁ। ସିଜନକୁ ଅଧିକ ସ୍ମରଣୀୟ କରିବା ପାଇଁ ଓଡ଼ିଶା ଦଳ ନିକଟରେ ଏହା ଉପଯୁକ୍ତ ସୁଯୋଗ। ଇଣ୍ଡିଆନ ସୁପରଲିଗ୍‌ରେ ୬ଷ୍ଠ ସ୍ଥାନ ଅଧିକାର କରି ଏହି ଦଳ ଏସୀୟ ପ୍ରତିଯୋଗିତା ପାଇଁ ପ୍ରଥମ ପାହାଚ ଚଢ଼ିଥିଲା। ପରେ ସୁପର କପ୍ ବିଜୟୀ ହେବାଦ୍ୱାରା ପ୍ଲେ-ଅଫ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଆଉ ଗୋଟିଏ ବିଜୟ ଦଳ ପାଇଁ ଏସୀୟ ପ୍ରତିଯୋଗିତା ଖେଳିବା ନିଶ୍ଚିତ କରିବ। ଅନ୍ୟପକ୍ଷରେ ଗୋକୁଲମ୍ ଦଳ ମଧ୍ୟ ମଥା ଉଚ୍ଚା ସହ ସିଜିନ ଶେଷ କରିବାକୁ ଚାହୁଁଛି। ସୁପର କପ୍‌ରେ ଏହି ଦଳ ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ ହାରି ଯାଇଥିଲା। ଆଇ-ଲିଗ୍ ୨୦୨୨-୨୩ ସିଜନରେ ଏହି ଦଳ ତୃତୀୟ ସ୍ଥାନରେ ରହିଥିଲା। ଚାମ୍ପିୟନ ରାଉଣ୍ଡ ଗ୍ଲାସ ପଞ୍ଜାବ ଏଫ୍‌ସିଠାରୁ ଏହି ଦଳର ପଏଣ୍ଟ ବ୍ୟବଧାନ ୧୩ ରହିଥିଲା। ତେଣୁ ଆଗାମୀ ପ୍ଲେ-ଅଫ୍ ମ୍ୟାଚ ଏହି ଦଳ ପାଇଁ ହୃତଗୌରବ ଫେରାଇ ଆଣିବାପାଇଁ ବଡ଼ ସୁଯୋଗ ଆଣିବ।



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।



କୋଝିକୋଡ଼େର ଇଏମ୍‌ଏସ୍ କର୍ପୋରେଶନ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଗୋକୁଲମ କେରଳ ଦଳ।

## ଇତିହାସ

ୟୁରୋପୀୟ ଫୁଟବଲ୍ ଲିଗ୍ ଓ ସ୍ପାନିଶ୍ ଫୁଟବଲ୍ ଲିଗ୍ ଭଳି ଏସିଆର ବିଭିନ୍ନ ଫୁଟବଲ୍ କ୍ଲବ୍‌କୁ ନେଇ ଏଏଫ୍‌ସି କପ୍ ଅନୁଷ୍ଠିତ ହୁଏ। ୨୦୦୪ରେ ପ୍ରଥମ ଥର ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭିକ ଭାବରେ ଏସିଆ ମହାଦେଶରୁ ୧୪ ଦେଶର ୧୮ କ୍ଲବ୍ ଏଥିରେ ଅଂଶଗ୍ରହଣ କରୁଥିଲେ। ଧୀରେ ଧୀରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ବୃଦ୍ଧି ପାଇ ୨୦୧୭ ପରଠାରୁ ୩୪ରେ ପହଞ୍ଚିଛି। ୨୦୦୪ ପ୍ରଥମ ସଂସ୍କରଣରେ ଭାରତରୁ ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। ମହିନ୍ଦ୍ରା ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ପ୍ରଥମ ଦୁଇ ଦଳ ଭାବରେ ଯୋଗ୍ୟତା ଅର୍ଜନ କରିଥିଲେ। ଗୋଟିଏ ଥର ମଧ୍ୟ କୌଣସି ଭାରତୀୟ କ୍ଲବ୍ ଚାମ୍ପିୟନ ହୋଇ ନ ଥିବା ବେଳେ ୨୦୦୮ରେ ଡେମ୍ପୋ ଓ ୨୦୧୩ରେ ଇଷ୍ଟବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିଥିଲେ। ୨୦୧୭ରେ ବେଙ୍ଗାଲୁରୁ ଏଫ୍‌ସି ଇଣ୍ଟର ଜୋନାଲ ପ୍ଲେ ଅଫ୍‌ର ଫାଇନାଲରେ ପହଞ୍ଚି ରନର୍ ଅପ୍ ରହିଥିଲା।

### ଫର୍ମାଟ ଓ ପୁରସ୍କାର

ପୂର୍ବ ଏସିଆ, ପଶ୍ଚିମ ଏସିଆ, ଉତ୍ତର ଏସିଆ, ଦକ୍ଷିଣ ଏସିଆ ସହିତ ଏସ୍‌ଏଇଏଏନ୍ ନାମରେ ୫ଟି ଗ୍ରୁପ୍‌ର କ୍ଲବଗୁଡିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଭାରତ ଦକ୍ଷିଣ ଏସିଆରୁ ପ୍ରତିନିଧିତ୍ୱ କରିଥାଏ। ପୂର୍ବରୁ ସମସ୍ତ ଜୋନ୍‌ର କ୍ଲବଗୁଡିକ ଏକତ୍ର ଖେଳୁଥିବା ବେଳେ ବର୍ତ୍ତମାନ ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ସର୍ବାଧିକ ପଏଣ୍ଟ ଆଧାରରେ ନକ୍ ଆଉଟ୍ ପାଇଁ ଦଳ ଚୟନ କରାଯାଇଥାଏ। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୧.୫ ମିଲିୟନ୍ ଡଲାର ଓ ରନର ଅପ୍ ଦଳକୁ ୭ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ମିଳିଥାଏ। ନକ୍ ଆଉଟରେ ପହଞ୍ଚିଲେ ବା ଜୋନାଲ ଚାମ୍ପିୟନ ଦଳକୁ ୧ ଲକ୍ଷ ଡଲାର ପ୍ରଦାନ କରାଯାଇଥାଏ।

### ରେକର୍ଡ

ଇରାକର କ୍ଲବ୍ ଅଲ୍‌କୁୱା ଅଲ୍ ଜିୱା(୨୦୧୬, ୨୦୧୭, ୨୦୧୮) ଏବଂ କୁଏଟି କ୍ଲବ୍ ଅଲ୍ କୁଏଟ୍ (୨୦୦୯, ୨୦୧୨, ୨୦୧୩) ସର୍ବାଧିକ ୩ ଥର ଲେଖାଏ ଏଏଫ୍‌ସି କପ୍ ଜିତିବାର ରେକର୍ଡ ନିଜ ନାମରେ ରଖିଛନ୍ତି। କୁଏଟ୍‌ର ବିଭିନ୍ନ କ୍ଲବ୍ ସର୍ବାଧିକ ୭ ଥର ଚାମ୍ପିୟନ୍ ହୋଇଥିବା ବେଳେ ଇରାକର କ୍ଲବ୍‌ଗୁଡ଼ିକ ୫ ଥର ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି। ୨୦୦୮ରେ ବ୍ରାଜିଲିଆନ୍ ଖେଳାଳି ରିକୋ ଗୋଟିଏ ସିଜନରେ ସର୍ବାଧିକ ୧୯ ଗୋଲ୍ ସ୍କୋର କରି ରେକର୍ଡର ଅଧିକାରୀ ଅଛନ୍ତି। ସ୍ପେନ୍ ଖେଳାଳି ବିଏନ୍‌ଭେ ସର୍ବାଧିକ ୩୫ଟି ଗୋଲ ସ୍କୋର କରିଛନ୍ତି।

## ଜିରୋରୁ ଆରମ୍ଭ କରିବୁ

''ଆମେ ଏଠାକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ଆସିଛୁ। ମାର୍ଚ୍ଚ ୧୬ରୁ ଏପର୍ଯ୍ୟନ୍ତ ଆମେ ଗେମ୍ ପରେ ଗେମ୍ ଯୋଜନାବଦ୍ଧଭାବେ ଖେଳିଆସିଛୁ। ଇତିମଧ୍ୟରେ ସୁପର କପ୍ ବିଜୟୀ ହୋଇଛୁ। ମାତ୍ର ତାହା ଅତୀତ ହୋଇଯାଇଛି। ଆମେ ଏବେ ପୁଣି ଜିରୋରୁ ଆରମ୍ଭ କରିବୁ। ଗତ କିଛି ସପ୍ତାହରେ କ'ଣ ସବୁ ଘଟିଯାଇଛି ଆମେ ଯେତେବେଳେ ଆଗାମୀ ମ୍ୟାଚ ପାଇଁ ପଡ଼ିଆକୁ ଓହ୍ଲାଇବୁ ତାହାର କିଛି ମାନେ ରହିବନାହିଁ। ଆମେ ଆଉଥରେ ନୂଆକରି ଆରମ୍ଭ କରିବୁ''।

– କ୍ଲିଫୋର୍ଡ ମିରାଣ୍ଡା, ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍

## ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ

''ସକାରାତ୍ମକ ଅନୁଭବ ସହ ସିଜନ ଶେଷ କରିବା ପାଇଁ ବଡ଼ ସୁଯୋଗ ଆସିଛି। ଆଗାମୀ ମ୍ୟାଚ ନିଶ୍ଚିତ କଷ୍ଟସାଧ ହେବ। ମାତ୍ର ଆମେ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଆମ ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ସବୁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ବ୍ୟଗ୍ର। ଏଥିପାଇଁ ସେମାନେ କଠିନ ପରିଶ୍ରମ ଜାରି ରଖିଛନ୍ତି। ଆମେ ଆଗାମୀ ମ୍ୟାଚ୍‌ରୁ ଭଲ ଫଳାଫଳ ନେଇ ଆଶାବାଦୀ ଅଛୁ''।

– ଫ୍ରାନ୍ସେକ୍ ବୋନେଟ, ଗୋକୁଲମ୍ କେରଳ ମୁଖ୍ୟ କୋଚ୍




ଦୁଇ ଦଳର କୋଚ୍ କ୍ଲିଫୋର୍ଡ ମିରାଣ୍ଡା ଓ ଫ୍ରାନ୍ସେକ୍ ବୋନେଟ।

## ରାଜ୍ୟ ଖବର

# ସୁଦାନରୁ ଫେରିଲେ ୬ ଓଡ଼ିଆ

## ଭୋକିଲା ଥିଲା ପେଟ, ଛାତି ଥରାଉଥିଲା ବୋମାଶବ୍ଦ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ସୁଦାନରେ ମିଲିଟାରି ଓ ପାରାମିଲିଟାରି ମଧ୍ୟରେ ହିଂସା ଲାଗିରହିଥିବାବେଳେ ସେଠାରେ ପ୍ରାୟ ୧୫ ଓଡ଼ିଆଙ୍କ ସମେତ ୩,୭୦୦ ଭାରତୀୟ ଫସି ରହିଥିଲେ। ଭାରତ ସରକାରଙ୍କ ଅପରେଶନ କାବେରୀ ତଥା ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଜନ୍ମମାଟିକୁ ୬ଜଣ ଓଡ଼ିଆ ଫେରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସୁଦାନରେ ଲାଗି ରହିଥିବା ହିଂସାର ଛାତିଥରା ଅନୁଭୂତି ବଖାଣିବା ସହ ସେମାନେ ଏକ ନୂଆ ଜୀବନ ପାଇଥିବା କହିଛନ୍ତି। ଭୋକ ଉପାସରେ ୯ ଦିନ ତାହା ସାଙ୍ଗକୁ ବୋମା ଓ ଗୁଳିର ଶବ୍ଦ। ବନ୍ଧୁକ ମୁନରେ ଲୁଟପାଟ୍ ଏମିତି ଭୟଙ୍କର ଅନୁଭୂତି ନେଇ ଫେରିଛନ୍ତି।



ଭୁବନେଶ୍ୱର ବିମାନବନ୍ଦରରେ ସୁଦାନରୁ ଫେରିଥିବା ୬ ଓଡ଼ିଆ।

■ ଜୀବନ ଧରି ନିଜ ମାଟିକୁ ଫେରିଆସିବୁ ବୋଲି ଆଶା ନ ଥିଲା। ଏପ୍ରିଲ ୧୫ ତାରିଖରୁ ଗୁଳିଗୋଳା ଶବ୍ଦରେ ଛାତି ଥରି ଉଠୁଥିଲା। କମ୍ପାନୀ ତରଫରୁ ଖାଇବା ପିଇବାର ଅସୁବିଧା ନ ଥିଲା । କିନ୍ତୁ ଧୀରେ ଧୀରେ ବିଦ୍ୟୁତ୍, ପାଣି ଆଦିର ସମସ୍ୟା ଦେଖାଦେଇଥିଲା। ତା' ପରେ ପୁଣି ଲୁଟପାଟ୍ ଆରମ୍ଭ ହୋଇଥିଲା। ଥରକୁ ଥର ଲୁଟେରାମାନେ ଆସି ଟଙ୍କା ଓ ମୋବାଇଲ୍ ଆଦି ଦେବାକୁ ବନ୍ଧୁକ ମୁନରେ ଧମକାଉଥିଲେ। ସେସବୁ ଦୃଶ୍ୟ ଆଖି ଆଗରେ ନାଚୁଛି। ଘରକୁ ଆସିବା ପାଇଁ କମ୍ପାନୀ ପକ୍ଷରୁ ବସ୍‌ଗୁଡ଼ିକୁ ଡିଜେଲ ଯୋଗାଯାଇଥିଲା। ତା'ପରେ ଆମେ ଜଳମାର୍ଗରେ ଆସି ପରେ ସ୍ୱତନ୍ତ୍ର ବିମାନ ଯୋଗେ ଓଡ଼ିଶାକୁ ଫେରିଥିଲୁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗକୁ ଯେତେ ବି କୃତଜ୍ଞତା ଜଣାଇଲେ କମ୍ ପଡ଼ିବ।

– କେଦାର ନାୟକ, ଜଗତସିଂହପୁର

■ ଏମିତି ଦୃଶ୍ୟ ଆମେ ସାଧାରଣତଃ ସିନେମାରେ ଦେଖିଥାଉ। ଏମିତି ଘଟଣା ଯେତେବେଳେ ନିଜ ସହ ଘଟିଥିଲା କିଛି ବୁଦ୍ଧିବାଟ ଦେଖାଯାଇ ନ ଥିଲା। ଖାଲି ଭାବୁଥିଲୁ କେମିତି ଏଠାରୁ ମୁକୁଳିବୁ। ଖାଇବା ପିଇବା ଚିନ୍ତା ଯେତିକି ଥିଲା ; ଜୀବନକୁ ଭୟ ତା' ଠାରୁ ଅଧିକ ରହିଥିଲା। ତେଣୁ ନିଜ ମାଟିକୁ କେମିତି ଫେରିବୁ ସେଇ ଚିନ୍ତା ଘାରିଥିଲା। ଏବେ ଭଦ୍ରକକୁ ଫେରିବା ପରେ ଆଶ୍ୱସ୍ତି ମିଳିଛି କିନ୍ତୁ ସେ ଛାତିଥରା ଦୃଶ୍ୟ ମନରୁ ଲିଭିନାହିଁ। ଓମେଗା ପ୍ରାଇଭେଟ୍ ଲିମିଟେଡରେ ମୁଁ ସିଏମ୍‌ସି ମେଶିନ ଅପରେଟର ଥିଲି। ଆମ କମ୍ପାନୀରେ ମୋ ସହିତ ସୁଧୀର ସ୍ୱାଇଁ ଓ କେଦାର ନାୟକ ମଧ୍ୟ ଥିଲେ। ସେମାନେ ଜଗତ୍‌ସିଂହପୁରର ବାସିନ୍ଦା । ଆମେ ଏକାଠି ଫେରିଲୁ। ମୁଁ ଆଉ କେବେ ବି ସୁଦାନ ଫେରିବିନି।

– ଅମର ବଳ, ଭଦ୍ରକ

■ ବୋମାମାଡ଼ରେ ସମ୍ପୂର୍ଣ୍ଣ ବିଲ୍ଡିଂ ଥରୁଥିଲା। କମ୍ପାନୀର ଗ୍ରାଉଣ୍ଡ ଫ୍ଲୋରରେ କ୍ୟାଣ୍ଟିନ୍ ଥିଲା। ମୁଁ ତୃତୀୟ ମହଲାରେ ରହୁଥିଲି। ତଳକୁ ଆସି ଖାଇବାକୁ ମଧ୍ୟ ଡର ଲାଗୁଥିଲା। ଗୁଳିମାଡ଼ରେ କମ୍ପାନୀ କାନ୍ଥ ସାରା ଗର୍ତ୍ତ ସୃଷ୍ଟି ହୋଇଥିଲା। ଜୀବନ ଫେରିପାଇବୁ ବୋଲି ଆଶା ନ ଥିଲା। ୯ ଦିନ କାଳ ଏମିତି ଆତଙ୍କିତ ଅବସ୍ଥାରେ ଆମେ ସେଠାରେ ରହିଥିଲୁ ।

– ଶିବ ପ୍ରସାଦ ଜେନା, ବାଲେଶ୍ୱର

# ସବୁ ବିଦ୍ୟାଳୟକୁ ଫର୍ଟିଫାଏଡ ଚାଉଳ ଯୋଗାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

## ମଧ୍ୟାହ୍ନଭୋଜନ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ରାଜ୍ୟର ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ସ୍ୱାସ୍ଥ୍ୟକର ଓ ନିରାପଦ ମଧ୍ୟାହ୍ନ ଭୋଜନ ପ୍ରଦାନ ଉଦ୍ଦେଶ୍ୟରେ ଶୁକ୍ରବାର ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ କେନ୍ଦ୍ର ସରକାରଙ୍କ ପିଏମ୍-ପୋଷଣ, ୟୁଏନ୍ ୱାଲର୍ଡ ଫୁଡ୍ ପ୍ରୋଗ୍ରାମ ଏବଂ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ଯାଜପୁର, ବାଲେଶ୍ୱର ଏବଂ ଢେଙ୍କାନାଳ ଜିଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଯୋଗଦେଇ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯିବ ସେନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୱାଲର୍ଡ ଫୁଡ୍ ପ୍ରୋଗ୍ରାମ୍‌ର ନିର୍ଦ୍ଦେଶିକା ଏଲିଜାବେଥ ଫରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଫରେ ମତବ୍ୟକ୍ତ କରିଥିଲେ। ସୁଷମ ଖାଦ୍ୟ ସମସ୍ତଙ୍କ ଅଧିକାର ଏବଂ ନିଜ ନାଗରିକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାରେ ଭାରତ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଥିବା ସେ କହିଥିଲେ। ପିଲାଙ୍କ ମଧ୍ୟରେ ରକ୍ତହୀନତା ଏବଂ ଅପପୁଷ୍ଟି ରୋଗର ଦୂରୀକରଣ ଓ ମଧ୍ୟାହ୍ନ ଭୋଜନରେ ଆହାର ବିବିଧକରଣ ଉପରେ ଗୁରୁତ୍ୱ ଦିଆଯାଉଥିବା ଓଡ଼ିଶା ପିଏମ୍-ପୋଷଣ ଓ ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର୍. ଆୟାର କହିଥିଲେ। ଭବିଷ୍ୟତ ପିଢ଼ିଙ୍କ ପାଇଁ ପୋଷଣ ନିରାପତ୍ତା ହାସଲ, ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଅନ୍ତର୍ଭୁକ୍ତିକରଣ ଏବଂ ବିଦ୍ୟାଳୟଗୁଡ଼ିକ ପୋଷଣ ଉଦ୍ୟାନ ପ୍ରତିଷ୍ଠା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଆୟାର୍ କହିଥିଲେ। ୱାଲର୍ଡ ଫୁଡ୍ ପ୍ରୋଗ୍ରାମ ଏବଂ ରାଜ୍ୟ ସରକାର ମିଳିତ ଭାବେ ପ୍ରସ୍ତୁତ କରିଥିବା ଫୋସାଫ୍ ଏମ୍‌ଡିଏମ୍ ମୋବାଇଲ ଆପ୍ଲିକେଶନ ତୃଣମୂଳ ସ୍ତରରେ କାମ କରୁଥିବା ପାଚିକା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଖାଦ୍ୟ ନିରାପତ୍ତା ଓ ଖାଦ୍ୟ ପ୍ରସ୍ତୁତ ସମୟରେ ସ୍ୱଚ୍ଛତା ଅଭ୍ୟାସ ସମ୍ପର୍କରେ ଅବଗତ କରିବ ବୋଲି ମତ ପ୍ରକାଶ ପାଇଥିଲା। ଚାଉଳର ପୌଷ୍ଟିକ ମୂଲ୍ୟରେ ଉନ୍ନତି ଆଣିବା ପାଇଁ ଅଣୁପୋଷକ ମିଶ୍ରଣ ତଥା ରାଇସ୍ ଫର୍ଟିଫିକେଶନ ପ୍ରକ୍ରିୟାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ମଧ୍ୟାହ୍ନ ଭୋଜନରେ ପିଲାମାନେ ଯେପରି ଫର୍ଟିଫାଏଡ ଚାଉଳ ପାଇପାରିବେ ତାହା ପାଚିକା, ସହାୟିକା ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସୁନିଶ୍ଚିତ କରିବେ ବୋଲି ପ୍ରଶିକ୍ଷକମାନଙ୍କୁ ଅବଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅନୁଯାୟୀ ସମସ୍ତ ବିଦ୍ୟାଳୟକୁ ଫର୍ଟିଫାଏଡ ଚାଉଳ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଭୈରବ ସିଂ ପଟେଲ, ସସ୍ମିତା ପଟ୍ଟନାୟକ ଏବଂ ୱାଲର୍ଡ ଫୁଡ୍ ପ୍ରୋଗ୍ରାମ ଓ କାର୍ଯ୍ୟାଳୟ ମୁଖ୍ୟ ହିମାଂଶୁ ଏସ୍. ବଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା, ଉତ୍ତମ ଗୁଣବତ୍ତାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ମାନର ସାମଗ୍ରୀ ବ୍ୟବହାର କରିବା, ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା, ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଏବଂ ପୋଷଣ ଉଦ୍ୟାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସଦସ୍ୟମାନେ ଶନିବାର ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ନଖରାସ୍ଥିତ ଅକ୍ଷୟପାତ୍ର ଫାଉଣ୍ଡେଶନ ଟ୍ରଷ୍ଟର ସେଣ୍ଟ୍ରାଲାଇଜ୍‌ଡ କିଚେନ୍ ପରିଦର୍ଶନ କରିବେ।

# ପ୍ରକଳ୍ପ କାମ ଧାର୍ଯ୍ୟ ସମୟସୀମାରେ ଶେଷ କର: ସଚିବ

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

## ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକିଆ ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ତ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ ପ୍ରକୋଷ୍ଠରେ ଆୟୋଜିତ ମାସିକିଆ ସମୀକ୍ଷା ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ବୈଠକରେ ଅଧ୍ୟକ୍ଷତା କରିବା ସହିତ କହିଛନ୍ତି ଯେ, ବିଭାଗର ସ୍ୱଚ୍ଛତା ବଜାୟ ଲକ୍ଷ ନେଇ ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଣିକି ବିଭାଗର ସମସ୍ତ ପ୍ରକଳ୍ପ ଅନ୍‌ଲାଇନରେ ଅପଲୋଡ ହେବା ସହିତ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଯଥା: ପ୍ରଶାସନିକ ଅନୁମୋଦନ, ଇ-ମେଜରମେଣ୍ଟ, ପ୍ରୋକ୍ୟୁରମେଣ୍ଟ ଆଦି ଅନ୍‌ଲାଇନ୍ ମାଧ୍ୟମରେ ହେବ। ଯେକୌଣସି ପ୍ରକଳ୍ପ ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପ୍ରତ୍ୟେକଟି କାର୍ଯ୍ୟକୁ ଭିଡିଓଗ୍ରାଫି/ଫଟୋଗ୍ରାଫି ମାଧ୍ୟମରେ ଉତ୍ତୋଳନ କରାଯାଇ ଦସ୍ତାବିଜ ପ୍ରସ୍ତୁତ କରାଯିବ। ଏଣୁ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ତଥା ସୁବିନିଯୋଗ ନିମନ୍ତେ ମୁଖ୍ୟଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ନିମ୍ନସ୍ତରର ଅଧିକାରୀମାନେ ସମସ୍ତେ ଉତ୍ତରଦାୟୀ ରହିବା ଜରୁରୀ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି। ଗତ ବର୍ଷରେ ଆରମ୍ଭ କରାଯାଇଥିବା ପ୍ରକଳ୍ପଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ଯୋଜନା ଓ ପ୍ରକଳ୍ପଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ୬୦ ଗୋଟି ଡିଭିଜନ ଏବଂ ୧୩ଟି ଇଞ୍ଜିନିୟରିଂ ସର୍କଲ ସସ୍ଥାର ମୁଖ୍ୟଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନେ ଆଭାସୀ ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ଯୋଗଦେଇ ଥିଲେ।

# କୋରାପୁଟ ଅତିଥି ଭବନର ଖାଦ୍ୟ ଖାଇ ୧୨ ଅସୁସ୍ଥ

କୋରାପୁଟ,୨୮।୪(ସ୍ୱ.ପ୍ର.)

କୋରାପୁଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ପରିଚାଳିତ ଅତିଥି ଭବନରେ ଖାଦ୍ୟ ଖାଇ ୧୨ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ଅତିଥି ଭବନ କର୍ମଚାରୀ ଓ ପର୍ଯ୍ୟଟକ ଅଛନ୍ତି। ସମସ୍ତଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୧୧ ଜଣ ଘରକୁ ଫେରିଛନ୍ତି।

ଗୁରୁବାର ରାତିରେ ଘାଣ୍ଟ ତରକାରି ଖାଇବା ପରେ ଏହି ଲୋକମାନଙ୍କର ବାନ୍ତି ହେବା ସହ ବେକରେ କୁଣ୍ଡେଇ ହୋଇ ଫୁଲିଯାଇଥିବା ଏମ୍.ସୁରେନ କୁମାର ଓ ରାୟଗଡା ଅଞ୍ଚଳର ଏ ବାଲାକ୍ରିଷ୍ଣା କହିଛନ୍ତି। ଏନେଇ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲଙ୍କୁ ପଚାରିବାରୁ ରାତ୍ରରେ ଅତିଥି ଭବନରେ ପ୍ରସ୍ତୁତ ଘାଣ୍ଟ ତରକାରିରେ ବଣୁଆ ସାରୁ ପଡ଼ିଥିବାରୁ ଏହିପରି ହୋଇ ଥାଇପାରେ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ମନ୍ଦିର ଓ ଅତିଥି ଭବନରେ ଆଉ ସାରୁ ପଡିବ ନାହିଁ ବୋଲି ସେ କହିଛନ୍ତି। କୋରାପୁଟ ସହରରେ ଯେତେ ସବୁ ହୋଟେଲ ଅଛି ସେଗୁଡ଼ିକର ଲାଇସେନ୍ସ ଅଛି କି ନାହିଁ, ତାହା ତଦାରଖ କରିବା ଲାଗି ଦାବି ହୋଇଛି।

# ପ୍ରାଣୀ ଚିକିତ୍ସାସେବା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ କରୁଥିବା ବିଭିନ୍ନ ଧର୍ମଘଟ, କାର୍ଯ୍ୟବନ୍ଦ ଆନ୍ଦୋଳନ, ସାମୂହିକ ଛୁଟି ବେଆଇନ୍। ଏହା ଓଡ଼ିଶା ସଂଶୋଧିତ ଅତ୍ୟାବଶ୍ୟକ ସେବା (ମେଣ୍ଟେନାନ୍ସ) ଆଇନ୍ ୨୦୨୦ର ଉଲ୍ଲଂଘନ କରୁଛି। ତେଣୁ ଅତ୍ୟାବଶ୍ୟକ ସେବା ଆଇନ ବଳରେ ପ୍ରାଣୀ ଚିକିତ୍ସାସେବାରେ ନିୟୋଜିତ କର୍ମଚାରୀଙ୍କ ଧର୍ମଘଟ କିମ୍ବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଜନସାଧାରଣଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଣୀ ଚିକିତ୍ସାସେବାକୁ ଅତ୍ୟାବଶ୍ୟକ ସେବା ଭାବେ ଘୋଷଣା କରାଯାଇଛି। ରାଜ୍ୟରେ ନିରବଚ୍ଛିନ୍ନ ପ୍ରାଣୀ ଚିକିତ୍ସାସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ଗୃହ ବିଭାଗ ଓଡ଼ିଶା ଅତ୍ୟାବଶ୍ୟକ ସେବା (ମେଣ୍ଟେନାନ୍ସ) ସଂଶୋଧନ ଆଇନ-୨୦୨୦ର ଧାରା ୨ର ଉପଧାରା (୯) ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀଙ୍କ ଧର୍ମଘଟ କିମ୍ବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ଏହି ଆଦେଶନାମା (ସଂଖ୍ୟା ୧୭୦/ସି ତା. ୧୬।୨/୨୦୨୩) ୬ମାସ ପାଇଁ ବଳବତ୍ତର ରହିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ